ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୪/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, August 24/2023 Page 16 ₹ 7.00

୪୯ଶ ଭାଗ ୨୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 269 ମୂଲ୍ୟ ₹୭/-

ଫାଇନାଲରେ ଆଲଡ୍ରିନ

ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଜାତୀୟ ରେକର୍ଡଧାରୀ ଭାରତୀୟ ଲଙ୍ଗ ଜମ୍ପର ଜେସୱିନ ଆଲଡ୍ରିନ।

୧୬ ୧୨

୧୯ ବର୍ଷ ପରେ ଅକ୍ଷୟଙ୍କ ସହ ରବିନା

ଦୀର୍ଘ ୧୯ ବର୍ଷ ପରେ ୯୦ ଦଶକର ଯୋଡ଼ି ରବିନା ଟଣ୍ଡନ୍ ଏବଂ ଅକ୍ଷୟ କୁମାରଙ୍କୁ ଫିଲ୍ମ 'ୱେଲକମ୍ ୩'ରେ ଏକାଠି ଦେଖିବାକୁ ମିଳିବ।

ଚନ୍ଦ୍ରରେ ଭାରତ, ଦେଶବାସୀ ଗର୍ବିତ



ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ ଫାସିଲିଟି ଜରିଆରେ ଦେଖିବାକୁ ମିଳିଥିବା ଚନ୍ଦ୍ରୟାନ-୩ ଅବତରଣ ସମୟର ପ୍ରତୀକାତ୍ମକ ଚିତ୍ର।

ସାଉଥ୍ ପୋଲ୍‌ରେ ପହଞ୍ଚି ଇତିହାସ ରଚିଲା ଇସ୍ରୋ

ଚନ୍ଦ୍ରର ସାଉଥ୍‌ପୋଲ୍‌ରେ ସଫ୍ଟ ଲ୍ୟାଣ୍ଡିଂ ସଫଳତା ପରେ ଇସ୍ରୋ ମୁଖ୍ୟାଳୟର କଣ୍ଟ୍ରୋଲ ରୁମ୍‌ରେ ଚନ୍ଦ୍ରୟାନ-୩ର ପ୍ରମୁଖ ବୈଜ୍ଞାନିକମାନଙ୍କ ସହ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ।

ନୂଆଦିଲ୍ଲୀ, ୨୩।୮

ଯାହାକୁ ଅଗଣିତ ଦେଶବାସୀ ଅପେକ୍ଷା କରିଥିଲେ, ଯାହା ଉପରେ ସମଗ୍ର ବିଶ୍ୱର ନଜର ରହିଥିଲା, ସେହି ଐତିହାସିକ ମୁହୂର୍ତ୍ତ ଉପନୀତ। ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍‌ରେ ଚନ୍ଦ୍ରରେ ପାଦ ଥାପିବାରେ ସକ୍ଷମ ହୋଇଛି ଭାରତ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ତୃତୀୟ ଚନ୍ଦ୍ରାଭିଯାନ ସଫଳ ହୋଇଛି। ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ସୂକ୍ଷ୍ମାବତରଣ କରିଛି। ଏଥିସହ ରୁଷିଆ, ଆମେରିକା ଓ ଚାଇନା ପରେ ଏହି ବିରଳ ସଫଳତା ହାସଲ କରିବାରେ ଭାରତ ପାଲଟିଛି ଚତୁର୍ଥ ରାଷ୍ଟ୍ର, କିନ୍ତୁ ସାଉଥ୍ ପୋଲ୍‌ରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ପ୍ରଥମ। ଏହି ଅଭୂତପୂର୍ବ ସଫଳତା ପାଇଁ ଭାରତୀୟ ବୈଜ୍ଞାନିକଙ୍କ ନିକଟକୁ ଛୁଟିବାରେ ଲାଗିଛି ଶୁଭେଚ୍ଛାର ସୁଅ।

୨୦୨୩ ଅଗଷ୍ଟ ୨୩ ଭାରତ ପାଇଁ ଐତିହାସିକ ଦିନ। ଭାରତର ତୃତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୩କୁ ମିଳିଛି ବିରଳ ସଫଳତା। ଚନ୍ଦ୍ରର ସାଉଥ୍ ପୋଲ୍‌ରେ ଚନ୍ଦ୍ରୟାନ-୩ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହେବା ସହ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପରେ ବେଙ୍ଗାଲୁରୁସ୍ଥିତ ଇସ୍ରୋ କମାଣ୍ଡ ସେଣ୍ଟରରେ ସ୍ପେସ୍ ଏଜେନ୍ସିର ଅଧ୍ୟକ୍ଷ ଏସ୍. ସୋମନାଥନ୍ ଘୋଷଣା କରିଛନ୍ତି, ଆମେ ଚନ୍ଦ୍ରରେ ସୂକ୍ଷ୍ମାବତରଣ କରିପାରିଛେ। ଭାରତ ଏବେ ଚନ୍ଦ୍ରକୁ ଛୁଇଁଛି। ଇସ୍ରୋ ମୁଖ୍ୟଙ୍କ ଏହି ଘୋଷଣା ସହ ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

୨୦୧୯ରେ ଭାରତର ଦ୍ୱିତୀୟ ମୁନ୍ ମିଶନ ଚନ୍ଦ୍ରୟାନ-୨ର ବିଫଳତା ଏବଂ ଗତ ରବିବାର ରୁଷିଆର ଲୁନା-୨୫ ଚନ୍ଦ୍ରପୃଷ୍ଠରେ ଧକ୍କା ହେବା ପରେ ଭାରତର ତୃତୀୟ ମୁନ୍ ମିଶନ୍‌କୁ ନେଇ ସନ୍ଦେହ ଜାରି ରହିଥିଲା। ଏହାସତ୍ତ୍ୱେ ସ୍ପେସ୍ ଏଜେନ୍ସି ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରୟାନ-୩ର ସଫଳତାକୁ ନେଇ କେବଳ ଆଶାବାଦୀ ନ ଥିଲେ, ବରଂ ଦୃଢ଼ ନିଶ୍ଚିତ ଥିଲେ। ରୋଭର ପ୍ରଜ୍ଞାନକୁ ନେଇ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରୁ ୨୭ କି.ମି. ଦୂରରେ ଥିବାବେଳେ ଏହାର ଗତିକୁ ନିୟନ୍ତ୍ରିତ କରି ହ୍ରାସ କରାଯାଇଥିଲା। ବିକ୍ରମ ଲ୍ୟାଣ୍ଡର ପାଇଁ ଆତଙ୍କର ୨୦ ମିନିଟ୍ ଆରମ୍ଭ ହୋଇଥିଲା ଭାରତୀୟ ସମୟ ଅପରାହ୍ନ ୫ଟା ୪୪ରେ। ନିର୍ଦ୍ଧାରିତ ସମୟ ପ୍ରାୟ ୬ଟା ୪ରେ ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ ପ୍ରକ୍ରିୟାର ସିଧା ପ୍ରସାରଣକୁ ସାରା ଦେଶ ଦେଖିଲା। ବ୍ରିକ୍ସ ସମିଟ୍‌ରେ ଯୋଗଦେବା ପାଇଁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅନ୍‌ଲାଇନ୍‌ରେ ଦେଖିଥିଲେ। ମିଶନ୍ ସଫଳ ହୋଇଥିବା ଦେଖି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆମେ ଯେତେବେଳେ ଏପରି ଇତିହାସ ରଚୁ ସେତେବେଳେ ଜୀବନ ଧନ୍ୟ ହୋଇଯାଏ। ଏହା ଆମ ପାଇଁ ଏକ ମୂଲ୍ୟବାନ ଓ ଅଭୂତପୂର୍ବ ମୁହୂର୍ତ୍ତ। ଏହି ମୁହୂର୍ତ୍ତ ବିକଶିତ ଭାରତର ନୂଆ ଶଙ୍ଖନାଦ ଦେଇଛି। ଏହା ହେଉଛି ନ୍ୟୁ ଇଣ୍ଡିଆର ୧୪୦ କୋଟି ଲୋକଙ୍କ ହୃତ୍‌ସ୍ପନ୍ଦନର କ୍ଷଣ। ଆମର ମୁନ୍ ମିଶନ୍ ମାନବକେନ୍ଦ୍ରିକ ସଫଳତା, ଯାହାକି ସମଗ୍ର ମାନବଜାତି ଉଦ୍ଦେଶ୍ୟରେ ☞ପୃଷ୍ଠା-୪

'ମୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଲି'

ଲ୍ୟାଣ୍ଡିଂ ପରେ ପ୍ରଥମ ବାର୍ତ୍ତା

ଚନ୍ଦ୍ରୟାନ-୩ ବୁଧବାର ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ସହ ଭାରତ ଇତିହାସ ସୃଷ୍ଟି କରିଛି। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ମେରୁରେ ସନ୍ଧ୍ୟା ଠିକ୍ ୬ଟା ୪ ମିନିଟରେ ଓହ୍ଲାଇବା ସହ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) କାର୍ଯ୍ୟାଳୟରେ ଉତ୍ସବର ଝଲକ ଦେଖିବାକୁ ମିଳିଥିଲା। ମିଶନର ସଫଳତା ପାଇଁ ଇସ୍ରୋ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛି। ଦକ୍ଷିଣ ମେରୁ ନିକଟରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। 'ଭାରତ, ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିଲି ଏବଂ ତୁମେ ମଧ୍ୟ' ବୋଲି ଏହା ବାର୍ତ୍ତା ପଠାଇଛି।

ବର୍ଷକୁ ୨ ଥର ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ, ୨୩।୮

- **ଏକାଦଶ, ଦ୍ୱାଦଶ ଶ୍ରେଣୀ ପିଲା ଦୁଇଟି ଭାଷା ପଢ଼ିବେ**
- **କଳା, ବିଜ୍ଞାନ, ବାଣିଜ୍ୟ ଭଳି ଷ୍ଟ୍ରିମ୍ କଟକଣା ରହିବନି**

ଏଣିକି ବୋର୍ଡ ପରୀକ୍ଷା ବର୍ଷକୁ ଦୁଇଥର ହେବ। ପରୀକ୍ଷାରେ ସବୁଠୁ ଭଲ ନମ୍ବର ରଖିବା ପାଇଁ ପିଲାମାନଙ୍କ ପାଖରେ ବିକଳ୍ପ ରହିବ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ ଭାଷା ପରିବର୍ତ୍ତେ ଦୁଇଟି ଭାଷା ପଢ଼ିବେ ବୋଲି ଶିକ୍ଷା ମନ୍ତ୍ରଣାଳୟର ନୂଆ ପାଠ୍ୟକ୍ରମ ରୂପରେଖରୁ ଜଣାପଡ଼ିଛି। ସେଥିରୁ ଗୋଟିଏ ଭାରତୀୟ ଭାଷା ରହିବା ଅନିବାର୍ଯ୍ୟ।ନୂଆ ଶିକ୍ଷା ନୀତି (ଏନ୍‌ଇପି) ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ୨୦୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବୋର୍ଡ ପରୀକ୍ଷାକୁ ସହଜ କରିବା ପାଇଁ ମାସ ମାସ ଧରି କୋଚିଂ ଏବଂ ପାଠ ଘୋଷିବା ପରିବର୍ତ୍ତେ ପିଲାମାନେ କରିଥିବା ଦକ୍ଷତା ହାସଲର ଆକଳନ କରାଯିବ। ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ହେବା ଦ୍ୱାରା ପିଲାମାନେ ଭଲ ପ୍ରଦର୍ଶନ କରିବା ଲାଗି ପର୍ଯ୍ୟାପ୍ତ ସମୟ ଓ ☞ପୃଷ୍ଠା-୪

ରାତିରେ ଖୋଲିବ ନନ୍ଦନକାନନ

- **ଜାତୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କୁ ପ୍ରସ୍ତାବ**

ଭୁବନେଶ୍ୱର,(ଅସମାପିକା ସାହୁ)/ ବାରଙ୍ଗ, ୨୩।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ପାଇଁ ରାତିରେ ନନ୍ଦନକାନନ ଖୋଲିବାକୁ ନେଇ ଯୋଜନା କରିଛନ୍ତି। ବର୍ତ୍ତମାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହୁଛି। କିନ୍ତୁ ଖୁବ୍‌ଶୀଘ୍ର ରାତିରେ ବି ନନ୍ଦନକାନନ ବୁଲିବାର ମଜା ଉଠାପାରିବେ ପର୍ଯ୍ୟଟକ। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ୍‌ଏ)ଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି। ନିକଟରେ ଏଭଳି କିଛି ନୂଆ ବ୍ୟବସ୍ଥାକୁ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ବିତ୍ତୀୟ ସେବାରୁ ସ୍ୱାସ୍ଥ୍ୟଗତ ଲାଭ

ସଞ୍ଜୀୟ ମିଶ୍ରାଙ୍କୁ ଥଇଥାନ ମସୁଧା

ଦେଶର ପ୍ରଥମ ସିଆଇଓ ହୋଇପାରନ୍ତି ଇଡିର ବିଦାୟୀ ନିର୍ଦ୍ଦେଶକ

ନୂଆଦିଲ୍ଲୀ, ୨୩।୮
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

- **ପ୍ରବର୍ତ୍ତନ ନିର୍ଦ୍ଦେଶାଳୟରୁ ସେପ୍ଟେମ୍ବର ୧୫ରେ ଅବସର ନେବେ**
- **ଲଗାତର ଅବଧି ବୃଦ୍ଧିକୁ ବେଆଇନ ଦର୍ଶାଇଥିଲେ ସୁପ୍ରିମକୋର୍ଟ**

କେନ୍ଦ୍ର ସରକାର ଭାରତର ମୁଖ୍ୟ ତଦନ୍ତ ଅଧିକାରୀ (ସିଆଇଓ) ନାମରେ ଏକ ନୂଆ ପଦବୀ ସୃଷ୍ଟି କରିବାକୁ ଯାଉଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଢାଞ୍ଚାରେ ସୃଷ୍ଟିହେବାକୁ ଥିବା ପ୍ରସ୍ତାବିତ ପଦବୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବିଦାୟୀ ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ରାଙ୍କୁ ଥଇଥାନ କରାଯାଇପାରେ ବୋଲି ଉଚ୍ଚସ୍ତରୀୟ ଆଲୋଚନାରୁ ଜଣାପଡ଼ିଛି। ୬୩ ବର୍ଷୀୟ ସଞ୍ଜୟ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ସେହି ଅଧିକାରୀ, ଯାହାଙ୍କ ଲଗାତର କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟ ବେଆଇନ ଦର୍ଶାଇ ସେପ୍ଟେମ୍ବର ୧୫ ମଧ୍ୟରାତ୍ରି ସୁଦ୍ଧା ଇଡି ନିର୍ଦ୍ଦେଶକ ପଦବୀ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସଞ୍ଜୟ କୁମାର ମିଶ୍ରା

ଯେପରି ସିଡିଏସ୍‌ଙ୍କ ନିକଟରେ ୩ ସେନା ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ଠାରେ ୨ ଗୋଇନ୍ଦା ସଂସ୍ଥା ରିପୋର୍ଟ କରିଥାଆନ୍ତି, ଠିକ୍ ସେହିପରି ଭାରତର ମୁଖ୍ୟ ତଦନ୍ତ ଅଧିକାରୀ (ସିଆଇଓ)ଙ୍କ ନିକଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟ ଉଚ୍ଚରଦାୟୀ ରହିବେ। ଇଡି ମୁଖ୍ୟତଃ ମନି ଲଣ୍ଡରିଂ ଏବଂ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ଭଳି ଆର୍ଥିକ ଠକେଇର ତଦନ୍ତ କରୁଥିବାବେଳେ ସିବିଆଇ ଦୁର୍ନୀତି ଓ ଅନ୍ୟ ଅର୍ଥନୈତିକ ଅପରାଧ ମାମଲାଗୁଡ଼ିକରେ ମୁଣ୍ଡ ପୂରାଇଥାଏ। ଇଡି ଏବଂ ସିବିଆଇ ମୁଖ୍ୟଙ୍କ ଉପରେ ସୃଷ୍ଟି ହେବାକୁ ଥିବା ସିଆଇଓ ପଦବୀ ଏହି ଦୁଇ ଏଜେନ୍ସି ମଧ୍ୟରେ ଉପଯୁକ୍ତ ତାଳମେଳ ରଖିବାରେ ସକ୍ଷମ ହେବ ବୋଲି ସୂତ୍ରରୁ ପ୍ରକାଶ। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ନୂଆ ପଦବୀ ଭାରତ ସରକାରଙ୍କ ସଚିବ ପାହ୍ୟାର ରହିବ। ଇଡିର ବିଦାୟୀ ମୁଖ୍ୟ ସଞ୍ଜୟ ମିଶ୍ରାଙ୍କୁ ଦେଶର ପ୍ରଥମ ସିଆଇଓ ନିଯୁକ୍ତ କରାଯିବ। ଆସନ୍ତା ☞ପୃଷ୍ଠା-୪

ରେଳ ବ୍ରିଜ୍ ଭୁଶୁଡ଼ି ୨୨ ମୃତ

ଆଇଜଲ, ୨୩।୮

ମିଜୋରାମର ଆଇଜଲ ଜିଲାରେ ବୁଧବାର ଏକ ନିର୍ମାଣାଧୀନ ରେଳ ପୋଲ ଭୁଶୁଡ଼ି ୨୨ ଜଣଙ୍କ ମୃତ୍ୟୁ ଘଟିଛି। ବ୍ରିଜ୍ ଭଗ୍ନାବଶେଷ ତଳେ କେତେଜଣ ଫସି ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବ୍ରିଜ୍ ଭୁଶୁଡ଼ିବା ବେଳେ ସେଠାରେ ୩୫ରୁ ୪୦ ଜଣ ଶ୍ରମିକ କାର୍ଯ୍ୟରତ ଥିଲେ। କ'ଣ ପାଇଁ ବ୍ରିଜ୍ ଭୁଶୁଡ଼ିଲା ତାହାର ତଦନ୍ତ ନିମନ୍ତେ ରେଲୱେ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲାଗି ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏହା ବ୍ୟତୀତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ପରିବାର ଲାଗି ☞ପୃଷ୍ଠା-୪

ଛାତ୍ରୀଙ୍କ ପରୀକ୍ଷା ଖାତାରେ ଉତ୍ତର ଲେଖି ଅଧ୍ୟାପିକା ଗିରଫ

ଉଦଳା, ୨୩।୮
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢୋସ୍ଥିତ ଲୁଇପା ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧ୍ୟାପିକା ତୁଳିକା ଆଶ ପରୀକ୍ଷାରେ ଅନୁପସ୍ଥିତ ଜଣେ ଛାତ୍ରୀଙ୍କ ଖାତାରେ ଉତ୍ତର ଲେଖି ଗିରଫ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୨୫୫/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୭ ତାରିଖରେ କଲେଜରେ ଜୁଲୋଜି ବିଭାଗର ୪ର୍ଥ ସେମିଷ୍ଟର ପରୀକ୍ଷା ଚାଲିଥିଲା ବେଳେ ଅଧ୍ୟାପିକା ତୁଳିକା ଅନୁପସ୍ଥିତ ଥିବା ଜଣେ ଛାତ୍ରୀଙ୍କ ଖାତାରେ ଉତ୍ତର ଲେଖି ଦେଇଥିଲେ। ଏହା ସହିତ ଉକ୍ତ ଖାତାରେ ପରୀକ୍ଷା ନିୟନ୍ତ୍ରକଙ୍କ ମିଛ ଦସ୍ତଖତ ମଧ୍ୟ ମାରିଥିଲେ। ଏହା ଜାଣିବା ପରେ କଲେଜ ପ୍ରିନ୍ସିପାଲ ଗୌରାଙ୍ଗ ମହାପାତ୍ର ସମ୍ପୃକ୍ତ ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନୋଟିସ ପାଇବା ପରେ ଅଧ୍ୟାପିକା ଜଣକ ପ୍ରିନ୍ସିପାଲଙ୍କ ଚାମ୍ବରକୁ ଯାଇ ଗାଳିଗୁଲଜ କରିଥିଲେ। ଏ ସଂକ୍ରାନ୍ତରେ ପ୍ରିନ୍ସିପାଲ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଅଧ୍ୟାପିକା ତୁଳିକାଙ୍କୁ କୋର୍ଟଚାଲାଣ କରିଛି। ଉତ୍ତର ଖାତା ମଧ୍ୟ ପୋଲିସ ଜବତ କରିଛି।

ଗିରଫ ଅଧ୍ୟାପିକା ତୁଳିକା ଆଶ।

ଅନ୍ୟପକ୍ଷରେ ପ୍ରିନ୍ସିପାଲ ଓ ସମ୍ପୃକ୍ତ ଅଧ୍ୟାପିକାଙ୍କ ଏକ ଅଡିଓ ☞ପୃଷ୍ଠା-୪

ଭାରତର ତୃତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ–୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ନୂଆ ଇତିହାସ ସୃଷ୍ଟି କରିଛି। ଚନ୍ଦ୍ରର ଏହି ଦୂର ପାର୍ଶ୍ୱରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ। ପୂର୍ବରୁ ସୋଭିଏଟ୍ ରୁଷ, ଆମେରିକା ଓ ଚାଇନା ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦେଶ ଦକ୍ଷିଣ ମେରୁରେ ପହଞ୍ଚିପାରି ନାହାନ୍ତି। ଇସ୍ରୋର ଏହି ସଫଳତାରେ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ଖୁସିର ଲହରି ଖେଳିଯାଇଛି। ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୦୧୯ରେ ଭାରତର ଚନ୍ଦ୍ରୟାନ–୨ ଶେଷ ମୁହୂର୍ତ୍ତରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇ ଚନ୍ଦ୍ର ପୃଷ୍ଠରେ ଖସିପଡ଼ିଥିଲା। ଗତ ରବିବାର ରୁଷିଆର ଲୁନା–୨୫ ଚନ୍ଦ୍ରପୃଷ୍ଠରେ ଧକ୍କା ହୋଇଥିଲା। ତେଣୁ ଭାରତର ତୃତୀୟ ମୁନ୍ ମିଶନ୍ ସଫଳତାକୁ ନେଇ ଆଶଙ୍କା ଲାଗିରହିବା ସ୍ୱାଭାବିକ୍। ସଫ୍ଟ ଲ୍ୟାଣ୍ଡିଂ ପାଇଁ ଶେଷ କିଛି ମହୂର୍ତ୍ତ ସମସ୍ତଙ୍କ ଛାତି ଧଡ଼ଧଡ଼ ହେଉଥିଲା। ତେବେ ସମସ୍ତଙ୍କୁ ଚମକାଇ ଲ୍ୟାଣ୍ଡର ବିକ୍ରମ ଧାର୍ଯ୍ୟ ସମୟ ବୁଧବାର ସନ୍ଧ୍ୟା ଠିକ୍ ୬ଟା ୪ ମିନିଟରେ ଚନ୍ଦ୍ରପୃଷ୍ଠ ସ୍ପର୍ଶ କରିଥିଲା। ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭାରତ ପାଇଁ ଐତିହାସିକ ଦିନ କହିବା ସହ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି।

ମୁନ୍ ମିଶନ ସଫଳ

ଚନ୍ଦ୍ର ଛୁଇଁବାରେ ଭାରତ ଚତୁର୍ଥ

ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି। ତେବେ ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ଅବତରଣ କରାଇବାରେ ଏହା ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ଆମେରିକା, ସୋଭିଏଟ୍ ୟୁନିୟନ ଏବଂ ଚାଇନା ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ। ଏପରିକି ସେମାନେ ଚନ୍ଦ୍ରପୃଷ୍ଠରୁ ମାଟି ଓ ଶିଳା ନମୁନା ଧରି ପୃଥିବୀକୁ ଫେରିଥିଲେ। ତେବେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବାରେ ଏପର୍ଯ୍ୟନ୍ତ କୌଣସି ଦେଶ ସଫଳ ହୋଇ ନ ଥିଲେ। ସୋଭିଏଟ୍ ୟୁନିୟନ ୫ ଥର ବିଫଳ ହେବା ପରେ ଷଷ୍ଠ ମହାକାଶ ଯାନ ଚନ୍ଦ୍ରରେ ଅବତରଣ କରିବାରେ ସଫଳ ହୋଇଥିଲା। ସେହିପରି ଆମେରିକାର ମହାକାଶ ସଂସ୍ଥା ନାସା ୧୩ ଥର ବିଫଳ ହେବା ପରେ ୧୯୬୪ ଜୁଲାଇ ୩୧ରେ ଏହାର ଲୁନାର ମିଶନ ସଫଳ ହୋଇଥିଲା। ଚାଇନାର ଚେଙ୍ଗ୍ ୩ ଏବଂ ୪ ମିଶନ ୨୦୧୩ ଡିସେମ୍ବର ୨ ଏବଂ ୨୦୧୮ ଡିସେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରି ରୋଭରକୁ କାର୍ଯ୍ୟକ୍ଷମ କରିଥିଲା। ୨୦୨୦ ନଭେମ୍ବର ୨୩ରେ ଏହାର ଚେଙ୍ଗ୍ ୫ ମିଶନ ଡିସେମ୍ବର ୧ରେ ଚନ୍ଦ୍ରରେ ଅବତରଣ କରି ସେଠାରୁ ୨ କିଲୋଗ୍ରାମ ମୃତ୍ତିକା ଧରି ଡିସେମ୍ବର ୧୬ରେ ପୃଥିବୀକୁ ଫେରିଥିଲା। ୨୦୦୮ ଅକ୍ଟୋବର ୨୨ରେ ଭାରତର ଚନ୍ଦ୍ରୟାନ–୧ ଚନ୍ଦ୍ରଠାରୁ ୧୦୦ କିଲୋମିଟର କକ୍ଷପଥରେ ଅବସ୍ଥାନ କରିଥିଲା। ୨୦୧୯ ଜୁଲାଇ ୨୨ରେ ଚନ୍ଦ୍ରୟାନ–୨ ପଠାଯାଇଥିଲା, ଯେଉଁଥିରେ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ରହିଥିଲା। ତେବେ ସେହିବର୍ଷ ସେପ୍ଟେମ୍ବର ୭ରେ ସଫ୍ଟ ଲ୍ୟାଣ୍ଡିଂରେ ବିଫଳ ହୋଇ ଏହା ଚନ୍ଦ୍ରପୃଷ୍ଠରେ ଖସିପଡ଼ିଥିଲା।

ଚନ୍ଦ୍ରୟାନ–୩ର ଯାତ୍ରାପଥ

ଜୁଲାଇ ୬: ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ମିଶନ ଆରମ୍ଭ କରିଥିଲା।

ଜୁଲାଇ ୭: ଚନ୍ଦ୍ରୟାନ–୩ର ସମସ୍ତ ବୈଦ୍ୟୁତିକ ପରୀକ୍ଷା ସଫଳତାର ସହିତ ସମାପ୍ତ ହୋଇଥିଲା।

ଜୁଲାଇ ୧୧: ଏକ ୨୪ ଘଣ୍ଟିଆ ଲଞ୍ଚ ରିହର୍ସାଲ'ସଫଳତାର ସହିତ କରାଯାଇଥିଲା।

ଜୁଲାଇ ୧୪: ଇସ୍ରୋର ଏଲ୍ଭିଏମମ୍ଭୀ ଏମ୍୪ ଚନ୍ଦ୍ରୟାନ–୩କୁ ଏହାର ଉଦ୍ଦିଷ୍ଟ



କକ୍ଷପଥରେ ସ୍ଥାପନ କଲା।

ଜୁଲାଇ ୧୫: ବେଙ୍ଗାଲୁରୁରେ ମିଶନର ପ୍ରଥମ କକ୍ଷପଥ ବୃଦ୍ଧି କାର୍ଯ୍ୟ ସଫଳ ହେଲା। ଏହା ମହାକାଶ ଯାନ ୪୧,୬୬୨ x ୧୭୩ କି.ମି. କକ୍ଷପଥରେ ପହଞ୍ଚିଲା।

ଜୁଲାଇ ୧୭: ଦ୍ୱିତୀୟ କକ୍ଷପଥ ବୃଦ୍ଧି ମାନିଉଭର୍ ଚନ୍ଦ୍ରୟାନ–୩କୁ ୪୧,୬୦୩ x ୨୨୬ କି.ମି ପୃଥିବୀ–ବନ୍ଧିତ କକ୍ଷପଥରେ ରଖିଲା।

ଜୁଲାଇ ୨୨: ଚତୁର୍ଥ କକ୍ଷପଥ ବୃଦ୍ଧି ମାନିଉଭର୍ ବା ପୃଥିବୀ ବନ୍ଧିତ ପେରିକି ଫାୟାରିଂ ଦ୍ୱାରା ମହାକାଶଯାନକୁ ୭୧,୩୫୧ x ୨୩୩ କିମି କକ୍ଷପଥରେ ସଫଳତାର ସହ ସ୍ଥାନିତ।

ଜୁଲାଇ ୨୫: ଅନ୍ୟ ଏକ କକ୍ଷପଥ ବୃଦ୍ଧି କାର୍ଯ୍ୟ ସଫଳତାର ସହିତ କରାଯାଇଥିଲା।

ଅଗଷ୍ଟ ୧: ଏକ ଗୁରୁତ୍ୱପୂର୍ଣ୍ଣ ମାଇଲସ୍ତମ୍ଭ ହାସଲ ସ୍ୱରୂପ ଚନ୍ଦ୍ରୟାନ–୩ ଏକ ୨୮୮ କି.ମି x ୩,୬୯,୩୨୮ କି.ମି. ଟ୍ରାନ୍ସଲୁନାର୍ କକ୍ଷପଥରେ ପ୍ରବେଶ କଲା।

ଅଗଷ୍ଟ ୫: ମହାକାଶଯାନ ୧୬୪ କି.ମି. x ୧୮,୦୭୪ କି.ମି ଚନ୍ଦ୍ର କକ୍ଷପଥରେ ପ୍ରବେଶ କଲା।

ଅଗଷ୍ଟ ୬: ମହାକାଶଯାନର ଚନ୍ଦ୍ର–ବନ୍ଧିତ କକ୍ଷପଥକୁ ୧୭୦ କିମି x ୪,୩୧୩ କି.ମି.କୁ ହ୍ରାସ କରାଗଲା।

ଅଗଷ୍ଟ ୯: ଅନ୍ୟ ଏକ ମାନିଉଭର୍ କରାଯାଇଥିଲା ଯଦ୍ଦ୍ୱାରା ମହାକାଶଯାନ ୧୭୪ x ୧୪୩୭ କି.ମି. କକ୍ଷପଥକୁ ଖସି ଆସିଥିଲା।

ଅଗଷ୍ଟ ୧୪: ପ୍ରାୟ ବୃତ୍ତାକାର ୧୫୧ କି.ମି. x ୧୭୯ କି.ମି. କକ୍ଷପଥରେ ଚନ୍ଦ୍ରୟାନ–୩ ପ୍ରବେଶ କଲା।

ଅଗଷ୍ଟ ୧୬: ଫାୟାରିଂ ପରେ ମହାକାଶଯାନ ୧୫୩ କି.ମି. x ୧୬୩ କି.ମି. କକ୍ଷପଥରେ ପ୍ରବେଶ କଲା

ଅଗଷ୍ଟ ୧୭: ବିକ୍ରମ ଲ୍ୟାଣ୍ଡର ଏବଂ ପ୍ରଜ୍ଞାନ ରୋଭରକୁ ନେଇ ଲ୍ୟାଣ୍ଡିଂ ମଡ୍ୟୁଲ୍ ଏହାର ପ୍ରବୃତ୍ତି ପ୍ରଣାଳୀ(ପ୍ରପଲ୍ସନ୍ ସିଷ୍ଟମ୍)ରୁ ଅଲଗା ହୋଇଥିଲା।

ଅଗଷ୍ଟ ୧୮: ମହାକାଶଯାନ ସଫଳତାର ସହିତ ଏକ ଡିବୁଷ୍ଟିଂ ଅପରେଶନ(ଗତିବେଗ ହ୍ରାସ ପ୍ରକ୍ରିୟା)ସମାପ୍ତ କଲା, ଯଦ୍ଦ୍ୱାରା ଏହାର କକ୍ଷପଥ ୧୧୩ କି.ମି. x ୧୫୭ କି.ମି.କୁ ହ୍ରାସ ପାଇଲା।

ଅଗଷ୍ଟ ୨୦: ଚନ୍ଦ୍ରୟାନ–୩ର ଦ୍ୱିତୀୟ ତଥା ଅନ୍ତିମ ଡିବଷ୍ଟିଂ ଅପରେଶନ କରାଯାଇ ଏହାର ଏଲ୍ଏମ୍ କକ୍ଷପଥକୁ ୨୫ କି.ମି. x ୧୩୪ କି.ମି.କୁ ହ୍ରାସ କରାଗଲା।

ଅଗଷ୍ଟ ୨୩: ଚନ୍ଦ୍ରୟାନ–୩ ପୂର୍ବନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬.୪ ମିନିଟରେ ସଫଳତାର ସହ ଅବତରଣ କରିବା ସହ ଇତିହାସ ରଚିଲା।

ନୂଆ ଇତିହାସ ଲେଖାହେଲା

ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ ଅବତରଣ କରାଇ ନୂଆ ଇତିହାସ ଲେଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବ୍ରିକ୍ସ ସମିଟ୍ ପାଇଁ ଦକ୍ଷିଣ ଆଫ୍ରିକାରେ ଥିବା ପ୍ରଧାନମନ୍ତ୍ରୀ ଚନ୍ଦ୍ରୟାନ–୩ର ଅବତରଣ ଉଦ୍ୟମକୁ ଭର୍ଚୁଆଲି ଦେଖିଥିଲେ। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି। ସେ ଦକ୍ଷିଣ ଆଫ୍ରିକାରେ ଥାଇପାରନ୍ତି, ହେଲେ ତାଙ୍କ ହୃଦୟ ସବୁବେଳେ ଚନ୍ଦ୍ରୟାନ ମିଶନ ସହ ରହିଛି ବୋଲି ଦକ୍ଷିଣ ଆଫ୍ରିକାରେ ଭର୍ଚୁଆଲି ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି।

ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିକ୍ରିୟା

ଆଜିର ଅଗ୍ରଣୀ ଉପଲବ୍ଧି ପାଇଁ ଇସ୍ରୋ ଟିମ୍‌କୁ ଶୁଭେଚ୍ଛା। ଚନ୍ଦ୍ରମାର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ–୩ର ସଫଳ ଲ୍ୟାଣ୍ଡିଂ ଆମ ବୈଜ୍ଞାନିକ ମାନଙ୍କ ଉନ୍ନତ ପ୍ରତିଭା ଏବଂ କଠିନ ପରିଶ୍ରମର ପରିଣାମ। ୧୯୬୨ ପରେ ଭାରତର ମହାକାଶ କାର୍ଯ୍ୟକ୍ରମ ନୂଆ ଶିଖରକୁ ଛୁଇଁଛି।

–ରାହୁଲ ଗାନ୍ଧୀ,କଂଗ୍ରେସ ନେତା

ଚନ୍ଦ୍ରୟାନ–୨ର ବିଫଳତା ମୋତେ ଅଧିକ କଷ୍ଟ ଦେଇଥିଲା। କାରଣ ଏହା ଅବତରଣର ଶେଷ ମୁହୂର୍ତ୍ତରେ ବିଫଳ ହୋଇଥିଲା। ତେବେ ଚନ୍ଦ୍ରୟାନ–୩ର ସଫଳତା ଲାଗି ମୁଁ ଉତ୍ସାହିତ। ମୁଁ ଏହି କ୍ଷଣକୁ ଦୀର୍ଘଦିନ ଧରି ଅପେକ୍ଷା କରି ରହିଥିଲି, ଯାହା ଖୁସି ଦେଇଛି।

–କେ. ଶିବନ,ପୂର୍ବତନ ଇସ୍ରୋ ମୁଖ୍ୟ

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା 'ଆତ୍ମନିର୍ଭର ଭାରତ'ର ମନ୍ତ୍ରକୁ ସତ୍ୟ ପ୍ରମାଣିତ କରିଛି।

–ଜେ.ପି. ନଡ୍ଡା,
ଭାଜପା ଅଧ୍ୟକ୍ଷ

ଛଅ ଦଶନ୍ଧି ପୁରୁଣା ଏହି ମହାକାଶ କାର୍ଯ୍ୟକ୍ରମରେ ଆଜି ୧୪୦ କୋଟି ଭାରତୀୟ ନୂଆ ଉପଲବ୍ଧି ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ଏହି ଅଭିଯାନ ଆରମ୍ଭ କରିଥିଲା।

–ମଲ୍ଲିକାର୍ଜୁନ ଖାର୍ଗେ,
କଂଗ୍ରେସ ଅଧ୍ୟକ୍ଷ

ଚନ୍ଦ୍ରୟାନ–୩ ବଜେଟ 'ଇଣ୍ଟରଷ୍ଟେଲାର'ଠାରୁ କମ୍

ଏଲନ ମସ୍କ

ଇସ୍ରୋର ଲୁନାର ମିଶନ ଚନ୍ଦ୍ରୟାନ–୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ଭାରତକୁ ପ୍ରଥମ ଦେଶ ଭାବେ ଏଭଳି ସଫଳତା ମିଳିଛି। ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସର ପ୍ରତିଷ୍ଠାତା ଏଲନ ମସ୍କ ଏହା ଉପରେ ନିଜର ପ୍ରତିକ୍ରିୟା 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ୟୁଜ୍‌ଥିଙ୍କ ଆକାଉଣ୍ଟରେ ସେ ଲେଖିଛନ୍ତି, ଚନ୍ଦ୍ରୟାନ–୩ ପାଇଁ ଅଭିନନ୍ଦନ। ଏହା ୭୫ ନିୟୁତ ଡଲାର (ପ୍ରାୟ ୬୨୦ କୋଟି ଟଙ୍କା) ବ୍ୟୟ ଆକଳନ କରାଯାଇଛି, ଯାହାକି କ୍ରିଷ୍ଟୋଫର ନୋଲାନ୍‌ଙ୍କ ୨୦୧୪ର ଫିଲ୍ମ 'ଇଣ୍ଟରଷ୍ଟେଲାର' ବଜେଟଠାରୁ କମ୍। ସେତେବେଳେ ଇଣ୍ଟରଷ୍ଟେଲାର ନିର୍ମାଣରେ ୧୬୫ ନିୟୁତ ଡଲାର ବ୍ୟୟ ହୋଇଥିଲା।

ଚନ୍ଦ୍ରୟାନ–୩ର ସଫଳ ଅବତରଣ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ସାମୂହିକ ପ୍ରାର୍ଥନା।

ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଚନ୍ଦ୍ରୟାନ–୩ର ସଫ୍ଟ ଲ୍ୟାଣ୍ଡିଂ ପରେ ଉତ୍ସାହିତ ବୈଜ୍ଞାନିକ।

୨୧ ନୂଆ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ଆମ ବସ୍‌ଷ୍ଟାଣ୍ଡ ଯୋଜନା'ରେ ରାଜ୍ୟର ୧୩ ଜିଲାରେ ୨୧ଟି ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ୨୬ ଜିଲାରେ ୧୨୪ଟି ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତି ମଧ୍ୟ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ସମସ୍ତ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ୨ କୋଟି ଲୋକ ଉପକୃତ ହେବେ। ଏ ସମସ୍ତ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍‌ଷ୍ଟାଣ୍ଡ। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀମାନଙ୍କ ପାଇଁ ସବୁପ୍ରକାର ସୁବିଧା ଉପଲବ୍ଧ ରହିଛି। ଏହାଛଡ଼ା ଏମ୍‌-ପରିବହନ ମୋବାଇଲ ଆପ୍‌ର ସେ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ବିଭିନ୍ନ ପରିବହନ ସେବା ପାଇଁ ଆଉ ସରକାରୀ ଅଫିସକୁ ଯିବା ଆବଶ୍ୟକତା ରହିବ ନାହିଁ। ଡ୍ରାଇଭରମାନଙ୍କୁ ଗାଡ଼ି ଚଳାଇବା କ୍ଷେତ୍ରରେ ଅଧିକ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁ-ବାହକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୫୦ ହଜାର ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଗଞ୍ଜାମର ପାଲୁରଠାରେ ଏକ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ସଡ଼କ ଓ ସଡ଼କ ବ୍ୟବହାରକାରୀ ତଥା ଯାତ୍ରୀମାନଙ୍କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଲ ପରିବହନ ବ୍ୟବସ୍ଥା ଏକ ଉନ୍ନତ ଅର୍ଥନୀତି ପାଇଁ ମାର୍ଗ ପରିଷ୍କାର କରିଥାଏ। ବିଭିନ୍ନ ସଂସ୍ଥାଗତ ସେବା ତଥା ସ୍କୁଲ, କଲେଜ, ହସ୍ପିଟାଲ ଆଦିର ସୁବିଧା ସହଜରେ ଉପଲବ୍ଧ ହୋଇପାରେ। ଏକ ଗତିଶୀଳ ସାମାଜିକ ଓ ଅର୍ଥନୈତିକ ସମାଜ ଗଠନ ଦିଗରେ ଏହା ଏକ କାଟାଲିଷ୍ଟ ଭାବରେ କାମ କରିଥାଏ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇଦେବା ପାଇଁ ଉଦ୍ୟମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୨୩ ବର୍ଷ ଧରି ରାଜ୍ୟରେ ସୁଶାସନର ଧାରା ଅବ୍ୟାହତ ରହିଛି। ଗମନାଗମନର ବିକାଶ ପାଇଁ ରାଜ୍ୟରେ ସଡ଼କ ପରିବହନ ସହିତ ରେଳ ଓ ଆକାଶମାର୍ଗରେ ପରିବହନର ବିକାଶ ଲାଗି ଉଦ୍ୟମ ଜାରି ରହିଛି।

ପୁରୀଠାରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଦୁଷାରକାନ୍ତି ବେହେରା ଓ ସୋନପୁରଠାରେ ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତରହିପରିବହନବ୍ୟବସ୍ଥା ଓବସ୍‌ଷ୍ଟାଣ୍ଡ ଭିତ୍ତିଭୂମି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ୫-ଟି ସଚିବ ଭି .କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏସ୍‌ଆରଟିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବରିଷ୍ଠ ଅଧିକାରୀମାନେ ଉପସ ଥିଲେ।

୨୧ ନୂଆ ବସ୍‌ଷ୍ଟାଣ୍ଡର ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ଆମ ବସ୍‌ଷ୍ଟାଣ୍ଡ ଯୋଜନା

- ୨୬ ଜିଲାରେ ୧୨୪ ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଡ୍ରାଇଭରଙ୍କ ଟ୍ରେନିଂ ପାଇଁ ସୁ-ବାହକ ଯୋଜନାର ଶୁଭାରମ୍ଭ
- ବର୍ଷକୁ ପ୍ରଶିକ୍ଷଣ ନେବେ ୫୦ ହଜାର ଡ୍ରାଇଭର
- ଏମ୍‌-ପରିବହନ ମୋବାଇଲ ଆପ୍‌ର ଶୁଭାରମ୍ଭ
- ସମସ୍ତଙ୍କୁ ନିରାପଦ, ଆରାମଦାୟକ ପରିବହନ ସେବା ଯୋଗାଇବା ପାଇଁ ଉଦ୍ୟମ ଜାରି ରହିଛି: ମୁଖ୍ୟମନ୍ତ୍ରୀ

ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁ ଏଡିଜିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)

ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ମାମଲାର ତଦାଘନା

- ଅନୁଗୋଳ ଏସ୍‌ପିଙ୍କୁ ରିପୋର୍ଟ ମାଗିଲେ ହୋମଗାର୍ଡ ଡିଜି
- ଗୃହ ସଚିବ, ଡିଜିପି, ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ମହିଳା ହୋମ୍‌ଗାର୍ଡ ସୈରିନ୍ଦ୍ରୀ ସାହୁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାଏଙ୍କ ସ୍ତ୍ରୀ ନିର୍ଯାତନା ଦେବା ଅଭିଯୋଗ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ମାମଲାରେ ବ୍ରିଜେଶଙ୍କୁ ମଙ୍ଗଳବାର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କ ବିରୋଧରେ ବିଭିନ୍ନ ମହଲରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି। ଏଭଳିସ୍ଥିତିରେ ବୁଧବାର ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଏ ସଂକ୍ରାନ୍ତରେ ନିଜ ଆଡୁ ମାମଲା ରୁଜୁ କରି ମହିଳା ଏବଂ ଶିଶୁ ଅପରାଧ ନିରୋଧ ୱିଙ୍ଗ୍ (ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁ)ର ଏଡିଜିପି ଅରୁଣ ବୋଥ୍ରାଙ୍କୁ ରିପୋର୍ଟ ତଲବ କରିଛନ୍ତି।୧୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ପୀଡ଼ିତା ସୈରିନ୍ଦ୍ରୀଙ୍କ ସହ ଆଲୋଚନା କରିବୁ। ଏହି ମାମଲାରେ ଠିକ୍ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ଘଟଣାରେ ଅନୁଗୋଳ ଏସ୍‌ପିଙ୍କୁ ହୋମ୍‌ଗାର୍ଡ ଡିଜି ସୁଧାଂଶୁ ଷଡ଼ଙ୍ଗୀ ପ୍ରାରମ୍ଭିକ ରିପୋର୍ଟ ମାଗିଛନ୍ତି। ଡିଜିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସୈରିନ୍ଦ୍ରୀ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯିବ। ତାଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଆବଶ୍ୟକ ପଡ଼ିଲେ ସୈରିନ୍ଦ୍ରୀଙ୍କ ଝିଅକୁ ହୋମଗାର୍ଡ ଭାବେ ଥଇଥାନ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ସେପଟେ ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ଦ୍ୱାରା ମଙ୍ଗଳବାର ହୋଇଥିବା ଏତଲାକୁ ଗ୍ରହଣ କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ତଦନ୍ତ କରି ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ରାଜ୍ୟ ଗୃହ ସଚିବ, ପୋଲିସ ଡିଜି, ମୁଖ୍ୟ ସାଶନ ସଚିବଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହୋମଗାର୍ଡମାନେ ପୋଲିସ ବାବୁଙ୍କ ଘରେ ବ୍ୟକ୍ତିଗତ କାମ କରିବା ବେଆଇନ ହୋଇଥିବାବେଳେ ଡିଆଇଜିଙ୍କ ସ୍ତ୍ରୀ ଆୟୁଷୀ ରାଏ କିଭଳି ସୈରିନ୍ଦ୍ରୀଙ୍କୁ ନିର୍ଯାତନା ଦେଉଥିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବ ନା ମାମଲାକୁ ଚପାଇ ଦିଆଯିବ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଡିଆଇଜି ବ୍ରିଜେଶଙ୍କ ଅନୁଗୋଳସ୍ଥିତ ସରକାରୀ ବାସଭବନରେ ନିୟୋଜିତ ଥିବା ସୈରିନ୍ଦ୍ରୀଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଥିଲେ। ଏପରି କି ଚାକିରି ନେଇଯିବାର ଧମକ ଦେଇ ଗତ ୪ ତାରିଖରେ ସୈରିନ୍ଦ୍ରୀଙ୍କୁ ଧକ୍କା ଦେଇ ବାହାର କରି ଦେଇଥିଲେ। ଏନେଇ ଅଗଷ୍ଟ ୧୩ରେ ସେ ନିର୍ଯାତନା ସମ୍ପର୍କରେ ଲିଖିତ ଭାବେ ହୋମ୍‌ଗାର୍ଡ ଡିଜିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏହାପରେ ସୈରିନ୍ଦ୍ରୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ଦୁଇଟି ଯାକ ଗୋଡ଼ ହରାଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଆଜିର ମନ୍ତବ୍ୟ

ମୋ ରାଜନୈତିକ ପରାମର୍ଶଦାତା ଏବଂ ଓଏସ୍‌ଡିଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ।
-ଭୂପେଶ ବଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଛ’ ମାସର ବଳ
ଦିନକର ଜର।

ସାଧାରଣତଃ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟହାନି ଘଟିବାର ଆଶଙ୍କା ରହିଥାଏ। ଏଭଳି ସ୍ଥଳେ ଦେହ ଅସ୍ୱସ୍ତି ଲାଗିବା ବା ଦୁର୍ବଳ ଲାଗିବା ଭଳି ଅନେକ ଲକ୍ଷଣମାନ ମଧ୍ୟ ପ୍ରକାଶ ପାଇଥାଏ। ତେଣୁ ଜର ହେଲେ ବା ଦେହ ଖରାପ ହେଲେ ଦେହରୁ ବଳ କମିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଛପନ କୋଟି ଜୀବଙ୍କୁ,
ବାଆନ କୋଟି ଭଣ୍ଡାର।

ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା ଓ ପ୍ରାଣକର୍ତ୍ତା। ଜୀବମାନଙ୍କ ପାଇଁ ଈଶ୍ୱରଙ୍କ ସଂସାରରେ ଖାଦ୍ୟର ଅଭାବ ପଡୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

୫ ଜିଲାରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଇ-ବସ୍ ସେବା

କ୍ରୁଟ୍‌ର ୪୪ତମ ବୋର୍ଡ ବୈଠକ

■ ଇଭି ଡିପୋ, ଇଲେକ୍ଟ୍ରିକ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ ଯୋଜନା

ଭୁବନେଶ୍ୱର, ୨୩।୮
(ସୁନିତ୍ ମିଶ୍ର)

କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)ର ୪୪ତମ ବୋର୍ଡ ବୈଠକ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ତଥା କ୍ରୁଟ୍ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦୁଝର ଜିଲାରେ ତୁରନ୍ତ ‘ମୋ ବସ୍’ ସେବା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କେନ୍ଦୁଝରବାସୀଙ୍କ ଗମନାଗମନ ସୁଲଭ ଓ ସୁଗମ ହୋଇପାରିବ। ନିକଟରେ ଘୋଷଣା କରାଯାଇଥିବା ପିଏମ୍ ଇ-ବସ୍ ଯୋଜନା ଭଳି କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ଭୁବନେଶ୍ୱର, କଟକ, ରାଉରକେଲା, କେନ୍ଦୁଝର ଏବଂ ସମ୍ବଲପୁରର ପ୍ରମୁଖ ସ୍ଥାନରେ ଇ-ବସ୍ ସେବା ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏହି ପଦକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ କ୍ରୁଟ୍ ଏକ ବ୍ୟାପକ ଭିତ୍ତିଭୂମି ବିକାଶ ଯୋଜନା କରିଛି। ପ୍ରମୁଖ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକ ମଧ୍ୟରେ କଟକ ନରାଜରେ ଏକ ଆଧୁନିକ ବସ୍ ଡିପୋ, ଗାଡକଣ ଠାରେ ଏକ ଉତ୍ସର୍ଗୀକୃତ ଇଲେକ୍ଟ୍ରୋନିକ ଭେହିକିଲ(ଇଭି) ଡିପୋ ଏବଂ ଭୁବନେଶ୍ୱରର ପୋଖରୀପୁଟରେ ଏକ ଅତ୍ୟାଧୁନିକ ବସ୍ ଡିପୋ ନିର୍ମାଣ ଅନ୍ତର୍ଭୁକ୍ତ ଅଛି। ଏହାଛଡା ଭୁବନେଶ୍ୱରର ଅରିଜିନ ଡେଷ୍ଟିନେଶନ ଟର୍ମିନାଲ ଘାଟିକିଆରେ ଏକ ଇଲେକ୍ଟ୍ରିକ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯିବ। ଏହାସହ ଛତ୍ରପୁର, ଗୋପାଳପୁର, ହଳଦୀପଦର ଏବଂ ସମ୍ବଲପୁରର ମୋଦିପଡ଼ା ଓ ଅଇଁଠାପାଲିରେ ଅରିଜିନ ଡେଷ୍ଟିନେଶନ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ କ୍ରୁଟ୍ ଯୋଜନା କରିଛି। ପୁନରୁଦ୍ଧାର ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ପାଇଁ କ୍ରୁଟ୍ ମାଷ୍ଟର କ୍ୟାଣ୍ଟିନରେ ଥିବା ବସ୍ ଟର୍ମିନାଲର ମରାମତି, ନବୀକରଣ ଏବଂ ଉନ୍ନତି ପାଇଁ ସମ୍ବଳ ଯୋଗାଇଦେଇଛି। ଏହିସବୁ ଭିତ୍ତିଭୂମି, ପଦକ୍ଷେପ ଏବଂ ଉନ୍ନତି ଲୋକଙ୍କ ପାଇଁ ଭ୍ରମଣ ଅଭିଜ୍ଞତାକୁ ଆହୁରି ସହଜ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟର ବିଭିନ୍ନ ପରିଚାଳନା କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଆଭାସୀ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶକୁ ସୁଗମ କରିବା ପାଇଁ ପଟିଆ ଏବଂ ଭଗବାନପୁର ଡିପୋରେ ଅତ୍ୟାଧୁନିକ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି,ରାଜ୍ୟବାସୀଙ୍କ ସେବାରେ ଏକ ବୃତ୍ତିଗତ ତାଲିମପ୍ରାପ୍ତ କର୍ମଚାରୀ ଦଳକୁ ସବୁ ସମୟରେ ପ୍ରସ୍ତୁତ ରଖାଯିବ। ବୈଠକରେ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ପରିବହନ କମିଶନର ଅମିତାଭ ଠାକୁର, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, କଟକ ମହାନଗର ନିଗମ କମିଶନର ନିଖିଲ ପବନ କଲ୍ୟାଣ, ଗଞ୍ଜାମ, କେନ୍ଦୁଝର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାପାଳ ଉପସ୍ଥିତ ଥିଲେ।

ବଡ଼ଗୁମୁଡ଼ା ସେବାଶ୍ରମ
୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ନବରଙ୍ଗପୁର,୨୩।୮
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କୋଷାଗୁମୁଡା ବ୍ଲକ ବଡ଼ଗୁମୁଡ଼ା ସେବାଶ୍ରମ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ରଞ୍ଜିତା ହରିଜନଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ନବରଙ୍ଗପୁର ଜିଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଝରିଗାଁ ବ୍ଲକ ତାରାଯୋଡି ଗ୍ରାମର ଖଗପତି ହରିଜନଙ୍କ ଝିଅ ରଞ୍ଜିତା ମଙ୍ଗଳ ବିଭାଗ ବଡ଼ଗୁମୁଡ଼ା ସେବାଶ୍ରମ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଥିଲେ। ୨୧ ତାରିଖରେ ତାଙ୍କର ମୁଣ୍ଡବ୍ୟଥା ହେବାରୁ ବଡ଼ଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ସେବାଶ୍ରମକୁ ଫେରି ଆସିଥିଲେ। ରଞ୍ଜିତା ପୁଣି ଅସୁସ୍ଥ ହେବାରୁ ବୁଧବାର ବଡ଼ଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରଧାନ ଶିକ୍ଷକ ସପନ ହାଲଦାର କହିଛନ୍ତି, ରଞ୍ଜିତାଙ୍କୁ ୨୧ ତାରିଖରେ ବଡ଼ଗୁମୁଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଔଷଧ ଦେଇ ଛାଡି ଦେଇଥିଲେ। ରାତିରେ ଔଷଧ ଖାଇବା ପରେ ମଧ୍ୟ ମୁଣ୍ଡବ୍ୟଥା ନ କମିବାରୁ ପୁଣି ଥରେ ଗତ ୨୨ ତାରିଖରେ ଡାକ୍ତରଖାନାକୁ ନିଆଯାଇଥିଲା। ୨୩ ତାରିଖରେ ବାନ୍ତି ହେବା ପରେ ପୁଣି ଥରେ ଡାକ୍ତରଖାନାକୁ ନିଆଯାଇଥିଲା। ବୁଧବାର ସକାଳୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅପରାହ୍ନ ୧ଟାରେ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି।

କୋଡିଗାଁ ଥାନା ଅଧିକାରୀ ଯୁଗଳ ଶବରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜଣେ ଛାତ୍ରୀଙ୍କ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ନେଇ ନବରଙ୍ଗପୁର ଥାନା ପକ୍ଷରୁ ସୂଚନା ପାଇଛନ୍ତି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସେ କହିଛନ୍ତି। ତେବେ ପରିବାର ଲୋକେ ଅଭିଯୋଗ କରିଛନ୍ତି, ଝିଅ ଗୁରୁତର ସଂକ୍ରାନ୍ତରେ ତାଙ୍କୁ ଜଣାଯାଇ ନ ଥିଲା। ପୂର୍ବରୁ ଖବର ପାଇ ସମ୍ପର୍କୀୟ ଯିବାରୁ କେବଳ ମା’ ବାପାଙ୍କୁ ଝିଅ ସହିତ ମିଶିବା ନିୟମ ଅଛି କହି ଝିଅକୁ ଦେଖିବା ପାଇଁ ମନା କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ।

ନିଶାସକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ସରକାରଙ୍କ ନିଶା ପ୍ରସାରଣ ନୀତି ବିରୋଧରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ। (ଫଟୋ- ମୌସମ ନନ୍ଦ)

ଶ୍ରମିକ ବୋଝେଇ ଗାଡ଼ି ଓଲଟିଲା

୨୦ ଆହତ, ୭ ଗୁରୁତର

ଠାକୁରମୁଣ୍ଡା,୨୩।୮
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜୁଡାମ୍ବ ଘାଟି ନିକଟରେ ବୁଧବାର ଭୋର ସମୟରେ ଏକ ଶ୍ରମିକ ବୋଝେଇ ଟାଟା ମ୍ୟାଜିକ ଓଲଟି ୨୦ ଜଣ ଆହତ ହେବା ସହ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଅଧୀନ ଜଡିପଦା ଗ୍ରାମରୁ ଧାନ ବିଲରେ କାମ କରିବାକୁ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ଏକ ଟାଟା ମ୍ୟାଜିକ୍ ଗାଡ଼ି ଭଦ୍ରକ ଜିଲା ବନ୍ତ ନିକଟ କେନ୍ଦୁଆ ଗ୍ରାମକୁ ଯାଉଥିଲା। ଗାଡ଼ି ଜୁଡାମ୍ବ ଘାଟିରୁ ଓହ୍ଲାଉଥିବା ବେଳେ ଏକ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁତର ଥିବା ୭ ଜଣଙ୍କୁ କରଞ୍ଜିଆ ଓ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ଜଡିପଦା ଗ୍ରାମର ମିତା ନାଏକ, ଶାନ୍ତିଲତା ନାଏକ, ମାଳତୀ ନାଏକ, ଉତ୍ତମ ଦାସ, ଗଜେନ୍ଦ୍ର ନାଏକ, ରୁନା ନାଏକ ଓ ଯଶୋଦା ନାଏକ। ଅନ୍ୟ ସମସ୍ତ ଆହତ ଶ୍ରମିକ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଠାକୁରମୁଣ୍ଡା ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

ପ୍ରଥମ ପୃଷ୍ଠାରୁ...

ଚନ୍ଦ୍ରରେ ଭାରତ...

ସମର୍ପିତ। ଆଗକୁ ଏହା ଅନ୍ୟ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଚନ୍ଦ୍ରାଭିଯାନରେ ସହାୟକ ହେବ। ଏହି ଅବସରରେ ଇସ୍ରୋ ମୁଖ୍ୟ କହିଥିଲେ, ସଫଳତା ପାଇଁ ସେହି ସମସ୍ତଙ୍କୁ ଧନ୍ୟବାଦ, ଯେଉଁମାନେ ଦେଶ ଲାଗି ପ୍ରାର୍ଥନା କରିଥିଲେ, ଉତ୍ସାହ ଦେଖାଇଥିଲେ ଏବଂ ଭଲ ପାଇବା ଦେଇଥିଲେ। ଆପଣମାନଙ୍କୁ ଏହା ଉତ୍ସର୍ଗୀକୃତ। ଆମର ପରବର୍ତ୍ତୀ ମିଶନ ହେବ ଗଗନୟାନ (ହ୍ୟୁମାନ୍ ସ୍ପେସ୍ ଫ୍ଲାଇଟ୍)। ସେପ୍ଟେମ୍ବର କିମ୍ବା ଅକ୍ଟୋବର ପ୍ରଥମ ସପ୍ତାହରେ ଏହା ଆରମ୍ଭ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଏହାର କିଛି ସମୟ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଟେଲିଭିଜନ ବାର୍ତ୍ତାରେ କହିଥିଲେ, ବାସ୍ତବରେ ଏହା ହେଉଛି ଏକ ଗୌରବର ମୁହୂର୍ତ୍ତ, ଯାହାକି ଜୀବନକାଳ ମଧ୍ୟରେ ଥରେ ଥରେ ଦେଖିବାକୁ ମିଳିଥାଏ। ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରୟାନ-୩ ମିଶନ୍‌କୁ ସଫଳ କରି କେବଳ ଇତିହାସ ରଚିନାହାନ୍ତି, ସେମାନେ ଭୂଗୋଳର ଧାରଣାକୁ ପୁନଃ ଅଙ୍କନ କରିଛନ୍ତି।

ଅନ୍ୟପକ୍ଷେ ବିକ୍ରମ ଲ୍ୟାଣ୍ଡରର ସଫଳ ଲ୍ୟାଣ୍ଡିଂ ପରେ ଚନ୍ଦ୍ରପୃଷ୍ଠରେ ବିପୁଳ ଧୂଳିକଣିକା ଉଠିଥିଲା। ଚନ୍ଦ୍ରର ନିମ୍ନ ମାଧ୍ୟାକର୍ଷଣ ଯୋଗୁ ଏହି ଧୂଳି ସ୍ଥିର ହେବାକୁ ଦିନେ ଲାଗିଯିବ। ଏହା ପରେ ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠରେ ଗଡ଼ିବା ଆରମ୍ଭ କରିବ। ବହୁ ପରୀକ୍ଷାନିରୀକ୍ଷା ପରେ ଲ୍ୟାଣ୍ଡିଂ ସ୍ଥଳ ସ୍ଥିର କରାଯାଇଥିଲା। ଉକ୍ତ ଅଞ୍ଚଳରେ ଜଳର ସଙ୍କେତ ଥିବାରୁ ଚନ୍ଦ୍ରରେ ବରଫ ଥାଇପାରେ ବୋଲି ଅନୁମାନ କରାଯାଉଛି, ଯାହାକି ବୈଜ୍ଞାନିକ ଗବେଷଣା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଏହା ପୂର୍ବରୁ ମଧ୍ୟ ୨୦୦୯ରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ସହାୟତାରେ ଭାରତର ପ୍ରଥମ ମୁନ୍ ମିଶନ ଚନ୍ଦ୍ରୟାନ-୧ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଥିଲା। ଆଗାମୀ ୨୪ ଦିନ (ଅର୍ଥାତ୍ ଚନ୍ଦ୍ରର ଦିନେ) ଧରି ସୌରଚାଳିତ ରୋଭର ପ୍ରଜ୍ଞାନ ଜହ୍ନ ରାଇଜରୁ ଇସ୍ରୋକୁ ଅନେକ ଚିତ୍ର ଓ ତଥ୍ୟ ପ୍ରେରଣ କରିବ। ୧୪ ଦିନ ପରେ ଏହାର ଗତିବିଧି ମନ୍ଥର ହୋଇଯାଇପାରେ। ମୁନ୍ ରୋଭର ଲ୍ୟାଣ୍ଡର ବିକ୍ରମ ଏବଂ ଚନ୍ଦ୍ରୟାନ୍-୨ର ଅର୍ବିଟର ସହ ଯୋଗାଯୋଗରେ ରହିବ। ଲ୍ୟାଣ୍ଡର ଇସ୍ରୋକୁ ଡେଟା ରିଲେ କରିବ।

ପ୍ରକାଶ ଯେ, ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ୍ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ୍‌ପ୍ୟାଡ୍‌ରୁ ମୁନ୍ ଲ୍ୟାଣ୍ଡରକୁ ଭିଏଲ୍‌ଏମ୍ ୩ ଜରିଆରେ ଲଞ୍ଚ୍ କରାଯାଇଥିଲା। ଅଗଷ୍ଟ ୫ରେ ଏହା ଚନ୍ଦ୍ର କକ୍ଷପଥରେ ଅବସ୍ଥାପିତ ହୋଇଥିଲା।

ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଲେ ନବୀନ

ଭୁବନେଶ୍ୱର,୨୩।୮
(ଅନିଲ ଦାସ)

ଭାରତର ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଭାରତ ପାଇଁ ଆଜିର ଦିନ ଏକ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ଚନ୍ଦ୍ରୟାନ-୩ ହେଉଛି ବିଶ୍ୱର ପ୍ରଥମ ମହାକାଶ ଯାନ, ଯାହା ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଏହି ଲ୍ୟାଣ୍ଡିଂ ଭାରତୀୟ ବିଜ୍ଞାନ ପାଇଁ ଏକ ଅବିସ୍ମରଣୀୟ ସଫଳତା ଏବଂ ମାନବ ଜାତି ପାଇଁ ଏକ ବୃହତ୍ ଅବଦାନ। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ବୈଜ୍ଞାନିକ ଏବଂ ଚନ୍ଦ୍ର ମିଶନକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସଞ୍ଜୟ ମିଶ୍ରାଙ୍କୁ ...

ସେପ୍ଟେମ୍ବର ୧୫ରେ ସେ ଅବସର ନେବା ପୂର୍ବରୁ ସିଆଇଓ ପଦବୀ ସୃଷ୍ଟି କରାଯାଇପାରେ ବୋଲି ଜଣାପଡ଼ିଛି। ସିବିଆଇ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଏବଂ ଇଡି କାର୍ମିକ, ପେନ୍‌ସନ ଓ ସାଧାରଣ ଅଭିଯୋଗ ମନ୍ତ୍ରଣାଳୟ ଅଧୀନରେ ପୂର୍ବ ଭଳି କାର୍ଯ୍ୟ କରିବ। ତେବେ ଦୁଇ ଏଜେନ୍ସି ସିଆଇଓଙ୍କ ତତ୍ତ୍ୱାବଧାନରେ ରହିବ, ଯିଏକି ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ରିପୋର୍ଟ କରିବେ। ସ୍ମରଣଯୋଗ୍ୟ, ସଞ୍ଜୟଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୨୭ରେ ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏନେଇ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ସଞ୍ଜୟଙ୍କୁ ଛାଡ଼ିଦେଲେ ବିଭାଗରେ ଥିବା ସମସ୍ତ ଅଧିକାରୀ ଅଯୋଗ୍ୟ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏଥିସହ ତାଙ୍କ କାର୍ଯ୍ୟକାଳ ଅକ୍ଟୋବର ୧୫ ପରିବର୍ତ୍ତେ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦୟା କଲା ଭଳି ଅନୁମତି ଦେଇଥିଲେ। ଏହି ଅବଧି ବୃଦ୍ଧି ପରେ ଆଗକୁ ତାଙ୍କୁ ଅଧିକ ଦିନ ଚାକିରିରେ ରଖାଯାଇପାରିବ ନାହିଁ ଏବଂ ଏଥିପାଇଁ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ପୂର୍ବରୁ କେନ୍ଦ୍ର ପକ୍ଷରୁ ତାଙ୍କ କାର୍ଯ୍ୟକାଳ ୨ ଥର ବୃଦ୍ଧି କରାଯାଇଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଥିବାରୁ ଏହି ସମୟରେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏଫ୍ଏଟିଏଫ୍‌ର ଗ୍ରେ ଲିଷ୍ଟ୍ (ଧୂସର ତାଲିକା)ରେ ଭାରତକୁ ସ୍ଥାନିତ କରିବା ପାଇଁ କେତେକ ପଡ଼ୋଶୀ ରାଷ୍ଟ୍ର ଚାହୁଁଛନ୍ତି। ତେଣୁ ଇଡି ମୁଖ୍ୟ ଭାବେ ସଞ୍ଜୟ ରହିବା ଜରୁରୀ। ୩ ଜଣିଆ ଖଣ୍ଡପୀଠ ଶୁଣାଣି ବେଳେ ସରକାରଙ୍କୁ ପ୍ରଶ୍ନ କରିଥିଲେ, ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ଆମେ କ’ଣ କେବଳ ଜଣେ ଅଧିକାରୀଙ୍କ ଉପରେ ନିର୍ଭରଶୀଳ ହୋଇ ରହିବା ? ତାଙ୍କ ବ୍ୟତୀତ ଇଡିରେ ଆଉ କେହି ଯୋଗ୍ୟ ଅଧିକାରୀ ନାହାନ୍ତି କି? ସମ୍ପୂର୍ଣ୍ଣ ବିଭାଗରେ କ’ଣ ସବୁ ଅଯୋଗ୍ୟ ଲୋକ ଭର୍ତ୍ତି ହୋଇଛନ୍ତି ବୋଲି ମେହେଟ୍ଟାଙ୍କୁ ଖଣ୍ଡପୀଠ ପଚାରିଥିଲେ। ତେଣୁ ସଞ୍ଜୟଙ୍କ ଅବସରକୁ ମାସେରୁ କମ୍ ସମୟ ବାକିଥିବାବେଳେ କେନ୍ଦ୍ର ସରକାର ତାଙ୍କ ପାଇଁ ନୂଆ ପଦବୀ ସୃଷ୍ଟି କରିବାକୁ ଯାଉଥିବା ଆଲୋଚନା ହେଉଛି।

ରାତିରେ ଖୋଲିବ...

ନେଇ ନନ୍ଦନକାନନ ମାଷ୍ଟରପ୍ଲାନ ଦାଖଲ କରିଛି। ଆସନ୍ତା (୨୦୨୦-୪୦)୨୦ବର୍ଷ ପାଇଁ ଏହି ପ୍ରସ୍ତାବ ଦିଆଯାଇଛି। ସନ୍ଧ୍ୟା ୬ରୁ ୭ କିମ୍ବା ୭ରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବାର ବ୍ୟବସ୍ଥା କରାଯିବା ନେଇ ଚିନ୍ତା କରାଯାଉଛି। ମାଷ୍ଟରପ୍ଲାନରେ ନନ୍ଦନକାନନ କଳେବର ବୃଦ୍ଧି ପାଇଁ ବି ପ୍ରସ୍ତାବ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦନକାନନର ପରିସୀମାକୁ ବୃଦ୍ଧିକରିବା ପାଇଁ ଚୂଡ଼ଙ୍ଗ ଓ କୃଷ୍ଣନଗର ଅଞ୍ଚଳକୁ ସାମିଲ କରାଯାଇ ନନ୍ଦନକାନନର ସମୁଦାୟ ପରିସୀମାକୁ ୧,୦୪୩ ହେକ୍ଟର ପରିମିତ ଜାଗାକୁ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହେଲେ ଚୂଡ଼ଙ୍ଗ ଓ କୃଷ୍ଣନଗର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଜାଗା ଅଧିଗ୍ରହଣ କରିବା ପ୍ରକ୍ରିୟା ସାମୟିକଭାବେ ବନ୍ଦ ରହିଛି। ଏହି ଜାଗା ନନ୍ଦନକାନନରେ ମିଶିଯିବା ପରେ ନାଇଟ୍ ସଫାରି କରିବା ପାଇଁ ନନ୍ଦନକାନନ ପକ୍ଷରୁ ଯୋଜନା କରାଯାଇଛି। ରାତ୍ରିଚର ଜୀବଙ୍କୁ ଦେଖିବାକୁ ନକ୍ଟରାଲ ଡ୍ରିଲ ସଫାରି ବ୍ୟବସ୍ଥା ମଧ୍ୟ କରାଯିବାର ଯୋଜନା କରାଯାଉଛି। ତେବେ ମନୋନୀତ ଲୋକ କେବଳ ରାତ୍ରିଚର ଜୀବଙ୍କୁ ଦେଖିବା ପାଇଁ ଯାଇପାରିବେ। ଫିଲ୍ମ ମଧ୍ୟ ପ୍ରଦର୍ଶିତ ହେବ। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି କହିଛନ୍ତି, ଶିକ୍ଷାଗତ ସଚେତନତା ପାଇଁ ରାତିରେ ନନ୍ଦନକାନନ ଖୋଲିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ସରକାର ଅନୁମୋଦନ ଦେଲେ ହୋଇପାରିବ। ଯଦି ପ୍ରସ୍ତାବ ଅନୁସାରେ ସବୁକିଛି ଠିକ୍ ହୋଇଯାଏ ତେବେ ପର୍ଯ୍ୟଟକମାନେ ଖୁବ୍‌ଶୀଘ୍ର ରାତିରେ ନନ୍ଦନକାନନ ବୁଲିପାରିବେ ବୋଲି ପିସିସିଏଫ୍ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ସିଜେଡ୍‌ଏଙ୍କ ପକ୍ଷରୁ ଏହି ଅନୁମୋଦନ ପାଇଲେ ପର୍ଯ୍ୟଟକମାନେ ରାତିରେ ମଧ୍ୟ ନନ୍ଦନକାନନ ବୁଲିବାର ମଜା ଉଠାଇପାରିବେ ବୋଲି ଉପନିର୍ଦ୍ଦେଶକ ସନତ କୁମାର ଏନ୍ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବର୍ତ୍ତମାନ ୧୬୯ଟି ପ୍ରଜାତିର ୪ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀ ଅଛନ୍ତି। ଏହା ୨୫୦ ପ୍ରଜାତିକୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଉଛି।

ରେଳ ବ୍ରିଜ୍ ...

୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରେଳୱେ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମବଙ୍ଗର ମାଳଦା ଜିଲାର। ଉଦ୍ଧାର କାର୍ଯ୍ୟରେ ମିଜୋରାମ ସରକାରଙ୍କୁ ସହାୟତା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ଷକୁ ୨ ଥର ...

ସୁଯୋଗ ପାଇବେ। ସେମାନେ ଯେଉଁସବୁ ବିଷୟ ସମ୍ପୂର୍ଣ୍ଣ କରିଥିବେ ଏବଂ ପ୍ରସ୍ତୁତ ଥିବା ଅନୁଭବ କରିବେ, ସେହି ବିଷୟରେ ପରୀକ୍ଷା ଦେବେ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ବିଷୟ ଚୟନରେ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଭଳି ଷ୍ଟ୍ରିମ୍ କଟକଣା ରହିବ ନାହିଁ। ସେମାନେ ଯେକୌଣସି ଷ୍ଟ୍ରିମ୍‌ର ବିଷୟ ଚୟନ କରିପାରିବେ। ସ୍କୁଲ ବୋର୍ଡଗୁଡ଼ିକ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଇବା ପାଇଁ ସାମର୍ଥ୍ୟ ବଢ଼ାଇବେ। ସେହିପରି ପରୀକ୍ଷକ ଏବଂ ପରୀକ୍ଷା ପ୍ରସ୍ତୁତକାରୀଙ୍କୁ ଏଥିପାଇଁ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପାଠ୍ୟକ୍ରମ ହାସଲ କରିବାକୁ ହେବ ବୋଲି ମନ୍ତ୍ରଣାଳୟ କହିଛି।

ଛାତ୍ରୀଙ୍କ ପରୀକ୍ଷା ...

ବାର୍ତ୍ତା ଏବେ ଭାଇରାଲ ହେବାରେ ଲାଗିଛି। କଲେଜ ପ୍ରିନ୍ସିପାଲ ମହାପାତ୍ର ଅଧ୍ୟାପିକାଙ୍କୁ ଫୋନ କରି ନିରୋଳା ସ୍ଥାନରେ ଦେଖା କରିବାକୁ ଡାକୁଥିବା, ଅଧ୍ୟାପିକା ଜଣକ କଲେଜ ଗଲେ କଥା ହେବେ ବୋଲି କହିବାରୁ ପ୍ରିନ୍ସିପାଲ କଲେଜରେ କଥା ହୋଇ ହେବ ନାହିଁ ବୋଲି କହୁଥିବା ଭାଇରାଲ ଅଡିଓରୁ ଜଣାପଡ଼ିଛି। ଅଧ୍ୟାପିକା ଜଣକ ନିରୋଳା ସ୍ଥାନରେ ଭେଟିବାକୁ ମନା କରିବାରୁ ପ୍ରିନ୍ସିପାଲ ତାଙ୍କ ଘରକୁ ଆସିବାକୁ କହୁଛନ୍ତି। ଏହି ଅଡିଓରେ ସମ୍ପୃକ୍ତ ଅଧ୍ୟାପିକାଙ୍କ ପ୍ରତି ପ୍ରିନ୍ସିପାଲଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପ୍ରିନ୍ସିପାଲ ମହାପାତ୍ରଙ୍କୁ ପଚାରିବାରୁ ସେ ଅଧ୍ୟାପିକାଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି। ନିରୋଳା ସ୍ଥାନକୁ ଡାକିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ପାପଯୁକ୍ତ ଚନ୍ଦ୍ର ହେତୁ ବିଷାଦିତ ରହିପାରନ୍ତି। ତରବରିଆ କାମ କିମ୍ବା ସତର୍କତା ଅଭାବରୁ ଧନହାନିର ସୂଚନା ରହିଛି। ଶତ୍ରୁତା ହେତୁ କର୍ମକ୍ଷେତ୍ରରେ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ବ୍ୟବସାୟ କ୍ଷେତ୍ର, କଳା, ସାହିତ୍ୟ, ପ୍ରଶାସନିକ କ୍ଷେତ୍ର, ଗବେଷଣା ଓ ଅନୁସନ୍ଧାନାଦି କାର୍ଯ୍ୟରେ ପ୍ରତିଷ୍ଠାର୍ଜନ କରିବେ।

ବୃଷ

ବୁଧାଦିତ୍ୟ ଯୋଗ ପ୍ରଭାବରୁ ସବୁକିଛି ଠିକ୍‌ଠାକ୍ ଚାଲିଥିଲେ ମଧ୍ୟ ଫଳ ମିଳିବ ଓଲଟା। ଯାହାକୁ ନିଜର ବୋଲି ଖୋଲା ମନ ନେଇ ଗୋପନୀୟ କଥା କହିବେ, ଦୁର୍ବଳତାର ସୁଯୋଗ ନେଇ ସିଏ ହିଁ ଦାଉ ସାଧିବ। ଆର୍ଥିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ କେତେକାଂଶରେ ଦୂରୀଭୂତ ହେବ। ଅବଶ୍ୟ ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ।

ମିଥୁନ

ତୃତୀୟସ୍ଥ ବୁଧଙ୍କ ଯୋଗୁ ପାରିବାରିକ ସମସ୍ୟା ହିଁ ଆଜିର ମୁଖ୍ୟ ଚିନ୍ତାର କାରଣ ହେବ। ନିଜ ନିଜର ସ୍ୱାର୍ଥସାଧନ ସକାଶେ ବନ୍ଧୁମାନେ ଆପଣଙ୍କ ଉପରୁ ନଜର ହଟାଇବେ। ସରକାରୀ କ୍ଷେତ୍ରରୁ ଆଦେଶ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ ଘଟଣାକୁ ନେଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

କର୍କଟ

ଅଷ୍ଟମସ୍ଥ ଶନି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅବସ୍ଥା ଭଲ ନ ହେଲେ ମଧ୍ୟ ମନ୍ଦ ହେବ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

ସିଂହ

ରାଶିରେ ରବି ଓ ବୁଧଙ୍କ ଯୋଗ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ଆଜି ପୁଣି ଯୋଡିହୋଇଯିବ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି।

କନ୍ୟା

ଭଲ ଚିନ୍ତା କଲେ ମଧ୍ୟ କ’ଣ ହେବ ? ପରିବେଶ ଓ ପରିସ୍ଥିତି ଭିନ୍ନ ବାଟରେ ଯିବା ପାଇଁ ମାର୍ଗ ଉନ୍ମୁକ୍ତ କରିବ। ଶୁକ୍ରଙ୍କ ପ୍ରଭାବରୁ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣେଇପାରନ୍ତି। ସାଂସ୍କୃତିକ, ରାଜନୈତିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

ତୁଳା

ଯାହାକୁ ଯାହା କହିବାକୁ ଚିନ୍ତା କରୁଥିଲେ ମଧ୍ୟ କହିପାରିବେ ନାହିଁ। ଚନ୍ଦ୍ର ସହ କେତୁଙ୍କ ଯୋଗୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ ମଧ୍ୟ କରିପାରିବେନି। ବନ୍ଧୁ କିମ୍ବା ସହକର୍ମୀଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ମଧ୍ୟ ନୈରାଶ୍ୟଜନକ ସ୍ଥିତି ଲାଗିରହିବ।

ବିଛା

ଆତ୍ମୀୟ ସ୍ୱଜନମାନଙ୍କ ଅନାଦର ଭାବ ଓ ବେଖାତିର କଥାର ସମୀକ୍ଷା କରିବେ। ଅସଜଡ଼ା ପରିବାରକୁ ସଜାଡ଼ିବା ସକାଶେ ଦୁଶ୍ଚିନ୍ତା ମଧ୍ୟ ଲାଗିରହିବ। କର୍ମସ୍ଥାନରେ ରବି ଓ ବୁଧ ଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନସ୍ଥ କରିବେ। ବ୍ୟବସାୟ, ବାଣିଜ୍ୟ ଏକ ପ୍ରକାର ଚଳନୀୟ ରହିବ।

ଧନୁ

ଶନିଙ୍କ ପ୍ରଭାବରେ କଠୋର ପରିଶ୍ରମଜନିତ ଶାନ୍ତିରେ ସୁନିଦ୍ରା ମଧ୍ୟ ନ ହୋଇପାରେ। କେତେକଙ୍କ କ୍ଷେତ୍ରରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ମାତ୍ର ପୂର୍ବାଷାଢ଼ା ନକ୍ଷତ୍ର ହାତକୁ ନେଇଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ତରଫରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

ମକର

ଆଜିର ଯାତ୍ରା, ବାଣିଜ୍ୟ, ଚେଷ୍ଟା କରୁଥିବା କାର୍ଯ୍ୟ, ଆଲୋଚନା, ସଭାସମିତି ପ୍ରଭୃତିରୁ ସନ୍ତୋଷଜନକ ଫଳ ପାଇବେ। ବଳହୀନ ମଙ୍ଗଳଙ୍କ କୁପ୍ରଭାବରୁ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା ଦ୍ୱିଗୁଣିତ ହୋଇପାରେ। ଦୀର୍ଘ ଦିନର ବକେୟା ଅର୍ଥ ବନ୍ଧୁଙ୍କ ସହାୟତାରେ ଆଜି ପ୍ରାପ୍ତ ହେବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ହଟିଯିବ।

କୁମ୍ଭ

ଆଜିର କାମଗୁଡ଼ିକ ବହୁତ ବିଳମ୍ବରେ ସମ୍ପନ୍ନ ହେବ। ଅନ୍ୟମାନଙ୍କ ନିକଟରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂରୀଭୂତ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

ମୀନ

ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ତ୍ୱରିତ ନିଷ୍ପତ୍ତି ନେବାରେ ସହାୟକ ହେବ। ନିଜର ବୁଦ୍ଧିମତ୍ତା ମାଧ୍ୟମରେ ଅସମ୍ଭବ ମନେହେଉଥିବା କାମକୁ ସମ୍ଭବ କରିପାରିବେ। ଶତ୍ରୁମାନେ ମିତ୍ରଭଳି ଆଚରଣ କରିବା ସାଙ୍ଗକୁ ଆତ୍ମୀୟମାନେ ପାଖେଇ ଆସିବେ। କୌଣସି ଆନୁଷ୍ଠାନିକ ଉତ୍ସବାରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଅଷ୍ଟମୀ, ଚାତୁର୍ମାସ୍ୟା ବ୍ରତ, ଗୁରୁବାର, ଅଗଷ୍ଟ ୨୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ. ୦୯।୦୨ପର୍ଯ୍ୟନ୍ତ ବିଶାଖା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୩ ଗତେ ଘ.୦୭।୧୩ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୭ ମଧ୍ୟେ ରାହୁକାଳ।

ସଂକ୍ଷେପରେ

ପ୍ରଣବ ପଟ୍ଟନାୟକ ଅସୁସ୍ଥ

ହସ୍ପିଟାଲରେ ଭେଟି ସହାୟତା ଦେଲା କଳାକାର ସଂଘ

ଭୁବନେଶ୍ୱର, ୨୩।୮ (ଶର୍ମିଷ୍ଠା ପାଣିଗ୍ରାହୀ): ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଅସୁସ୍ଥ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜ୍ୱର ବଢ଼ିବାରୁ ସେ ଚିକିତ୍ସାଧୀନ ଥିଲେ। ଏବେ ସେ ସୁସ୍ଥ ହୋଇ ଆସିଲେଣି। ଗୁରୁବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ସୂଚନା ମିଳିଛି। ତେବେ ତାଙ୍କ ଅସୁସ୍ଥ ଖବର ଶୁଣିବା ପରେ ବୁଧବାର ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ହସ୍ପିଟାଲରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ଏଥିସହ ଚିକିତ୍ସା ପାଇଁ ୧ଲକ୍ଷ ଟଙ୍କା ଅର୍ଥରାଶି ରାଜ୍ୟ କଳାକାର ସଂଘ ପକ୍ଷରୁ ପ୍ରଦାନ କରିଥିଲେ। ପ୍ରଣବଙ୍କ ପାଖରେ ତାଙ୍କ ସ୍ତ୍ରୀ କସ୍ତୁରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ଚନ୍ଦ୍ରପୃଷ୍ଠରେ ଦିବ୍ୟଶକ୍ତି ରହିଛି: ଶଙ୍କରାଚାର୍ଯ୍ୟ

ପୁରୀ, ୨୩।୮ (ଅଜିତ ମହାନ୍ତି): ଭାରତର ଚନ୍ଦ୍ରୟାନ-୩ ବୁଧବାର ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ଏନେଇ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଖୁସି ବ୍ୟକ୍ତ କରିଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି, ଇସ୍ରୋର ବୈଜ୍ଞାନିକମାନେ ବିଶ୍ୱରେ ଭାରତକୁ ଗୌରବାନ୍ୱିତ କରିଛନ୍ତି। ସାରା ବିଶ୍ୱ ପାଇଁ ଏହା ଏକ ଆଦର୍ଶ। କେନ୍ଦ୍ର ଏବଂ ପ୍ରାନ୍ତୀୟ ଶାସନତନ୍ତ୍ର ଯେଉଁଭଳି ଭାବେ ଶ୍ରଦ୍ଧା ପ୍ରଦାନ କରିଛନ୍ତି ଓ ବୈଜ୍ଞାନିକମାନଙ୍କୁ କାର୍ଯ୍ୟ କରିବା ପାଇଁ ଅବସର ଦେଇଛନ୍ତି, ସେଥିଲାଗି ସେମାନେ ଧନ୍ୟବାଦର ପାତ୍ର। ସେ ଇସ୍ରୋ ବୈଜ୍ଞାନିକଙ୍କ ଉଦ୍ୟମକୁ ପ୍ରଶଂସା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଫଳତା ମନାସିଥିଲେ। ଚନ୍ଦ୍ରପୃଷ୍ଠରେ ଦିବ୍ୟଶକ୍ତି ରହିଛି। ତା'ର ଉର୍ଜା ପରିବ୍ୟାପ୍ତ। ଅସଫଳତାର ଅବସାନ ସଫଳତାରେ ହିଁ ହୋଇଥାଏ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

ଜହ୍ନରେ ଉଡ଼ିଲା ତ୍ରିରଙ୍ଗା

ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ/ଶର୍ମିଷ୍ଠା ପାଣିଗ୍ରାହୀ)

ଦୀର୍ଘଦିନର ସ୍ୱପ୍ନ ଏବେ ବାସ୍ତବ ରୂପ ନେଇଛି। 'ଜହ୍ନମାମୁ ରାଇଜ ବୁଲି ଆସିବା' ଗପ ଏବେ ସତ ହୋଇଛି। ଶେଷରେ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ପାଦ ଥାପିଛି ଚନ୍ଦ୍ରୟାନ-୩। ଏଥିସହ ବିଶ୍ୱର ଚତୁର୍ଥ ଦେଶ ଭାବେ ଇତିହାସ ରଚିଛି ଭାରତ। ୨୦୦୮ ଓ ୨୦୧୯ର ବିଫଳତା ପରେ ୨୦୨୩ରେ ଭାରତକୁ ଏହି ବଡ଼ ସଫଳତା ମିଳିଛି। ଏହା ସମଗ୍ର ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିବାବେଳେ ଏଥିପାଇଁ ସାରା ଦେଶ ଏବେ ଅସରନ୍ତି ଆନନ୍ଦ ଉଲ୍ଲାସରେ ଫାଟି ପଡୁଥିବାବେଳେ ସବୁଆଡୁ 'ଇସ୍ରୋ' ଟିମ୍‌କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

ଭୁବନେଶ୍ୱର ସିଟିଟିସିଠାରେ ଉତ୍ସାହିତ ଛାତ୍ରୀଛାତ୍ର, ବୈଜ୍ଞାନିକ ଓ ଅନ୍ୟମାନେ।

ଚନ୍ଦ୍ର, ମଙ୍ଗଳରେ ବସତି ସ୍ଥାପନ ଅସମ୍ଭବ ନୁହେଁ

ଚନ୍ଦ୍ରୟାନ-୨ରେ ଯେଉଁ ବିଫଳତା ଦେଖିଥିଲୁ, ତାହା ବିଶ୍ୱବାସୀଙ୍କୁ ଦୁଃଖିତ କରିଥିଲା। ମାତ୍ର ଆମ ବୈଜ୍ଞାନିକ, ଇଞ୍ଜିନିୟର ସମସ୍ତଙ୍କର ୪ ବର୍ଷର ଅକ୍ଳାନ୍ତ ପରିଶ୍ରମ ଫଳରେ ଆଜି ଏହି ସଫଳତା ମିଳିଛି। ଏହା କୋଟି କୋଟି ଭାରତୀୟ, ଇସ୍ରୋରେ ସମସ୍ତ ବୈଜ୍ଞାନିକଙ୍କୁ ଆନନ୍ଦ ଦେଇଛି। ଏହି ସଫଳତା ଆମ ଭବିଷ୍ୟତ କାର୍ଯ୍ୟ ପାଇଁ ପଥ ପ୍ରଦର୍ଶକ ହୋଇରହିବ। ବିଶେଷକରି ପୃଥିବୀର ପ୍ରଥମ ଦେଶ ଭାବେ ଭାରତ ଚନ୍ଦ୍ରପୃଷ୍ଠ ଦକ୍ଷିଣ ମେରୁରେ ପହଞ୍ଚିବା ଗର୍ବର ବିଷୟ। ଗପ, କବିତା, କଳ୍ପନାରେ ଥିବା ଯୁକ୍ତିଯୁକ୍ତ କଥାକୁ ବିଜ୍ଞାନ ସମୟକ୍ରମେ ବାସ୍ତବ କରିଥାଏ। ତେଣୁ ଭବିଷ୍ୟତରେ ଚନ୍ଦ୍ର, ମଙ୍ଗଳରେ ଯାଇ ବସତି ସ୍ଥାପନ କରିବା କିଛି ଅସମ୍ଭବ ନୁହେଁ। ସେହିପରି ଆଗାମୀ ପିଢ଼ି ସୌରମଣ୍ଡଳର ବିଭିନ୍ନ ଭାଗକୁ ଯାତ୍ରା କରି ପ୍ରକୃତିର ରହସ୍ୟକୁ ଉନ୍ମୋଚନ କରିବାରେ ସହାୟକ ହେବ ବୋଲି ଆଜିର ସଫଳତାରୁ ଆଶା କରିପାରିବା।

- ଡ. କାର୍ତ୍ତିକ ସ୍ୱାଇଁ, ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ, ଇସ୍ରୋ

ମହାକାଶ ଗବେଷଣାକୁ ଉତ୍ସାହିତ କରିବ

ଦେଶବାସୀଙ୍କ ପାଇଁ ଗୌରବର କଥା। ଏଥିପାଇଁ ଇସ୍ରୋ ବୈଜ୍ଞାନିକ, ସମସ୍ତ କର୍ମଚାରୀ ଓ ଭାରତ ସରକାର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ଆବଶ୍ୟକ। କେବଳ ଜହ୍ନ ରାଇଜ ନୁହେଁ, ବରଂ ଆଗକୁ ମହାକାଶକୁ ନେଇ ଗବେଷଣା କରିବାରେ ଏହା ପ୍ରେରଣା ଦେବ। ମହାକାଶ ବିଜ୍ଞାନୀଙ୍କୁ ଆହୁରି ଉତ୍ସାହିତ କରିବ। ସବୁଠାରୁ ମଜାଦାର କଥା ହେଉଛି, ଏବେ ଲୋକମାନେ ଚେଷ୍ଟା କଲେ ଜହ୍ନମାମୁ ଘର ବୁଲି ଆସି ପାରିବେ।

- ରଘୁନାଥ ପଣ୍ଡା, ବିଜେବି କଲେଜ, ପୂର୍ବତନ ଅଧ୍ୟକ୍ଷ

ସଫଳତାର ପ୍ରଥମ ପାହାଚ

ସମସ୍ତଙ୍କ ପାଇଁ ଏହା ଏକ ଐତିହାସିକ ଦିନ। ଇସ୍ରୋର ବୈଜ୍ଞାନିକଙ୍କୁ ବହୁତ ବହୁତ ଅଭିନନ୍ଦନ। ଏହା ହେଉଛି ପ୍ରଥମ ପାହାଚ। ଆଶା କରୁଛି ଭବିଷ୍ୟତରେ ଇସ୍ରୋର ଏହି ଜ୍ଞାନକୁ ନେଇକି ମଙ୍ଗଳ ଓ ଅନ୍ୟ କ୍ଷୁଦ୍ର ଗ୍ରହ ଉପରେ ଲ୍ୟାଣ୍ଡ କରିବ। ଆମେ ନାଇଜରରେ ରୋଭର୍ ତଥ୍ୟକୁ ଷ୍ଟଡି କରିବୁ, ଆଉ ଚନ୍ଦ୍ରର ଦକ୍ଷିଣ ମେରୁ ପୃଷ୍ଠରେ କ'ଣ ଅଛି ଜାଣିବାକୁ ଚେଷ୍ଟା କରିବୁ।

- ସୂର୍ଯ୍ୟସ୍ନାତ ରାଉତ, ଜ୍ୟୋତିର୍ବିଜ୍ଞାନୀ, ନାଇଜର

ଇସ୍ରୋ ଟିମ୍‌କୁ କୃତଜ୍ଞତା

ଚନ୍ଦ୍ରୟାନ-୩ର ସଫଳ ଅବତରଣ ଆମ ଭାରତବାସୀଙ୍କ ପାଇଁ ବଡ଼ ଗର୍ବ ଓ ଗୌରବର ବିଷୟ। ଏତେବଡ଼ ବୈଜ୍ଞାନିକ ସଫଳତା ବହୁତ କମ୍ ଦେଶ ପାଇପାରିଛନ୍ତି, ଯେଉଁଥିରେ ଆମେ ୪ର୍ଥ। ସେହିପରି ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳତା ପାଇଛନ୍ତି। ଆଗାମୀ ଦିନଗୁଡ଼ିକରେ ରୋଭର ଚାଲିବାର ବ୍ୟବସ୍ଥା କରିବ। ଇସ୍ରୋର ପ୍ରତ୍ୟେକ ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତି ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଉଛି। ସେମାନଙ୍କ ପାଇଁ ଆମ ଦେଶ ଆଜି ଏତେ ବଡ଼ ଗୌରବ ପାଇପାରିଛି। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଆମେ ଆହୁରି ମଧ୍ୟ ଆଗକୁ ଯିବା। ମହାକାଶ ବିଜ୍ଞାନରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିଛି।

- ଶୁଭେନ୍ଦୁ ପଟ୍ଟନାୟକ, ମହାକାଶ ବିଜ୍ଞାନୀ

ଭାରତ ଟେକ୍ନୋଲଜି ଜାଏଣ୍ଟ ଭାବେ ପରିଗଣିତ ହେଲା

ଭାରତୀୟ ବୈଜ୍ଞାନିକମାନେ ଯେଉଁ ନିଦର୍ଶନ ଦେଇଛନ୍ତି ତାହା ଅଭୂତପୂର୍ବ। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାସ୍ତା ଖୋଲିଗଲା। ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ବିଦେଶରେ ସମ୍ମାନ ଆଣିଦେଲା ଏହି ସଫଳତା। ଅଧ୍ୟବସାୟ, ଯାନ୍ତ୍ରିକ ବ୍ୟବସ୍ଥାକୁ ବୁଝି ସୁଧାର ଆଣିବା ଦ୍ୱାରା ଏହି ସଫଳତା ମିଳିପାରିଛି। ଭାରତ ବିଶ୍ୱ ଦରବାରରେ ଟେକ୍ନୋଲଜି ଜିଆଣ୍ଟ ଭାବେ ପରିଗଣିତ କରିପାରିଛି।

- ହିମାଂଶୁ ଶେଖର ଶତପଥୀ, ଏଜୁକେଶନ୍ ଅଫିସର, ରିଜିଓନାଲ ସାଇନ୍ସ ସେଣ୍ଟର, ଭୁବନେଶ୍ୱର

ଜହ୍ନ ମାମୁ ରାଇଜକୁ ନେଇ ଉତ୍କଣ୍ଠା ବଢ଼ିଲା

ଛୋଟବେଳୁ ଜହ୍ନମାମୁକୁ ନେଇ ଅନେକ ଗପ, ଗୀତ ଶୁଣିଛୁ। ଜହ୍ନମାମୁର ଘର କେମିତି ହୋଇଥିବ ସେ ନେଇ ଛୋଟରୁ ବଡ ସମସ୍ତଙ୍କ ମନରେ ଏକ ପ୍ରକାର ଉତ୍କଣ୍ଠା ରହିଛି। ଆଜିର ସଫଳତା ପରେ ସେହି ଉତ୍କଣ୍ଠା ଆହୁରି ବଢ଼ିଯାଇଛି। ପୁଣି ଦକ୍ଷିଣ ମେରୁରେ ଲ୍ୟାଣ୍ଡିଂ କରିବାରେ ଭାରତ ପ୍ରଥମ ଦେଶ ହୋଇଥିବାରୁ ଏହା ସମସ୍ତ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ସେହିପରି ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ଭାରତ ମଧ୍ୟ ଇତିହାସ ରଚିପାରେ ବୋଲି ପ୍ରମାଣିତ ହୋଇଛି।

- ବିଭୁଦତ୍ତ ପାଣିଗ୍ରାହୀ, ଛାତ୍ର

ଲ୍ୟାଣ୍ଡିଂର ଲାଇଭ ଦୃଶ୍ୟ ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୮ (ଅନିଲ ଦାସ)

ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ ବୁଧବାର ସଫଳତାର ସହ ଲ୍ୟାଣ୍ଡିଂ କରିଛି। ଏହି ଅବିସ୍ମରଣୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଏକ ଐତିହାସିକ ସଫଳତା। ଭାରତ ପାଇଁ ଏହା ଏକ ଚମତ୍କାର ଉପଲବ୍ଧି। ଏହି ଐତିହାସିକ ପ୍ରକଳ୍ପରେ ସାମିଲ ହୋଇଥିବା ସମସ୍ତ ବୈଜ୍ଞାନିକ ଓ ବିଶେଷଜ୍ଞମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ବୁଧବାର ଅପରାହ୍ଣରେ ଚନ୍ଦ୍ରୟାନ ଅବତରଣ ଲାଇଭ ଦୃଶ୍ୟକୁ ଟିଭିରେ ଦେଖିଥିଲେ। ଏହି ସମୟରେ ୫-ଟି ସଚିବ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅମୃତକାଳ ପ୍ରାରମ୍ଭରେ ଅବିସ୍ମରଣୀୟ ଉପଲବ୍ଧି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ନେଇ ଖୁସି ପ୍ରକାଶ କରିବା ସହ ଇସ୍ରୋ ସମେତ ଦେଶର ବୈଜ୍ଞାନିକ ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅମୃତକାଳର ପ୍ରାରମ୍ଭରେ ଏହା ଅବିସ୍ମରଣୀୟ ଉପଲବ୍ଧି। ଚନ୍ଦ୍ରଯାନ-୩ର ଐତିହାସିକ ଉପଲବ୍ଧିକୁ ସମଗ୍ର ଭାରତବର୍ଷ ଉତ୍ସାହର ସହ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚନ୍ଦ୍ରଯାନ-୩ ଖବର ସହ ପ୍ରତିଟି ମୁହୂର୍ତ୍ତରେ ଯୋଡ଼ିହୋଇ ରହିଥିଲେ। ପ୍ରଧାନମନ୍ତ୍ରୀ ଯେଉଁଠାରେ ବି ରୁହନ୍ତୁ ଏକ ପରିବାରର ସଦସ୍ୟ ଭଳି ଦେଶ ଏବଂ ଦେଶର ଜନତାଙ୍କ ସାଥିରେ ରହିଥାନ୍ତି। ଏହି ଗୌରବମୟ ଉପଲବ୍ଧି ଅବସରରେ ବୈଜ୍ଞାନିକଙ୍କ ମନୋବଳ ବଢ଼ାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

'ପାନୀୟଜଳ, ଜମି ସମସ୍ୟା ସମାଧାନ ହେବ'

୫-ଟି ସଚିବ ଭି. କେ. ପାଣ୍ଡିଆନ ଜଟଣୀ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ଏବଂ ସମାବେଶରେ ଉପସ୍ଥିତ ଜନସାଧାରଣ।

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ଜଟଣୀ (ରବୀନ୍ଦ୍ର ମହାକୁଡ଼)/ବାଲିଅନ୍ତା (ନୀଳମାଧବ ସାହୁ), ୨୩।୮

୫-ଟି ସଚିବଙ୍କ ଜଟଣୀ ଗସ୍ତ

- ବିଭିନ୍ନ ଧର୍ମାନୁଷ୍ଠାନ ପାଇଁ ଅଗଷ୍ଟ ୩୧ ସୁଦ୍ଧା ଅର୍ଥ ଘୋଷଣା
- ୫୦୩ କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ ସମ୍ପର୍କରେ ସୂଚନା
- ଜୟଦେବ ପୀଠ ଉନ୍ନତୀକରଣ କରାଯିବ

୫-ଟି ସଚିବ ଭି. କେ. ପାଣ୍ଡିଆନ ବୁଧବାର ଖୋର୍ଦ୍ଧା ଜିଲାର ଜଟଣୀ ଗସ୍ତରେ ଆସି ବଡ଼ନୂଆଗାଁ ମୌଜା ଖେଳ ପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ତାଙ୍କୁ ମହିଳାଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ୫-ଟି ସଚିବ ଉପସ୍ଥିତ ମିଶନଶକ୍ତି ସଦସ୍ୟା ଓ ଜନସାଧାରଣଙ୍କଠାରୁ ୪ଶହରୁ ଉର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ମହିଳାମାନେ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ଉଦ୍‌ବୋଧନ ଦେଇ ୫-ଟି ସଚିବ କହିଥିଲେ, ପ୍ରଥମେ ଧର୍ମାନୁଷ୍ଠାନ ଏବଂ ଗୋଷ୍ଠୀ କେନ୍ଦ୍ର ପାଇଁ ଆସିଥିବା ଅଭିଯୋଗ ଉପରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ଅର୍ଥ ଘୋଷଣା କରିବେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ଟି ଅନୁଷ୍ଠାନକୁ ପ୍ରଥମ କିସ୍ତି ଅନୁଦାନ ରାଶିର ଠିକ ବିନିଯୋଗ କଲେ ଦ୍ୱିତୀୟ ଓ ତୃତୀୟ କିସ୍ତି ପ୍ରଦାନ କରାଯିବ। ଗାଁଗୁଡ଼ିକରେ ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ପହଞ୍ଚିବେ ଏବଂ ଦୁଇଦିନ ମଧ୍ୟରେ ଜିଲା ପ୍ରଶାସନ ସମାଧାନ କଲା କି ନାହିଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ଅଭିଯୋଗ କର୍ତ୍ତାଙ୍କ ନିକଟକୁ ଫୋନ ଯିବ ବୋଲି ସେ କହିଥିଲେ। ଖୋର୍ଦ୍ଧାରୁ ଜଟଣୀ-ପିପିଲି ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୨୧ କୋଟି, ପଟ୍ଟନାୟିକିଆ-ଡେଲାଙ୍ଗ - ଖୋର୍ଦ୍ଧା ରାସ୍ତା ପାଇଁ ୩୨ କୋଟି ଟଙ୍କା ମଞ୍ଜୁର କରିଥିବା ସେ ସୂଚନା ଦେଇଥିଲେ। ୧୦୫ କୋଟି ଟଙ୍କା ବିନିଯୋଗରେ ନିର୍ମାଣାଧୀନ ଜଟଣୀ ଫ୍ଲାଏ ଓଭରବ୍ରିଜ, ଜଟଣୀ ବ୍ଲକରେ ଖେଳର ବିକାଶ ପାଇଁ ୯ କୋଟି ଟଙ୍କାରେ ନିର୍ମିତ ହେଉଥିବା ପ୍ରକଳ୍ପକୁ ଖୁବଶୀଘ୍ର ଉଦ୍‌ଘାଟନ କରାଯିବ। ଶ୍ରୀଜଗନ୍ନାଥ ଜମି, ଏକହଜରତ ମାହାଲ ଓ ଖାସ୍‌ମାହାଲ ଜମି ସମସ୍ୟା ସମେତ ଷ୍ଟ୍ରିଟଭେଣ୍ଡରଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଜଟଣୀ, ଖୋର୍ଦ୍ଧା ଓ ବେଗୁନିଆ ବ୍ଲକର ପଞ୍ଚାୟତଗୁଡ଼ିକରେ ୫୦୩ କୋଟି ଟଙ୍କା ବ୍ୟୟରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଘରେ ଘରେ ପାଇପଯୋଗେ ପାନୀୟଜଳ ପହଞ୍ଚିବ। ଭୁବନେଶ୍ୱର ଉପକଣ୍ଠ ଗାଁଗୁଡ଼ିକରେ ରାସ୍ତାର ବିକାଶ ପାଇଁ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗତ ଏକ ବର୍ଷରେ ମିଶନଶକ୍ତି ଜରିଆରେ ୧୧ ହଜାର ୩୦୦ କୋଟି ଟଙ୍କା ଋଣ ନେଇଥିବାବେଳେ ସେଥିରୁ ଖୋର୍ଦ୍ଧା ଜିଲାର ୧୬,୨୦୦ ଗ୍ରୁପ୍ ୬୫୦ କୋଟି ଟଙ୍କା ଋଣ ନେଇ ଭଲ କାମ କରିଛନ୍ତି। ପରିବାର ସଶକ୍ତ ହେଲେ ଓଡ଼ିଶା ଉନ୍ନତି କରିବ ବୋଲି ପାଣ୍ଡିଆନ କହିଥିଲେ।

ଅପରାହ୍ଣ ୩ଟାରେ ୫-ଟି ସଚିବ ପାଣ୍ଡିଆନ ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇ ଉପସ୍ଥିତ ମହିଳା ଓ ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମହିଳାମାନେ ପାଣ୍ଡିଆନଙ୍କ ହାତରେ ରାଖୀ ବାନ୍ଧିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମହିଳାମାନେ ତାଙ୍କୁ ଉପହାରସ୍ୱରୂପ ପଟ୍ଟଚିତ୍ର, ବିଭିନ୍ନ ଫଟୋ ପ୍ରଦାନ କରିଥିଲେ। ପାଣ୍ଡିଆନ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ, ମିଶନଶକ୍ତି ମହିଳାଙ୍କୁ ଅଧିକ ସଶକ୍ତ କରିବା ପାଇଁ ଆଗକୁ ମୁଖ୍ୟମନ୍ତ୍ରୀ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପରିମାଣକୁ ବଢ଼ାଇବେ। ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ, ଆପଣମାନେ ଭଲରେ ରହିଲେ ପରିବାର ଏବଂ ଓଡ଼ିଶା ଆଗେଇବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ। ଜୟଦେବ ପୀଠର ଉନ୍ନତୀକରଣ କରାଯିବ। ସେହିଭଳି ଖୋର୍ଦ୍ଧା ଜିଲାର ୧୦୮ଟି ଯୁକ୍ତ୨, ଯୁକ୍ତ୩ କଲେଜକୁ ୫-ଟିରେ ସାମିଲ କରାଯିବ। କୁଶଭଦ୍ରା, କୁଆଖାଇ ନଦୀ ପ୍ରକଳ୍ପ ପାଇଁ ୨୦୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୪ ଜୁନ୍ ସୁଦ୍ଧା ବାଲିଅନ୍ତା, ବାଲିପାଟଣାର ପ୍ରତି ଘରେ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ମାଲିକଙ୍କ ଅଜାଣତରେ ଜମି ବିକ୍ରି ଉଦ୍ୟମ

- ୨ ଗିରଫ, ୬ ଲକ୍ଷ ୪୦ ହଜାର ଟଙ୍କା ଜବତ
- ନକଲି ଦସ୍ତାବିଜରେ ହେଉଥିଲା କିଣାବିକା

ସମ୍ବଲପୁର, ୨୩।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ମାଲିକ ଅଜାଣତରେ ହେଉଥିଲା ଜମି ବିକ୍ରି। ଦଲାଲମାନେ ନକଲି ଦସ୍ତାବିଜ ତିଆରି କରି ଜମି କିଣାବିକା କରୁଥିଲେ। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୁର୍ଲା ଥାନା ମାଝିପାଲି ଗ୍ରାମର ଚନ୍ଦ୍ରଶେଖର ବିଶ୍ୱାଳ (୩୦) ଓ କ୍ଷେତରାଜପୁର ଥାନା ନୂଆପଡ଼ାର ଟେଙ୍ଗୁନୁ ହରିପାଲ (୩୫)। ଅଭିଯୁକ୍ତଙ୍କ ନିକଟରୁ ବୁର୍ଲା ସହର ମ୍ୟାପ୍, ନକଲି ଚୁକ୍ତିନାମା, ଆଧାର କାର୍ଡ ଭଳି କାଗଜପତ୍ର ସହ ୬ ଲକ୍ଷ ୪୦ ହଜାର ଟଙ୍କା ଜବତ କରାଯାଇଛି। ଏଥିରେ ଏକ ର୍ୟାକେଟ କାମ କରୁଥିବାରୁ ଆଗକୁ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବୁଧବାର ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

ଗିରଫ ଜମି ଦଲାଲ।

ସୂଚନା ଅନୁସାରେ, ଅନୁଗୋଳ ଜିଲା ଖମାର ଗ୍ରାମର ସୂର୍ଯ୍ୟକାନ୍ତ ନାଏକ ବୁର୍ଲା ମୌଜାରେ ୧ ଏକର ୬୫ ଡେସିମିଲ ଜମି ଅଭିଯୁକ୍ତଙ୍କ ଜରିଆରେ କିଣିଥିଲେ। ଏଥିପାଇଁ ସେ ୨ ଲକ୍ଷ ନଗଦ ଓ ୨୮ ଲକ୍ଷ ଟଙ୍କା ଚେକ୍ ଆକାରରେ ଦେଇଥିଲେ। ଏହି ଜମି ମୋଟ ୨ କୋଟି ୧୮ ଲକ୍ଷ ୫୯ ହଜାର ଟଙ୍କାରେ ବିକ୍ରି ପାଇଁ ଚୂଡ଼ାନ୍ତ ହୋଇଥିଲା। ଗତ ଫେବୃୟାରୀ ମାସରେ ଅଭିଯୁକ୍ତମାନେ ଅଗ୍ରିମ ଟଙ୍କା ନେଇଥିଲେ ମଧ୍ୟ ଜମି ଦେଉ ନ ଥିଲେ। ଜମି ସମତଳ କରିବା ସମୟରେ ପ୍ରକୃତ ମାଲିକ ପୁରନ୍ଦର ରଣା, ନର ରଣା, ହିରଣ୍ମୟ ରଣା, ହରିହର ରଣା ବିରୋଧ କରିଥିଲେ। ଏହି ସମୟରେ ସୂର୍ଯ୍ୟକାନ୍ତ ଠକେଇର ଶିକାର ହୋଇଥିବା ଜାଣିଥିଲେ। ପରେ ସେ ଗତ ୨୧ ତାରିଖରେ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୁର୍ଲା ଏସ୍‌ଡିପିଓ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ସବୁ ରେକର୍ଡପତ୍ର ଯାଞ୍ଚ କରିବା ପରେ ପୋଲିସ ଟିମ୍ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବ୍ୟାଙ୍କ ଜମା ଖାତା ଫ୍ରିଜ୍ କରାଯାଇଛି। ଅଗ୍ରିମ ନେଇଥିବା ୩୦ ଲକ୍ଷରୁ ୮ ଲକ୍ଷ ବାକିରହିଥିଲା, ଯାହାକୁ ପୋଲିସ ଜବତ କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି-ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ- ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। -ଶ୍ରୀମା

ବିତ୍ତୀୟ ସେବାରୁ ସ୍ୱାସ୍ଥ୍ୟଗତ ଲାଭ

କିମ୍ ଫେ କ୍ରାମର

ବିଶ୍ୱ ଜନସଂଖ୍ୟାର ଅତିକମ୍‌ରେ ଅଧା ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହା ସହ ସ୍ୱାସ୍ଥ୍ୟସେବାର ଅତ୍ୟଧିକ ବ୍ୟୟ ପ୍ରତିବର୍ଷ ୧୦୦ ମିଲିୟନ ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେଉଛି। ଏଣୁ ଅଭାବ ରହୁଥିବା ସଂସାଧନଗୁଡ଼ିକର କିପରି ସୁବଣ୍ଟନ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦେବା ଉଚିତ ଏବଂ ଏହି ସମସ୍ୟା ସମାଧାନ କରିବାରେ ଅର୍ଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ବିଶ୍ୱାସ କରିବା ଦରକାର। ୬୦ଟିରୁ ଅଧିକ ଦେଶ ସ୍ୱାସ୍ଥ୍ୟସେବା ସୁଧାରିବାରେ ସେମାନଙ୍କର ଜାତୀୟ ବିତ୍ତୀୟ ସମାବେଶନ ରଣନୀତି ଆରମ୍ଭ କରିଛନ୍ତି ଏବଂ ସେଗୁଡ଼ିକର ପ୍ରଭାବ ଜାଣିବାକୁ ବୈଜ୍ଞାନିକ ଗବେଷଣା ମଧ୍ୟ ଆଗ୍ରହୀ ହୋଇପଡ଼ିଛି। ସ୍ୱାସ୍ଥ୍ୟ ପାଇଁ ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ଏଯାବତ କୌଣସି ପ୍ରମାଣ ନ ଥିଲା। ପରିବାରର ସଞ୍ଚୟ ଆକାଉଣ୍ଟ, ରଣ ଏବଂ ସ୍ୱାସ୍ଥ୍ୟବୀମାକୁ ନେଇ କରାଯାଉଥିବା ଇଚ୍ଛାମୁତାବକ ଚୟନ ନିୟନ୍ତ୍ରିତ ପରୀକ୍ଷଣରେ କୌଣସି ପ୍ରଭାବ ଥିବା ଦେଖିବାକୁ ମିଳିନାହିଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅଧ୍ୟୟନଗୁଡ଼ିକ ବ୍ୟାଙ୍କିଙ୍ଗ୍‌ର ଗୁରୁତ୍ୱପୂର୍ଣ୍ଣ ଦୀର୍ଘମିଆଦୀ ତଥା ବ୍ୟାପକ ଦିଗଗୁଡ଼ିକୁ ପରୀକ୍ଷଣ କରି ନ ଥିଲେ କିମ୍ବା ବ୍ୟବସାୟ ତଥା ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସେବା ପାଇଁ ଉତ୍ତରଦାୟୀ ରହି ନ ଥିଲେ। ତେବେ ନିକଟରେ ଏକ ଅଧ୍ୟୟନରେ ମୁଁ ଏକ ବାସ୍ତବ ପରୀକ୍ଷଣ ପଦ୍ଧତିକୁ ବ୍ୟବହାର କରିଥିଲି, ଯେଉଁଥିରେ ଦେଶ ସାରା ୧୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଲାଗୁ ହୋଇଥିବା ବିତ୍ତୀୟ ସମାବେଶନର ବିକାଶ ଏବଂ ବଜାରରେ ବିଭିନ୍ନ ସଂସ୍ଥା ଉପରେ ଏହାର ପ୍ରଭାବକୁ ଆକଳନ କରାଯାଇଥିଲା। ଦେଖାଯାଇଥିଲା ଯେ, ଭାରତରେ ବ୍ୟାଙ୍କ ଉପସ୍ଥିତି ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲା। ପୂର୍ବ ଗବେଷଣା ତୁଳନାରେ ମୁଁ ଏହି ଅଧ୍ୟୟନରେ ପରିବାରର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହୋଇଥିବା ଦେଖିବାକୁ ପାଇଥିଲି।

୨୦୦୫ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଦେଶର ସବୁଆଡେ ଯେଉଁ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କମ୍ ଥିଲା ସେଠାରେ ବ୍ୟାଙ୍କଗୁଡ଼ିକୁ ନୂଆ ଶାଖା ଖୋଲିବାକୁ ପ୍ରେରିତ କରିବା ପାଇଁ ଏକ ନୂଆ ନୀତି ଆରମ୍ଭ କରିଥିଲା। ଫଳରେ ଏହିସବୁ ଜିଲାରେ ୫ ବର୍ଷ ପରେ ବ୍ୟାଙ୍କ ଶାଖାଗୁଡ଼ିକର ସଂଖ୍ୟା ୧୯% ବୃଦ୍ଧି ପାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶରେ ପାରିବାରିକ ସ୍ତରରେ ହୋଇଥିବା ଦୁଇଟି ସର୍ବେକ୍ଷଣରୁ ଜଣାପଡ଼ିଛି, ଯେଉଁଠାରେ ଏହି ନୀତି ଲାଗୁ କରାଯାଇ ନ ଥିଲା ତା' ତୁଳନାରେ ଏହି ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇଥିବା ଦେଖାଯାଇଛି। ଆର୍‌ବିଆଇ ଯୋଜନା କାର୍ଯ୍ୟକାରୀ ହେବାର ୬ ବର୍ଷ ପରେ ଭାରତର ମାନବ ବିକାଶ ସର୍ଭେ(ଆଇଏଚ୍‌ଡିଏସ୍) ଦର୍ଶାଇଥିଲା ଯେ, ଯେଉଁ ଜିଲାଗୁଡ଼ିକରେ ଅଧିକ ବ୍ୟାଙ୍କ ଖୋଲାଯାଇଥିଲା ସେଠାକାର ପରିବାରଗୁଡ଼ିକରେ ୩୬% କମ୍ ଅଣ-କ୍ରନିକ ଡିଜିଜ୍ ଯଥା ଜ୍ୱର କିମ୍ବା ଡାଇରିଆ ଦେଖାଯାଇଥିଲା।

ସେହିଭଳି ଆର୍‌ବିଆଇ ଯୋଜନା ଲାଗୁ ହେବା ପରେ ୧୦ ବର୍ଷରେ ଥରେ ହେଉଥିବା ଜନସାଂଖ୍ୟିକ ଓ ସ୍ୱାସ୍ଥ୍ୟ ସର୍ଭେ ମଧ୍ୟ ଦର୍ଶାଇଛି ଯେ, ସେହିସବୁ ଜିଲାରେ ଟିକାକରଣ ହାର ଅଧିକ ହେବା ସହ ଗର୍ଭଧାରଣଜିନତ ବିପଦ କମ୍ ରହିଛି। ଅସୁସ୍ଥତା ହାର କମ୍ ହେବା ଯୋଗୁ ତାହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅର୍ଥନୈତିକ ପରିଣାମରେ ଉନ୍ନତି ଆଣିଥିଲା। ଆଇଏଚ୍‌ଡିଏସ୍ ଦର୍ଶାଏ ଯେ, ଅସୁସ୍ଥତା କାରଣରୁ କମ୍ ସ୍କୁଲ ଯିବା ଓ କମ୍ କାମ କରିବାରେ ପରିବର୍ତ୍ତନ ଦେଖାଯାଇଥିଲା ଏବଂ ଚିକିତ୍ସା ଖର୍ଚ୍ଚ କମିଥିଲା।

ସମ୍ଭବତଃ ସ୍ୱାସ୍ଥ୍ୟ ପରିଣାମରେ ଉନ୍ନତି ଆଣିବା ଲାଗି ତିନୋଟି ପ୍ରକ୍ରିୟା ବଡ଼ ଭୂମିକା ଗ୍ରହଣ କରିଥିଲା। ଯେଉଁ ବ୍ୟାଙ୍କଗୁଡ଼ିକ ଶାଖା ଖୋଲିଥିଲେ ସେମାନେ ସ୍ଥାନୀୟ ବ୍ୟବସାୟକୁ ରଣ ଯୋଗାଇ ଦେଇଥିଲେ, ଯାହାକି ପରିବାରଗୁଡ଼ିକୁ ଅଧିକ ରୋଜଗାର କରିବାଏବଂ ସ୍ୱାସ୍ଥ୍ୟରେ ଅଧିକ ବିନିଯୋଗ କରିବାକୁ ଅନୁମତି ଦେଇଥିଲା। ଦ୍ୱିତୀୟତଃ, ପରିବାରଗୁଡ଼ିକ ସିଧାସଳଖ ଆର୍ଥିକ ସେବା ପାଇପାରିଲେ। ସେମାନେ ସଞ୍ଚୟ ଖାତା ଖୋଲିଲେ ଏବଂ ସ୍ୱାସ୍ଥ୍ୟ ବୀମା ମଧ୍ୟ କିଣିପାରିଲେ। ଅଧାରୁ ଅଧିକ ବିକାଶଶୀଳ ଦେଶଗୁଡିକ ଭଳି ଭାରତରେ ଲୋକାଲ ବ୍ୟାଙ୍କଗୁଡିକ ସେମାନଙ୍କ ଗ୍ରାହକଙ୍କୁ ସ୍ୱାସ୍ଥ୍ୟ ବୀମା ପଲିସି ବିକ୍ରୟ କରିବା ସହ ପ୍ରମୁଖ ସହରଗୁଡିକରେ ବୀମା କମ୍ପାନୀଗୁଡିକ ପାଇଁ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଛନ୍ତି। ସବୁଠୁ ବିକଶିତ ଦେଶଠାରୁ ଏହା ପୂରା ଭିନ୍ନ, କାରଣ ସେଠାରେ ସ୍ୱାସ୍ଥ୍ୟ ବୀମା କେବଳ ବୀମା କମ୍ପାନୀଗୁଡିକଠାରୁ କିଣାଯାଇଥାଏ କିମ୍ବା ସରକାରୀ ଯୋଜନାରୁ ମିଳିଥାଏ।

ଶେଷରେ ବ୍ୟାଙ୍କ ଶାଖା ସଂଖ୍ୟା ବଢ଼ିବାରୁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନେ ରଣ ପାଇପାରିଲେ। ଆର୍‌ବିଆଇ ନୀତି ଲାଗୁ ହେବାର ୮ ବର୍ଷ ପରେ ପ୍ରୋତ୍ସାହନ ଦିଆଯାଇଥିବା ଜିଲାଗୁଡ଼ିକରେ କାର୍ଯ୍ୟକରୁଥିବା ହସ୍ପିଟାଲ ସଂଖ୍ୟା ୧୪୦% ବଢ଼ିଯାଇଥିଲା ଏବଂ ସେମାନେ ସଂସ୍ଥାଗତ ରଣ ପାଇଁ ବ୍ୟାଙ୍କରେ ପହଞ୍ଚିଥିଲେ। ଏହାସହ ସ୍ଥାନୀୟ ପରିବାରଗୁଡ଼ିକ ସ୍ୱାସ୍ଥ୍ୟସେବା ଯୋଗାଣରେ କମ୍ ସମସ୍ୟା ଥିବା ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଅଧିକ ରଣ ପ୍ରଦାନର ଗୁରୁତ୍ୱକୁ ନୀତି ନିର୍ଦ୍ଧାରକମାନେ ବି ହୃଦୟଙ୍ଗମ କରିଥିଲେ। କୋଭିଡ୍-୧୯ ସଙ୍କଟରେ, ମେ ୨୦୨୧ରେ ଏହି କ୍ଷେତ୍ର ପାଇଁ ସହଜରେ ରଣ ପାଇବା ଲାଗି ଆର୍‌ବିଆଇ ମଧ୍ୟ ୬.୭୮ ବିଲିୟନ ଡଲାର ପ୍ରଦାନ କରିଥିଲା।

ମୋ ଦ୍ୱାରା କରାଯାଇଥିବା ବାସ୍ତବ ପରୀକ୍ଷଣରେ ସ୍ୱାସ୍ଥ୍ୟ ଉପରେ ଅର୍ଥ ଯୋଗାଣର ମହତ୍ତ୍ୱପୂର୍ଣ୍ଣ ପ୍ରଭାବଗୁଡିକ ପୂର୍ବରୁ କରାଯାଉଥିବା ଇଚ୍ଛାମୁତାବକ ଚୟନ ନିୟନ୍ତ୍ରିତ ପରୀକ୍ଷଣ ଅପେକ୍ଷା ଅଧିକ ସ୍ପଷ୍ଟ ତଥା ପ୍ରମାଣିତ ହେବା ଦେଖାଯାଇଛି। ଏକ ବାସ୍ତବ ପରୀକ୍ଷଣ ଦ୍ୱାରା ବିତ୍ତୀୟ ଅନୁସନ୍ଧାନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭଲ ଗୁଣ ରହିଛି। ପ୍ରଥମତଃ, ଏହା ସାଧାରଣ ସନ୍ତୁଳନ ପ୍ରଭାବକୁ ଆୟତ୍ତ କରିବାକୁ ଜଣକୁ ଅନୁମତି ଦିଏ ଏବଂ ତଥ୍ୟ ଦର୍ଶାଏ ଯେ, ଏକ ଦୃଢ଼ ପ୍ରକ୍ରିୟା ସୃଷ୍ଟିକରି ସ୍ୱାସ୍ଥ୍ୟସେବା ବଜାରର ଉଭୟ ଚାହିଦା ଏବଂ ଯୋଗାଣ ବଢାଇଥାଏ। ଦ୍ୱିତୀୟତଃ,ଏକ ଦୀର୍ଘ ସମୟ ମଧ୍ୟରେ ଜଣେ ବ୍ୟାପକ ପ୍ରଭାବର ଅନୁସନ୍ଧାନ କରିପାରିବେ। କୌଣସି ଅଞ୍ଚଳରେ ଅଧିକ ବ୍ୟାଙ୍କ ଖୋଲିଲେ ତାହା ବିଶ୍ୱବ୍ୟାପୀ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ। ବ୍ୟାଙ୍କ ଶାଖାଗୁଡ଼ିକରେ ଉନ୍ନତ ଅର୍ଥ ଉପଲବ୍ଧ ବ୍ୟବସ୍ଥା ଓ ଅସୁସ୍ଥତା ହେତୁ ବିଦ୍ୟାଳୟରେ କମ୍ ଉପସ୍ଥିତି ମଧ୍ୟରେ ସମ୍ପର୍କକୁ ଦେଖିଲେ ଶିକ୍ଷା କ୍ଷେତ୍ରରେ ଆର୍ଥିକ-ଅନ୍ତର୍ଭୁକ୍ତ ପଦକ୍ଷେପ ସୁବିଧାଜନକ ହୋଇପାରିବ। ଏହା ପରିବାରକୁ ଶିକ୍ଷା କ୍ଷେତ୍ରରେ ଅଧିକ ବିନିଯୋଗ କରିବାକୁ ଅନୁମତି ଦେବା ସହ ନୂତନ ବିଦ୍ୟାଳୟ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୃଷ୍ଟି ପାଇଁ ରଣ ପ୍ରଦାନ କରିବ, ଯାହା ଶିକ୍ଷାରେ ଉତ୍ତମ ଫଳାଫଳ ଦେବ। ସ୍ୱାସ୍ଥ୍ୟ ପରିଣାମରେ ଉନ୍ନତି ଆଣିବାକୁ ଚାହୁଁଥିବା ବିକାଶଶୀଳ ଦେଶଗୁଡିକରେ ନୀତି ନିର୍ଦ୍ଧାରକଙ୍କ ପାଇଁ ଆର୍‌ବିଆଇ ନୀତିର ସଫଳତା ଶୁଭ ଲକ୍ଷଣ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ନିଆଯାଉଥିବା ସମାନ ପ୍ରକାର ପଦକ୍ଷେପ ଚାହିଦା ଏବଂ ଯୋଗାଣ ଉପରେ କିପରି ପ୍ରଭାବ ପକାଇପାରେ ତାହା ଉପରେ ଅଧିକ ଅଧ୍ୟୟନ କରିବାକୁ ନିଶ୍ଚିତ କରିବ। କମ୍ ସ୍ୱାସ୍ଥ୍ୟସେବା ଥିବା ଅଞ୍ଚଳରେ ବ୍ୟାଙ୍କ ଶାଖା ସଂଖ୍ୟା ବୃଦ୍ଧି ପାଇଁ ନୀତିଗତ ପ୍ରୋତ୍ସାହନ ଆଧୁନିକ ସ୍ୱାସ୍ଥ୍ୟ ସୂଚକାଙ୍କ ତୁଳନାରେ ଏକାଧିକ ସକାରାତ୍ମକ ପରିଣାମ ଆଣିବାର ସମ୍ଭାବନା ଅଧିକ।

ସହକାରୀ ପ୍ରାଧ୍ୟାପକ, ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ

ଗଞ୍ଜେଇ ଚାଷ ଯଥାର୍ଥ କି

ଡ. ଚିନ୍ତାମଣି ପଣ୍ଡା

ଦେଶ ସ୍ୱାଧୀନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ ଚାଷୀ ଭାଇମାନଙ୍କୁ ପାରମ୍ପରିକ ଧାନଚାଷ ପାଇଁ ବିଭିନ୍ନ ଉପାୟରେ ପ୍ରୋତ୍ସାହନ ଦେଇଆସୁଛନ୍ତି। ଯଥା ଉନ୍ନତ ବିହନ, ରିହାତି ଦରରେ ସାର, ବିକ୍ରିବଟାର ବନ୍ଦୋବସ୍ତ ଏବଂ ସର୍ବୋପରି ଉତ୍ତମ ଜ୍ଞାନ କୌଶଳ ବାବଦରେ ତାଲିମ ଇତ୍ୟାଦି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ବିନା କୌଣସି ସହାୟତାରେ ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ, ହିଂସ୍ର ଜନ୍ତୁ କିମ୍ବା ମାଓବାଦୀମାନଙ୍କ ଭୟକୁ ନ ଡରି, ବର୍ଷା ବିପ୍ରୀତ ତଥା ମରୁଡ଼ି ପାଇଁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶହ ଶହ ଏକର ଗଞ୍ଜେଇ ଚାଷ କରୁଥିବାର ଆମ ଅବକାରୀ ବିଭାଗ ଠାବ କରୁଛନ୍ତି। ଏହା କିପରି ଓ କାହିଁକି ସମ୍ଭବ ହେଉଛି ତାହା ହିଁ ଚିନ୍ତାର ବିଷୟ। ଯେତିକି ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି, ତାହାର କାହିଁ କେତେ ଗୁଣ ଚାଷ କରାଯାଉଥିବାରୁ ଶହ ଶହ ଟ୍ରକ ଗଞ୍ଜେଇ କେତେବେଳେ ତେଲଟ୍ୟାଙ୍କର ତ ପୁଣି କେତେବେଳେ ଆମ୍ବୁଲାନ୍ସରେ ଚାଲାଣ ବେଳେ ଧରାହେଉଥିବାର ଖବର ଶୁଣୁଛୁ। ଅନେକ ଦଲାଲ ମଧ୍ୟ ହାଜତକୁ ଯାଉଛନ୍ତି। ତଥାପି ଏସବୁକୁ ଭୃକ୍ଷେପ ନ କରି ଗଞ୍ଜେଇ ଚାଷ ହେଉଛି କିପରି ? ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ଉତ୍ତର ପ୍ରଦେଶ ପରି ରାଜ୍ୟଗୁଡ଼ିକ ଗଞ୍ଜେଇ ଚାଷକୁ ଅପରାଧମୁକ୍ତ କରି ନିୟନ୍ତ୍ରଣରେ ରଖିଛନ୍ତି। ଯେହେତୁ ଏନ୍‌ଡିପିଏସ୍ ଆଇନ ୧୯୮୫ ଅନୁଯାୟୀ ରାଜ୍ୟଗୁଡ଼ିକ ନିଜ ନିଜର ସୁବିଧାରେ ଏହି ଚାଷକୁ ଅପରାଧମୁକ୍ତ କରି ନିଜ ନିୟନ୍ତ୍ରଣକୁ ଆଣିପାରିବେ। ଯଦି ଓଡ଼ିଶା ପ୍ରସଙ୍ଗକୁ ଆସିବା, ଆମ ରାଜ୍ୟ, ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳର ଜଳବାୟୁ ଗଞ୍ଜେଇ ଚାଷ ପାଇଁ ଉପଯୁକ୍ତ। ଏହା ସାଙ୍ଗକୁ ଯେଉଁ ଦେଶୀ ଗଞ୍ଜେଇ କିସମ ଏ ଅଞ୍ଚଳରେ ମିଳେ, ତାହାର ଦୁଇଟି ଉତ୍ତମ ଗୁଣ ହେଲା ଔଷଧୀୟ ଉପାଦାନ ଓ ମଞ୍ଜି ଉତ୍ପାଦନ କ୍ଷମତା, ଅର୍ଥାତ୍ ଓଡ଼ିଶା ଗଞ୍ଜେଇରୁ ମିଳୁଥିବା ଜୈବ ରସାୟନଯୁକ୍ତ ତନ୍ତୁ ପୃଥିବୀ ପ୍ରସିଦ୍ଧ। ଗଞ୍ଜେଇ ମଞ୍ଜିର ତେଲରେ ଓମେଗା ୩ ଓ ୬ ଜାତୀୟ ସ୍ନେହସାର ସନ୍ତୁଳିତ ପରିମାଣରେ ପ୍ରଚୁର ମାତ୍ରାରେ ଥିବାରୁ ଏହା ସର୍ବୋତ୍କୃଷ୍ଟ ଜୈବ ରସାୟନ। ସେଥିପାଇଁ କେବଳ ଏଲୋପାଥିକ କାହିଁକି ୧୫୭ ପ୍ରକାରର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ଏହା ବ୍ୟବହୃତ ହୋଇଥାଏ। ଏହାର ଉପଯୋଗରେ ଦୁରାରୋଗ୍ୟ କର୍କଟ, ଏଡ୍‌ସ ତଥା ଅପସ୍ମାର ଭଳି ବେମାରିର ଚିକିତ୍ସା କରାଯାଇଥାଏ। ସେଥିପାଇଁ ଓଡ଼ିଶା ଗଞ୍ଜେଇର ଚାହିଦା ଦୃଷ୍ଟିରୁ ସବୁ ଔଷଧ କମ୍ପାନୀ କଞ୍ଚାମାଲ ପାଇଁ ଏହି ଚାଷକୁ ଅପରାଧମୁକ୍ତ କରିବାକୁ ଦାବି ଉଠାନ୍ତି।

ଅପରପକ୍ଷେ ଗଞ୍ଜେଇ ଗଛର ମରୁଡ଼ି ଓ ରୋଗ ସହଣି ଶକ୍ତି ଅଧିକ ଏବଂ ଏହା ଅଧିକ ଶ୍ରମସାପେକ୍ଷ ନୁହେଁ। ଗଞ୍ଜେଇ ଗଛର ତନ୍ତୁରୁ ବିଶ୍ୱର ସବୁଠୁ ମଜଭୁତ ଶୀତ ତାପ ନିରୋଧୀ, ଜୀବାଣୁମୁକ୍ତ, କାଗଜ ତଥା ପ୍ଲାଷ୍ଟିକ ଉପକରଣ ତିଆରି କରାଯାଇଥାଏ। ପାରମ୍ପରିକ ଚାଷ ଅପେକ୍ଷା ଏଥିରୁ ଅଧିକ ଲାଭ ମିଳୁଥିବାରୁ ସ୍ୱାଭିମାନ ଅଞ୍ଚଳର ଚାଷୀମାନେ ମଧ୍ୟ ଏହି ଚାଷକୁ ଅପରାଧମୁକ୍ତ କରିବାକୁ ଦାବି କରନ୍ତି। ଅଶୀ ଦଶକ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା କୋରାପୁଟ ଓ ଲଚିଦା ଫାର୍ମ, ସମ୍ବଲପୁରରେ ସରକାରୀ ଭାବରେ ଗଞ୍ଜେଇ ଚାଷ କରାଯାଉଥିଲା। ଅନ୍ୟପକ୍ଷରେ କେଉଁ ଆବହମାନ କାଳରୁ ଗଞ୍ଜେଇର ବ୍ୟବହାର ଗାଁ ଗହଳିର ତ୍ରିନାଥ ମେଳାଠାରୁ ଆରମ୍ଭକରି ଅତ୍ୟାଧୁନିକ କାଉଡ଼ିଆ ଯାତ୍ରା ପର୍ଯ୍ୟନ୍ତ ସବୁଠି ବହୁଳ ଭାବରେ ଦେଖାଯାଏ। ଉତ୍କୃଷ୍ଟ ଚାହିଦା ଦୃଷ୍ଟିରୁ ଚୋରା ଚାଲାଣକାରୀମାନେ ଅତ୍ୟାଧୁନିକ ଉପାୟରେ ଏହାକୁ ଉପାନ୍ତ ଅଞ୍ଚଳରୁ ସଂଗ୍ରହକରି କଳାବଜାର ମାନଙ୍କରେ ଚଢ଼ାଦରରେ ଉପଲବ୍ଧ କରାଇଥାନ୍ତି।

ଅତଏବ ଆମେ ଆନ୍ତର୍ଜାତିକ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଏହି ଚାଷକୁ ଅପରାଧମୁକ୍ତ ତଥା ନିୟନ୍ତ୍ରଣଯୁକ୍ତ କଲେ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଉପଯୁକ୍ତ ଗୁଣବତ୍ତା ବିଶିଷ୍ଟ କଞ୍ଚାମାଲ ପାଇ ଜୀବନରକ୍ଷାକରୀ ଔଷଧ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଉପାନ୍ତ ଅଞ୍ଚଳର ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଲାଭାନ୍ୱିତ ହୋଇପାରନ୍ତେ। ଏତଦ୍ ବ୍ୟତୀତ ଗଞ୍ଜେଇର ଚୋରା ଚାଲାଣ, କଳାବଜାର, ଥାନା ପୋଡ଼ାଜଳା ଓ ତଜ୍ଜନିତ ଆଇନଶୃଙ୍ଖଳା ପରିସ୍ଥିତି କମିବା ସହିତ ସରକାର ମଧ୍ୟ ନିଜର ରାଜସ୍ୱ ବୃଦ୍ଧି କରିପାରନ୍ତେ। ତେଣୁ ଚିନ୍ତାନାୟକ ତଥା ଆଇନ ପ୍ରଣୟନକାରୀମାନଙ୍କୁ ଏ ଦିଗରେ ମାନସ ମନ୍ଥନ କରିବାର ସମୟ ଆସିଯାଇଛି।

ପ୍ରାକ୍ତନ ଅଧକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା
ମୋ: ୮୧୪୪୦୬୬୦୧୬

ଏଇ ଭାରତରେ

୨୦୦୯ରେ ଏଚ୍‌ଆଇଭିରେ ପୀଡ଼ିତ ହୋଇଥିବା ଜଣାପଡ଼ିବା ପରେ ଗୌତମ ଯାଦବ ଏହି ରୋଗକୁ ମୁକାବିଲା କରି କେବଳ ନୂଆ ଜୀବନ ଜିଉଛନ୍ତି। କେବଳ ଏତିକି ନୁହେଁ ସେ ୧୫ ବର୍ଷ ହେଲା ଏଚଆଇଭି ସମ୍ପର୍କରେ ସଚେତନତା ସୃଷ୍ଟି କରିଚାଲିଛନ୍ତି। ଗୌତମ ରହୁଛନ୍ତି ଦିଲ୍ଲୀରେ। ସେ ଦିଲ୍ଲୀର ଏଚ୍‌ଆଇଭି/ଏଡ୍‌ସ କ୍ଷେତ୍ରରେ କାମ କରୁଥିବା ଏକ ଏନ୍‌ଜିଓରେ ପ୍ରୋଗ୍ରାମ ଅଫିସର ଭାବେ କାମ କରି ପୀଡ଼ିତଙ୍କୁ ଏହି ରୋଗକୁ ମୁକାବିଲା କରିବା ଏବଂ ଏହା ପଛରେ ଥିବା ଭ୍ରାନ୍ତ ଧାରଣା ଦୂର କରିବାରେ ପ୍ରମୁଖ ଭୂମିକା ନେଇ ଆସୁଛନ୍ତି। ଏହି ରୋଗକୁ ଲୁଚାଉ ଥିବା ବ୍ୟକ୍ତିଙ୍କୁ ଠାବ କରି ସେମାନଙ୍କୁ ହସ୍ପିଟାଲକୁ ଆଣୁଛନ୍ତି। ଗୌତମ ଏବେସୁଦ୍ଧା ୫୦୦ରୁ ଅଧିକ ଏଚ୍‌ଆଇଭି ପୀଡ଼ିତଙ୍କୁ ସାହାଯ୍ୟ କରିସାରିଲେଣି। ତାଙ୍କର ଏଭଳି କାର୍ଯ୍ୟ ଲାଗି ଦେଶ ପକ୍ଷରୁ ତାଙ୍କୁ ଆମେରିକା, ସୁଇଜରଲାଣ୍ଡ ଏବଂ ଥାଇଲାଣ୍ଡରେ ଅନୁଷ୍ଠିତ ଏଚ୍‌ଆଇଭି ସମ୍ପର୍କିତ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ଏହାବ୍ୟତୀତ ସେ ୟୁନେସ୍କୋ ସହ ମଧ୍ୟ କାର୍ଯ୍ୟ କରୁଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ

୨୪ ଅଗଷ୍ଟ ୧୯୯୮

- ଆଫଗାନିସ୍ତାନ ଓ ସୁଦାନ ଉପରେ କରାଯାଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଆମେରିକା ବିରୁଦ୍ଧରେ ରୁଷିଆର ସ୍ୱୟଂ ଘୋଷିତ ସ୍ୱାଧୀନ ରାଷ୍ଟ୍ର ଚେଚେନିୟାର ଯୁଦ୍ଧ ଘୋଷଣା।
- ବିଦ୍ରୋହୀ ସୌଦୀ କୋଟିପତି ଓସାମା ବିନ୍ ଲାଡେନ୍‌ଙ୍କ ନେତୃତ୍ୱାଧୀନ ସଙ୍ଗଠନ ବିରୁଦ୍ଧରେ ଅର୍ଥ ଓ ସାମରିକ ବଳ ପ୍ରୟୋଗ ପାଇଁ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ନିର୍ଦ୍ଦେଶ।
- ବଡ଼ମ୍ବାର ପୂର୍ବତନ ବିଧାୟକ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ପ୍ରତାପ ପଟ୍ଟନାୟକଙ୍କ ୭୮ ବର୍ଷ ବୟସରେ ପରଲୋକ।

su | do | ku ସୁ-ଡୋ-କୁ
Puzzles by Srikant Ghosh

		1				2		4
2								
8				7				
9	1		6			5		
	8		2			6	1	
		6	7					
	2						6	
	3				8	1	9	
	4			1		8		2

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

6	9	3	8	4	7	1	2	5
5	8	4	6	1	2	3	9	7
7	1	2	9	3	5	4	8	6
4	5	9	3	8	6	7	1	2
2	3	1	5	7	4	8	6	9
8	7	6	2	9	1	5	4	3
3	4	5	1	6	9	2	7	8
1	6	8	7	2	3	9	5	4
9	2	7	4	5	8	6	3	1

ଗତକାଲିର ଉତ୍ତର

ଚନ୍ଦ୍ରରେ ଭାରତ

ଡ. ନରେନ୍ଦ୍ର ସେଠୀ

୨୦୦୩ ଅଗଷ୍ଟ ୧୫ରେ ଲାଲ୍‌କିଲ୍ଲାରୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଚନ୍ଦ୍ରୟାନ ମିଶନ ଘୋଷଣା କଲାବେଳେ କେହି ଭାବି ନ ଥିଲେ ଭାରତ ଦିନେ ସଫଳତାର ସହିତ ବିଶ୍ୱର ପ୍ରଥମ ଦେଶ ଭାବରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରିବ। ପ୍ରକୃତରେ ବାଜପେୟୀଙ୍କ ଏହି ଘୋଷଣା ପଛରେ ୧୯୯୯ ରେ ଭାରତୀୟ ବିଜ୍ଞାନ ଏକାଡେମୀର ଏକ ସଂକଳ୍ପ ଥିଲା, ଯାହାର ଫଳ ସ୍ୱରୂପ ଇସ୍ରୋକୁ ଏହି ଗୁରୁଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ୨୦୦୩ ରେ ଭାରତ ସରକାର ଏହି ଚନ୍ଦ୍ର ମିଶନ ପାଇଁ ଅନୁମତି ପ୍ରଦାନ କରିଥିଲେ ଓ ପ୍ରାରମ୍ଭିକ ଭାବରେ ଚନ୍ଦ୍ରୟାନ ମିଶନ -୧ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା। ଚନ୍ଦ୍ରୟାନ ମିଶନ -୧କୁ ପ୍ରାରମ୍ଭିକ ଭାବରେ ଭାରତର ଭବିଷ୍ୟତର ମିଶନ ପାଇଁ ପ୍ରଥମ ସୋପାନ ଭାବେ ପରିକଳ୍ପିତ କରାଗଲା। ପ୍ରଥମେ ବିଶ୍ୱକୁ ନିଜର ଜ୍ଞାନ କୌଶଳର ପ୍ରଦର୍ଶନ କରିବା ସହିତ ଚନ୍ଦ୍ରପୃଷ୍ଠ ପର୍ଯ୍ୟନ୍ତ ସଫଳତାର ସହିତ ପହଞ୍ଚିବା ହିଁ ଏହି ମିଶନର ଲକ୍ଷ୍ୟ ରହିଲା। ୨୦୦୫ ରେ ଚନ୍ଦ୍ରୟାନ ମିଶନ -୧ ନିଜ ସହିତ ଏକ ମୁନ୍ ଅର୍ବିଟର ଓ ଏକ ମୁନ୍ ଇମ୍ପାକ୍ଟ ପ୍ରୋବ୍ (ଏମ୍‌ଆଇପି) ନେଇ ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ଭାରତ ପ୍ରଥମ ପ୍ରୟାସରେ ସଫଳତାର ସହିତ ମୁନ୍ ଇମ୍ପାକ୍ଟ ପ୍ରୋବ୍‌କୁ ଅବତରଣ କରାଇ ପାରିଥିଲା। ଏହି ମୁନ୍ ଇମ୍ପାକ୍ଟ ପ୍ରୋବ୍ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ନିୟନ୍ତ୍ରିତ ହୋଇ ଠିକ୍ ଭାବରେ ଚନ୍ଦ୍ର ପୃଷ୍ଠରେ ପଡ଼ିଥିଲା, ଯେଉଁ ସ୍ଥାନକୁ ଜବାହର ବିନ୍ଦୁ ଭାବରେ ନାମକରଣ କରାଯାଇଛି। ଚନ୍ଦ୍ରୟାନ ମିଶନ -୧ ପ୍ରାୟ ୧୦ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା ଓ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ କରି ସାରା ପୃଥିବୀରେ ଚହଳ ସୃଷ୍ଟି କରିଥିଲା।

ଚନ୍ଦ୍ରୟାନ-୧ର ସଫଳତା ଭାରତର ବୈଜ୍ଞାନିକମାନଙ୍କୁ ଉତ୍ସାହିତ କଲା ଓ ଚନ୍ଦ୍ରୟାନ-୨ ମିଶନରେ ଆଉ ପାଦେ ଆଗକୁ ଯାଇ ସଫଳତାର ସହିତ ଯାନକୁ ସଫ୍ଟ ଲ୍ୟାଣ୍ଡିଂ କରାଇବା ସେମାନେ ପାଇଁ ଲାଗିପଡିଲେ। ଏହି ଅଭିଯାନ ଲାଗି ରୁଷିଆ ଲ୍ୟାଣ୍ଡର ଦେବାକୁ ମନା କରିବା ଫଳରେ ଭାରତର ବୈଜ୍ଞାନିକମାନେ ସ୍ୱଦେଶୀ ଜ୍ଞାନ କୌଶଳରେ ଲ୍ୟାଣ୍ଡର ପ୍ରସ୍ତୁତ କଲେ। ଏକ ଅର୍ବିଟର, ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭରକୁ ନେଇ ଜିଏସ୍‌ଏଲ୍‌ଭି-ଏମ୍‌କେ୩ ରକେଟ ସାହାଯ୍ୟରେ ଚନ୍ଦ୍ରୟାନ-୨ ମିଶନ ୧୮ ଅକ୍ଟୋବର ୨୦୧୯ ରେ ମହାକାଶକୁ ପ୍ରେରିତ କରାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଲ୍ୟାଣ୍ଡର ଅଣାୟତ୍ତ ହୋଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇଯାଇଥିଲା ଓ ଭାରତ ଇତିହାସ ସୃଷ୍ଟି କରିବାକୁ ମାତ୍ରେ ୧ ଇଞ୍ଚ ଦୂରତାରୁ ପଛରେ ରହିଗଲା। ତେବେ ବିଫଳତା ହିଁ ସଫଳତାର ଚାବିକାଠି ଓ ଏହା ଭାରତର ବୈଜ୍ଞାନିକମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ସତ ପ୍ରମାଣିତ ହେଲା ଯେବେ ଚନ୍ଦ୍ରୟାନ-୩ ସଫଳତାର ସହିତ ଦକ୍ଷିଣ ମେରୁରେ ଅବତରଣ କଲା। କୌଣସି ଲୋକପ୍ରିୟ ଖେଳର ବିଶ୍ୱ କପ୍ ଫାଇନାଲ ପରି ସମଗ୍ର ଭାରତୀୟଙ୍କ ଆଖି ଚନ୍ଦ୍ରୟାନକୁ ଅବତରଣ କରୁଥିବାର ଦୃଶ୍ୟକୁ ଦେଖିବା ପାଇଁ ଟିଭି ପରଦାରେ ଲାଖି ରହିଥିଲା ଓ ସବୁ ଗଳିକନ୍ଦି ରାସ୍ତାଘାଟ ଜନଶୂନ୍ୟ ହୋଇଗଲା। ଏହା ଭାରତ ପାଇଁ ଏକ ଗର୍ବର କ୍ଷଣ ଓ ସମଗ୍ର ବିଜ୍ଞାନ ସମାଜକୁ ଆମ ଭାରତୀୟମାନଙ୍କର ନତମସ୍ତକ ହେବାର ସମୟ।

କିଛିଦିନ ପୂର୍ବେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବାରେ ରୁଷିଆର ବିଫଳତା ଏହି ମିଶନର ସଫଳତାକୁ ଆହୁରି ଦ୍ୱିଗୁଣିତ କରିଛି। ଚନ୍ଦ୍ରୟାନ-୩ର ସଫଳତାକୁ ସମଗ୍ର ମାନବ ସମାଜ ଆତୁରତାର

ସହିତ ଅପେକ୍ଷା କରିଥିଲା କାରଣ ଏହା ଏପରି କିଛି ବିରଳ କୃତି ହାସଲ କରିଛି ଯାହା ଆଗରୁ କେଉଁ ଦେଶ ହାସଲ କରି ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ଏପର୍ଯ୍ୟନ୍ତ ଯେଉଁ କେତୋଟି ହାତଗଣତି ରାଷ୍ଟ୍ର ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ସଫଳତା ହାସଲ କରିଛନ୍ତି ତାହା କେବଳ ଏହାର ବିଷୁବ ଅଞ୍ଚଳରେ ଯେଉଁଠି ଇଲାକା ସମତଳ, ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଉପଲବ୍ଧ ଓ ପରିବେଶ ଅବତରଣ ପାଇଁ ଅନୁକୂଳ। ତୁଳନାତ୍ମକ ଭାବରେ ଚନ୍ଦ୍ରର ଦକ୍ଷିଣ ମେରୁ ପୃଥିବୀକୁ ଦୃଶ୍ୟମାନ ହୁଏ ନାହିଁ ଓ ଏଠାରେ ପ୍ରାୟତଃ ଅନ୍ଧକାର, ଉଚ୍ଚ ପାହାଡ଼, ଗଭୀର ଗର୍ତ୍ତ ଓ -୨୩୦ ତାପମାତ୍ରା ଅଛି। ଏତେ ନିମ୍ନ ତାପମାତ୍ରାରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଲକ୍ଷ ଲକ୍ଷ ବର୍ଷ ଧରି ବିଶେଷ କିଛି ପରିବର୍ତ୍ତନ ହୋଇ ନ ଥିବ। ଏହି ସ୍ଥାନରେ ଅନେକ ପାଣି ବରଫ ଆକାରରେ ଗର୍ତ୍ତମାନଙ୍କରେ ଲୁଚି ରହିଥାଇ ପାରେ ବା କୌଣସି ଜୀବାଂଶ ଇତ୍ୟାଦିର ଠାବ ମଧ୍ୟ ହୋଇପାରେ। ଖୁବ୍‌ଶୀଘ୍ର ପ୍ରଜ୍ଞାନ ରୋଭରରେ ଲାଗିଥିବା ଅତ୍ୟାଧୁନିକ ଯନ୍ତ୍ରପାତି ସୌର ଜଗତର ଉତ୍ପତ୍ତି ସମୟର ଅନେକ ଅଜଣା ତଥ୍ୟ ପ୍ରଥମ କରି ବିଶ୍ୱକୁ ଅବଗତ କରାଇବାକୁ ଯାଉଛି। ସେଠାକାର ମୃତ୍ତିକାରେ ଥିବା ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଖଣିଜଗୁଡ଼ିକର ମଧ୍ୟ ଏହି ଯାନରେ ଥିବା ଅତ୍ୟାଧୁନିକ ଯନ୍ତ୍ରଗୁଡ଼ିକ ଠାବ କରିବ ଓ ଏହାର ତଥ୍ୟ ପୃଥିବୀକୁ ପ୍ରେରଣ କରାଇବାକୁ ଯାଉଛି।

ଚନ୍ଦ୍ରୟାନ -୨ର ବିଫଳତାକୁ ନେଇ ନ୍ୟୁୟର୍କ ଟାଇମ୍‌ସରେ ଆସିଥିବା ବ୍ୟଙ୍ଗାତ୍ମକ କାର୍ଟୁନ ଚିତ୍ରରେ ବିଶ୍ୱର ହାତଗଣତି ଦେଶଗୁଡ଼ିକ ବସିଥିବା ଇଲାଇଟ୍ ସ୍ପେସ୍ କ୍ଲବର ଦ୍ୱାର ଦେଶରେ ଜଣେ ଗରିବ ଭାରତୀୟ ତାଙ୍କ ଗାଈ ସହିତ ଛିଡା ହୋଇ ଭିତରକୁ ପ୍ରବେଶ କରିବାକୁ ଚାହୁଁଥିବାର ଦୃଶ୍ୟ ବେଶ୍ ଅପମାନଜନକ ଥିଲା। ଏହା ପାଶ୍ଚାତ୍ୟ ଦେଶଗୁଡ଼ିକର ଭାରତ ପ୍ରତି ସେମାନଙ୍କର ଚିନ୍ତାଧାରା ଓ ମାନସିକତାକୁ ଦର୍ଶାଉଥିଲା ଯେ ଭାରତ ପରି ଏକ ଗରିବ ଅନଗ୍ରସର ଦେଶ ସମ୍ଭ୍ରାନ୍ତ ସ୍ପେସ୍ କ୍ଲବର ମେମ୍ବର ହେବାକୁ ସାହସ କଲା କେମିତି ? ଚନ୍ଦ୍ରୟାନ ମିଶନ -୩ର ସଫଳତା ସେହି ପାଶ୍ଚାତ୍ୟ ୟୁରୋପୀୟ ଦେଶଗୁଡ଼ିକ ମୁହଁରେ ଏକ ଶକ୍ତ ଚାପୁଡ଼ା ଓ ଏହା ପରେ ଭାରତ ସାରା ବିଶ୍ୱରେ ମହାକାଶ ଜ୍ଞାନ କୌଶଳରେ ଆଗଧାଡ଼ିର ପ୍ରଥମ ସ୍ଥାନରେ ରହିବାକୁ ଯାଉଛି କହିଲେ ଭୁଲ୍ ହେବନି। ଏକ ରିପୋର୍ଟରୁ ଜଣାଯାଏ ଯେ ଭାରତ ସ୍ପେସ୍ ଇକୋନୋମି ଆଗାମୀ ଦିନରେ ଆଶାତୀତ ଭାବରେ ବୃଦ୍ଧି ପାଇବ, ବିଶେଷ କରି ଶସ୍ତା ଦରରେ ଯୋଗାଯୋଗ ଉପଗ୍ରହ, ନାଭିଗେଶନ ଉପଗ୍ରହ ଇତ୍ୟାଦିର ବୈଶ୍ୱିକ ବଜାର ପାଲଟିଯିବ ଓ ପୃଥିବୀର ଅଧିକାଂଶ ଦେଶ ନିଜର ଉପଗ୍ରହ ପ୍ରେରଣ ପାଇଁ ଭାରତ ଉପରେ ନିର୍ଭରଶୀଳ ହୋଇଯିବେ। ଆନୁଷଙ୍ଗିକ ଯନ୍ତ୍ରପାତି, ସଫ୍ଟୱେର ଆଦି ଯୋଗାଇ ଦେବା ପାଇଁ ଅନେକ ନୂତନ ଘରୋଇ ଷ୍ଟାର୍ଟଅପ୍ ଓ ଉଦ୍ୟୋଗ ଗଢିଉଠିବ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଭାରତରେ ସ୍ପେସ୍ ଷ୍ଟାର୍ଟ ଅପ୍ ସଂଖ୍ୟା ୧୪୦ରୁ ଅଧିକ ଓ ଏହିସବୁ ଉଦ୍ୟୋଗ ବିପୁଳ ନିଯୁକ୍ତି ସୃଷ୍ଟି କରି ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ଲାଗିଛି। ଭବିଷ୍ୟତରେ ଚନ୍ଦ୍ରପୃଷ୍ଠରେ ବସତି ସ୍ଥାପନ, ମୂଲ୍ୟବାନ ଖଣିଜର ଉତ୍ତୋଳନ ଓ ଆନ୍ତଃ ଗ୍ରହୀୟ ଗବେଷଣା ପାଇଁ ଚନ୍ଦ୍ରର ଉତ୍ପତ୍ତି ଓ ପ୍ରକୃତି ବିଷୟରେ ଅଧ୍ୟୟନ ଏକାନ୍ତ ଆବଶ୍ୟକ ଯାହା ଏପର୍ଯ୍ୟନ୍ତ ଅନେକ ଦେଶ ଏହି ବିଷୟରେ ଅଧ୍ୟୟନ ଆରମ୍ଭ କରିସାରିଛନ୍ତି । ତେବେ ଭାରତର ଏହି ସଫଳତା ୧୯୪୭ ଅଗଷ୍ଟ ୧୫ ପ୍ରଥମ ସକାଳର ଖୁସି ପରି ସମଗ୍ର ଭାରତକୁ ଉତ୍ସବମୁଖର କରି ଆତ୍ମହରା କରିଛି କହିଲେ ଭୁଲ୍ ହେବ ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟ ଯବାନ,ଜୟ କିଷାନ ସ୍ଲୋଗାନ ସହ ବାଜପେୟୀ ଜୟ ବିଜ୍ଞାନକୁ ଯୋଡ଼ିଥିଲେ, ଯାହା ଆଜି ଯଥାର୍ଥ ସାବ୍ୟସ୍ତ ହୋଇଛି।

ମୋ-୭୦୦୪୦୬୮୧୧୦

ପାଠକ ଶ୍ରେଷ୍ଠ ବିଚାରକ

ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡକୁ ଆସୁନି ବସ୍

ମହାଶୟ,

ଖୋର୍ଦ୍ଧା ସହର ଏକ ଐତିହାସିକ ସହର। ଜିଲାର ପୁରୁଣା ବସ୍‌ଷ୍ଟାଣ୍ଡକୁ ଜନଗହଳି ଦୃଷ୍ଟିରୁ ନୂଆ ବସ୍‌ଷ୍ଟାଣ୍ଡ ସରକାର ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମାଣ କଲେ। ସମସ୍ତ ରୁଟ୍‌ର ବସ୍ ଖୋର୍ଦ୍ଧା ବାଇପାସ୍ ଦେଇ ନୂଆ ବସ୍‌ଷ୍ଟାଣ୍ଡ ଆସି ନିଜର ଗନ୍ତବ୍ୟସ୍ଥଳକୁ ଯିବା କଥା, ହେଲେ କେବଳ ନୟାଗଡ଼ ଓ ବାଙ୍କୀ ରୁଟ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବସ୍ ବାଇପାସ୍‌ଠାରେ କଲେକ୍ଟରଙ୍କ ଅଫିସ ନିକଟରେ ଓହ୍ଲାଇ ଦେଇଚାଲିଯାଉଛନ୍ତି। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ବ୍ରହ୍ମପୁର ଓ ରଣପୁର ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲେକ୍ଟରଙ୍କ ଅଫିସଠାରୁ ଖୋର୍ଦ୍ଧା ସହରକୁ ଆସିବାକୁ ଅଟୋରେ ୫୦ଟଙ୍କା ଦେଇ ଆସିବାକୁ ପଡୁଛି। ତେବେ ଏ ନୂଆ ବସ୍‌ଷ୍ଟାଣ୍ଡ କାହା ପାଇଁ ? ପରିବହନ ବିଭାଗ ସିଧା ବାଇପାସ୍‌ରେ ଯିବାକୁ ଅନୁମତିପତ୍ର ଦେଇଛନ୍ତି ବୋଲି ଗାଡ଼ିର କର୍ମଚାରୀ ଦାବି କରୁଛନ୍ତି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବହନ ବିଭାଗ ସ୍ଥାନୀୟ ପ୍ରଶାସନ ତଥା ଘରୋଇ ମାଲିକ ସଂଘକୁ ନିବେଦନ ସମସ୍ତ ବସ୍‌କୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରନ୍ତୁ। ନଚେତ୍ ସରକାର ବସ୍‌ଷ୍ଟାଣ୍ଡକୁ କଲେକ୍ଟର ଅଫିସ ନିକଟକୁ ଉଠାଇ ନିଅନ୍ତୁ ଓ ଟାଉନ ବସ୍‌ର ସୁବିଧା କରନ୍ତୁ।

-ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ହିକଳଗାଡ଼ିଆ, ରଣପୁର, ନୟାଗଡ଼

ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ !

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବ୍ରିକ୍ସ ସମ୍ପ୍ରସାରଣକୁ ଭାରତର ପୂର୍ଣ୍ଣ ସମର୍ଥନ ରହିଛି: ମୋଦି

ଜୋହାନ୍ସବର୍ଗ,୨୩ା୮(ପି.ଟି.)

ବ୍ରିକ୍ସର ସମ୍ପ୍ରସାରଣକୁ ଭାରତ ପୂର୍ଣ୍ଣ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଏନେଇ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସହମତିକୁ ସ୍ୱାଗତ କରିଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ମହାକାଶ ଆବିଷ୍କାର ସମେତ ୫ଟି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସମିଟ୍‌ରେ ପ୍ରଧାନମନ୍ତ୍ରୀ ବିଶ୍ୱକୁ ଧ୍ରୁବୀକରଣ ନୁହେଁ ଏକତାର ବାର୍ତ୍ତା ଦେବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ପାଇଁ ଏକ ପରିଭାଷିତ ସମୟସୀମା ଧାର୍ଯ୍ୟ କରିବାକୁ ସେ କହିଥିଲେ। ବିଶ୍ୱ ବାଣିଜ୍ୟ ସଂଗଠନ ସମେତ ବିଭିନ୍ନ ବହୁପକ୍ଷୀୟ ଫାଇନାନ୍ସିଆଲ ସଂସ୍ଥାରେ ସଂସ୍କାର ଆଣିବା ଏବଂ ବ୍ରିକ୍ସ ମହାକାଶ ଆବିଷ୍କାର କନସୋର୍ଟିୟମ ଗଠନ ଲାଗି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଟେଲିଭିଜନ ଉଦ୍‌ବୋଧନରେ ମୋଦି କହିଥିଲେ, ବ୍ରିକ୍ସକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ସଂଗଠନରେ ପରିଣତ କରିବାରେ ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବ। ଡିଜିଟାଲ କ୍ଷେତ୍ରରେ ଭାରତ ବିଶେଷଜ୍ଞତା ଶେୟାର କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ବ୍ରିକ୍ସର ନୂଆ ସଂଜ୍ଞା ବ୍ରେକିଂ ବ୍ୟାରିଅର, ରିଭିଟାଲାଇଜିଙ୍ଗ ଇକୋନୋମିକ୍ସ, ଇନସ୍ପାୟାରିଂ ଇନୋଭେଶନ, କ୍ରିଏଟିଙ୍ଗ ଅପର୍ଚୁନିଟିଜ୍ ଆଣ୍ଡ ଶେପିଂ ଦି ଫ୍ୟୁଚର (ପ୍ରତିବନ୍ଧକ ଦୂରକରିବା, ଅର୍ଥନୀତିକୁ ପୁନଃଶକ୍ତିଶାଳୀ କରିବା, ପ୍ରେରଣାଦାୟୀ ନବପ୍ରବର୍ତ୍ତନ, ସୁଯୋଗ ସୃଷ୍ଟି ଏବଂ ଭବିଷ୍ୟତ ବନାଇବା) ବୋଲି କହିଥିଲେ।



ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗସ୍ଥିତ ସାଣ୍ଡଟୋନ୍ କନ୍‌ଭେନ୍‌ଶନ ସେଣ୍ଟରରେ ୨୦୨୩ ବ୍ରିକ୍ସ ସମିଟ୍ ଅବସରରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ବୁଧବାର ଫଟୋ ପୋଜ୍ ଦେଉଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ପାଇଁ ସମୟସୀମା ଧାର୍ଯ୍ୟ ହେଉ

ଦୁର୍ଘଟଣାରୁ ବର୍ତ୍ତିଲା ୨ ବିମାନ

ନୂଆଦିଲ୍ଲୀ,୨୩ା୮

ଦିଲ୍ଲୀ ବିମାନବନ୍ଦରରେ ବୁଧବାର ଅପରାହ୍ନରେ ଭିସ୍ତାରା ଏୟାରଲାଇନ୍ସର ଦୁଇଟି ବିମାନ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉଭୟ ବିମାନରେ ପ୍ରାୟ ୩୦୦ ଯାତ୍ରୀ ଥିଲେ। ଅହମ୍ମଦାବାଦରୁ ଆସିଥିବା ବିମାନର ମହିଳା ପାଇଲଟ୍‌ଙ୍କ ସତର୍କ ପଦକ୍ଷେପ ପାଇଁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି। ଖବର ଅନୁଯାୟୀ ଅହମ୍ମଦାବାଦ-ଦିଲ୍ଲୀ ବିମାନ ଅବତରଣ କରିବା ପରେ ଏହାକୁ ପାର୍କିଂ ବେ'ରେ ପହଞ୍ଚିବା ଲାଗି ଚଳଚଞ୍ଚଳ ରନ୍‌ୱେ ଅତିକ୍ରମ କରିବା ସକାଶେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ନିର୍ଦ୍ଦେଶ ଦେଇଥିଲା। ଠିକ୍ ସେହି ସମୟରେ ଭିସ୍ତାରା ଏୟାରଲାଇନ୍ସର ଦିଲ୍ଲୀ-ବାଗଡୋଗ୍ରା ବିମାନକୁ ସେହି ରନ୍‌ୱେରେ ଉଡ଼ାଣ ଭରିବା ଲାଗି ଅନୁମତି ଦିଆସରିଥିଲା। ଅହମ୍ମଦାବାଦ-ଦିଲ୍ଲୀ ବିମାନର ୪୫ ବର୍ଷୀୟ କ୍ୟାପ୍‌ଟେନ ସୋନୁ ଗିଲ୍‌ଙ୍କ ପାଇଁ ଦୁର୍ଘଟଣାକୁ ଏଡ଼ାଯାଇପାରିଛି। ଦୁଇ ବିମାନ ମଧ୍ୟରେ ଦୂରତା ମାତ୍ର ୧,୮୦୦ ମିଟର ଥିଲା। ପାଇଲଟ୍ ଅନ୍ୟ ବିମାନର ଉପସ୍ଥିତି ସମ୍ପର୍କରେ ଏଟିସିକୁ ସତର୍କ କରାଇ ନ ଥିଲେ ପରିଣାମ ଭୟାବହ ହୋଇଥାନ୍ତା।

ମହିଳା ପାଇଲଟ୍‌ଙ୍କ ପାଇଁ ବଞ୍ଚିଗଲା ୩୦୦ ଜୀବନ

ଉତ୍ତର-ପୂର୍ବାଞ୍ଚଳର ସ୍ୱତନ୍ତ୍ର ବ୍ୟବସ୍ଥାରେ ହସ୍ତକ୍ଷେପ ଉଦ୍ଦେଶ୍ୟ ନାହିଁ

ନୂଆଦିଲ୍ଲୀ,୨୩ା୮(ପି.ଟି.)

ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ଉତ୍ତର-ପୂର୍ବ କିମ୍ବା ଅନ୍ୟ କୌଣସି ଅଞ୍ଚଳକୁ ମିଳିଥିବା ସମ୍ବିଧାନର ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରିବାର କୌଣସି ଉଦ୍ଦେଶ୍ୟ କେନ୍ଦ୍ର ସରକାରଙ୍କର ନାହିଁ। ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବୁଧବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଯେଉଁଭଳି ଭାବରେ ଉଚ୍ଛେଦ କଲେ, ସେହିପରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ସ୍ୱତନ୍ତ୍ର ବ୍ୟବସ୍ଥାକୁ ଉଠାଇଦେବା ଆଶଙ୍କା କରାଯାଉଛି ବୋଲି ଆଇନଜୀବୀ ମନୀଷ ତିୱାରୀ କହିବା ପରେ ସଲିସିଟର ଜେନେରାଲ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଏହାକୁ ଖଣ୍ଡନ କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନର ଶୁଣାଣି ସାମ୍ବିଧାନିକ ପୀଠରେ ଚାଲିଥିବାବେଳେ ଅରୁଣାଚଳପ୍ରଦେଶ ବିଧାୟକ ପଦି ରିଚୋଙ୍କ ତରଫରୁ କଂଗ୍ରେସ ନେତା ତଥା ଲୋକସଭା ସଦସ୍ୟ ତିୱାରୀ ଉପସ୍ଥିତ ରହି ଏକ ଇଣ୍ଟରଭେନ୍‌ଶନ ଦାଏର କରିଥିଲେ। କୌଣସି ଆଶଙ୍କା ନାହିଁ ଏବଂ ଆଶଙ୍କା ସୃଷ୍ଟି କରାଯିବାର ଆବଶ୍ୟକତା ନାହିଁ ବୋଲି ମେହେଟ୍ଟା କହିଥିଲେ। ସ୍ଥାୟୀ ଏବଂ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ ଦେଖିବାକୁ ପଡ଼ିବ। କୌଣସି ସ୍ୱତନ୍ତ୍ର ବ୍ୟବସ୍ଥାକୁ ଛୁଇଁବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ସଲିସିଟର ଜେନେରାଲ ସ୍ପଷ୍ଟ କରିଦେଇଥିଲେ।

କୁଳପତି ନିଯୁକ୍ତି ଲାଗି ନିଜସ୍ୱ ବିଜ୍ଞାପନ ଦେଲେ ନୀତୀଶ ସରକାର

ପାଟନା,୨୩ା୮

ରାଜଭବନ-ରାଜ୍ୟ ସରକାର ବିବାଦ

ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ଲାଗି ବିହାର ସରକାର ପ୍ରଥମ ଥର ପାଇଁ ନିଜସ୍ୱ ବିଜ୍ଞାପନ ପ୍ରକାଶ କରିଛନ୍ତି। ପୂର୍ବରୁ କୁଳପତିମାନଙ୍କ ନିଯୁକ୍ତି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ କାର୍ଯ୍ୟାଳୟ ଦ୍ୱାରା ହେଉଥିଲା। ରାଜ୍ୟର ୭ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ଲାଗି ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ରାଜ୍ୟ ସରକାର ଦରଖାସ୍ତ ଆହ୍ୱାନ କରିଛନ୍ତି। ପ୍ରାର୍ଥୀମାନେ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଆବେଦନ କରିପାରିବେ। ସରକାରଙ୍କ ଦ୍ୱାରା ଗଠିତ ସର୍ଚ୍ଚ କମିଟି ଜରିଆରେ କୁଳପତିମାନଙ୍କୁ ନିଯୁକ୍ତି ଦିଆଯିବ। ଏଥିପାଇଁ ପ୍ରାର୍ଥୀଙ୍କ ବୟସ ୬୭ ବର୍ଷରୁ କମ୍ ହୋଇଥିବ ଏବଂ ଅନ୍ୟୂନ ୧୦ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଥିବ। ପୂର୍ବରୁ କୁଳାଧିପତିଙ୍କ କାର୍ଯ୍ୟାଳୟ ଅଗଷ୍ଟ ୨୪ରୁ ୨୭ ମଧ୍ୟରେ ଖାଲିଥିବା କୁଳପତି ପଦବୀ ପାଇଁ ଆବେଦନ କରିବାକୁ ବିଜ୍ଞାପନ ଦେଇଥିଲା। ପରେ ରାଜ୍ୟ ସରକାର ବିଜ୍ଞାପନ ଦେଇଥିବାରୁ ରାଜଭବନ ଏବଂ ନୀତୀଶ କୁମାର ସରକାରଙ୍କ ମଧ୍ୟରେ ବିବାଦ ଲାଗିରହିଥିବା ସ୍ପଷ୍ଟ ହୋଇଛି ବୋଲି ମଗଧ ୟୁନିଭର୍ସିଟିର ଜଣେ ବରିଷ୍ଠ ପ୍ରଫେସର କହିଛନ୍ତି।

ପୂର୍ବ ତଟ ରେଳପଥ

ଖାଦ୍ୟ ସରବରାହ ୟୁନିଟ୍ ପାଇଁ ଇ-ନିଲାମ

1. **G-129-CATG-GMU-BAM-1 :** ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 23 ଏବଂ 24 ମଧ୍ୟରେ ହାଓଡ଼ା ସୀମା ସ୍ଥିତ ପ୍ଲାଟଫର୍ମ ନଂ. 2 ଏବଂ 3 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ସ୍ଥଳ।
2. **G-129-CATG-GMU-BAM-2 :** ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 28 ଏବଂ 29 ମଧ୍ୟରେ ଭୁବନେଶ୍ୱର ସୀମା ସ୍ଥିତ ପ୍ଲାଟଫର୍ମ ନଂ. 1 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ସ୍ଥଳ।
3. **G-129-CATG-GMU-BAM-3 :** ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 16 ଏବଂ 17 ମଧ୍ୟରେ ଫୁଡ୍ ପ୍ଲାଜା ନିକଟସ୍ଥ ପ୍ଲାଟଫର୍ମ ନଂ. 1 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ସ୍ଥଳ।
4. **G-129-CATG-BBS-GMU-4 :** ଭୁବନେଶ୍ୱର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 20 ଏବଂ 21 ମଧ୍ୟରେ ପ୍ଲାଟଫର୍ମ ନଂ. 4 ଏବଂ 5 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ସ୍ଥଳ।
5. **G-129-CATG-GMU-CTC-5 :** କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନଂ. 1 ର ମଧ୍ୟଭାଗରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ସ୍ଥଳ।
6. **G-129-CATG-GMU-CTC-6 :** କଟକ ରେଳ ଷ୍ଟେସନର ଫୁଟ୍ ଓଭର୍ ବ୍ରିଜ୍ (FOB) ତଳ ଭାଗରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ସ୍ଥଳ।

ବିଜ୍ଞାପିତ ମୂଲ୍ୟ (₹) : (1) **34,06,000/-**, (2) **38,01,200/-**, (3) **38,01,200/-**, (4) **56,19,978/-**, (5) **24,18,000/-**, (6) **26,57,200/-**.
EMD (ବିଡ୍ ସୁରକ୍ଷା ଜମା) (₹) : (1) **1,70,300/-**, (2) **1,90,600/-**, (3) **1,90,600/-**, (4) **2,81,000/-**, (5) **1,20,900/-**, (6) **1,32,900/-**.
ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : **2,950/-** (କ୍ର.ସଂ. 1-3, 5 ଏବଂ 6 ନିମନ୍ତେ), **5,900/-** (କ୍ର.ସଂ. 4 ନିମନ୍ତେ)।
ଶେଷ ହେବା ଅବଧି : **05 (ପାଞ୍ଚ) ବର୍ଷ** (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : At 1100 Hrs. of 08.09.2023 (ସମସ୍ତ ଟେଣ୍ଡର ନିମନ୍ତେ)।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର **http://www.ireps.gov.in** ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-484/O/23-24

FAKIR MOHAN UNIVERSITY
VYASA VIHAR, NUAPADHI-756089
BALASORE, ODISHA, INDIA
www.fmuniversity.nic.in

No.FMU/Purchase-88/2023/8059 Date: 23.08.2023

TENDER CALL NOTICE

Sealed tenders are invited from reputed firms for supply and installation of Video Camera and 4K Led TV. Tenders completed in all respect should be submitted to the Registrar, Fakir Mohan University, Nuapadhi, Balasore, Pin- 756089 through Registered Post / Speed Post (Indian Post) only. No hand delivery of tender document or by courier will be accepted. The last date of receipt of tender is on 28.08.2023 at 02.00 P.M. and technical bid shall be opened on 28.08.2023 at 03.40 P.M. The details are available in our website i.e. www.fmuniversity.nic.in

Sd./- Registrar

OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
No. B-743 **GOVERNMENT OF ODISHA**
"e" - PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 13/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Road Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : Special/Super Class Contractor
6. Available of Bid document in the Website : From 10.00 A.M. of 24.08.2023 to 5.00 P.M. of 14.09.2023
7. Pre-Bid Meeting : Dt.31.08.2023
8. Date of Opening of Bid : Dt.15.09.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0026/2324

OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II, BHUBANESWAR
eerb2_bbsr@yahoo.com
INVITATIONS FOR BIDS THROUGH e-Procurement
Bid Identification No- C.C. (R&B) - 02
e – Procurement Notice No. 26 of 2023-24
No. Bhubaneswar the -2023

No. B-740: The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Two Number Works to be received in online bidding, single cover system as detailed in: **https://tendersorissa.gov.in**. The details of bid documents will be available in the above website from **31.08.2023 to 5.00 P.M. of 16.09.2023**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 18.09.2023 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum / Corrigendum, if required, will be available only in the website.

Sd./- Superintending Engineer,
BBSR (R&B) Division No.II, BBSR
OIPR-34088/11/0014/2324

कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, चाईबासा
E-mail Id- eercdchaibasa-jhr@nic.in

शुद्धि पत्र

कार्यपालक अभियंता, पथ निर्माण विभाग, पथ प्रमण्डल, चाईबासा का E- Tender रेफरेंस न० RCD/CHAIBASA/602 दिनांक 16.08.2023 एवं PR 304836 West Singhbhum (23-24)#D में क्रमांक 3 Time of Completion में अंकित 06 (Six) Months को 05 (Five) Months पढ़ा जाए, क्रमांक 4 Date of Publication of Tender On Website में अंकित 23.08.2023 at 11.30 A.M को 26.08.2023 at 11.30 A.M पढ़ा जाए, क्रमांक 5 Last date/Time for receipt of bids में अंकित 13.09.2023 Up to 3.00 P.M को 16.09.2023 Up to 3.00 P.M पढ़ा जाए, क्रमांक 6 Last date/Time of receipt of cost of bidding document and Bid Security में अंकित 15.09.2023 Up to 12.00 P.M को 18.09.2023 Up to 12.00 P.M पढ़ा जाए एवं क्रमांक 7 Date of Opening of Bid में अंकित 15.09.2023 at 12:30 P.M को 18.09.2023 at 12:30 P.M पढ़ा जाए।
शेष शर्तें यथावत् रहेगी।

कार्यपालक अभियंता,
प०नि०वि०,पथ प्रमण्डल, चाईबासा
PR 305370 West Singhbhum(23-24)#D

OFFICE OF THE NOTIFIED AREA COUNCIL, CHATRAPUR
Letter No.3335 Date 23.08.2023

"e" Procurement Notice
Tender Reference No.- CTP-NAC-03/2023-24
Bid Id No.- 2023_ORULB_93020

Bid documents consisting of work, Estimated cost, Cost of tender paper, EMD, Time of completion, Class of contractor and the set of term and conditions of contract and other necessary documents can be seen in govt. website i.e. www.tendersorissa.gov.in.

1.	Name of the work	:	Civil work mentioned in DTCN
2.	No. of work	:	36
3.	Estimated cost	:	Rs.6.29 - Rs.9.90 Lakhs
4.	Date & time of availability of bid document in the portal	:	From 11.00 A.M. of 24.08.2023 to 02.09.2023 upto 4.00 P.M.
5.	Last date / time for receipt of bids in the portal	:	02.09.2023 upto 4.00 P.M.
6.	Bids received online shall be opened on	:	02.09.2023 at 4.30 P.M.

Further details can be seen from the e-procurement portal https://tendersorissa.gov.in

Sd./- Executive Officer, NAC, Chatrapur

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ
୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ ପୁରସ୍କାର – ୨୦୨୧
ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ ପାଇଁ ଦରଖାସ୍ତ ଆହ୍ୱାନ

No. RR-29: ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୧ ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୨୦।୦୯।୨୦୨୩ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ପୁରସ୍କାରରେ ଭାଗନେବା ନିମନ୍ତେ ନିର୍ଦ୍ଦିଷ୍ଟ Entry Form ଏବଂ ମନୋନୟନ ପତ୍ର ପୂରଣ କରି ବିଭାଗର ୱେବସାଇଟ୍ **www.culture.odisha.gov.in**ରେ ଦର୍ଶାଯାଇଥିବା ଆବଶ୍ୟକୀୟ କାଗଜାତ ତଥା ଚଳଚ୍ଚିତ୍ରର Soft Copy ଥିବା ଏକ Pendrive ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ (Registered Post/Speed Post/Registered Parcel ମାଧ୍ୟମରେ) ଦାଖଲ କରିପାରିବେ। ସର୍ତ୍ତାବଳୀ ବହିର୍ଭୂତ ଏବଂ ଆବଶ୍ୟକୀୟ କାଗଜାତ ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା ଆବେଦନଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ। ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀକାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୧୦ ନିୟମାବଳୀ (୨୦୨୩ରେ ସଂଶୋଧିତ), Entry Form (Schedule - II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବସାଇଟ୍ **www.culture.odisha.gov.in**ରେ ଉପଲବ୍ଧ ଅଛି।
ଓଡ଼ିଆ ଚଳଚ୍ଚିତ୍ର ଉପରେ Odia/English ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା (Book/Monograph) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ/ଲେଖିକାମାନେ ବିଭାଗର ୱେବସାଇଟ୍ **www.culture.odisha.gov.in**ରେ ଉପଲବ୍ଧ ଥିବା ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ ଖଣ୍ଡ ଲେଖା (Book/Monograph) ତା୨୦।୦୯।୨୦୨୩ରିଖ ସୁଦ୍ଧା (କେବଳ Registered Post/Speed Post/Registered Parcel ମାଧ୍ୟମରେ) ଦାଖଲ କରିବେ।
୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୧ ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ ପାଇଁ ଅଲଗା ଅଲଗା ଆବେଦନ ପତ୍ର ଦାଖଲ କରିବେ।

ସର୍ତ୍ତାବଳୀ:

୧. ୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୧ ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ରେ ଭାଗନେବାକୁ ଚାହୁଁଥିବା ଚଳଚ୍ଚିତ୍ରଗୁଡ଼ିକ ଯଥାକ୍ରମେ ୨୦୨୦ ମସିହା (୧।୧।୨୦୨୦ରୁ ୩୧।୧୨।୨୦୨୦), ୨୦୨୧ ମସିହା (୧।୧।୨୦୨୧ରୁ ୩୧।୧୨।୨୦୨୧) ଏବଂ ୨୦୨୨ ମସିହା (୧।୧।୨୦୨୨ରୁ ୩୧।୧୨।୨୦୨୨) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ।
୩. କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ପ୍ରାଧିକୃତ ଏଜେନ୍ସି ଦ୍ୱାରା Best Tribal Language Film, Best Children Film, Best Educational Film ଏବଂ Best Documentary Film ପୁରସ୍କାର ବ୍ୟତୀତ ଅନ୍ୟ କୌଣସି ଚଳଚ୍ଚିତ୍ର ପୁରସ୍କାର ପାଇଁ ବିବେଚନା କରାଯିବ ନାହିଁ।
୪. ନିର୍ଦ୍ଧାରିତ ଦୁଇକିତା ଆବେଦନପତ୍ର ତଥା ଅନ୍ୟାନ୍ୟ କାଗଜାତ ସହିତ ଫିଚର ଫିଲ୍ମ ପାଇଁ ଟ୩୦୦୦/-ଙ୍କା (ଅଣ ଫେରସ୍ତ) ଓ ନନ୍ ଫିଚର ଫିଲ୍ମ ପାଇଁ ଟ୧୫୦୦/-ଙ୍କା (ଅଣ ଫେରସ୍ତ), ବ୍ୟାଙ୍କ ଡ୍ରାଫ୍ଟ Director, Odia Language, Literature and Culture, Odisha, Bhubaneswarଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ।
୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର – ୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୨୦।୦୯।୨୦୨୩ (କେବଳ Registered Post/Speed Post/Registered Parcel ମାଧ୍ୟମରେ)। ଆବେଦନକାରୀ ଆବେଦନ ପତ୍ର ଓ ଅନ୍ୟାନ୍ୟ କାଗଜାତ ଥିବା ଲଫାପା ଉପରେ ''ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ'' ଉଲ୍ଲେଖ କରିବେ।
୬. ଆବଶ୍ୟକ ହେଲେ ଚଳଚ୍ଚିତ୍ରର Soft Copy ଥିବା ଅନ୍ୟ ଏକ Pendrive ଚଳଚ୍ଚିତ୍ରର Screening ପୂର୍ବରୁ ଦାଖଲ କରିବେ।
୭. କୌଣସି କାରଣ ନ ଦର୍ଶାଇ ମନୋନୟନ ପ୍ରକ୍ରିୟାକୁ ସରକାର ବାତିଲ କରିପାରିବେ।
୮. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମାବଳୀ, ୨୦୧୦ (୨୦୨୩ରେ ସଂଶୋଧିତ) ଅନୁଯାୟୀ କାର୍ଯ୍ୟକାରୀ ହେବ।
୯. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ, ୨୦୧୦ (୨୦୨୩ରେ ସଂଶୋଧିତ) ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ।
୧୦. ୨୦୨୦ ମସିହାରେ Covid କଟକଣା ଯୋଗୁ କମ୍ ସଂଖ୍ୟକ ଚଳଚ୍ଚିତ୍ର ନିର୍ମାଣ ହୋଇଥିବା ସମ୍ଭାବନା ଥିବାରୁ ଯଦି ୨୦୨୦ ବର୍ଷର ପୁରସ୍କାର ନିମନ୍ତେ ଆଶାନୁରୂପକ ସଂଖ୍ୟକ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦାଖଲ ହୋଇନଥାଏ, ତେବେ ବିଭିନ୍ନ ବର୍ଗରେ ୨୦୨୦ ବର୍ଷ ଏବଂ ୨୦୨୧ ବର୍ଷ ନିମନ୍ତେ ଗୋଟିଏ ପୁରସ୍କାର ପ୍ରଦାନ କରାଯିବ।

ସ୍ୱା./– ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଭୁବନେଶ୍ୱର
OIPR-03029/11/0017/2324

CITY HEALTH SOCIETY, CUTTACK
NATIONAL HEALTH MISSION, ODISHA
DEPT. OF HEALTH & FAMILY WELFARE, GOVT. OF ODISHA
CORRIGENDUM - 1

Adv. No. 1983/NUHM/2023, CPMU/Cuttack **Date: 22.08.2023**

In continuation to the Advt. No. 1940/NUHM/2023, CPMU/Cuttack, Dated: 16.08.2023 under City Health Society, Cuttack the Walk-in-Interview date for Contractual Medical Officer recruitment is rescheduled from Dated: **25.08.2023 to 02.09.2023**.
Other terms & conditions will remain same.

Sd./- Additional District Urban Public Health Officer, Cuttack

OFFICE OF THE CDM & PHO-CUM-DISTRICT MISSION DIRECTOR, NHM, SUNDARGARH
ADVERTISEMENT

No. 4241/NHM/Sundargarh **Date: 22.08.2023**

No. E-353: Applications are invited from eligible candidates for filling up of the following contractual positions under Zilla Swasthya Samiti, Sundargarh through Walk-in-Interview or inviting applications as mentioned against each. All the positions are purely temporary in nature, subject to renewal and co-terminus with the scheme as per the terms & conditions of OSH & FW Society.

Sl. No.	Name of the Post	Vacancy	Remuneration & Performance Incentive (P.I.)	Remarks
1	Medical officer, DTC	1 No.	Rs.60,144/- + Performance Incentive	Walk-in-Interivew on Dt.05.09.2023 at CDM & PHO Conference Hall, Sundargarh From 9.00 A.M. to 12.00 P.M.
2	Medical Officer, UHWC	2 Nos.	Rs.64,324/- + Performance Incentive	
3	Pediatrician Specialist - DEIC	1 No.	Rs.78,110/- + Performance Incentive	
4	Ayush Doctor - Ayrvedic (Male), MHT (RBSK)	St - 3, SC - 1, UR - 2	Rs.26,779/- + Performance Incentive	Applications are invited from the eligible candidates on or before Dtd.13.09.2023 upto 05.00 P.M. through Registered Post/Speed Post only
5	Ayush Doctor - Ayurvedic (Female) MHT (RBSK)	ST - 4, SC - 2, UR - 3	Rs.26,779/- + Performance Incentive	
6	Ayush Doctor - Homeopathy (Male), MHT (RBSK)	ST - 1	Rs.26,779/- + Performance Incentive	
7	Ayush Doctor - Homeopathy (Female), MHT (RBSK)	SC - 1, UR - 2	Rs.26,779/- + Performance Incentive	
8	Ayush Doctor Co-Located (AYURVEDIC)	ST - 4 (W-2), SC - 2 (W-2), UR - 9	Rs.26,779/- + Performance Incentive	
9	Ayush Doctor Co-Located (Homeopathic)	ST - 3, UR - 7 (W-4)	Rs.26,779/- + Performance Incentive	
10	Data Assistant-cum-Accountant	2 Nos.	Rs.14,532/- + Performance Incentive	
11	Accountant-cum-DEO, DPMU	1 No.	Rs.19,757/- + Performance Incentive	

The interested candidates for the above said post (Sl. No. 1 to 3) may attend the Walk-in-Interivew at CDM & PHO Conference Hall, Sundargarh as per the scheduled date & time mentioned against each. Candidates attending beyond the scheduled date & time shall not be entertained. The candidates should bring their original certificates along with their Bio-data in specified format and a set of self-attested photocopies of required testimonials for verification.
For the posts, as mentioned at Sl. No. 4 to 11, the interested eligible candidates are required to submit application in the prescribed format along with copy of self-attested photocopies of required testimonials to the Office of the CDM & PHO, Sundargarh. District Headquarter Hospital, Sundargarh, PIN Code - 770001 on or before Dtd.13.09.2023 upto 05.00 P.M. through Registered Post/Speed Post only and the application must be superscribed with the name of the post applied for. Incomplete application in any form shall be rejected.
The details eligibility criteria, remuneration & application form can be downloaded from the official website of Sundargarh district i.e. **www.sundergarh.nic.in**. Incomplete application in any form and application received after the due date will summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

Sd./- Chief District Medical & PHO-cum-
District Mission Director, NHM, Sundargarh
OIPR-10100/11/0015/2324

GOVERNMENT OF ODISHA No. B-742
OFFICE OF THE SUPERINTENDING ENGINEER PARALAKHEMUNDI(R&B)DIVISION,PARALAKHEMUNDI
Tel. Ph. No. 06815-222542, Email ID: eerbparala@yahoo.com
e-Procurement Notice
Bid Identification No. S.E., PKD, R&B Divn. - 15/2023-24
No. 2826 **INVITATION FOR BIDS** **Dt.16.08.2023**

1	The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Double/Single Cover system to be received in on ONLINE MODE only for the construction of works as detailed in the table below:		
2	Nature of Works	:	Building Works
3	No. of Works	:	17 (Seventeen) Nos. of Works
4	Estimated Cost (Approximately)	:	(Sl. No. 01) Rs.96.25 lakhs (Sl. No. 02) Rs.8.47 lakhs to Rs.46.89 lakhs
5	Bid Cost	:	(Sl. No. 01) Rs.10000/- (Sl. No. 02) Rs.6000/-
6	Class of Contractor	:	(Sl. No. 01) "B" Class (Sl. No. 02) "B" Class/ "C" Class/ "D" Class
7	Availability of Bid Documents in the Website	:	10.00 hrs. of Dt.28.08.2023 to 17.00 hrs. of Dt.11.09.2023
8	Date of Opening of the Bid	:	12.00 hrs. of Dt.12.09.2023
9	The bidders have to participate in ONLINE bidding only. Further details can be seen from the website **http://tendersorissa.gov.in**. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.		

Sd./- Superintending Engineer
Paralakhemundi (R&B) Division
OIPR-34065/11/0009/2324

ସଂକ୍ଷେପରେ

ଆର୍‌ଆଇ ଚାକିରି ଦେବା ନାଁରେ ୫ ଲକ୍ଷ ଠକେଇ, ଜଣେ ଗିରଫ

ଜେନାପୁର,୨୩।୮ (ଅଶୋକ ଦାସ):

ଆର୍‌ଆଇ ଚାକିରି କରାଇ ଦେବାକୁ କହି ୫ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ଜେନାପୁର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ବଡ଼ବାଘସାହି ଗ୍ରାମର ସୁଶାନ୍ତ କୁମାର ମାହୁନ୍ତ। ପୋଲିସ ସୂଚନା, ମୁତାବକ ସୁଶାନ୍ତ ଜେନାପୁର ଥାନା ଏଣ୍ଡଲବା ପଞ୍ଚାୟତ ବିଛାଖଣ୍ଡି ଗ୍ରାମର ବିଚିତ୍ରାନନ୍ଦ ଦାସଙ୍କଠାରୁ ତାଙ୍କ ପୁତୁରା ସୁରେଶ କୁମାର ଦାସଙ୍କୁ ଆର୍‌ଆଇ ଚାକିରି କରାଇ ଦେବାକୁ କହି ଉକ୍ତ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବାର କିଛି ଦିନ ପରେ ସୁଶାନ୍ତଙ୍କ ସାଙ୍ଗରେ ଆଉ କୌଣସି ଯୋଗାଯୋଗ ହୋଇ ପାରି ନ ଥିଲା। ଯାହାକୁ ନେଇ ବିଚିତ୍ରାନନ୍ଦ ୧୪ ଡିସେମ୍ବର ୨୦୨୨ରେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୩୬୩/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳ ସୂଚନା ଦେଇଛନ୍ତି।

୩ ମନ୍ଦିରରୁ ଚୋରି

ଚଢ଼େଇଧରା,୨୩।୮ (ଦିଲୀପ ପରିଡ଼ା):

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ଜଗନ୍ନାଥ ମନ୍ଦିର ସମେତ ୩ଟି ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜଗନ୍ନାଥ ମନ୍ଦିର ଓ ରଘୁନାଥ ମନ୍ଦିର ସମେତ ମା' ମଙ୍ଗଳାଙ୍କ ମନ୍ଦିରରୁ ଚୋରି ହୋଇଛି। ରାଜପୁରୋହିତ ନୀଳାମ୍ବର ପତି ପୂଜା କରିବାକୁ ଜଗନ୍ନାଥ ମନ୍ଦିରକୁ ଆସିଥିବା ବେଳେ ମନ୍ଦିରର ଚାବି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ତାଙ୍କର ସନ୍ଦେହ ହେବାରୁ ସେ ରଜାଘର ଅନ୍ୟମନ୍ଦିରଗୁଡ଼ିକ ବୁଲି ଦେଖିଥିଲେ। ସେଥିମଧ୍ୟରୁ ମଙ୍ଗଳା ମନ୍ଦିରର ଚାବି ଭାଙ୍ଗି ପଡ଼ିଥିବାବେଳେ ମା'ଙ୍କ ସାମଗ୍ରୀ ରହିଥିବା ବାକ୍ସସବୁ ଖୋଲା ପଡ଼ିଥିଲା। ସେହିପରି ରଘୁନାଥ ମନ୍ଦିରର ଚାବି ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ନିକଟରେ ଥିବା ଏକ କୋଠଘର ବାରଣ୍ଡାରେ ଥିବା ସାଇକେଲକୁ ମଧ୍ୟ ନେଇ ଯାଇଛନ୍ତି। ଏନେଇ ଜେନାପୁର ଥାନାରେ ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଛି। ଗତ କିଛି ବର୍ଷ ତଳେ ଦାନବାକ୍ସ ଭାଙ୍ଗି ଚୋରି ହୋଇଥିଲା। ଏକାଧିବାର ଏଠାରୁ ଚୋରି ହୋଇଥିଲେ ମଧ୍ୟ ପୋଲିସ କାହାକୁ ଧରିବାରେ ସକ୍ଷମ ହୋଇନାହିଁ। ଜଗନ୍ନାଥ ମନ୍ଦିରରେ ସିସିଟିଭି କ୍ୟାମେରା ଲାଗିଛି। ମାତ୍ର ଇନଭଟର ଖରାପ କାରଣରୁ ଦୁଇ ଦିନ ତଳେ କାମ ହୋଇଥିଲେ ମଧ୍ୟ ଚାଲୁ ନ ଥିଲା। ଜଗନ୍ନାଥ ମନ୍ଦିରରେ ଥିବା ୧୦ହଜାରରୁ ଅଧିକ ଟଙ୍କା ଓ ଅନ୍ୟ ମନ୍ଦିରରୁ ପ୍ରାୟ ୧୦ ହଜାର ଟଙ୍କା ଲୁଟ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରାଣୀ ମନ୍ଦିରରୁ ଚୋରି କରିଥିବା ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ ପାଇଁ ଦାବି କରିଛନ୍ତି। ପୋଲିସ ଏକ ଚୋରି ମାମଲା ରୁଜୁ କରିଛି। ଏସ୍‌ଆଇ ବାସୁଦେବ ପରିଡ଼ା, ଏଏସ୍‌ଆଇ ଅନିଲ କୁମାର ସାହୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। କୁକୁର କିଛି ବାଟ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ଆସିଥିଲା।

କ୍ଷମତା ମିଳୁଛି, ବେକାରି ବଢୁଛି

୩ ବର୍ଷରେ ୧୮,୫୫୩ ଜଣଙ୍କ ନାମ ପଞ୍ଜୀକୃତ

ଯାଜପୁର ଅଫିସ,୨୩।୮

ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ କ୍ରମଶଃ ବେକାରୀ ସମସ୍ୟା ଗ୍ରାସ କରିବାରେ ଲାଗିଛି। ଶିଳ୍ପ କମ୍ପାନୀ ଅନୁପାତରେ ନିଯୁକ୍ତି ମିଳୁ ନାହିଁ। ଶିଳ୍ପ ଓ ଖଣିଦ୍ୱାରା ଜିଲାର ବେକାରୀ ସମସ୍ୟାର ଦୂରୀକରଣ ହୋଇ ପାରିବ ବୋଲି ସରକାର କହୁଥିବାବେଳେ ବାସ୍ତବତା ଠାରୁ ଏହା ବହୁ ଦୂରରେ ବୋଲି ମତପ୍ରକାଶ ପାଇଛି।

ଜିଲା କର୍ମ ନିଯୋଜନ ସଂସ୍ଥା ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୨୦୨୧ରୁ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ସମୁଦାୟ ୧୮,୫୫୩ ଜଣ ପଞ୍ଜିକୃତ କରିଛନ୍ତି। ଏହାକୁ ମିଶାଇ ଜିଲାରେ ପ୍ରାୟ ୭୦ ହଜାର ବେକାରୀ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ତଥ୍ୟ ଅନୁସାରେ ୨୦୨୩ ଏପ୍ରିଲ ସୁଦ୍ଧା ଜିଲାରେ ୯୬୦୯, ୨୦୨୨ରେ ୪୫୮୭ ଓ ୨୦୨୧ରେ ୪୩୫୭ ଜଣ ନିଜ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୬୧ ଜଣଙ୍କ ନାମ ବିଭିନ୍ନ ନିଯୁକ୍ତି ମେଳାରେ ସ୍ଥାନ ପାଇଥିଲା। ତେବେ କଳିଙ୍ଗନଗରର ବଡ଼ ବଡ଼ ଶିଳ୍ପ କମ୍ପାନୀମାନେ କର୍ମନିଯୋଜନ ସଂସ୍ଥା ଜରିଆରେ ନିଯୁକ୍ତି ଦେଉ ନ ଥିବା ଜଣାପଡିଛି। ତେବେ କେତକକ ଶିଳ୍ପ ସଂସ୍ଥା ସରକାରୀ ପଲିଟେକ୍ନିକ କଲେଜରୁ କ୍ୟାମ୍ପସ ଜରିଆରେ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ସୂଚନା ମିଳିଛି। ଅନ୍ୟ କେତେକ ବଡ଼ବଡ଼ ଶିଳ୍ପ କମ୍ପାନୀ କ୍ୟାମ୍ପସ ପାଇଁ ଆଦୌ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜିଲାର ଶିକ୍ଷିତ ଯୁବତୀଯୁବକ ବିଭିନ୍ନ ବୈଷୟିକ ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ବି ଶିଳ୍ପ କମ୍ପାନୀମାନେ କେବଳ ଅଭିଜ୍ଞତା ଥିବା ଆଳ ଦେଖାଇ ବାହାର ରାଜ୍ୟରୁ ଅଧିକ ନିଯୁକ୍ତି ଦେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକପ୍ରତିନିଧି ଓ ଶ୍ରମିକ ନେତା ଏହାର ପ୍ରତିବାଦ କରି ପାରୁ ନ ଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ମନୋବଳ ଆହୁରି ବଢିବାରେ ଲାଗିଛି । ଜିଲାର ଲୋକ ପ୍ରତିନିଧିଙ୍କୁ ଗ୍ରାମ୍ୟ ଉନ୍ନୟନ, ରାଜସ୍ୱ, ଶକ୍ତି, ଅର୍ଥ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅବକାରୀ, ମହିଳା ଓ ଶିଶୁ ବିକାଶ ବିଭାଗ, କ୍ରୀଡା, କୃଷି, ପର୍ଯ୍ୟଟନ ଓ ଲୋକ ସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ମିଳି ଆସିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସମୟରେ ଜିଲାକୁ ପ୍ରଥମ ମନ୍ତ୍ରୀପଦ ମିଳିଥିଲା । ଯାଜପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ଶାନ୍ତନୁ ଦାଶଙ୍କୁ ଆଦିବାସୀ ହରିଜନ ଉନ୍ନୟନ ଏବଂ ଅବକାରୀ ମନ୍ତ୍ରୀ ଭାବେ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିଥିଲା । ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ସମୟରେ ଚିତ୍ତ ନାୟକ ବିଞ୍ଝାରପୁର ଆସନରୁ ଡେପୁଟୀ ମନ୍ତ୍ରୀ ପଦ ପାଇଥିଲେ । ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀ କାଳରେ ଧର୍ମଶାଳା ଆସନରୁ ବାଙ୍କବିହାରୀ ଦାସଙ୍କୁ ରାଜସ୍ୱ ମନ୍ତ୍ରୀ ପଦ ମିଳିଥିଲା । ଏହାପରେ ଯାଜପୁର ଆସନରୁ ଜଗନ୍ନାଥ ମଲ୍ଲିକ କୃଷି ମନ୍ତ୍ରୀ, ସୁକିନ୍ଦା ଆସନରୁ ଶରତ ରାଉତ ପର୍ଯ୍ୟଟନ ଓ ଲୋକ ସମ୍ପର୍କ, ବଡଚଣା ଆସନରୁ ସୀତାକାନ୍ତ ମହାପାତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଧର୍ମଶାଳା ଆସନରୁ କଳ୍ପତରୁ ଦାଶ ପଞ୍ଚାୟତିରାଜ, ବରୀ ଆସନରୁ ଦେବାଶିଷ ନାଏକ କ୍ରୀଡା, ବଡ଼ଚଣା ଆସନରୁ ଅମରପ୍ରସାଦ ଶତପଥୀ କୃଷି, ବିଞ୍ଝାରପୁର ଆସନରୁ ପ୍ରମିଳା ମଲ୍ଲିକ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଯାଜପୁର ଆସନରୁ ପ୍ରଣବ କିଶୋର ଦାସ ଶକ୍ତିମନ୍ତ୍ରୀ ହୋଇଛନ୍ତି । ତେବେ ପ୍ରଫୁଲ୍ଲ ଘଡାଇ ଜିଲାରୁ ୪ ଥର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକର ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀ ଭାବେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବସ୍ଥାପିତ କରିଥିଲେ । ଜିଲାରେ ଏତେସବୁ କ୍ଷମତାର ଅଧିକାରୀ ହୋଇଥିଲେ ବି ଯାଜପୁର ଜିଲା ବିକାଶ କ୍ଷେତ୍ରରେ ସେତେଟା ଆଗେଇ ପାରିନାହିଁ। ନଗଡା, ତୁମୁଣି, ଗୁହିଆଶାଳୀ ଭଳି ସୁକିନ୍ଦା ବ୍ଲକର ଅନ୍ୟ କେତେକ ଆଭ୍ୟନ୍ତରିଣ ଗ୍ରାମରେ ଏବେ ବି ବିକାଶର ଆଲୁଅ ପହଞ୍ଚି ପାରି ନ ଥିବା ଚର୍ଚ୍ଚା ହେଉଛି। ଜିଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ ହୋଇ ରହିଥିବାବେଳେ ବର୍ଷା ମାସରେ ପ୍ରମୁଖ ନଦୀନାଳ ଜିଲାବାସୀଙ୍କ ପାଇଁ ଦୁଃଖ ସାଜିଛି। ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ଏବଂ ଠିକାଦାରୀ ରାଜନୀତି ଜିଲାର ଅଗ୍ରଗତିରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ମତପ୍ରକାଶ ପାଇଛି ।

ବନ ବିଭାଗ ପକ୍ଷରୁ ୨ କମ୍ପ୍ରେସର ଜବତ

ଜେନାପୁର,୨୩।୮ (ଅଶୋକ ଦାସ):

ଜେନାପୁର ଥାନା ଅଧୀନ ବାଘୁଆ ୨ ନମ୍ବର ଜଙ୍ଗଲ କିସମ ପାହାଡ଼ରେ ବେଆଇନଭାବେ ୨ କମ୍ପ୍ରେସର ଚାଲୁଥିବାବେଳେ ବୁଧବାର ବନବିଭାଗ ଅଧିକାରୀ ଚଢ଼ାଉ କରି ତାହାକୁ ଜବତ କରିଛନ୍ତି। କଟକ ବନଖଣ୍ଡର ଡାଳିଜୋଡା ରେଞ୍ଜ ଅଧୀନରେ ଥିବା ବାଘୁଆ ୨ ନମ୍ବର ଜଙ୍ଗଲ କିସମ ପାହାଡ଼ରେ ଚୋରା କଳାପଥର ବ୍ୟବସାୟୀ କମ୍ପ୍ରେସର ଲଗାଇ ଡ୍ରିଲ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଗଡ଼ମଧୁପୁର ଫରେଷ୍ଟର ମହମ୍ମଦ ସାକିର ହୁସେନ ସଦଳବଳ ପହଞ୍ଚି ପାହାଡ଼ରେ ବ୍ୟବହୃତ ହେଉଥିବା ୨ କମ୍ପ୍ରେସର ଓ କାଳପଥର ଚୋରାଚାଲାଣ ହେଉଥିବା ୨ ଟ୍ରାକ୍ଟର ଜବତ କରିଥିଲେ। ମାତ୍ର ଚୋରା କଳାପଥର ବ୍ୟବସାୟୀମାନେ ଟ୍ରାକ୍ଟରକୁ ଛଡ଼ାଇ ନେଇଥିଲେ। ଟ୍ରାକ୍ଟର ଛଡ଼ାଇ ନେଇଥିବା ବ୍ୟକ୍ତିଙ୍କ ନାମରେ ଫରେଷ୍ଟର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜବତ କମ୍ପ୍ରେସରକୁ ବୈରୀ ଫରେଷ୍ଟ ରେଞ୍ଜକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ବୈରୀ ଫରେଷ୍ଟର ମାଣିକ ମୁଣ୍ଡା, ସେକ ଜାବିର, ସସ୍ମିତ ରାଉତ ଓ ରାଜକିଶୋର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

ବନବିଭାଗ ଜବତ କରିଥିବା ଦୁଇ କମ୍ପ୍ରେସର।

ଯୁବତୀଙ୍କୁ ପ୍ରତାରଣା, ପୁରୁଷ ବନ୍ଧୁ ଗିରଫ

ରସୁଲପୁର,୨୩।୮ (ରଞ୍ଜିତ ରାଉତ):

କୁଆଖିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷବନ୍ଧୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଖସାଗଡ଼ିଆ ଗ୍ରାମର ଗୋପାଳ ଓରଫ ଚଗୁଲୁ ମାଝି।
ଗୋପାଳ ବିଭିନ୍ନ ସମୟରେ ଯୁବତୀଙ୍କ ଘରକୁ ଯାଆସ କରନ୍ତି। ଉଭୟଙ୍କ ମଧ୍ୟରେ ବନ୍ଧୁବାନ୍ଧବ ସଂପର୍କ ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଉକ୍ତ ସମ୍ପର୍କରୁ ସେମାନଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା। ଉଭୟ ବିବାହ କରିବେ ବୋଲି ସ୍ଥିର କରିଥିଲେ। ବିବାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ଗଢି ଉଠିଥିଲା। କିଛିଦିନ ମିଳାମିଶା କରିବା ପରେ ଅଭିଯୁକ୍ତ ଯୁବକ ଜଣକ ଯୁବତୀଙ୍କୁ ପ୍ରତାରଣା କରିବା ସହ ବିବାହ କରିବାକୁ ଅରାଜି ହୋଇଥିଲେ। ମାତ୍ର ତାଙ୍କ ସହ ସମ୍ପର୍କ ରଖିବା ବେଳର ଅଶ୍ଳୀଳ ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଘଟଣା ସମ୍ପର୍କରେ ଯୁବତୀ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୨୯୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ସମରଜିତ୍ ନାୟକ ମାମଲାର ତଦନ୍ତ କରୁଛନ୍ତି।

୫-ଟି ସଚିବଙ୍କ କୋରେଇ ଗସ୍ତ ପାଇଁ ପ୍ରସ୍ତୁତି

୫-ଟି ସଚିବଙ୍କ ଗସ୍ତ ପାଇଁ କୋରେଇ ବିଧାୟକ ଅଶୋକ ବଳ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ ସଭାସ୍ଥଳ ଚିହ୍ନଟ କରୁଛନ୍ତି।

ପାଣିକୋଇଲି,୨୩।୮ (ବିକାଶ ମଲ୍ଲିକ):

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୋରେଇ ଗସ୍ତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ତାଙ୍କର ଆସନ୍ତା ୨୯ ତାରିଖରେ ପାଣିକୋଇଲିଠାରେ ଜିଲାସ୍ତରୀୟ ମିଶନ ଶକ୍ତି ସଭା ଓ ୧ ତାରିଖରେ କୋରେଇ ନିର୍ବାଚନମଣ୍ଡଳୀସ୍ତରୀୟ ସଭା ପାଇଁ ସ୍ଥିର ହୋଇଛି। ଏନେଇ ସଠିପୁର ବିଜେଡି କଲ୍ୟାଣ ମଣ୍ଡପଠାରେ ବୁଧବାର କୋରାଇ ବିଧାୟକ ଅଶୋକ କୁମାର ବଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଯେନା, ଜିଲା ଯୁବ ସଭାପତି ପ୍ରତାପ କୁମାର ମହାନ୍ତି, ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ଯୁବ ସଭାପତି ସୌଭାଗ୍ୟ ମହାନ୍ତି, ୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ସସ୍ମିତା ତରାଇ, ୨ ନମ୍ବର ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି, ପ୍ରତ୍ୟେକ ପଞ୍ଚାୟତ ସଭାପତି, ଯୁବ ସଭାପତି, ସରପଞ୍ଚସମିତିସଭ୍ୟ ଓ ବରିଷ୍ଠ ନେତୃମଣ୍ଡଳୀଙ୍କୁ ନେଇ ଏହି ବୈଠକ କରାଯାଇଥିଲା। ଏଥିରେ ଅଧିକ ସଂଖ୍ୟାରେ ଜନସାଧାରଣ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସନ୍ଧ୍ୟାରେ ପାଣିକୋଇଲି ଖେଳପଡ଼ିଆରେ କୋରେଇ ବିଧାୟକ ବଳ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରକାଶ ଦାସ ପ୍ରମୁଖ ପହଞ୍ଚି ତନଖି କରିଛନ୍ତି। କେଉଁ ପଟରେ ମଞ୍ଚ ହେବ। କେଉଁଠି ଗାଡ଼ି ପାର୍କିଂ କରାଯିବ ଓ କେଉଁଠି ହେଲିପ୍ୟାଡ ହେବ ସେନଇ ସ୍ଥାନ ନିରୂପଣ କରାଯାଇଛି।

ବାପ ଘରେ ବିବାହିତା ଝିଅର ଆତ୍ମହତ୍ୟା

କୁଜଙ୍ଗ, ୨୩।୮ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଗବପୁର ଗ୍ରାମର ସନାତନ ସ୍ୱାଇଁଙ୍କ ବିବାହିତା ଝିଅ ଝରଣା ସ୍ୱାଇଁ (୨୮) ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ୨୦୧୯ରେ ଝରଣା ତିର୍ତ୍ତୋଲ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଶ୍ରୀନିବାସ ପାତ୍ରଙ୍କୁ ବିବାହ କରିଥିଲେ। ବିବାହର ଏକବର୍ଷ ପରେ ଝରଣାଙ୍କ ମାନସିକ ବିକୃତି ଘଟିଥିଲା। ଫଳରେ ସେ କଟକ ବଡ଼ ମେଡ଼ିକାଲର ମାନସିକ ରୋଗ ବିଭାଗରେ ଚିକିତ୍ସା ହେବା ସହ ନିୟମିତ ଔଷଧ ସେବନ କରୁଥିଲେ। ଏକମାସ ପୂର୍ବରୁ ଝରଣା ବାପଘରକୁ ଆସି ରହୁଥିଲେ। ମଙ୍ଗଳବାର ରାତ୍ରି ସାଢେ ୮ଟାରେ କୌଣସି କାରଣ ନ ଥାଇ ଝରଣା ଘର ଭିତର ପଛପଟୁ କବାଟ ଦେଇ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ବାପଘର ଲୋକେ କବାଟ ବାଡାଇବାରେ ସେ ନ ଶୁଣିବାରୁ ଝରକା ପଟେ ଦେଖିଲେ ପଙ୍ଖାରେ ଝୁଲୁଛି। ତତ୍କ୍ଷଣାତ କବାଟ ଭାଙ୍ଗି ଝରଣାକୁ ଉଦ୍ଧାର କରିଥିଲେ ବି ତାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଝରଣାର ବାପା ସନାତନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମଥଦେହକୁ ଜବତ କରିବା ସହ ନଂ.୩୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଯେହେତୁ ବିବାହର ୭ ବର୍ଷ ମଧ୍ୟରେ ଆତ୍ମହତ୍ୟା କରିଛି ଆଇନାନୁଯାୟୀ ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ କରାଯାଇଥିଲା। ଏରସମାର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ାରୁ ଫରେନସିକ୍ ଟିମ ଆସି ତଦନ୍ତ କରି ଫେରିଯାଇଥିବା ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶ କହିଛନ୍ତି।

ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ବିଞ୍ଝାରପୁର,୨୩।୮ (ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତ ଓଳେଇ ଗ୍ରାମର ଦଳୀପ ସାହୁଙ୍କ ଝିଅ ସୋନାଲି ସାହୁ(୨୦)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସୋନାଲିଙ୍କ ବାପା, ମା' ଦିଲ୍ଲୀରେ ରହୁଥିବା ବେଳେ ସେ ଜେଜେ ମା'ଙ୍କ ସହିତ ଗାଁରେ ରହିଆସୁଥିଲେ। ବୁଧବାର ସକାଳୁ ସୋନାଲିଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଏହାକୁ ସ୍ୱାଭାବିକ ମୃତ୍ୟୁ କହୁଥିବାବେଳେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସୋନାଲିଙ୍କ ଅନ୍ତିମ ସଂସ୍କାର କରାଯାଇସାରିଥିଲା, ଯାହାକୁ ନେଇ ସନ୍ଦେହ ବଢ଼ିଯାଇଛି।

୫ ଅଣଓଡ଼ିଆ ବିଦ୍ୟୁତ୍ କର୍ମଚାରୀ ଅଟକ

ଜବରଦସ୍ତ ଯାଞ୍ଚବେଳେ କାବୁକଲେ ଗ୍ରାମବାସୀ

ଧର୍ମଶାଳା,୨୩।୮ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ବୁଧବାର ଟାଟାପାୱରର ୫ଜଣ ଅଣ ଓଡ଼ିଆ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିବାବେଳେ ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ମଙ୍ଗଳପୁର ଗ୍ରାମର ଜଣେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ କେହି ପୁରୁଷ ଲୋକ ନ ଥିବା ସୁଯୋଗ ନେଇ ଟାଟାପାୱାରର କେତେଜଣ ବିହାରୀ ପୁରୁଷ ଓ ମହିଳା କର୍ମଚାରୀ ଚେକିଂ ଆଳରେ ଜରଜବରଦସ୍ତ ଘରେ ପସି ମହିଳାଙ୍କ ଭିଡିଓ ବନାଇବା ସହ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ସେଠାକୁ ଯାଇ ସେମାନଙ୍କୁ ଧରି ଅଣି ଠାକୁର ଘରେ ଅଟକ ରଖିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ଟାଟା ପାୱାର କମ୍ପାନୀ ଠିକ ଭାବେ ବିଦ୍ୟୁତ୍ ସରବରାହ ଓ ମରାମତି ନ କରି ବିଭିନ୍ନ ଉପଭୋକ୍ତାଙ୍କ ଘରେ ଚଢ଼ାଉ କରି ମାତ୍ରାଧିକ ଜରିମାନା କରିବା ସହ ଭିଡିଓ ଉଠାଇ ଭାଇରାଲ କରୁଛି। ଏହି ଖବର ପାଇ ସେଠାରେ ଗ୍ରାମବାସୀ ପହଞ୍ଚି ସେମାନେ କିଏ ବୋଲି ପଚାରିବାରୁ ଆମେ କିଏ ତାହା ଓଡ଼ିଶାର ମୁଖ୍ୟମନ୍ତ୍ରୀ କହିବେ ବୋଲି ସେମାନେ କହିଥିଲେ। ତେଣୁ ଗ୍ରାମବାସୀ ସେମାନଙ୍କୁ ଆଣି କ୍ଲବ ଘରେ ରଖି ବିଭାଗୀୟ ଯନ୍ତ୍ରୀ ଏଠାକୁ ନ ଆସିଲେ ଛଡ଼ା ଯିବନାହିଁ ବୋଲି ଜିଦ ଧରିଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ପୋଲିସ ପହଞ୍ଚି ଅଟକ ଥିବା କର୍ମଚାରୀମାନଙ୍କୁ ଉଦ୍ଧାର କରି ଛାଡ଼ିଥିଲା। ଏନେଇ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ସଫଳ ହେଲା ପୂଜାର୍ଚ୍ଚନା

ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଚନ୍ଦ୍ରୟାନ-୩ର ସଫଳ ଅବତରଣ ପାଇଁ ଦୀପ ଜାଳୁଛନ୍ତି।

ବ୍ରହ୍ମବରଦା,୨୩।୮ (ଯଯାତି କେଶରୀ ବେହେରା):

ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ବୁଧବାର ସନ୍ଧ୍ୟାରେ ଅବତରଣ କରିଛି। ଫଳରେ ଦେଶର ଜନତାଙ୍କ ପୂଜାର୍ଚ୍ଚନା ଏବଂ ୧୬ ହଜାର ବୈଜ୍ଞାନିକଙ୍କ କଠିନ ପରିଶ୍ରମର ଫଳ ମିଳିଛି। ଚନ୍ଦ୍ରୟାନ-୩ ସଫଳ ଅବତରଣ ପାଇଁ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ମହେଶ୍ୱର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମୂହ ଦୀପଦାନ ସହ ଭଗବାନଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ସହ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେହିପରି ବ୍ରହ୍ମବରଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପିଲାମାନେ ଦୀପଜାଳି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବିଦ୍ୟାମନ୍ଦିର ଆଚାର୍ଯ୍ୟ ଶଶିକାନ୍ତ ବାରିକ, ଜ୍ଞାନରଞ୍ଜନ ପାଢ଼ୀ, ଆଚାର୍ଯ୍ୟା ଲୋପାମୁଦ୍ରା ମାହାନ୍ତି, ସୋନାଲି ସାହୁ, ସପ୍ନାଶ୍ରୀ ଦାସ, ପ୍ରିୟଙ୍କା ପାଣି, ଶୁଭଶ୍ରୀ ସାହୁ ଉପସ୍ଥିତ ରହି ପିଲାଙ୍କୁ ସହଯୋଗ କରିଥିଲେ। ସେହିପରି ବ୍ରହ୍ମବରଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପୂଜାର୍ଚ୍ଚନା ସଫଳ ହୋଇଥିବାରୁ ସବୁ ମହଲରେ ଆନନ୍ଦ ପ୍ରକାଶ ପାଇଛି।

ଚନ୍ଦ୍ରୟାନ-୩ର ଅବତରଣ ପାଇଁ ବୈଜ୍ଞାନିକଙ୍କୁ ବଧାଇ

ଧର୍ମଶାଳା,୨୩।୮ (ବଟକୃଷ୍ଣ ପରିଡ଼ା):

ଚନ୍ଦ୍ରୟାନ-୩ ବିକ୍ରମ ଚନ୍ଦ୍ରରେ ସଫଳତା ସହ ଅବତରଣ କରିଥିବାରୁ ଇସ୍ରୋ ବୈଜ୍ଞାନିକମାନଙ୍କୁ ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୈଜ୍ଞାନିକମାନଙ୍କୁ ବଧାଇ ଜଣାଯିବା ସହ ପରସ୍ପରକୁ ମିଠା ଖୁଆଇ ଉତ୍ସବ ପାଳନ କରାଯାଇଛି। ଏଥିରେ ପ୍ରେସ୍‌କ୍ଲବ ସଭାପତି ରମାକାନ୍ତ ଜେନା, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟାକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ସୀତାକାନ୍ତ ସାମଲ, ସହସମ୍ପାଦକ ମାନସ ରଞ୍ଜନ ଜେନା, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚନ୍ଦ୍ରାୟନ-୩ର ସଫଳ ଅବତରଣ ନେଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ପ୍ରମୁଖ ବୈଜ୍ଞାନିକମାନଙ୍କୁ ବଧାଇ ଜଣାଇଛନ୍ତି।

ମରଣଯନ୍ତା ବଡ଼ବରୁଣାଇପଦା ରାସ୍ତା

ମରାମତି ଦାବି

ପାଣିକୋଇଲି,୨୩।୮ (ବିକାଶ ମଲ୍ଲିକ):

ସରକାରଙ୍କ ପକ୍ଷରୁ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଗମନାଗମନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଗ୍ରାମାଞ୍ଚଳରେ ସହରାଞ୍ଚଳର ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି ଯୋଜନା ଚାଲିଛି। ହେଲେ ଏବେବି ଅନେକ ଗ୍ରାମକୁ ରାସ୍ତା ନାହିଁ। କେତେକ ସ୍ଥାନରେ ରାସ୍ତା ପୁରୁଣା ହୋଇ ଭାଙ୍ଗିରୁଜି ଯାଇଛି। ଫଳରେ ମରାମତି ଅଭାବରୁ ତାହା ମରଣଯନ୍ତା ପାଲଟିଛି। ଏଭଳି ଅବସ୍ଥା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବଡ଼ବରୁଣାଇପଦା ଗ୍ରାମ ରାସ୍ତା। ଏହିରାସ୍ତା ଦୀର୍ଘ ବର୍ଷ ପୂର୍ବରୁ କଂକ୍ରିଟ କରାଯାଇଥିଲା । ମାତ୍ର ମରାମତି ନ ହେବାରୁ ଏହା ଭାଙ୍ଗିରୁଜି ଯାଇଛି। ରାସ୍ତାଟି ଏବେ ସାଧାରଣ ଲୋକଙ୍କ ଦୁର୍ଘଟଣାର କାରଣ ପାଲଟିଛି। ରାସ୍ତକୁ ବ୍ୟବହାର ଉପଯୋଗୀ କରିବାକୁ ହେଲେ ଏହାର ମରାମତି ଆବଶ୍ୟକ ରହିଛି। ତେଣୁ ପଞ୍ଚାୟତ ପକ୍ଷରୁ ତୁରନ୍ତ ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

ଗ୍ୟାସ୍ ପାଇଁ ଟଙ୍କା ନାହିଁ: ଜଙ୍ଗଲ କାଠକୁ ଭରସା

ମହାକାଳପଡ଼ା,୨୩।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଦାରିଦ୍ର୍ୟ ଓ ଅଭାବରେ ଶଢୁଛନ୍ତି ଜନଜାତି ପରିବାର। ଏମାନଙ୍କ ଆର୍ଥିକ ରୋଜଗାର ନ ଥିବାରୁ ବାଧ୍ୟ ହୋଇ ନଦୀ, ସମୁଦ୍ର ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ନଦୀ ସମୁଦ୍ରରୁ ମାଛ, କଙ୍କଡ଼ା ଧରି ନିକଟସ୍ଥ ହାଟ ବଜାରରେ ବିକ୍ରି କରି ପରିବାର ପୋଷଣ କରନ୍ତି। ଅପରପକ୍ଷରେ ଏମାନଙ୍କ ଆର୍ଥିକ ଅଭାବ ଯୋଗୁ ଘରେ ଗ୍ୟାସ ସିଲିଣ୍ଡର କିଣି ପାରୁ ନ ଥିବାରୁ ଜଙ୍ଗଲରୁ ଶୁଖିଲା କାଠ ଓ ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟକୁ ସଂଗ୍ରହ କରିବା ଦୈନନ୍ଦିନ କାମ ହୋଇଛି।

ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜଙ୍ଗଲ ଘେରି ଶବରପଲ୍ଲୀରେ। ଗାଁର ସହଚରୀ ଅହାଡ଼ି, ଚେପି ଭକ୍ତା, ଝଡୁ ଭକ୍ତା, ରାମ ପାତ୍ର, ସୁଦନ ଭକ୍ତା, ପଇଡ଼ ଭକ୍ତା, ସଚି ଆହାଡ଼ି, ହରି ଆହାଡି, ଗୌରାଙ୍ଗ ମଲ୍ଲିକ, ସପନ ଭକ୍ତା, ୱାର୍ଡ ସଭ୍ୟ ରୂପାଲି ଭକ୍ତା ପ୍ରମୁଖ କହିଛନ୍ତି, ଗାଁରେ ମୋଟ ୩୫ ଘର ମଧ୍ୟରେ ୨ଶହରୁ ଅଧିକ ଲୋକ ବସବାସ କରୁଛୁ। ପୁରୁଷମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀ, ସମୁଦ୍ରରୁ ମାଛ, କଙ୍କଡ଼ା ଧରନ୍ତି।

ମହାକାଳପଡ଼ା ଶବରପଲ୍ଲୀର ମହିଳାମାନେ ସ୍ଥାନୀୟ ବାଲି ଡିପ ଜଙ୍ଗଲରୁ କାଠ ସଂଗ୍ରହ କରି ଘରକୁ ଫେରୁଛନ୍ତି।

■ ଅଭାବରେ ଶଢୁଛନ୍ତି ଜନଜାତି ପରିବାର
■ ନଦୀ, ସମୁଦ୍ର, ଜଙ୍ଗଲ ଉପରେ ନିର୍ଭରଶୀଳ

ମହିଳାମାନେ ବାଲି ଡିପ ଜଙ୍ଗଲରୁ କାଠ ସଂଗ୍ରହ କରି ସନ୍ଧ୍ୟାରେ ଘରକୁ ଫେରିଥାନ୍ତି। ଅପରପକ୍ଷରେ ଛୋଟ ଛୋଟ ଶିଶୁମାନେ ମା'ଙ୍କ ସହ ଜଙ୍ଗଲକୁ ଯାଇଥାନ୍ତି। ମୁଣ୍ଡରେ ବିଡା ବିଡା କାଠି, କୁଟା, କାଠ ସଂଗ୍ରହ କରି ଘରକୁ ଫେରନ୍ତି। ତେବେ ଏହି ଜନଜାତି ପରିବାରଗୁଡ଼ିକର ରୋଜଗାର ନ ଥିବାରୁ ଗ୍ୟାସ ସିଲିଣ୍ଡର କିଣିବା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି ବୋଲି ସେମାନେ କହିଛନ୍ତି। ସେମାନେ କହିବା କଥା ଆମେମାନେ ଯେଉଁଠୁ ବସବାସ କରିଆସୁଛି ସେ ଜଙ୍ଗଲ କିସମ ଜମି ରହିଛି। ଆମେ ଉକ୍ତ ଜମିରେ ସ୍ଥାୟୀ ଭାବେ କୁଡ଼ିଆ କରି ଜୀବନ ଅତିବାହିତ କରୁଛୁ।

ଆମମାନେ ସକାଳ ହେଲେ ନଦୀ ସମୁଦ୍ର ଓ ଜଙ୍ଗଲ ଉପରେ ନିର୍ଭର କରିଥାଉ। ପ୍ରାୟ ଲୋକ ନିରକ୍ଷର। ଗାଁରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ନାହିଁ। ପିଲାଙ୍କ ପାଠ ପଢ଼ିବା ପାଇଁ ସୁବିଧା ନ ଥିବାବେଳେ ୨ କିମିରୁ ଅଧିକ ଦୂରରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି। ଗାଁକୁ କାଦୁଅ ରାସ୍ତାରେ ବର୍ଷା ଦିନରେ ଗର୍ଭବତୀ ଓ ରୋଗୀମାନଙ୍କୁ ଦୋଳି ଭାରରେ କାନ୍ଧେଇ ୨ କିମି ଦୂର ମୁଖ୍ୟ ରାସ୍ତାକୁ ନେଇ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟକୁ ନେଉଛୁ ବୋଲି ସେମାନେ କହିଛନ୍ତି। ତୁରନ୍ତ ଏହି ଜଙ୍ଗଲ ଘେରି ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ବ୍ଲକ ବିଡିଓ ସାଗର କୁମାର ନନ୍ଦଙ୍କୁ ପଚାରିବାରେ ଏହି ଗ୍ରାମର ସମସ୍ୟା ନଜରକୁ ଆସିଛି। ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସଂକ୍ଷେପରେ

ବାପ ଘରେ ବିବାହିତା ଝିଅର ଆତ୍ମହତ୍ୟା

କୁଜଙ୍ଗ, ୨୩।୮(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଗବପୁର ଗ୍ରାମର ସନାତନ ସ୍ୱାଇଁଙ୍କ ବିବାହିତା ଝିଅ ଝରଣା (୨୮) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ୨୦୧୯ରେ ଝରଣା ତିର୍ତ୍ତୋଲ ଥାନା ହରିପୁର ଗାଁର ଶ୍ରୀନିବାସ ପାତ୍ରଙ୍କୁ ବିବାହ କରିଥିଲେ। ବିବାହର ବର୍ଷେ ପରେ ଝରଣାଙ୍କ ମାନସିକ ବିକୃତି ଘଟିଥିଲା। ଫଳରେ ସେ କଟକ ବଡ଼ ମେଡ଼ିକାଲର ମାନସିକ ରୋଗ ବିଭାଗରେ ଚିକିତ୍ସା ହେବା ସହ ନିୟମିତ ଔଷଧ ସେବନ କରୁଥିଲେ। ମାସେ ପୂର୍ବରୁ ଝରଣା ବାପଘରକୁ ଆସି ରହୁଥିଲେ। ମଙ୍ଗଳବାର ରାତ୍ରି ସାଢେ ୮ଟାରେ କୌଣସି କାରଣ ନ ଥାଇ ଝରଣା ଘର ଭିତର ପଛପଟୁ କବାଟ ଦେଇ ପଙ୍ଖାରେ ରଶି ଲଗାଇ ଝୁଲି ପଡିଥିଲେ। ବାପଘର ଲୋକେ କବାଟ ବାଡାଇବାରେ ସେ ନ ଶୁଣିବାରୁ ଝରକା ପଟେ ଦେଖିଲେ ପଙ୍ଖାରେ ଝୁଲୁଛି। ତତ୍‌କ୍ଷଣାତ କବାଟ ଭାଙ୍ଗି ଝରଣାକୁ ଉଦ୍ଧାର କରିଥିଲେ ବି ତାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଝରଣାଙ୍କ ବାପା ସନାତନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ.୩୦/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଯେହେତୁ ବିବାହର ୭ ବର୍ଷ ମଧ୍ୟରେ ଆତ୍ମହତ୍ୟା କରିଛି।ଆଇନାନୁଯାୟୀ ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ କରାଯାଇଥିଲା। ଏରସମାର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ାରୁ ଫରେନସିକ୍ ଟିମ ଆସି ତଦନ୍ତ କରି ଫେରିଯାଇଥିବା ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶ କହିଛନ୍ତି।

ଭାଜପା ପକ୍ଷରୁ ଭୋଟର ସଚେତନତା ମହାଅଭିଯାନ

ରଘୁନାଥପୁର,୨୩।୮(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛକସ୍ଥିତ ମଦନମୋହନ ମଠ ପରିସରରେ ଭାଜପା ପକ୍ଷରୁ ଭୋଟର ସଚେତନତା ମହାଅଭିଯାନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ରାଜକିଶୋର ବେହେରା ଓ ସମ୍ପଦ ସ୍ୱାଇଁ ଉପସ୍ଥିତ ହୋଇ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ଭୋଟର ତାଲିକାକୁ ଯାଞ୍ଚ କରି ଏହାର ସତ୍ୟାସତ୍ୟ ଅବଲୋକନ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାଛଡା ନୂତନ ଭୋଟରଙ୍କୁ ଯୋଗ କରିବା, ମୃତବ୍ୟକ୍ତିଙ୍କୁ ବାଦ ଓ ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବା ବୈଠକର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଏହିସବୁ କାର୍ଯ୍ୟକୁ ସମ୍ପୃକ୍ତ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବା ସହ ନିରପେକ୍ଷ ନିର୍ବାଚନ କରିବା ପାଇଁ ଏକ ନିର୍ଭୁଲ ଭୋଟର ତାଲିକା ଆବଶ୍ୟକ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ବିଶେଷକରି ନଂ. ୬, ୭ ଓ ୮ ଫର୍ମ ପୂରଣ କରିବା ସମୟରେ ଫଟୋ, ଆଧାର କାର୍ଡ, ଜନ୍ମ ତାରିଖ ଓ ବାସସ୍ଥାନର ପ୍ରମାଣ ଆବଶ୍ୟକ ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଭାଜପା ନେତୃବୃନ୍ଦ ପ୍ରକାଶ କରିଥିଲେ। ବୈଠକରେ ଭାଜପା ନେତା ସୁବାସ ଜେନା, ଅଶୋକ ମହାରଣା, ଗଗନ ଦାଶ, ସୁବୋଧ ବାରିକ, ଜଗନ୍ନାଥ ସ୍ୱାଇଁ, ମଣ୍ଡଳ ସଭାପତି ଶିବପ୍ରସାଦ ଦାସ, ସୁଶାନ୍ତ ମହାନ୍ତି, ତରୁଣ ଦାସ, ସୁଦର୍ଶନ ପଣ୍ଡା, ଦିଲୀପ ମହାନ୍ତି, ରୂପକ ଖୁଣ୍ଟିଆ, ବିଶ୍ୱଜିତ ଦାସଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ତରଡ଼ିପାଳରେ ୬୦ ଜଣଙ୍କ ଚକ୍ଷୁ ପରୀକ୍ଷା

ପଟ୍ଟାମୁଣ୍ଡାଇ ୨୩।୮ (କଳ୍ପତରୁ ନାୟକ)

ରାଜ୍ୟ ଛାତ୍ର ବିଜେଡି ସମ୍ପାଦିକା ସୁପ୍ରୀତି ନାଥଶର୍ମାଙ୍କ ଉଦ୍ୟମକ୍ରମେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡିପାଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ହସ୍ପିଟାଲ ପକ୍ଷରୁ ଆୟୋଜିତ ଚକ୍ଷୁ ଶିବିରକୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ପେଣ୍ଠପାଳ ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୬୦ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୦ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଛି। ଏହି ଶିବିରକୁ ପ୍ରକାଶ ରାଉତ, ଅର୍ଜୁନ ସୁତାର, ଅନିଲ ଧଳ, ଭାଗୀରଥି ବିଶ୍ୱାଳ, ବିଚିତ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

ଜଗତ୍‌ସିଂହପୁର ଜିଲାରେ ୩ ବସ୍ ଷ୍ଟାଣ୍ଡର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଜଗତ୍‌ସିଂହପୁର, ୨୨।୮ (ପ୍ରମୋଦ କୁମାର ନାୟକ)

ଶିଳାନ୍ୟାସ ଉତ୍ସବରେ ବିଧାୟକ ରଘୁନନ୍ଦନ ଦାସ ଓ ଜିଲାପାଳ ପାରୁଲ ପଟାୱରୀ।

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ୨୬ଟି ଜିଲାର ୧୨୪ଟି ନୂତନ ଆମ ବସ୍ ଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। ଯେଉଁଥିରେ ଜଗତ୍‌ସିଂହପୁର ଜିଲାର ବାଲିକୁଦା, ବିରିଡି ଓ ଏରସମା ବ୍ଲକ ଅଞ୍ଚଳର ୩ଟି ରହିଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେବା ଅବସରରେ ବିକଶିତ ଓଡ଼ିଶାର ସୁନ୍ଦର ପ୍ରତିଛବି ଓ ଉପକୃତ ଜନତାଙ୍କର ଛୋଟ ନମୁନା ପ୍ରଦର୍ଶନ କରିଥିଲେ। ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପରିବହନ ଓ ଯୋଗାଯୋଗର ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ମୋ ପରିବହନ ସେବା, ଏମ୍-ପରିବହନ ଆପ ଓ ଡ୍ରାଇଭରମାନଙ୍କ ପାଇଁ ସୁବାହକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ହଲ୍‌ରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଏବଂ ଜିଲାପାଳ ପାରୁଲ ପଟାୱରୀ ଉପସ୍ଥିତ ରହି ଯୋଜନାର ସଫଳ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ନିରୀକ୍ଷକ ନିର୍ମଳ ମହାନ୍ତି, ଏମ୍‌ଭିଆଇ ରଞ୍ଜିତା ମଲ୍ଲିକ ଓ ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ।

ଟାଟା ପାୱାରର ଭୁଲ୍ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ଥାନାରେ ଲିଖିତ ଅଭିଯୋଗ

ନାଉଗାଁ,୨୩।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତ ମୁଣ୍ଡାଲୋ ବଜାରରେ ଗ୍ରେଟ ଆଇଟିଆଇ ରହିଅଛି। ଏହି ଆଇଟିଆଇରେ କଞ୍ଜୁମର ନଂ. ୮୦୦୦୦୮୬୩୯୨୦ରେ ବିଦ୍ୟୁତ ସଂଯୋଗ କରାଯାଇଛି। ପୂର୍ବରୁ ମିଟରଟି ଆଇଟିଆଇ ଚାଲୁଥିବା କ୍ଲାସ ରୁମ ନିକଟରେ ରହିଥିଲା। କିନ୍ତୁ ଟାଟା ପାୱାର ଦାୟିତ୍ୱ ନେବା ପରେ କମ୍ପାନୀ ନିୟମାନୁସାରେ ମିଟରଟିକୁ ବାହାରକୁ ସ୍ଥାନାନ୍ତର କରାଗଲା। ଫଳରେ କମ୍ପାନୀର କର୍ମଚାରୀମାନେ ସୁବିଧାରେ ମିଟର ଦେଖି ବିଲ ପୈଠ କରିପାରିବେ। ମିଟର ବାହାରେ ବସିବା ଫଳରେ ଜନସାଧାରଣଙ୍କର ଅସୁବିଧା ହେଉଥିବା ଆଇଟିଆଇର ଅଧ୍ୟକ୍ଷ ଅଶୋକ କୁମାର ସିଂ। ବୁଧବାର ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କେତେଜଣ ଦୁର୍ବୃତ୍ତ ଅଗଷ୍ଟ ୧୯ ବିଳମ୍ବିତ ରାତିରେ ଉକ୍ତ ମିଟରର ସିଲ ଭାଙ୍ଗି ସେଥିରୁ ବିଦ୍ୟୁତ୍ ଆଣି ନିକଟରେ ଥିବା ମହାବୀର ମୋବାଇଲ ଦୋକାନର ତାଲା କାଟି ଚୋରି କରିବାକୁ ଉଦ୍ୟମ କରିଥିଲେ। ଯାହାକି ଦୋକାନ ବାହାରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଧରା ପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ଉକ୍ତ କ୍ୟାମେରାଟିକୁ ମଧ୍ୟ ଛିଣ୍ଡାଇ ନେଇଛନ୍ତି। ତେଣୁ ମିଟର ବାହାରେ ରହୁଥିବାରୁ ଦୁର୍ବୃତ୍ତମାନେ ସହଜରେ ବିଦ୍ୟୁତ୍ ବ୍ୟବହାର କରି ପାରୁଛନ୍ତି। ତେଣୁ ଏହାକୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଆଇଆଇସି ସଂଘମିତ୍ରା ନାୟକଙ୍କୁ ପଚାରିବାରେ ତଦନ୍ତ ଚାଲିଛି ବୋଲି ସେ କହିଥିଲେ। ମିଟର ସ୍ଥାନାନ୍ତର ସମ୍ପର୍କରେ ଟାଟା ପାୱାରର ମ୍ୟାନେଜର ଦୀପକ ଭୂୟାଁଙ୍କୁ ପଚାରିବାରେ, ମିଟର ଭଙ୍ଗା ଯାଇଥିଲେ କମ୍ପାନୀ ପକ୍ଷରୁ ନୂତନ ମିଟର କଭର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

୫-ଟି ସଚିବଙ୍କୁ ଅଭିଯୋଗ ପରେ ସ୍ଥିତି ଅନୁଧ୍ୟାନ କଲେ ଏସଡିଓ

ରଘୁନାଥପୁର,୨୩।୮(ରାଜେନ୍ଦ୍ର ନାରାୟଣ ସିଂହ)

କେନାଲ ବନ୍ଧ ରାସ୍ତାରେ ଯାତାୟାତ ଠପ୍

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ଥିବା ୨ଟି ଜଳସେଚିତ କେନାଲ ବନ୍ଧ ରାସ୍ତାର ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ବୁଧବାର ମଣିଜଙ୍ଗା ଜଳସମ୍ପଦ ବିଭାଗ ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉକ୍ତ ସ୍ଥାନରେ ପହଞ୍ଚି ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଦୀର୍ଘ ୨୫ବର୍ଷ ତଳୁ ନୂଆପଡାଠାରୁ ବିଦ୍ୟାଧରପୁରକୁ ଯାଇଥିବା ୧୧ ନଂ. କେନାଲ ବନ୍ଧ ରାସ୍ତା ଓ ଜଇପୁରଠାରୁ ପଲ୍ଲିଗଡ଼ ଦେଇ ଓମଫେଡ ପ୍ଲାଣ୍ଟ ପଛପାର୍ଶ୍ୱରେ ଯାଇଥିବା ୧୧ ନଂ. ଖ କେନାଲ ବନ୍ଧ ରାସ୍ତା ଯାତାୟାତ ଉପଯୋଗୀ ଥିଲା। ଏହି ରାସ୍ତାରେ ଟ୍ରାକ୍ଟର ଓ ପିଲାମାନେ ନିକଟସ୍ଥ ସ୍କୁଲକୁ ଯିବା ଆସିବା କରୁଥିଲେ। କାଳକ୍ରମେ କେତେକ ସ୍ଥାନରେ ବନ୍ଧର ଅବକ୍ଷୟ ଓ କିଛି ବ୍ୟକ୍ତି ଉକ୍ତ ବନ୍ଧକୁ କାଟି ନିଜ ଜମିରେ ମିଶାଇ ଦେଇଥିଲେ। ଜଳସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଉକ୍ତ ବନ୍ଧ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପରିକି ପଲ୍ଲିଗଡ଼ ଗ୍ରାମର ଲୋକେ ମୁଖ୍ୟ ରାସ୍ତାକୁ ଆସିବା ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ବର୍ଷାଦିନେ ପାଣି କାଦୁଅରେ ପଶି ଲୋକଙ୍କୁ ଯାତାୟାତ କରିବାକୁ ପଡୁଛି। ୫-ଟି ସଚିବଙ୍କ ରଘୁନାଥପୁର ବ୍ଲକ ଗସ୍ତ ସମୟରେ ଉକ୍ତ ରାସ୍ତାକୁ ପ୍ରଶସ୍ତ କରି ଯାତାୟାତ ଉପଯୋଗୀ କରିବା ପାଇଁ ସରପଞ୍ଚ ସାହେଦା ତବସୁମ, ସମିତିସଭ୍ୟା ସାଗରିକା ତରେଇ ଓ ଏସ୍‌ଏଚଜି ଗୋଷ୍ଠୀର ମହିଳାମାନେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଡିଓ ସ୍ୱାଇଁ ୨ଟି ସ୍ଥାନରେ ପହଞ୍ଚି କେନାଲ ବନ୍ଧର ସ୍ଥିତି ଓ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସାମାଜିକ କର୍ମୀ ରହିମ ଖାଁ ଓ ପ୍ରସନ୍ନ ସେଠୀ, ବିଜେଡି ନେତା ଅଜୟ ସାମଲ, ଭବାନୀଶଙ୍କର ଦାସ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି ଅସୁବିଧା ସମ୍ପର୍କରେ ଦର୍ଶାଇ ଥିଲେ।

ଚୋରି କରୁଥିବା ବେଳେ ଦୁର୍ବୃତ୍ତଙ୍କୁ ଧରି ନିସ୍ତୁକ ମାଡ଼

ମାଡ଼ ମାରିଥିବା ୫ ଜଣ ଅଟକ, ଦୁର୍ବୃତ୍ତଙ୍କ ଅବସ୍ଥା ଗୁରୁତର

ପାରାଦୀପ, ୨୩।୮(ଶରତ ରାଉତ)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମରେ ମଙ୍ଗଳବାର ରାତିରେ ୨ଜଣ ଜଣଙ୍କ ଘରେ ପଶି ଚୋରି କରିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। ଏହି ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ଆଇଆଇସି କୁଳମଣି ସେଠୀଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଳୟ ପ୍ରଧାନ ଓ ଅନ୍ୟ ଜଣେ ମିଶି ମଙ୍ଗଳବାର ମଧ୍ୟରାତ୍ରରେ ନିମିଡ଼ି ଗ୍ରାମରେ ଜଣଙ୍କ ଘରେ ପଶି ମୋବାଇଲ ଓ ଟଙ୍କା ସୁନା ଗହଣା ଆଦି ଚୋରି କରୁଥିଲେ। ଏହି ସମୟରେ ଗୃହକର୍ତ୍ତା ଉଠିପଡ଼ି ପାଟି କରିବାରୁ ଗାଁ ଲୋକେ ଉଠି ପଡି ଥିଲେ। ସମସ୍ତେ ମିଶି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରିବା ବେଳେ ଜଣେ ଖସି ପଳାଇ ଯାଇଥିଲେ। ପ୍ରଳୟ ଲୋକଙ୍କ ହାବୁଡ଼ରେ ପଡ଼ି ଯିବାରୁ ତାଙ୍କୁ ଗାଁ ଲୋକ ନିସ୍ତୁକ ମାଡ ମାରିବା ସହ ବାନ୍ଧି ରଖିଥିଲେ। ଏହି ସମୟ ମଧ୍ୟରେ ଅଭିଯୁକ୍ତଙ୍କ ମୁଣ୍ଡ ଚୁଟିକୁ ସାତ ବେଣ୍ଟିଆ କରିଥିଲେ। ସକାଳୁ ଥାନାକୁ ଖବର ଦେବାରେ ପୋଲିସ ଯାଇ ପ୍ରଳୟଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ପୋଲିସ ମାଡ ମାରିଥିବା ଗାଁର ୫ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

ଚନ୍ଦ୍ରୟାନ-୩କୁ ନେଇ ମହାବିଦ୍ୟାଳୟରେ ସାଧାରଣ ସଭା

ନାଉଗାଁ,୨୩।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଚନ୍ଦ୍ରୟାନ-୩ ଚନ୍ଦ୍ରରେ ସଫଳ ଅବତରଣ ପାଇଁ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଓ ସମୂହ ପ୍ରାର୍ଥନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚାଇନା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାରତରେ ବିଜ୍ଞାନ କିପରି ଅଗ୍ରଗତି କରିପାରିଛି ସେ ବିଷୟରେ ଆଲୋକପାତ କରିଥିଲେ। ଇସ୍ରୋ ପକ୍ଷରୁ ପଠାଯାଇଥିବା ଚନ୍ଦ୍ରୟାନ -୩ ସଫଳ ଅବତରଣ କଲେ ଭାରତ ବିଶ୍ୱର ଏକ ସର୍ବଶ୍ରେଷ୍ଠ ରାଷ୍ଟ୍ର ଭାବେ ପରିଗଣିତ ହେବ। ଚନ୍ଦ୍ରୟାନ-୨ ରେ ଥିବା ସମସ୍ତ ତ୍ରୁଟିକୁ ସୁଧାରିବା ସହିତ ଚନ୍ଦ୍ରୟାନ-୩ର ସଫଳତା ପାଇଁ ସମସ୍ତ ବୈଜ୍ଞାନିକ ଆଶା ପୋଷଣ କରିଛନ୍ତି। ବିଜ୍ଞାନକୁ ବ୍ୟବହାର କରି ଭାରତରେ ବୈଜ୍ଞାନିକମାନେ କିପରି ସଫଳ ହେଉଛନ୍ତି ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଚନ୍ଦ୍ରୟାନ-୩ ବୋଲି ଅଧ୍ୟକ୍ଷ ପ୍ରଧାନ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନର ପ୍ରଧାପକ ବିଭୂତି ଭୂଷଣ ସ୍ୱାଇଁ, ପ୍ରାଧ୍ୟାପକ ଜ୍ୟୋତି ପ୍ରକାଶ ଲେଙ୍କା, ଅଧ୍ୟାପକ ରମେଶ ଦାସ, ଅଧ୍ୟାପକ ଚୈତନ୍ୟ ଚରଣ ପରିଡା, ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ଦୀନବନ୍ଧୁ ନାୟକ, ସୁଶ୍ରୀ ପୂଜା ଦାସ ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ଶେଷରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ସଭାକୁ ସରୋଜ କୁମାର ଲେଙ୍କା, ରମେଶ ଦାସ, ରଶ୍ମି ରଞ୍ଜନ ମହାନ୍ତି ଆଦି ପରିଚାଳନା କରିଥିଲେ।

କୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିରର ସଫଳତା

ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

କୁଜଙ୍ଗ,୨୩।୮ (ମନୋଜ ପ୍ରଧାନ)

ସୋମବାର ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ଭୁବନେଶ୍ୱରଠାରେ ପରିଚାଳିତ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ କୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଭାଗନେଇ ସଫଳତା ଅର୍ଜନ କରିଥିବା ଜଣାପଡିଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୁଜଙ୍ଗର ବିଦ୍ୟାଳୟ ସ୍ତରୀୟ, ସଙ୍କୁଳ ସ୍ତରୀୟ ଓ ବିଭାଗ ସ୍ତରୀୟ ଅନୁଷ୍ଠିତ ପ୍ରତିଯୋଗିତାରେ ବାଲ ବିଭାଗର ଗଣିତ ପ୍ରଶ୍ନ ମଞ୍ଚରେ ଅପର୍ଣ୍ଣା ମହାନ୍ତି, ମୋନାଲିସା ବିଶ୍ୱାଳ, ସୁଦୀପ୍ତ ସେଠୀ ଏବଂ କଥା କଥନରେ ଓମ ପ୍ରକାଶ ପଟ୍ଟନାୟକ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଓ ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାର୍ଥୀମାନଙ୍କର ଏହି କୃତିତ୍ୱ ଓ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ପରିଚାଳନା ସମିତିର ସଭାପତି ରଜନିକାନ୍ତ ଦାସ, ଉପସଭାପତି ଅଭୟ ମହାରଣା, ସମ୍ପାଦକ ଆଇନଜୀବୀ କରୁଣାକର ସାହୁ, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତରା, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆଙ୍କ ଉପସ୍ଥିତିରେ ଭବ୍ୟ ସମାରୋହରେ ସମସ୍ତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅଭିଭାବକମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଉକ୍ତ ସଫଳତା ବିଦ୍ୟାଳୟ ବିଜ୍ଞାନ ପ୍ରମୁଖ ଗୁରୁଜୀ ଉଦୟଭାନୁ ମହାପାତ୍ର, ବିରଞ୍ଚି ନାରାୟଣ ରାଉତ, ଗୁରୁମା ରୁନାବାଳା ମହାପାତ୍ରଙ୍କ ଯୋଗୁ ଏଭଳି ସଫଳତା ଲାଭ କରିଛି।

ପୋଲିସ କେବଳ ସାମ୍ବିଧାନିକ ବିଧି ବ୍ୟବସ୍ଥା ଓ ଆଇନ କାନୁନର ରକ୍ଷକ

କୁଜଙ୍ଗ,୨୩।୮ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଯେଉଁ ଦୂରତା ଅଛି ବୋଲି କୁହାଯାଉଛି ତାହା ଠିକ୍ ନୁହେଁ ବୋଲି କହିଥିଲେ। ପ୍ରଥମେ ପୋଲିସ ଜଣେ ମଣିଷ। ପୋଲିସ ହାତରେ କିଛି କ୍ଷମତା ନାହିଁ, ସବୁ କ୍ଷମତା ଲୋକମାନଙ୍କ ହାତରେ। ପୋଲିସ କେବଳ ସାମ୍ବିଧାନିକ ବିଧି ବ୍ୟବସ୍ଥା ଓ ଆଇନ କାନୁନର ରକ୍ଷକ। ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପୋଲିସ ସବୁ ସମୟରେ ସଜାଗ ଥିବା ବେଳେ ଏଥିରେ ଜନସାଧାରଣଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଶେଷକରି ବୃଦ୍ଧାବୃଦ୍ଧଙ୍କୁ ସହାୟତା ଦେବା, ବାଲ୍ୟ ବିବାହକୁ ବିରୋଧ କରିବା, ନିଶା ସେବନଠାରୁ ଦୁରେଇ ରହିବା ଭଳି ସାମାଜିକ କାର୍ଯ୍ୟରେ ଜନସାଧାରଣ ନିଜକୁ ସାମିଲ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ଗଡନାୟକ, ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ ପରିଡ଼ା, ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ, ବିଭୁରଞ୍ଜନ ସାମନ୍ତରାୟ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଭାଗ ନେଇଥିଲେ।

୩୪୩ ଜଣଙ୍କୁ ମିଳିଲା କଲ୍ୟାଣ ଯୋଜନା ସହାୟତା

ବାଲିକୁଦା,୨୩।୮ (ତାପସ ସ୍ୱାଇଁ)

ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ ଶିବିର ବୁଧବାର ବାଲିକୁଦାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆମ୍ବଶାଳ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଯୋଗଦେଇ ଏହି ସହାୟତା ରାଶି ବଣ୍ଟନ କରିଥିଲେ। ଏହି ଯୋଜନାରେ ମୋଟ ୩୪୩ ହିତାଧିକାରୀ ଉପକୃତ ହୋଇଥିବା ବେଳେ ଏ ବାବଦକୁ ୧ କୋଟି ୮୫ ଲକ୍ଷ ୯୪ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିରେ ୨୫୫ ଜଣଙ୍କୁ ୧ କୋଟି ୨୭ ଲକ୍ଷ ୫୦ ହଜାର ଟଙ୍କାର ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଶିକ୍ଷା ସହାୟତା ରାଶି ବାବଦକୁ ୩୯ ଜଣଙ୍କୁ ୨ ଲକ୍ଷ ୮୯ ହଜାର ଟଙ୍କା, ୨୭ ଜଣଙ୍କୁ ଅନ୍ତ୍ୟୋଷ୍ଟି କ୍ରିୟା ସହାୟତା ରାଶି ବାବଦକୁ ୧ ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମୃତ୍ୟୁ କାଳିନ ସହାୟତା ବାବଦକୁ ୨୭ ଜଣ ହିତାଧିକାରୀଙ୍କୁ ସହାୟତା ବାବଦକୁ ୫୪ ଲକ୍ଷ ଟଙ୍କା ଓ ୨ ଜଣଙ୍କୁ ପ୍ରସୂତୀ କାଳୀନ ସହାୟତା ବାବଦକୁ ୨୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟା ରୁନିଲତା ବେହେରା, ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଆମ୍ବଶାଳ ସରପଞ୍ଚ ଆଲୋକ ସ୍ୱାଇଁ, ସମିତିସଭ୍ୟା ରୋଜାଲିନ ଲେଙ୍କା, ଏବିଡିଓ ସଞ୍ଜୟ ଦାସ ଯୋଗଦେଇ ସରକାରଙ୍କ ଏଭଳି ଜନହିତକର ଯୋଜନାକୁ ଭୂୟସୀ ପ୍ରଶଂସା କରିବା ସହ ଅନ୍ୟ ଜନମଙ୍ଗଳ ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ଶ୍ରମ ଅଧିକାରୀ ଶାନ୍ତନୁ ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ମନୋଜ ପ୍ରଧାନ, ସୁନାକର ସାହୁ, ରଶ୍ମିତା ଖୁଣ୍ଟିଆ, ପୁଷ୍ପିତା ଷଡଙ୍ଗୀ, ଟ୍ରେଡ୍ ୟୁନିଅନ ସମ୍ପାଦକ ଶିଶିର ମୁଦୁଲି, ସଭାପତି ସୋମନାଥ ଗିରି, ସଦସ୍ୟ ରବୀନ୍ଦ୍ର ସେଠୀ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩

ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)/ପାଟପୁର,(ସୀମାଞ୍ଚଳ ସାହୁ): ପାଟପୁର ଥାନା ନିକଟସ୍ଥ ଗାନ୍ଧିଛକରେ ଜଣେ ବ୍ୟକ୍ତିଙ୍କ ଘର କାମ କରୁଥିବା ବେଳେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପାଟପୁର ବସନ୍ତାଣ୍ଡ ସାହିର କାଳୀଚରଣ ବାଡତ୍ୟା । କାଳୀଚରଣ ଲୁହାଛଡ଼ କାଟୁଥିବା ବେଳେ ଅସାବଧାନତାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ତାଙ୍କୁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ପାଟପୁର ପୋଲିସ ଖବରପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି ।

ସଂକ୍ଷେପରେ

ତୁଳସୀ ଦାସଙ୍କ ଜୟନ୍ତୀ ପାଳିତ

ଶେରଗଡ଼,୨୩।୮(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ନିକଟସ୍ଥ ଡେଙ୍ଗାପଦର ରଘୁନାଥ ମଠରେ ଶତାଧିକ ମହନ୍ତଙ୍କ ଯୋଗଦାନରେ ତୁଳସୀ ଦାସ ଜୟନ୍ତୀ ପାଳିତ ହୋଇଯାଇଛି । ପୁରୀ ଓଙ୍କାରନାଥ ମଠର ମହନ୍ତ ଯୋଗୀ ଦେବଦତ୍ତ ମହାରାଜ ସମେତ ଶତାଧିକ ମହନ୍ତ ଯୋଗଦେଇ ସନ୍ଥ ତୁଳସୀ ଦାସଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ତୁଳସୀ ଦାସଙ୍କ ଜୀବନ ଚର୍ଯ୍ୟାକୁ ସମସ୍ତ ମହନ୍ତମାନେ ଗ୍ରହଣ କରିପାରିଲେ ପୂରା ଗଞ୍ଜାମ ଜିଲାରେ ଏକ ସୁସ୍ଥ ଓ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ମହନ୍ତମାନେ ପ୍ରବଚନ ମାଧ୍ୟମରେ କହିଥିଲେ । ଡେଙ୍ଗାପଦର ମଠର ମଠାଧୀଶ ପରମାନନ୍ଦ ଦାସ ଗୋସ୍ୱାମୀଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀରେ ମହନ୍ତ ନାରାୟଣ ରାମନୁଜଦାସ, ମଧୁସୂଦନ ଦାସ, ପଦ୍ମଲୋଚନ ଦାସ, ସୀତାରାମ ଦାସ, ରାମକୃଷ୍ଣ ମହାରାଜ, କେଶବ ରାମନୁଜଦାସ ପ୍ରମୁଖ ଯୋଗଦେଇଥିଲେ । ହରଭଙ୍ଗା ଜଳସେଚନ ରୁ ଖଇରବାଙ୍କ ଜଳସେଚନ କୁ ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରଦାନ କରାଯାଇଛି ।

ଦୁଇ ସ୍କୁଟି ମୁହାଁମୁହିଁ, ଉଭୟ ଚାଳକ ଗୁରୁତର

ବେଲଗୁଣ୍ଠା,୨୩।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଦୁଇଟି ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି । ବୁଧବାର ଗାଙ୍ଗପୁର ଥାନା ଅନ୍ତର୍ଗତ ବୋରୀ ଗ୍ରାମର ଦିଗାମ୍ବର ବିଷୋୟୀଙ୍କ ପୁଅ ସୋନୁ(୧୯) ତାଙ୍କ ଭଉଣୀ ଲେଲାଙ୍କୁ ଏକ ସ୍କୁଟିରେ ବସାଇ ବୋରୀରୁ ଗାଙ୍ଗପୁର ଅଭିମୁଖେ ଆସୁଥିବା ବେଳେ ସାମନା ପଟୁ ଆସୁଥିବା ଇ-କମ୍ ଡେଲିଭରୀ ବୟ ଭବାନୀ ପାଢୀଙ୍କ ସ୍କୁଟି ସହ ବୋରୀ ରାସ୍ତାର ଦଳକ ପୋଖରୀ ନିକଟସ୍ଥ ବୁଲାଣି ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଦୁଇ ସ୍କୁଟିରେ ଥିବା ତିନିଜଣଯାକ ତଳେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଆହତ ତିନିଜଣଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରୁ ଉଭୟ ସୋନୁ ଏବଂ ଭବାନୀଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଗାଙ୍ଗପୁର ପୋଲିସ ମେଡିକାଲ୍‌ରେ ପହଞ୍ଚି ତଦନ୍ତ ଚଳାଇଛି । ଡେଲିଭରୀ ବୟ୍ ଭବାନୀ କୋରାପୁଟ୍ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ବାପାଙ୍କ ନାମ ବିମଳ ଚନ୍ଦ୍ର ପାଢୀ ବୋଲି ସୂଚନା ମିଳିଛି ।

ରାଜଶ୍ରୀ ବଳାସୀ ସମାଜ ସଭାଗୃହ ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, ୨୩।୮(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ବ୍ଲକ ବୋରିସିଂ ପଞ୍ଚାୟତର ବୋରିସିଙ୍ଗି ଗ୍ରାମରେ ରାଜଶ୍ରୀ ବଳାସୀ ସମାଜ ଲାଗି ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଦ୍ୱାରା ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପାଞ୍ଚ ନଂ ଜିଲା ପରିଷଦ ବଳରାମ ପ୍ରଧାନ, ଗଞ୍ଜାମ ଜିଲା ଯୁବ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବୋରିସିଙ୍ଗି ସେ ସମିତି ସଭ୍ୟା ଲିଲି ବେହେରା , ରାଜଶ୍ରୀ ବଳାସୀ ସମାଜର ନାଏକ ବିକ୍ରମ ସାହୁ, କେନ୍ଦ୍ରୀୟ ସଭାପତି ମଙ୍ଗୁଲୁଧର ସାହୁ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

ଜମି ଅଧିକାର ପାଇଁ ଗ୍ରାମବାସୀଙ୍କ ଧାରଣା

ସୋରଡ଼ା, ୨୩।୮(ଲମ୍ବୋଦର ପାଣିଗ୍ରାହୀ):

ତହସିଲ ସମ୍ମୁଖରେ ଜମି ପଟା ପାଇଁ ଗ୍ରାମବାସୀମାନେ ଧାରଣାରେ ବସିଛନ୍ତି ।

ଦୀର୍ଘ ଦିନ ଧରି ଚାଷ କରିଆସୁଥିବା ଜମି ପଟା ପ୍ରଦାନ ଦାବିରେ ସୋରଡ଼ା ତହସିଲ ଅନ୍ତର୍ଗତ ବଞ୍ଜର ଗ୍ରାମବାସୀ ବୁଧବାର ତହସିଲ ସମ୍ମୁଖରେ ଧାରଣାରେ ବସିଛନ୍ତି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପ୍ଲଟ ନମ୍ବର – ୩୨୭, ୩୨୯ ଓ ୩୩୦ ସରକାରୀ ଜମିରେ ପୁରୁଷ ପୁରୁଷ ଧରି ଚାଷବାସ କରି ଜୀବିକା ନିର୍ବାହ କରିଆସୁଛନ୍ତି । ଅତୀତରେ ରାଜସ୍ୱ ନିରୀକ୍ଷକ ସେମାନଙ୍କୁ ନୋଟିସ ଦେଇ ଡାକିବା ସହ ଜୋରିମାନା ଆଦାୟ କରିଆସୁଛନ୍ତି । କିନ୍ତୁ ପରିତାପର ବିଷୟ, ଏତେ ବର୍ଷ ଧରି ଚାଷ କରି ଆସୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ସରକାରୀ ଜମିର ପଟା ଦିଆଯାଇ ନିୟମିତ କରାଯାଇ ନାହିଁ । ଇତି ମଧ୍ୟରେ ସେହି ଜମିରେ ସୋରଡ଼ା କୋର୍ଟର ନୂତନ ଏକ କୋଠା ନିର୍ମାଣ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜାଣିବାକୁ ପାଇଛନ୍ତି । ତେଣୁ ଚାଷ କରି ବଞ୍ଚୁଥିବା ଜମିରେ କୋର୍ଟ ନିର୍ମାଣ ହେଲେ ସେମାନଙ୍କର ଜୀବିକା ଚାଲିଯିବାର ଭୟ ରହିଛି । ତେଣୁ ତହସିଲ ପାଇଁ ନୂତନ କୋଠା ନିର୍ମାଣଙ୍କୁ କୌଣସି ଆପତ୍ତି ନାହିଁ, କିନ୍ତୁ ଚାଷ କରୁଥିବା ଜମିରେ ନକରି ବିକଳ୍ପ ଜମି ଖୋଜି ସରକାର କୋର୍ଟ ନିର୍ମାଣ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି । ଜୀବିକାରୁ ଉଚ୍ଛେଦ ନକରି ଚାଷ ଜମିରେ ପଟା ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ପ୍ରଫୁଲ୍ଲ କୁମାର ଡାକୁଆ କହିଛନ୍ତି, କୋର୍ଟ ପାଇଁ ୪ ଏକର ୭୦୦ ଡେସିମିଲ ଜାଗା ଦିଆଯାଇଛି ଆଇନ ବିଭାଗକୁ । ଚାଷ ଜମିର ପଟ୍ଟା ପ୍ରଦାନ ପାଇଁ ଉପରସ୍ଥ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ ।

ଜଳସେଚନ ପ୍ରକଳ୍ପରେ ପାଣି ଛାଡ଼ିବାକୁ ଦାବି

ଶେରଗଡ, ୨୩।୮ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକର ୧୦ଟି ପଞ୍ଚାୟତକୁ ଜଳସେଚନ ସୁବିଧା ନେଇ ପାଇପ ବିଛା କାମ ଶେଷ ହୋଇଛି । ବର୍ଷା ନଥିବା ବେଳେ ଚାଷ କାର୍ଯ୍ୟ ଆଗେଇ ପାରୁନି । ଜମିରେ ପାଣି ନଥିବା ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରୁନି । ଚାଷ କାର୍ଯ୍ୟରେ ବାଧକ ସାଜିଛି ପାଣି । ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସେଥିରେ ପାଣି ଛଡ଼ା ନଯିବାରୁ ଚାଷୀମାନେ ହଇରାଣ ହେଉଛନ୍ତି । ଉକ୍ତ ପ୍ରକଳ୍ପରେ ପାଣି ଛଡାଗଲେ ବନ୍ଧାଗୁଡା, କୁଲାଗଡ, ଶେରଗଡ, ମହୁପଦର, ଟାକରଡା, ଧନନ୍ତର, ଗୋବିନ୍ଦପୁର, କୃଷ୍ଣଛାଇ, ଧବଳପୁର, ଡେଙ୍ଗାପଦର ଆଦି ପଞ୍ଚାୟତକୁ ଜଳସେଚିତ ହୋଇପାରିବ । ପ୍ରକଳ୍ପରୁ ତୁରନ୍ତ ପାଣି ଯୋଗାଣ କଲେ ୧୦ ପଞ୍ଚାୟତର ସମସ୍ତ ଜମି ଜଳସେଚିତ ହେବାସହ ଫସଲ ଉତ୍ପାଦନରେ ଉତ୍ତମ ସହାୟକ ହେବ । ତେଣୁ ତୁରନ୍ତ ପାଣି ଯୋଗାଣ କରିବାକୁ ଲୋକେ ଦାବି କରିଛନ୍ତି ।

ମୁକ୍ତା ଟିମ୍‌ର ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

ଜି.ଉଦୟଗିରି,୨୩।୮(ଶିଶିର ପଟ୍ଟନାୟକ) ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ରାଜ୍ୟ ମୁକ୍ତା ଯୋଜନାର ପରାମର୍ଶଦାତା ଦୀପକ କୁମାର କର ଏବଂ ସନ୍ଦିପ୍ତ ରଥ ବୁଧବାର ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଦର୍ଶନ କରି ସମସ୍ତ ମୁକ୍ତା କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ । ଏନ୍‌ଏସିର ବିଭିନ୍ନ ୱାର୍ଡରେ ହୋଇଥିବା ମୁକ୍ତା ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ । ୧ ନମ୍ବର ୱାର୍ଡରେ ଜିମ୍, ୪ ନଂ. ୱାର୍ଡରେ ମିନି ପାର୍କ, ୫ ନଂ. ୱାର୍ଡର ରାସ୍ତା ପାର୍ଶ୍ୱଶୌଚାଳୟ, ୬ ନଂ. ୱାର୍ଡର ଓପନ ଜିମ୍ ଏବଂ ଶିଶୁ ଖେଳ ଉଦ୍ୟାନ, ୭ ନଂ ୱାର୍ଡରେ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ୮ ନଂ. ୱାର୍ଡରେ ଓପନ ଜିମ୍, ୧୧ ନଂ. ୱାର୍ଡରେ ପେଭର ୱାକିଂ ଟ୍ରାକ୍, ୧୨ ନଂ. ୱାର୍ଡରେ ମିନି ପାର୍କ, ୧୩ ନଂ. ୱାର୍ଡରେ ଶିଶୁ କ୍ରୀଡ଼ା ଉଦ୍ୟାନ ପରିଦର୍ଶନ କରିଥିଲେ । ସମସ୍ତ କ୍ଷେତ୍ର ପରିଦର୍ଶନ ବେଳେ ଉପରୋକ୍ତ କାମ କରିଥିବା ମିଶନ ଶକ୍ତି ଗ୍ରୁପ ଏବଂ ବସ୍ତିବାସିନ୍ଦା ସଂଘ ସହ ମୁକ୍ତାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ସମୟରେ ରାଜ୍ୟ ଟିମ୍ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଏବଂ ପ୍ରୋଗ୍ରାମ କୋର୍ଡିନେଟର, ପ୍ରଭାତ ରଞ୍ଜନ ସାହୁ ଉପସ୍ଥିତ ଥିଲେ ।

୫-ଟି ସଚିବଙ୍କ ଗସ୍ତ ନେଇ ପ୍ରସ୍ତୁତି

ପୂର୍ବତନ ନଗରପାଳ ହରପ୍ରସାଦ ସାହୁଙ୍କ ବାସଭବନରେ ବିଜେଡି କର୍ମୀମାନଙ୍କୁ ନେଇ ବୈଠକରେ ଆଲୋଚନା ଚାଲିଛି ।

କୋଦଳା,୨୩।୮(ଅମିତ କୁମାର ପଟ୍ଟନାୟକ):

ଆସନ୍ତା ୨୫ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଗସ୍ତକୁ ନେଇ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇଛି । ବୁଧବାର ଗଞ୍ଜାମ ଏସପି ଜଗମୋହନ ମିନା, ପୁରୁଷୋତ୍ତମପୁର ଏସଡିପିଓ ରଜନୀ କାନ୍ତ ସାମଲ ବେଗୁନିଆପଡା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବେଗୁନିଆପଡା ବ୍ଲକ ବିଜେଡି ପକ୍ଷରୁ କାର୍ଯକ୍ରମକୁ ସଫଳ କରିବା ପାଇଁ ଜୋରସାରରେ ପ୍ରସ୍ତୁତି ଚାଲିଛି । ସେହିପରି ପୂର୍ବତନ ନଗରପାଳ ହରପ୍ରସାଦ ସାହୁ ନିଜ ବାସଭବନରେ ବିଜେଡି କର୍ମୀମାନଙ୍କୁ ନେଇ ଏକ ବୈଠକ କରି ୫-ଟି ସଚିବଙ୍କ ଗସ୍ତକୁ ସଫଳ କରିବା ପାଇଁ ନିଜ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ପୂର୍ବତନ ନଗରପାଳିକା ସୁନିତା ପ୍ରଭା ସାହୁ ଉପସ୍ଥିତ ରହି ମହିଳା ମାନେ କିପରି କାର୍ଯ୍ୟକ୍ରମରେ ସାମିଲ ହେବେ ଗୁରତ୍ୱ ଦେଇଥିବା ବେଳେ ଯୁବଶକ୍ତି ସାମିଲ ପାଇଁ ୟୁଥ ଫୋରମ ଆବାହିକା ରଞ୍ଜିତା ସାହୁ ଗୁରୁତ୍ୱାରୋପ ଦେଇଛନ୍ତି ।

ଶ୍ରୀ ବାଲାଜୀ କଲେଜର ସ୍ୱନକ୍ଷତ୍ର ଉତ୍ସବ

ଟିକିଟି,୨୩।୮(ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଅବସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟର ୪୪ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟିର ଅଧ୍ୟକ୍ଷ ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଏମ.ଏସ.ରାଓ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଆକୁଳାନନ୍ଦ ପାଢ଼ୀ, ଅଧ୍ୟକ୍ଷ ଡକ୍ଟର ସୁଦର୍ଶନ ପଟ୍ଟନାୟକ, ଖେମୁଣ୍ଡି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁରଲୀ ପ୍ରଧାନ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରସମାଜର ଭୂମିକା, ସେମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ । ଅଧ୍ୟକ୍ଷ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସଂଗେ ସଂଗେ ଭବିଷ୍ୟତର ଚାଲେଞ୍ଜକୁ ମୁକାବିଲା କରିବା ହେଉଛି ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ । ଅଧ୍ୟକ୍ଷ ଅୟସକାନ୍ତି ମହାନ୍ତି କାର୍ଯ୍ୟକର୍ମର ସୂଚନା ପ୍ରଦାନ କରିବା ସଂଗେ ସଂଗେ ଅଧ୍ୟାପକ ସ୍ମୃତିରଞ୍ଜନ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

ଧର୍ମପରାୟଣା ମହିଳାଙ୍କ ପରଲୋକ

ଗଞ୍ଜାମ,୨୩।୮(ବିଦ୍ୟାଧର ସାହୁ) ଦୀର୍ଘବର୍ଷ ହେବ କାଇଁଚପୁରରୁ ଆସି ଗଞ୍ଜାମ ସହର ଓଡ଼ିଆ ଡମଣା ସାହିରେ ରହୁଥିବା ଧର୍ମପରାୟଣା ମହିଳା ଜି. ସାଇବକ୍ଷଣି ରେଡ୍ଡିଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି । ସେ ଗଞ୍ଜାମ ବଡ଼ ବଜାର ବଣିକ ସଂଘ କୋଷାଧ୍ୟକ୍ଷ ଜି. ରାମଦାସ ରେଡ୍ଡିଙ୍କ ମାତା । ସେ ଜଣେ ମିଷ୍ଟଭାଷୀ ମେଳାପୀ ଓ ଧର୍ମପରାୟଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳବାସୀ ଗଭୀର ମର୍ମାହତ । ତାଙ୍କ ମୃତ୍ୟୁ ବେଳକୁ ବଡ଼ପୁଅ ଆଦୀନାରାୟଣ ରେଡ଼ି ଓ ସାନ ପୁଅ ରାମଦାସ ପ୍ରମୁଖ ଉପସ୍ଥିତ ଥିଲେ । ଋଷିକୁଲ୍ୟା ଶ୍ମଶାନ ଘାଟ ନିକଟରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା ।

ବୁଥ୍ ପରିଦର୍ଶନ କଲେ ପଞ୍ଚାୟତ ଅଧିକାରୀ

ବେଲଗୁଣ୍ଠା,୨୩।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ବୁଧବାର ବେଲଗୁଣ୍ଠା ବ୍ଲକର ତନରଡା ସ୍ଥିତ ୭୫,୭୬ ଏବଂ ୭୭ ନମ୍ବର୍ ବୁଥ୍ ପରିଦର୍ଶନ କରିଛନ୍ତି । ଜିଲା ପଞ୍ଚାୟତ ଅଧିକାରୀ ପଟ୍ଟନାୟକ ତନରଡା ଗ୍ରାମପଞ୍ଚାୟତର ପାଟଣାସାହି ସ୍ଥିତ ୭୫ ନମ୍ବର୍ ବୁଥ୍ ପରିଦର୍ଶନ କରି ସେଠାରେ ବିଏଲ୍‌ଓ ରତ୍ନମାଳା ପୋଲେଇଙ୍କର ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମର ତଦାରଖ କରିବା ସହିତ ରେଜିଷ୍ଟର୍ ଯାଞ୍ଚ୍ କରିଥିଲେ । ଏହା ସହିତ ବିଏଲ୍‌ଓ ଆପ୍‌ରୁ ଘରକୁ ଘର ସର୍ଭେର ଅଗ୍ରଗତି, ଯୋଗ୍ୟ ଭୋଟର୍‌ଙ୍କ ନାମ ଯୋଗା, ଅନାବଶ୍ୟକ ନାମ ବାଦ୍ କରିବା ଏବଂ ଭୋଟର୍ ତାଲିକା ସଂଶୋଧନ ବିଷୟ ଯାଞ୍ଚ୍ କରିଥିଲେ । ଏହା ସହିତ ପଟ୍ଟନାୟକ ନୂଆଁ ତନରଡାରେ ଥିବା ୭୬ ଏବଂ ୭୭ ନମ୍ବର୍ ବୁଥ୍ ମଧ୍ୟ ପରିଦର୍ଶନ କରିଥିଲେ । ବୁଥ୍ ପରିଦର୍ଶନ ସମୟରେ ପଟ୍ଟନାୟକଙ୍କ ସହ ବେଲଗୁଣ୍ଠା ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ ଏବଂ ସ୍ଥାନୀୟ ବିଏଲ୍‌ଓ ସୁପରଭାଇଜର୍ ସୁବ୍ରତ ପାତ୍ର ଉପସ୍ଥିତ ଥିଲେ । ବେଲଗୁଣ୍ଠା ବ୍ଲକରେ ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମ ଠିକ୍ ଢଙ୍ଗରେ ଚାଲିଥିବାରୁ ସେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋଶନ୍ ଶତପଥୀଙ୍କ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ ।

ସ୍ତ୍ରୀଙ୍କୁ ହତ୍ୟା ମାମଲା, ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୨୩।୮(ଅଶେଷ ନାଥ ମିଶ୍ର)

ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ବୁଧବାର ମଙ୍ଗରାଜପୁର ଗ୍ରାମର ଏମ. ସନ୍ତ ଓରଫ ଏମ. ସନ୍ତୋଷ ରେଡ୍ଡୀଙ୍କୁ କୋର୍ଟ ଚାଲାଣ କରିଛି । ଥାନା ମାମଲା ନଂ.୩୦୫/୨୩ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି । ସନ୍ତୋଷଙ୍କ ସ୍ତ୍ରୀ ଏମ.ଶିବାନୀ ରେଡ୍ଡୀଙ୍କ ମୃତଦେହକୁ ଗତ ସୋମବାର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପୋଲିସ ଜବତ କରିଥିଲେ । ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟ ପୁର ଗ୍ରାମର କେ. ବିଜୟ ରେଡ୍ଡୀଙ୍କ କନ୍ୟା ଶିବାନୀ ମଙ୍ଗରାଜପୁର ଗ୍ରାମର ସନ୍ତୋଷଙ୍କୁ ୩ ବର୍ଷ ପୂର୍ବେ ବିବାହ କରିଥିଲେ । ବିବାହ ସମୟରେ ସ୍ୱାମୀ ସନ୍ତୋଷ ଏବଂ ଶଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା । ପ୍ରାୟ ଅଢେଇ ବର୍ଷ ଉଭୟଙ୍କ ଦାମ୍ପତ୍ୟ ଜୀବନ ଖୁବ ଖୁସିରେ କରିଥିବା ବେଳେ ଗତ ୬ ମାସ ପୂର୍ବେ ସନ୍ତୋଷ ତାଙ୍କ ସ୍ତ୍ରୀଙ୍କ ସମସ୍ତ ସୁନା ଗହଣା ବନ୍ଧକ ଦେଇ ଋଣ ଆଣିଥିଲେ । ପରେ ସ୍ୱାମୀ ଏବଂ ତାଙ୍କ ପରିବାର ଲୋକେ ଅଧିକା ଯୌତୁକ ପାଇଁ ଶିବାନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଗତ ସୋମବାର ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ନିସ୍ତୁକ ମାଡ଼ ମାରିଥିଲେ । ଫଳରେ ଶିବାନୀଙ୍କୁ ଚେତା ଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅପରପକ୍ଷରେ ଶିବାନୀ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ନେଇ ଶଶୁର ଘର ଲୋକେ ପୋଲିସକୁ କହିଥିଲେ । ଘଟଣାର ପରଦିନ ଶିବାନୀଙ୍କ ବାପା କେ. ବିଜୟ ରେଡ୍ଡୀ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିଲା ।

୧୨୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଭତ୍ତା ବଣ୍ଟନ କରାଯାଉଛି ।

ଛତ୍ରପୁର,୨୩।୮(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁରର ରଘୁନାଥ ମନ୍ଦିରରେ ମଧୁବାବୁ ପେନସନ ଯୋଜନାରେ ୧୨୦ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ପୂର୍ବତନ ସମିତି ସଭ୍ୟ ଜ୍ୟୋତିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ତଥା କୃଷି ଓ କୃଷକ ସଶକ୍ତୀକରଣର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଗଞ୍ଜାମ ବିଜେଡି ଉପସଭାପତି ଶଙ୍କର ପ୍ରସାଦ ଦାଶ, ପୂର୍ବତନ ଜିଲାପରିଷଦ ସଭ୍ୟ ଏସ କିଶୋର ଚନ୍ଦ୍ର ରେଡ୍ଡୀ, ମୁନା ଦାସ ଓ ପ୍ରମୋଦ ପ୍ରଧାନ, ନରେନ୍ଦ୍ରପୁର ସମିତି ସଭ୍ୟା ବି. ସୋନାଲି ସେନାପତି, ଚମାଖଣ୍ଡି ସରପଞ୍ଚ ସି.ଏଚ ମନୋଜ ରେଡ୍ଡୀ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ.ସଞ୍ଜିବ ରେଡ୍ଡୀ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ମହାନାଦପୁର ସମିତି ସଭ୍ୟ ସୁନିତା ବେହେରା, ପୂର୍ବତନ ସମିତି ସଭ୍ୟ ଅଶୋକ ପାଣିଗ୍ରାହୀ, ଯୁବନେତା ବାପି ଦାସ, ବଡମାଧପୁରର ଶିବ ଶଙ୍କର ସେଠୀ, ଦିଲେଶ୍ୱର ରେଡ୍ଡୀ, ଭଗବାନ ନାହାକ, ବିଭି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବାଘଶଳା-ବଡ଼ଗାଁ-ଭିନ୍ନୋଳା ରାସ୍ତା ଶୋଚନୀୟ

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା)୨୩।୮ ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଘଶଳା-ବଡ଼ଗାଁ-ଭିନ୍ନୋଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ରାସ୍ତାଟି ଶୋଚନୀୟ ଅବସ୍ଥାରେ ପଡ଼ିଛି । ଏହି ଗ୍ରାମ୍ୟ ରାସ୍ତାଟିର ଦୈର୍ଘ୍ୟ ପ୍ରାୟ ୩.୫ କିମି ଅଟେ । ଉକ୍ତ ବାଘଶଳା-ବଡ଼ଗାଁ-ଭିନ୍ନୋଳା ରାସ୍ତା ତିନି ଖଣ୍ଡ ଗ୍ରାମବାସୀଙ୍କ ମୁଖ୍ୟ ଗମନାଗମନର ମାଧ୍ୟମ ସାଜିଥିବା ବେଳେ ରାସ୍ତାର ମରାମତି ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହା ଖାଲଖମାରେ ପରିଣତ ହୋଇଛି । ଉକ୍ତ ରାସ୍ତା ଦେଇ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଗ୍ରାମାଞ୍ଚଳ ସହ ପାରଳାଖେମୁଣ୍ଡି ଯାତାୟାତ ନିମନ୍ତେ ଲୋକମାନେ ନିର୍ଭର କରିଥାନ୍ତି । ହେଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଯାନବାହନ ଚଳାଚଳ କରିବାରେ ନାନାଦି ସମସ୍ୟା ଉପୁଜୁଛି । ବର୍ଷା ଦିନେ ଖାଲଖମାରେ ପାଣି ଜମି ରହିବା ସହ ବିଭିନ୍ନ ସମୟରେ ଦୁର୍ଘଟଣା

ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

ଘଟୁଥିବା ନଜିର ରହିଛି । ସେହିପରି ଏହି ଗ୍ରାମ୍ୟରାସ୍ତାର ଦୁଇପଟେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ନିଷ୍କାସନ ନ ହୋଇପାରି ରାସ୍ତା ଉପରେ ଆବର୍ଜନା ପାଣି ଜମି ରହିବା ସହ କର୍ଦ୍ଦମାକ୍ତ ପରିବେଶ ସୃଷ୍ଟି କରୁଛି । ଏହି କାଦୁଅରେ ମଶାବଂଶ ବୃଦ୍ଧି ପାଉଛି । ବଡ଼ ବଡ଼ ଯାନବାହନ ଯାତାୟାତ କରିବା ସମୟରେ ଘର ମଧ୍ୟକୁ କାଦୁଅ ଛିଟା ପଡୁଥିବା ଅଞ୍ଚଳବାସୀ କହିଛନ୍ତି । ଏନେଇ ଅଗରଖଣ୍ଡି ସରପଞ୍ଚ ଓଷାବତୀ ବାରିକ, ପୂର୍ବତନ ସମିତି ସଭ୍ୟ ଚୈତନ୍ୟ ବରାଡ, ଯୁବସାମାଜିକ କର୍ମୀ ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖଙ୍କ ସହ ତିନି ଗ୍ରାମବାସୀ ବାରମ୍ବାର ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ଜଣାଇଛନ୍ତି । ଯଦି ଆଗାମୀ ଦିନରେ ଏହି ଗ୍ରାମ୍ୟରାସ୍ତା ମରାମତି ତଥା ନିର୍ମାଣ କରା ନ ଯାଏ ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଅଞ୍ଚଳବାସୀ କହିଛନ୍ତି ।

କୃଷି ସଚେତନତା ରଥ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୩।୮(ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରେ କୃଷି ସଚେତନତା ରଥ ଉଦଘାଟିତ ହୋଇଛି । ଜିଲା ମୁଖ୍ୟ କୃଷି ଅଧିକାରୀ ହିରେନିଅସ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଖରିଫ ଋତୁରେ ଧାନ ପରିବର୍ତ୍ତେ ଅନ୍ୟାନ୍ୟ ଅଣ ଧାନ ଫସଲ କରିବା ପାଇଁ ସରକାରଙ୍କ ଦ୍ୱାରା ବିବିଧକରଣ ଯୋଜନା କରାଯାଇ ବୃହତ୍ତ ଉଠା ଜଳସେଚନ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି । ଗୁମ୍ମା, କାଶୀନଗର ବ୍ଲକରେ ଚାଷୀମାନଙ୍କୁ ସଚେତନତା କରିବା ପାଇଁ ଏହି ରଥ ୫ ଦିନ ଧରି ବୁଲିବ । ଚାଷୀମାନେ ସଚେତନ ହେଲେ ଖରିଫ ଋତୁରେ ଏହି ଅଣଧାନ ଫସଲ କରି ଚାଷୀମାନେ ଲାଭବାନ ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ନିର୍ଦ୍ଦେଶକ ସୁରଜ କୁମାର ପାତ୍ର, ଗୋସାଣି ସହକାରୀ କୃଷି ଅଧିକାରୀ, ଗୁମ୍ମା ସହକାରୀ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ନାବାଳିକା ଶାଳୀଙ୍କୁ ହତ୍ୟା, ଭିଣୋଇ ଗିରଫ

ଜଗନ୍ନାଥପ୍ରସାଦ(ବିଭୁ ପ୍ରସାଦ ପଟ୍ଟନାୟକ)/ବୁଗୁଡ଼ା (କାଳିଚରଣ ଦାଶ), ୨୩।୮

ନାବାଳିକା ଶାଳୀଙ୍କ ସହିତ ପ୍ରେମ ସମ୍ପର୍କ ରଖିବା ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଅପହରଣ କରିନେବା ଓ ପରେ ହତ୍ୟା କରିଥିବା ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି । ଅଭିଯୁକ୍ତ ଭିଣୋଇଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି ।

ପ୍ରକାଶ ଯେ, ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଝାଡ଼ଭୁମି ପଞ୍ଚାୟତ ଅନ୍ତର୍ଗତ ବରକୋଳିଆ ଗ୍ରାମର ସନ୍ତୋଷ ଖଣ୍ଡେଇ ମଙ୍ଗରାଜପୁର ଗ୍ରାମର ଗୋପାଳ ସାମଲଙ୍କ ବଡ଼ ଝିଅକୁ ବିବାହ କରିଥିଲେ । ସନ୍ତୋଷ ବହୁ ସମୟରେ ଶ୍ୱଶୁର ଘରେ ରହୁଥିଲେ । ସେଠାରେ ଶାଳୀ ବର୍ଷାଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିଲେ । ପରିବାର ଲୋକ ଜାଣିବା ପରେ ସ୍ୱାଇଁ ସନ୍ତୋଷଙ୍କୁ ପଚରାଉଚରା କରିବାରୁ ସେ ସ୍ୱୀକାର କରିବା ସହ ଦୁହିଁଙ୍କୁ ସ୍ତ୍ରୀ ରୂପରେ ରଖିବା ପାଇଁ ରାଜି ହୋଇ ୧୭ ତାରିଖରେ ନିଜ ଗ୍ରାମ ବରକୋଳିଆ ନେଇଯାଇଥିଲେ । ପରେ ଝିଅ ବିଷୟରେ ଖବର ନେବା ପାଇଁ ଗୋପାଳ ସ୍ୱାଇଁଙ୍କୁ ଫୋନ କରି କେଉଁଠି ଅଛ ବୋଲି ପଚାରିବାରୁ ଆମେ ଦୁହେଁ ଜଣେ ସାଙ୍ଗଙ୍କ ଘରେ ଅଛୁ, ଦୁଇ ଦିନ ପରେ ଫେରିବୁ ବୋଲି କହିଥିଲେ । କିନ୍ତୁ ପରେ ଫୋନ ନ ଉଠାଇବାରୁ ୨୦ତାରିଖରେ ଗୋପାଳ ସ୍ୱାଇଁ ସନ୍ତୋଷ ତାଙ୍କ ନାବାଳିକା ଝିଅଙ୍କୁ ଅପହରଣ କରିନେଇଥିବା ନେଇ ବୁଗୁଡ଼ା ଥାନାରେ ଏତଲା ଦେଇଥିଲେ । ଗତ ୨୧ ତାରିଖ ରାତିରେ ବୁଗୁଡ଼ା ପୋଲିସ ଜଗନ୍ନାଥପ୍ରସାଦ ପୋଲିସ ସହାୟତାରେ ବରକୋଳିଆ ଗ୍ରାମରୁ ସନ୍ତୋଷ ଖଣ୍ଡେଇକୁ ଉଠାଇ ନେଇ ପଚରାଉଚରା କରିଥିଲା । ବର୍ଷାଙ୍କୁ ହତ୍ୟା କରି ସେ ବରକୋଳିଆ ଗ୍ରାମ ସନ୍ନିକଟ ଧୋବାତଳ କଲମୀ ଆମ୍ବ ବଗିଚା ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପକାଇଦେଇଥିବା ସ୍ୱୀକାର କରିଥିଲେ । ବୁଧବାର ଭଞ୍ଜନଗର ଏସଡିପିଓ ବିଶ୍ୱାମିତ୍ର ହରପାଲ, ବୁଗୁଡ଼ା ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା, ସବଇନ୍ସପେକ୍ଟର ଶଙ୍କର ସେଠି, ଏଏସଆଇ ଅର୍ଜୁନ କୁମାର କଅଁର, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଦମକଳ ବାହିନୀ ସହାୟତାରେ କୂଅ ଭିତରୁ ଗଳିତ ମୃତଦେହ ଜବତ କରିଥିଲେ । ମାମଲା ନମ୍ବର ୬୦୪/୨୩ପ୍ରକାରେ ନାବାଳିକା ଅପହରଣ ଓ ହତ୍ୟା ଅଭିଯୋଗରେ ସନ୍ତୋଷଙ୍କୁ ଗିରଫ କରାଯାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏଫଏମଟିକୁ ପଠାଯାଇଥିବା ପୋଲିସ କହିଛି ।

ସଂକ୍ଷେପରେ

୨ ଫେରାର ଅଭିଯୁକ୍ତ ଗିରଫ

ରସୁଲପୁର,୨୩।୮(ରଞ୍ଜିତ ରାଉତ):

ଫେରାର ଅଭିଯୁକ୍ତ କୁଆଖିଆ ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ପ୍ରଭାତ ସାହୁ ଓ କଲଣ ପଞ୍ଚାୟତ ନୂଆହାଟ ଗ୍ରାମର ଅମୂଲ୍ୟ ମଲିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ୨୦୨୦ରେ ଅଭିଯୁକ୍ତ ପ୍ରଭାତ ତାଙ୍କ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ କୋର୍ଟ ପକ୍ଷରୁ ଜିଆର କେସ୍ ନମ୍ବର-୦୯/୨୦ବଳରେ ଏକ ନୋଟିସ ଜାରି କରାଯାଇଥିଲା। ସେହିପରି ୨୦୨୧ରେ ଅମୂଲ୍ୟ ମଧ ଅନୁରୂପ ଘଟଣା ଘଟାଇ ଥିଲେ। କୋର୍ଟ ପକ୍ଷରୁ ଜିଆର କେସ୍ ନମ୍ବର-୨୧୨୩/୨୧ରେ ନୋଟିସ ଜାରି କରାଯାଇଥିଲା। ଉକ୍ତ ନୋଟିସ ମୁତାବକ ଅଭିଯୁକ୍ତମାନେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ପକ୍ଷରୁ ଉଭୟ ଅଭିଯୁକ୍ତଙ୍କ ନାମରେ ଗିରଫ ପରାୱାନା ଜାରି କରାଯାଇଥିଲା।

ଡାକ୍ତରଙ୍କୁ ଦୁର୍ବ୍ୟବହାର, ଖବରଦାତା କୋର୍ଟଚାଲାଣ

ରସୁଲପୁର,୨୩।୮(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଦେବପ୍ରିୟ ଷଡ଼ଙ୍ଗୀଙ୍କୁ ଜଣେ ଖବରଦାତା ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଖବରଦାତା ବିଷ୍ଣୁଚରଣ ରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସ୍ୱାଧୀନତା ଦିବସ ଅବସରରେ ଖବରଦାତା ଡାକ୍ତରଖାନାକୁ ଆସିଥିଲେ। ଏହି ସମୟରେ ଡାକ୍ତର ଦେବପ୍ରିୟ ଡ୍ୟୁଟି କରୁଥିଲେ। କୌଣସି ଏକ ଘଟଣାକୁ କେନ୍ଦ୍ରକରି ଡାକ୍ତର ଓ ଖବରଦାତାଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଫଳରେ ଖବରଦାତା ଡାକ୍ତରଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରଥିଲେ। ଏନେଇ ଡାକ୍ତର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଖବରଦାତାଙ୍କୁ ତାଙ୍କ ଘର ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଅଞ୍ଚଳରୁ ଗିରିଫ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୨୮୨/୨୩ ରୁଜୁ ହୋଇଛି। ଏଏସ୍ଆଇ ପ୍ରଦୀପ କୁମାର ମଲ୍ଲିକ ଘଟଣାର ତଦନ୍ତ କରୁଛନ୍ତି।

ସାପ କାମୁଡ଼ାରେ ଚାଷୀ ମୃତ

ବାସୁଦେବପୁର, ୨୩।୮
ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ପୌରପାଳିକାର ୧ ନଂ. ୱାର୍ଡର ରାଧାନାଥପୁର ଆଡ଼ିଆ ଗ୍ରାମରେ ମଙ୍ଗଳବାର ସାପ କାମୁଡାରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ନିମାଇଁ ଚରଣ ଭୂୟାଁ। ସେ ବିଲରୁ ନିଜ ଘରକୁ ଫେରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସେ ଘରେ ପହଞ୍ଚିବା ବେଳକୁ ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ଅବ୍ୟବସ୍ଥା

ଯାଜପୁର ଜିଲା ମେଡିକାଲ ବୋର୍ଡରେ ରକ୍ତ ବିଶେଷଜ୍ଞ ଅଭାବ

ଯାଜପୁର ଟାଉନ,୨୩।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଥାଲାସେମିଆ ରୋଗୀମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ଯାଜପୁର ଜିଲା ମେଡିକାଲ ବୋର୍ଡରେ ରକ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ କରାଯାଇନାହିଁ, ଯଦ୍ୱାରା ଚିରସ୍ଥାୟୀ ରକ୍ତହୀନତା ଥାଲାସେମିଆ ରୋଗୀମାନଙ୍କୁ ଅସ୍ଥାୟୀ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଏବଂ ଥାଲାସେମିଆ ମେଜର ରୋଗୀମାନଙ୍କୁ ଉଚିତ୍ ପ୍ରତିଶ୍ରତ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇବାରେ ଅବ୍ୟବସ୍ଥା ହେଉଛି। ମୁକ, ବଧିର, ଦୃଷ୍ଟିହୀନ, ବିକଳାଙ୍ଗ ଓ ମାନସିକ ରୋଗୀମାନଙ୍କୁ ସମ୍ପୃକ୍ତ ବିଭାଗର ବିଷେଜ୍ଞ ଡାକ୍ତରମାନେ ଭିନ୍ନକ୍ଷମ ପ୍ରତିଶତ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କରୁଛନ୍ତି। ହେଲେ ଥାଲାସେମିଆ ରୋଗୀମାନଙ୍କ ପାଇଁ ରକ୍ତ ବିଭାଗ ବିଶେଷଜ୍ଞ ଡାକ୍ତରଙ୍କୁ ଜିଲା ମେଡିକାଲ ବୋର୍ଡରେ ନିୟୋଜିତ କରାଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏପରି ଅବ୍ୟବସ୍ଥାର ସମାପ୍ତି ନିମିତ ଯାଜପୁର ଜିଲା ଥାଲାସେମିଆ ସୋସାଇଟି ସମ୍ପାଦକ ପରମାନନ୍ଦ ନାୟକ ରକ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଗୋଚର କରିଛନ୍ତି।

ଥାଲାସେମିଆ ଏକ ବଂଶଗତ ରକ୍ତଜନିତ ମାରାତ୍ମକ ରୋଗ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଶରୀରରେ ରକ୍ତ ଉତ୍ପାଦନ କ୍ଷମତା ହରାଇଥାନ୍ତି। ରୋଗର ନିରାକରଣ ପାଇଁ କୌଣସି ଔଷଧ ନ ଥିବାରୁ ଜୀବନ ବଞ୍ଚାଇବା ପାଇଁ ରୋଗୀ ନିୟମିତଭାବେ ରକ୍ତ ଗ୍ରହଣ କରିଥାନ୍ତି। ବାରମ୍ବାର ରକ୍ତ ନେବାହେତୁ ଅନେକ କ୍ଷେତ୍ରରେ ଶରୀରରେ ଅଧିକ ଆଇରନ ଜମାଟ ବାନ୍ଧି ହୃଦ୍‌ରୋଗ, ଯକୃତ ରୋଗ ଓ ଅନ୍ୟାନ୍ୟ ରୋଗ ଦ୍ୱାରା ରୋଗୀ ମୃତ୍ୟୁ ବରଣ କରିଥାନ୍ତି। ଏହି ରୋଗୀମାନଙ୍କୁ ସାହାଯ୍ୟ ଓ ସହନାଭୂତି ଯୋଗାଇ ଦେବାପାଇଁ ଭାରତ ସରକାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବାକୁ ୨୦୧୮ ଜାନୁୟାରୀ ୪ରେ ବିଜ୍ଞପ୍ତି ଜାରି କରିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ରାଜ୍ୟରେ ବରିଷ୍ଠ ରକ୍ତ ବିଶେଷଜ୍ଞ ଡାକ୍ତରମାନଙ୍କ ମିଳିତ ବୈଠକର ନିଷ୍ପତ୍ତି ଅନୁଯାୟୀ ଥାଲାସେମିଆ ରୋଗୀମାନଙ୍କୁ ୪୦ ପ୍ରତିଶତରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବାକୁ ସରକାରୀ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯାଇଛି। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ତରଫରୁ ସମସ୍ତ ଥାଲାସେମିଆ ରୋଗୀଙ୍କୁ ଦେୟମୁକ୍ତ ରକ୍ତଯୋଗାଇ ଦିଆଯାଉଛି। ରାଜ୍ୟ ସରକାର ସେହି ରୋଗୀମାନଙ୍କ ମେଡିକାଲ ଯିବା ଆସିବା ଖର୍ଚ୍ଚ ବାବଦକୁ ପ୍ରତିଥର ରକ୍ତନେବା ପାଇଁ ୫ ଶହ ଟଙ୍କା ବହନ କରୁଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ତରଫରୁ ସେମାନଙ୍କୁ ମାସିକ ଭତ୍ତା ମଧ ପ୍ରଦାନ କରାଯାଉଛି। ରାଜ୍ୟର ବିଭିନ୍ନ ଥାଲାସେମିଆ ସୋସାଇଟି ପକ୍ଷରୁ ସେମାନଙ୍କୁ ରକ୍ତ ଯୋଗାଇବା, ରକ୍ତ ପରୀକ୍ଷା ଓ ଦେୟମୁକ୍ତ ଥାଲାସେମିଆ ଚିକିତ୍ସା ଶିବିର ଆୟୋଜନ କରାଯାଉଛି। ସେମାନଙ୍କୁ ନିୟମିତ ରକ୍ତ ଯୋଗାଇ ଦେବା ପାଇଁ ଜୀବନବିନ୍ଦୁ କାର୍ଯ୍ୟକ୍ରମ, ଆମ ଓଡ଼ିଶା ଓ ବିଭିନ୍ନ ସଂଗଠନମାନେ ରକ୍ତ ସଂଗ୍ରହ ପାଇଁ ଆଗେଇ ଆସୁଛନ୍ତି। ଯାଜପୁର ଜିଲା ଥାଲାସେମିଆ ସୋସାଇଟି ମାଧ୍ୟମରେ ଅଦ୍ୟାବଧି ୩୫୨ ରୋଗୀ ପଞ୍ଜୀକୃତ ହୋଇ ନିୟମିତଭାବେ ରକ୍ତଗ୍ରହଣ କରିବା ସହିତ ଔଷଧ ସେବନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ମୃତ୍ୟୁବରଣ କରିସାରିଲେଣି। ମୃତ୍ୟୁ ପର୍ଯ୍ୟନ୍ତ ଏହି ମାରାତ୍ମକ ରୋଗ ଶରୀର ମଧରେ ରହିଥାଏ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ଏ ଦିଗରେ କୌଣସି ପଦକ୍ଷେପ ନେଇ ପାରିବୁ ନାହିଁ। ରାଜ୍ୟ ସରକାର ଯାହା ପଦକ୍ଷେପ ନେବେ ସେହିଅନୁସାରେ କାର୍ଯ୍ୟ କରାଯିବ।

ଫାଣ୍ଡି ଅଧିକାରୀଙ୍କୁ ଗିରଫ ଦାବିରେ ଧାରଣା

ଦମ୍ପତି ଧାରଣାରେ ବସିଛନ୍ତି।

ଡେରାବିଶ, ୨୩।୮ (ବେବର୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନସ୍ଥ ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ନାନକାର ଗ୍ରାମର ରମେଶ ରାଉତ ଓ ସ୍ତ୍ରୀ ସଂଯୁକ୍ତା ଥାନା ସମ୍ମୁଖରେ ବୁଧବାର ଧାରଣା ଦେଇଛନ୍ତି। ସେମାନଙ୍କ ଦାବି ଅନୁଯାୟୀ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଏକ ମରଣାତ୍ମକ ଆକ୍ରମଣ ଘଟଣାରେ ପକ୍ଷପାତିତା କରିଛନ୍ତି । ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣାରେ ବସିଛନ୍ତି । ରିପୋର୍ଟ ଲେଖା ପର୍ଯ୍ୟନ୍ତ ଏହି ଦମ୍ପତି ଧାରଣାରେ ବସିଥିବା ବେଳେ ଜିଲା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏସମ୍ପର୍କରେ ରମେଶ କୁହନ୍ତି, ଏକ ଜମି ବିବାଦରେ ପଡ଼ୋଶୀ ଦୁର୍ଯ୍ୟୋଧନ ରାଉତ ଓ ସୁଧାକର ରାଉତ ପ୍ରମୁଖ ସ୍ତ୍ରୀ ସଂଯୁକ୍ତା ଓ ପୁଅ କମଳଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଫାଣ୍ଡିରେ ଅଭିଯୋଗ ପତ୍ର ଦିଆଯାଇଥିଲେ ମଧ୍ୟ ଅପରପକ୍ଷକୁ ଫାଣ୍ଡି ଅଧିକାରୀ ପାଣିଗ୍ରାହୀ କ୍ଲିନଚିଟ୍ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ । ଅଭିଯୋଗ ପତ୍ର ସମ୍ପର୍କରେ ବୁଝିବାକୁ ଯାଇଥିବା ବେଳେ ଫାଣ୍ଡି ଅଧିକାରୀ ପାଣିଗ୍ରାହୀ ଅସୌଜନ୍ୟ ବ୍ୟବହାର ଦେଖାଇବା ସହ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏସମ୍ପର୍କରେ ସଦର ଥାନା ଓ ଏସ୍‌ପିଙ୍କୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଧାରଣାରେ ବସିଥିବା ରମେଶ କହିଛନ୍ତି।

୫-ଟି ସଚିବଙ୍କ ଧର୍ମଶାଳା ଗସ୍ତ ପ୍ରସ୍ତୁତି

ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ୫-ଟି ସଚିବଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଉଛନ୍ତି।

ଧର୍ମଶାଳା,୨୩।୮(ବଟକୃଷ୍ଣ ପରିଡ଼ା):

ଆସନ୍ତା ୩୧ ତାରିଖରେ ୫-ଟି ସଚିବ ଭିକେ ପାଣ୍ଡିଆନ ଯାଜପୁର ଗସ୍ତରେ ଆସି ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନକୁ ଯାଇ କାର୍ଯ୍ୟ ତଦରଖ କରିବାର ଯୋଜନା ରହିଛି। ଏଥିସହିତ ଜାରକାସ୍ଥିତ ମହୋତ୍ସବ ପଡିଆରେ ଏକ ସଭା ଅନୁଷ୍ଠିତ ହେବ। ଏଥିରେ ପାଣ୍ଡିଆନ ଉପସ୍ଥିତ ଲୋକମାନଙ୍କ ଅଭିଯୋଗ ଶୁଣାଣି କରିବେ। ପାଣ୍ଡିଆନଙ୍କ ଏହି ଗସ୍ତ ପାଇଁ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆକୁ ସଫା କରାଯାଇ ଖାଲଖମାକୁ ସମତୁଳ କରାଯାଇଛି। ବିଜୁ ଜନତା ଦଳ, ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଜୋରସୋରରେ ଉଦ୍ୟମ ଜାରିରହିଛି। ତେଣୁ ତାଙ୍କ ଗସ୍ତକୁ ସଫଳ କରିବା ଲାଗି ବୁଧବାର ଧର୍ମଶାଳା ବିଜେଡି ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତିଙ୍କ ଅଧ୍ୟକ୍ଷତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ପାଣ୍ଡିଆନଙ୍କ ଆଗମନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଦଳୀୟ ସଙ୍ଗଠନକୁ ବୁଥସ୍ତରରେ ମଜଭୁତ କରି ଆଗାମୀ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରିବାରେ ସହଯୋଗ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ ରାଉତ, ଯୁବ ବିଜେଡି ସଭାପତି କ୍ଷୀତିଶ କୁମାର ନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଗାର୍ଲସ ଉଇଙ୍ଗ ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲିକ, ରସୁଲପୁର ବ୍ଲକ ବିଜେଡି ସଭାପତି ଆଲୋକ ପଣ୍ଡାଙ୍କ ସମେତ ୫୪ ପଞ୍ଚାୟତର ସମିତିସଭ୍ୟାସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ପଞ୍ଚାୟତ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

୨ ବାଲି ବୋଝେଇ ଟ୍ରକ୍ ଜବତ

ଭଣ୍ଡାରିପୋଖରୀ,୨୩।୮
(ରବିନାରାୟଣ ଖିଲାର):

ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ଦୁଇ ପ୍ରମୁଖ ବାଲିଘାଟ ନିଲାମ ହେବା ସତ୍ତ୍ୱେ ଚୋରା ଚାଲାଣ ବୃଦ୍ଧି ପାଉଛି। ଚୋରାଚାଲାଣକାରୀମାନେ ଅତି ଚତୁରତାର ସହିତ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବାଲି ଚାଲାଣ କରୁଥିବା ବେଳେ ଧର୍ମକୁ ଆଖିଠାର ଭଳି ତହସିଲ ପକ୍ଷରୁ କେତେବେଳେ କେମିତି ବେଆଇନ ଗାଡ଼ିକୁ ଧରାଯାଉଛି। ବୁଧବାର ୨ଟି ଟ୍ରକ୍‌ରେ ବାଲି ଚାଲାଣ ହେଉଥିବା ବେଳେ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଜବତ ରଖାଯାଇଥିଲା। କାଗଜପତ୍ର ଯାଞ୍ଚ ପରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଜଣାପଡ଼ିଥିଲା।

ପଟ୍ଟାମୁଣ୍ଡାଇ କଲେଜରେ କୌଶଳ ବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୩।୮(କଳ୍ପତରୁ ନାୟକ)

ଉତ୍କଳ ବିଶ୍ୱ ବିଦ୍ୟାଳୟ କୌଶଳ ବିକାଶ କେନ୍ଦ୍ର ଓ ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସ୍‌ସି ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ ଓ ବାଣିଜ୍ୟ ବିଭାଗ ମିଳିତ ସହଯୋଗରେ କଲେଜ ପରିସରରେ ଏକ କୌଶଳ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୌଶଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅବିଦ ଅଲ୍ଲୀ ଖାନ ମୁଖ୍ୟ ଅତିଥି ଓ ରିସର୍ଚ୍ଚ ଆସୋସିଏଟ ଡ଼ଏଲ ଡାକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ ଓ ସର୍ବେଶ୍ୱର ସାହୁ ଏବଂ ଅଧ୍ୟାପକ ରଞ୍ଜନ ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇକ୍ୟୁ ଏସ୍‌ସି ସଂଯୋଜକ ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ୟାପଟେନ ମନୋଜ ପରିଡା, ପ୍ରାଧ୍ୟାପକ ଫକୀର ପ୍ରଧାନ, ଅଧ୍ୟାପକ ଡ. ମାନସ ନାୟକ, ଡ. ନିବେଦିତା ପ୍ରଧାନ, ସୀମାଙ୍ଗିନୀ ଦାସ ପରିଚାଳନା କରିଥିବାବେଳେ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ସରୋଜ ନାୟକ, ଅମିତ କୁମାର ସାହୁ ଓ ମନୋଜ ଦାସ ପରିଚାଳନାରେ ସହଯୋଗ କରିଥିଲେ।

ଧାର ଟଙ୍କା ମାଗିବାରୁ ମହିଳାଙ୍କୁ ହତ୍ୟା ଧମକ

ଥାନା ଆଗରେ ମହିଳାଙ୍କ ଧାରଣା

ରାଜନଗର,୨୩।୮(ଭାସ୍କର ରାଉତରାୟ)

ସ୍ୱାମୀ ମାଲିକଙ୍କ ଟଙ୍କା ସୁଝି ନ ପାରି ଆତ୍ମହତ୍ୟା କଲେ, ମାତ୍ର ସ୍ୱାମୀଙ୍କ ଠାରୁ ଧାର ନେଇଥିବା ଟଙ୍କା ବିଧବା ମହିଳା ମାଗିବାରୁ ତାଙ୍କୁ ଓ ତାଙ୍କ ପୁଅ, ଝିଅଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହିଘଟଣାରେ କିଛିବୁଝୁ ନ ଥିବା ଅଭିଯୋଗ କରି ବୁଧବାର ସନ୍ଧ୍ୟାରେ ମହିଳାମାନେ ରାଜନଗର ଥାନା ଆଗରେ ଧାରଣାରେ ବସିଛନ୍ତି। ଅଭିଯୋଗ ମୁତାବକ, ଏହି ଥାନା ଅନ୍ତର୍ଗତ ବନ୍ଧପାଟଣା ଗାଁର ଅକ୍ଷୟ ସେଠୀ ବାଙ୍ଗାଲୋରରେ ରହି କାମ କରୁଥିଲେ । ଏହି ଗାଁର ପ୍ରତାପ ସେଠୀଙ୍କ ୨ ଝିଅ ପୂଜା ଓ ମିତାରାଣୀ ବାଙ୍ଗାଲୋରରେ ପହଞ୍ଚି ତାଙ୍କୁ ସାହର୍ଯ୍ୟ ମାଗିଥିଲେ । ଗାଁ ଝିଅ ହୋଇଥିବାରୁ ଅକ୍ଷୟ ୨ ଭଉଣୀଙ୍କୁ ବିଭିନ୍ନ ସମୟରେ ଫୋନ ପେ'ରେ ୧ ଲକ୍ଷ ୧୮ ହଜାର ଓ ନଗଦ ୯୦ ହଜାର ଟଙ୍କା ଦେଇଥିଲେ । ଏହି ଟଙ୍କା ଫେରାଇବାକୁ ଦୁଇ ଭଉଣୀ ଓ ତାଙ୍କ ବାପା ମାଆ ଆଜିକାଲି କହି ସମୟ ଗଡାଇ ଚାଲିଥିଲେ । ବଡ଼ ଭଉଣୀ ବିବାହ କରିଯିବା ପରେ ଅକ୍ଷୟ ଗାଁରେ ପହଞ୍ଚି ଟଙ୍କା ମାଗିବାରୁ ଟଙ୍କା ଦେବା ବଦଳରେ ଗାଳି ଗୁଲଜ କରିଥିଲେ । ଅକ୍ଷୟ ବାଙ୍ଗାଲୋର ଯିବା ପରେ ତାଙ୍କୁ ଟଙ୍କା ଧାର ଦେଇଥିବା ଲୋକ ବାରମ୍ବାର ଟଙ୍କା ମାଗିବାରୁ ଅକ୍ଷୟ ସେଠାରେ ଆତ୍ମହତ୍ୟା କରିଦେଇଥିଲେ । ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପରେ ଅକ୍ଷୟଙ୍କ ବିଧବା ସ୍ତ୍ରୀ ପ୍ରତାପ ସେଠୀଙ୍କୁ ଧାର ଟଙ୍କା ମାଗିବାରୁ ପରିବାର ଲୋକ ମିଳିତ ଭାବେ ତାଙ୍କୁ ଗାଳିଗୁଲଜ କରିଥିଲେ । ଏପରି କି ଅକ୍ଷୟଙ୍କ ବିଧବା ସ୍ତ୍ରୀ ଜ୍ୟୋତିପ୍ରଭା ଓ ତାଙ୍କ ପୁଅ, ଝିଅଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଜ୍ୟୋତିପ୍ରଭା ଏନେଇ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ କିଛି ବୁଝିଲା ନାହିଁ । ଫଳରେ ସେମାନେ ସାପ ଗ୍ୟାଙ୍ଗ ସହ ମିଶି ଟେଲିଫୋନରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଛନ୍ତି, ଯାହାର ଅଡିଓ ପ୍ରମାଣ ସହ ବିଧବା ଜ୍ୟୋତିପ୍ରଭାଙ୍କ ସହିତ ଗାଁର ମହିଳାମାନେ ଆଜି ସନ୍ଧ୍ୟାରେ ରାଜନଗର ଥାନାରେ ପହଞ୍ଚି ହୋହାଲ୍ଲା କରିବା ସହିତ ଥାନା ଆଗରେ ଧାରଣାରେ ବସିଥିଲେ । ପରେ ଥାନା ଭିତରେ ପଶି ନ୍ୟାୟ ଦାବି କରିବା ସହିତ ଥାନା ଭିତରେ ବସି ରହିଛନ୍ତି ।

ଚନ୍ଦ୍ରୟାନ-୩ର ସଫଳ ଅବତରଣ ପାଇଁ ଦର୍ଶନ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପକ୍ଷରୁ ପ୍ରାର୍ଥନା ସଭା କରାଯାଉଛି।

ସଫଳ ହେଲା ପୂଜାର୍ଚ୍ଚନା, ପ୍ରାର୍ଥନା

ରସୁଲପୁର,୨୩।୮(ରଞ୍ଜିତ ରାଉତ):

ଚନ୍ଦ୍ରୟାନ-୩ ବୁଧବାର ଚନ୍ଦ୍ର ପୃଷ୍ଠର ଦକ୍ଷିଣ ମେରୁରେ ସଫଳ ଲ୍ୟାଣ୍ଡିଂ କରିବା ପରେ ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିପାରିଛି। ଉକ୍ତ ସଫଳତା ପାଇଁ ସାରା ବିଶ୍ୱରେ ଭାରତବର୍ଷର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି। ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା, ପ୍ରାର୍ଥନା ସଭା ଜରିଆରେ ଭାରତବାସୀଙ୍କ ରହିଥିବା ଶୁଭ କାମନା ସଫଳ ହୋଇଛି ବୋଲି କୁହାଯାଉଛି। ଚନ୍ଦ୍ର ଅଭିଯାନର ସଫଳତା ପାଇଁ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମର ଦର୍ଶନ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପକ୍ଷରୁ ଏକ ପ୍ରାର୍ଥନା ସଭା କରାଯାଇଥିଲା। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୦୦ରୁ ଅଧିକ ବିଦ୍ୟାର୍ଥୀ ପ୍ରାର୍ଥନା ସଭାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଷମା ସାମଲ ଓ ବିଜ୍ଞାନ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କିରଥିଲେ। ଏହାଛଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦିରେ ଚନ୍ଦ୍ରାୟାନ ଯାତ୍ରା ସଫଳ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ଭାରତକୁ ବିଜ୍ଞାନ କ୍ଷେତ୍ରରେ ଏହିଭଳି ଏକ ବିରଳ ସଫଳତା ମିଳିବାକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖୁସି ମନାଯିବା ସହ ଭାରତୀୟ ବୈଜ୍ଞାନିକମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ବରୁଣେଶ୍ୱର କ୍ଷେତ୍ର ବିକାଶ ପାଇଁ ଅନୁଦାନ ଘୋଷଣା ହେବା ଚର୍ଚ୍ଚା

ପାଣ୍ଡିଆନଙ୍କ ଗସ୍ତ ପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋରଦାର

ବିଞ୍ଝାରପୁର, ୨୩।୮(ରାମକୃଷ୍ଣ ଦାସ):

ବ୍ଲକ ପ୍ରଶାସନିକ ଅଧିକାରୀମାନେ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସଭାସ୍ଥଳ ନିରୂପଣ କରୁଛନ୍ତି।

୫-ଟି ସଚିବ ଭିକେ ପାଣ୍ଡିଆନ ଆସନ୍ତା ୩୧ ତାରିଖରେ ବିଞ୍ଝାରପୁର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତାଙ୍କର ଏହି ଗସ୍ତ ପୂର୍ବରୁ ବିଞ୍ଝାରପୁର ବ୍ଲକରେ ପ୍ରଶାସନିକ ପ୍ରସ୍ତୁତି ଜୋରଦାର ହୋଇଛି। ୩୧ ତାରିଖ ଅପରାହ୍ନ ୨ଟାରେ ପାଣ୍ଡିଆନ ଆକାଶମାର୍ଗରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଈଦାଠାରେ ପହଞ୍ଚ ଅରେଇସ୍ଥିତ ବାବା ବରୁଣେଶ୍ୱର ପୀଠକୁ ଯାଇ ବାବାଙ୍କୁ ଦର୍ଶନ କରିବା ସହିତ ସଭାସ୍ଥଳରେ ଯୋଗଦେବେ। ଏଥିପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ପୋଲିସ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ପ୍ରସ୍ତୁତି କରିଛନ୍ତି। ବିଡିଓ ବିଭୁନ୍ଦ୍ର ଦାସ, ତହସିଲଦାର କୈଳାସ ମହାଳିକ, ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକ, ଆର୍‌ଆଣ୍ଡ ବି ବିଭାଗୀୟ ଅଧିକାରୀ, ବିଞ୍ଝାରପୁର ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ପ୍ରମୁଖ ସଭାସ୍ଥଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ହେଲିପ୍ୟାଡ ସ୍ଥାନ ନିରୁପଣ କରିଛନ୍ତି।

ପାଣ୍ଡିଆନଙ୍କ ଗସ୍ତ ସମୟରେ ବିଞ୍ଝାରପୁରରେ ଟ୍ରାଫିକ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ସୂଚନା ଦେଇଛନ୍ତି। ବିଭିନ୍ନ ଅଞ୍ଚଳକୁ ୫-ଟି ସଚିବ ଗସ୍ତ କରି ଐତିହ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଉଥିବାରୁ ଏଠାରେ ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ରର ବିକାଶ ପାଇଁ ଅନୁଦାନ ଘୋଷଣା କରିପାରନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ବରୁଣେଶ୍ୱର ମନ୍ଦିର ଓ ଏହାର ପରମ୍ପରା ସମଗ୍ର ରାଜ୍ୟରେ ବେଶ ପ୍ରସିଦ୍ଧିଲାଭ କରିଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ବାବା ବରୁଣେଶ୍ୱରଙ୍କ ପୀଠରେ ନବଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ମେଳାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଦୋକାନ ଆସୁଥିବା ବେଳେ ଦୈନିକ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ରାଜ୍ୟର ବିଭିନ୍ନ ଐତିହ୍ୟ ଓ ଆଧ୍ୟାତ୍ମିକ ପୀଠ ମଧ୍ୟରୁ ଏହି କ୍ଷେତ୍ରର ସ୍ୱତନ୍ତ୍ରତା ରହିଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗରେ ଏହି କ୍ଷେତ୍ର ସ୍ଥାନ ପାଇଛି। ମାତ୍ର ଆଖିଦୃଷିଆ ବିକାଶ ହୋଇ ନ ଥିବାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ। ୫-ଟି ସଚିବଙ୍କ ଗସ୍ତ ଏହି ଅଞ୍ଚଳ ଓ ବରୁଣେଶ୍ୱର କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି କୁହାଯାଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବେଶ ଆଶାବାଦି ଅଛନ୍ତି। ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ବରିଷ୍ଠ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା, ବରୁଣେଶ୍ୱର ଉନ୍ନୟନ କମିଟି ସଭାପତି ହେମେନ୍ଦ୍ର ସାମଲ, ସମ୍ପାଦକ ବଟକୃଷ୍ଣ ନାୟକ, ମନ୍ଦିରର ସମସ୍ତ ପୂଜକ ପରିବାର, ସାଧାରଣ ଲୋକେ ସଚିବଙ୍କ ଏହି ଗସ୍ତକୁ ଅଧିକ ସରସ ସୁନ୍ଦର ପାଇଁ ଅଣ୍ଟା ଭିଡ଼ିଛନ୍ତି।

ନିର୍ମାଣ ଅପେକ୍ଷାରେ ୫ ବର୍ଷ

କେନ୍ଦ୍ରାପଡା, ୨୩।୮ (ଜଗନ୍ନାଥ ଧଳ)

ବନ୍ଦର ପାଇଁ ଆଖଡ଼ାଶାଳୀରେ ପ୍ରସ୍ତାବିତ ସ୍ଥାନ ।

ମହାକାଳପଡ଼ାରେ ନଦୀଭିତ୍ତିକ ବନ୍ଦର ସ୍ୱପ୍ନ
- ଖର୍ଚ୍ଚ ଆକଳନ ହୋଇଥିଲା ୨୧୧୦ କୋଟି
- ବାର୍ଷିକ ୧୮ ନିୟୁତ ଟନ୍ ପଣ୍ୟ ପରିବହନ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡାଶାଳୀ ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ । ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୮ରେ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ଘୋଷଣା କରିଥିଲେ । ଏହି ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଜୁଲାଇରେ ଏକ ସ୍ୱତନ୍ତ୍ର ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ବନ୍ଦର ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା । ବାର୍ଷିକ ୧୮.୪୩ ନିୟୁତ ଟନ୍ ପଣ୍ୟ କାରବାର ହେବ ବୋଲି ପ୍ରସ୍ତାବ ଥିଲା । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ୫ ବର୍ଷ ପୁରିବାକୁ ଯାଇଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣକୁ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ଅପରପକ୍ଷେ ବନ୍ଦର ନିର୍ମାଣକୁ ନେଇ ପରିବେଶବିତ୍ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବ ବୋଲି ଆଶଙ୍କା ପ୍ରକାଶ କରିଥିବା ବେଳେ ବୁଦ୍ଧିଜୀବୀମାନେ ଜିଲାର ଅର୍ଥନୈତିକ ବିକାଶ ପାଇଁ ଜରୁରୀ ଥିବା ପ୍ରକାଶ କରିଛନ୍ତି ।

ଜିଲା ମତ୍ସ୍ୟଜୀବୀ ସଂଘର ଅର୍ଜୁନ ମଣ୍ଡଳ କହିଛନ୍ତି, ଆଖଡାଶାଳୀଠାରେ ନଦୀଭିତ୍ତିକ ବନ୍ଦର ୩୦ ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କ ଜୀବିକା ନଷ୍ଟ କରିବ । ମହାନଦୀ ଓ ଏହାର ଶାଖା ନାଳରେ ପ୍ରଚୁର ମାତ୍ରାରେ ଲୁଣି ଓ ମଧୁର ମାଛ ମିଳିଥାଏ । ବନ୍ଦର ପ୍ରତିଷ୍ଠା ଫଳରେ ମାଛର ପରିମାଣ କମିବା ଯୋଗୁ ୨୦ରୁ ଉର୍ଦ୍ଧ୍ୱ ଗାଁର ଲୋକମାନେ ଆର୍ଥିକ ସଙ୍କଟରେ ପଡ଼ିବେ । ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ବନ୍ଦର ନିର୍ମାଣ ହେଲେ ଭିତରକନିକାର ଜୈବ ବିବିଧତା ଉପରେ ପ୍ରଭାବ ପକାଇବ । ପ୍ରସ୍ତାବିତ ବନ୍ଦର ଓ ବିଶ୍ୱ ପ୍ରସିଦ୍ଧ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳ ଗହିରମଥାର ଦୂରତ୍ୱ ବହୁତ କମ । ଜାହାଜ ଚଳାଚଳ ଫଳରେ ଏହି ପ୍ରାକୃତିକ ପ୍ରଜନନ ସ୍ଥଳରେ ବିରଳ ଅଲିଭ ରିଡ୍‌ଲେଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ । ଏହା ବ୍ୟତିତ ସାମୁଦ୍ରିକ ପ୍ରାଚୀର ଭାବେ ପରିଚିତି ଲାଭ କରିଥିବା ହେନ୍ତାଳ ବଣ ନଷ୍ଟ ହେବ ବୋଲି ମତ ଦେଇଛନ୍ତି । ରାଜ୍ୟ ବନ୍ୟପ୍ରାଣୀ ସଙ୍ଗଠନର ସମ୍ପାଦକ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଗତ ୮ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ପରିବେଶ ଓ ବନ୍ୟ ସମ୍ପଦ ବିଭାଗ ଜାତୀୟ ଉଦ୍ୟାନ ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଥିବା ୧୯୨ଟି ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଜୋନ୍ ବୋଲି ଘୋଷଣା କରିଛି । ଆଖଡାଶାଳୀଠାରେ ବନ୍ଦର ନିର୍ମାଣ ଫଳରେ ଏହି ଅଞ୍ଚଳର ସାମୁଦ୍ରିକ ଓ ବନ୍ୟପ୍ରାଣୀ ପ୍ରତି ବିପଦ ସୃଷ୍ଟି କରିବ । ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ଆଖଡାଶାଳୀ ବନ୍ଦର ନିର୍ମାଣ ଫଳରେ ଜିଲାର ଆର୍ଥିକ ବିକାଶ ହୋଇଥାନ୍ତା । ତେବେ ରାଜ୍ୟ ସରକାରଙ୍କ ଏହି ଘୋଷଣା ଏକ ନିର୍ବାଚନୀ ଚାଲ ଥିଲା । ନିର୍ବାଚନ ସମୟ ଆସିଲେ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ବନ୍ଦର ଓ ଶିଳ୍ପର ସ୍ୱପ୍ନ ଦେଖା ଯାଇଥାଏ । ୨୦୦୯ରେ ବରୁଣେଇ ବନ୍ଦର ଓ ୨୦୧୪ରେ ରାଜଗଡ଼ରେ ଥର୍ମାଲ ପ୍ଲାଣ୍ଟ ନିର୍ମାଣ ପାଇଁ ଘୋଷଣା ହୋଇଥିଲା । ଆଖଡ଼ାଶାଳୀରେ ବନ୍ଦର ନିର୍ମାଣକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଅମରବର ବିଶ୍ୱାଳ, ଆଶିଷ କୁମାର ସେନାପତି ପ୍ରମୁଖ କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ବନ୍ଦର ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନ୍ୟୁନ୍ୟ ୧୫ ହଜାର ଲୋକଙ୍କୁ କାମ ମିଳିବ । ବନ୍ଦର ନିର୍ମାଣକୁ ନେଇ ବିଭିନ୍ନ ସମୟରେ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ଶୁଣା ଯାଉଥିଲେ ମଧ୍ୟ ଅଦ୍ୟାବଧି କୌଣସି ସଫଳ ବାର୍ତ୍ତା ଜିଲାବାସୀ ନିକଟରେ ପହଞ୍ଚି ନାହିଁ । ବନ୍ଦର ନିକଟରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସୃଷ୍ଟି ହେବାର ସମ୍ଭାବନା ଥିବା ସେମାନେ କହିଛନ୍ତି ।

ସଂକ୍ଷେପରେ

ଧାର ଟଙ୍କା ମାଗିବାରୁ ମହିଳାଙ୍କୁ ହତ୍ୟା ଧମକ
ଥାନା ଆଗରେ ମହିଳାଙ୍କ ଧାରଣା

ରାଜନଗର, ୨୩।୮ (ଭାସ୍କର ରାଉତରାୟ)

ସ୍ୱାମୀ ମାଲିକଙ୍କ ଟଙ୍କା ସୁଝି ନ ପାରି ଆତ୍ମହତ୍ୟା କଲେ, ମାତ୍ର ସ୍ୱାମୀଙ୍କ ଠାରୁ ଧାର ନେଇଥିବା ଟଙ୍କା ବିଧବା ମହିଳା ମାଗିବାରୁ ତାଙ୍କୁ ଓ ତାଙ୍କ ପୁଅ, ଝିଅଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହିଘଟଣାରେ କିଛିବୁଝୁ ନ ଥିବା ଅଭିଯୋଗ କରି ବୁଧବାର ସନ୍ଧ୍ୟାରେ ମହିଳାମାନେ ରାଜନଗର ଥାନା ଆଗରେ ଧାରଣାରେ ବସିଛନ୍ତି । ଅଭିଯୋଗ ମୁତାବକ, ଏହି ଥାନା ଅନ୍ତର୍ଗତ ବନ୍ଧପାଟଣା ଗାଁର ଅକ୍ଷୟ ସେଠୀ ବାଙ୍ଗାଲୋରରେ ରହି କାମ କରୁଥିଲେ । ଏହି ଗାଁର ପ୍ରତାପ ସେଠୀଙ୍କ ୨ ଝିଅ ପୂଜା ଓ ମିତାରାଣୀ ବାଙ୍ଗାଲୋରରେ ପହଞ୍ଚି ତାଙ୍କୁ ସାହର୍ଯ୍ୟ ମାଗିଥିଲେ । ଗାଁ ଝିଅ ହୋଇଥିବାରୁ ଅକ୍ଷୟ ୨ ଭଉଣୀଙ୍କୁ ବିଭିନ୍ନ ସମୟରେ ଫୋନ ପେ'ରେ ୧ ଲକ୍ଷ ୧୮ ହଜାର ଓ ନଗଦ ୯୦ ହଜାର ଟଙ୍କା ଦେଇଥିଲେ । ଏହି ଟଙ୍କା ଫେରାଇବାକୁ ଦୁଇ ଭଉଣୀ ଓ ତାଙ୍କ ବାପା ମାଆ ଆଜିକାଲି କହି ସମୟ ଗଡାଇ ଚାଲିଥିଲେ । ବଡ଼ ଭଉଣୀ ବିବାହ କରିଯିବା ପରେ ଅକ୍ଷୟ ଗାଁରେ ପହଞ୍ଚି ଟଙ୍କା ମାଗିବାରୁ ଟଙ୍କା ଦେବା ବଦଳରେ ଗାଳି ଗୁଲଜ କରିଥିଲେ । ଅକ୍ଷୟ ବାଙ୍ଗାଲୋର ଯିବା ପରେ ତାଙ୍କୁ ଟଙ୍କା ଧାର ଦେଇଥିବା ଲୋକ ବାରମ୍ବାର ଟଙ୍କା ମାଗିବାରୁ ଅକ୍ଷୟ ସେଠାରେ ଆତ୍ମହତ୍ୟା କରିଦେଇଥିଲେ । ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପରେ ଅକ୍ଷୟଙ୍କ ବିଧବା ସ୍ତ୍ରୀ ପ୍ରତାପ ସେଠୀଙ୍କୁ ଧାର ଟଙ୍କା ମାଗିବାରୁ ପରିବାର ଲୋକ ମିଳିତ ଭାବେ ତାଙ୍କୁ ଗାଳିଗୁଲଜ କରିଥିଲେ । ଏପରି କି ଅକ୍ଷୟଙ୍କ ବିଧବା ସ୍ତ୍ରୀ ଜ୍ୟୋତିପ୍ରଭା ଓ ତାଙ୍କ ପୁଅ, ଝିଅଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଜ୍ୟୋତିପ୍ରଭା ଏନେଇ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ କିଛି ବୁଝିଲା ନାହିଁ । ଫଳରେ ସେମାନେ ସାପ ଗ୍ୟାଙ୍ଗ ସହ ମିଶି ଟେଲିଫୋନରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଛନ୍ତି, ଯାହାର ଅଡିଓ ପ୍ରମାଣ ସହ ବିଧବା ଜ୍ୟୋତିପ୍ରଭାଙ୍କ ସହିତ ଗାଁର ମହିଳାମାନେ ଆଜି ସନ୍ଧ୍ୟାରେ ରାଜନଗର ଥାନାରେ ପହଞ୍ଚି ହୋହାଲ୍ଲା କରିବା ସହିତ ଥାନା ଆଗରେ ଧାରଣାରେ ବସିଥିଲେ । ପରେ ଥାନା ଭିତରେ ପଶି ନ୍ୟାୟ ଦାବି କରିବା ସହିତ ଥାନା ଭିତରେ ବସି ରହିଛନ୍ତି ।

ହାତୀ ଭାଙ୍ଗିଲା ଘର

ମୋରଡ଼ା(ସ୍ମାରକ ମାଜୀ)/ ବେତନଟୀ(ଧରଣୀଧର ମହାନ୍ତି), ୨୩।୮

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ରେଞ୍ଜ ଅନ୍ତର୍ଗତ ଦାନ୍ତିଆମୁହାଁ ପଞ୍ଚାୟତର ଗରୁଡବସା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ବୁଧବାର ଭୋର ସମୟରେ ଗରୁଡବସା ଗ୍ରାମକୁ ହାତୀ ପ୍ରବେଶ କରିଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା । ଗ୍ରାମର ଚିତ୍ତରଞ୍ଜନ ମହାନ୍ତଙ୍କ ଘର କବାଟକୁ ହାତୀ ଭାଙ୍ଗିବା ପରେ ଘରର କାନ୍ଥକୁ ମଧ ଭାଙ୍ଗିଥିଲା । ତେବେ ଘର ଭିତରେ ଶୋଇଥିବା ପରିବାର ଲୋକେ ଭୟଭୀତ ଅବସ୍ଥାରେ ପଛ ପଟ କବାଟ ଖୋଲି ବାହାରକୁ ପଳାଇ ଯାଇଥିଲେ ।

ଫାଣ୍ଡି ଅଧିକାରୀଙ୍କୁ ଗିରଫ ଦାବିରେ ଧାରଣା

ଡେରାବିଶ, ୨୩।୮ (ବେବର୍ତ୍ତା ଅଜୟ ଦାସ)

ଧାରଣା ଦେଇଥିବା ଦମ୍ପତି ।

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନସ୍ଥ ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ନାନକାର ଗ୍ରାମର ରମେଶ ରାଉତ ଓ ସ୍ତ୍ରୀ ସଂଯୁକ୍ତା ଥାନା ସମ୍ମୁଖରେ ବୁଧବାର ଧାରଣା ଦେଇଛନ୍ତି । ସେମାନଙ୍କ ଦାବି ଅନୁଯାୟୀ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଏକ ମରଣାତ୍ମକ ଆକ୍ରମଣ ଘଟଣାରେ ପକ୍ଷପାତିତା କରିଛନ୍ତି । ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣାରେ ବସିଛନ୍ତି । ରିପୋର୍ଟ ଲେଖା ପର୍ଯ୍ୟନ୍ତ ଏହି ଦମ୍ପତି ଧାରଣାରେ ବସିଥିବା ବେଳେ ଜିଲା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏସମ୍ପର୍କରେ ରମେଶ କୁହନ୍ତି, ଏକ ଜମି ବିବାଦରେ ପଡ଼ୋଶୀ ଦୁର୍ଯ୍ୟୋଧନ ରାଉତ ଓ ସୁଧାକର ରାଉତ ପ୍ରମୁଖ ସ୍ତ୍ରୀ ସଂଯୁକ୍ତା ଓ ପୁଅ କମଳଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏନେଇ ଫାଣ୍ଡିରେ ଅଭିଯୋଗ ପତ୍ର ଦିଆଯାଇଥିଲେ ମଧ୍ୟ ଅପରପକ୍ଷକୁ ଫାଣ୍ଡି ଅଧିକାରୀ ପାଣିଗ୍ରାହୀ କ୍ଲିନଚିଟ୍ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ । ଅଭିଯୋଗ ପତ୍ର ସମ୍ପର୍କରେ ବୁଝିବାକୁ ଯାଇଥିବା ବେଳେ ଫାଣ୍ଡି ଅଧିକାରୀ ପାଣିଗ୍ରାହୀ ଅସୌଜନ୍ୟ ବ୍ୟବହାର ଦେଖାଇବା ସହ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏସମ୍ପର୍କରେ ସଦର ଥାନା ଓ ଏସ୍‌ପିଙ୍କୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଧାରଣାରେ ବସିଥିବା ରମେଶ କହିଛନ୍ତି ।

ଫାଇନାଲରେ ଅର୍ବାନ କ୍ଲବ

ରାଜକନିକା, ୨୩।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ପ୍ରିମିୟର ଲିଗ୍ ଫୁଟ୍‌ବଲ୍

ରାଜକନିକା ଆଥଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଶୋଡଶତମ ମ୍ୟାଚ ବୁଧବାର ଅର୍ବାନ ଫୁଟବଲ କ୍ଲବ ବନାମ କନିକା ଟାଇଟାନିକ୍ସ ମଧ୍ୟରେ ଅନୁଷ୍ଠିତ ହେଇଯାଇଛି । ଏହି ମ୍ୟାଚରେ ଅର୍ବାନ କ୍ଲବ ୧−୦ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ପାରିନୂଆପଡା ସରପଞ୍ଚ ମଞ୍ଜୁଲତା ରାଉତ, ଜିଲାପରିଷଦ ସଭ୍ୟ ପ୍ରତାପ କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇ ବିଜେତା ଟିମର ସୁଶୀଲ କୁମାର ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଆସୋସିଏଶନ ପକ୍ଷରୁ ଉପସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କପିଳେନ୍ଦ୍ର ମଲିକ, ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ଡ.ଫକୀର ଚରଣ ପ୍ରଧାନ, ମିଡିଆସେଲ ସମ୍ପାଦକ ଅଜୟ କୁମାର ରାଉତ, କୋଷାଧକ୍ଷ ଦେବେନ୍ଦ୍ର ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଶେଖ ସଲିମ ଖେଳ ପରିଚାଳନା କରିଥିବା ବେଳେ, ଶେଖ ତାଜଉଦ୍ଦିନ, ଅମର କୁମାର ଜେନା ଓ ଶରତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ । ଗୋଲକ ବିହାରୀ ମଲ୍ଲିକ ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିଲେ ।

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୨୩।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶିଷ୍ଟ ବାମପନ୍ଥୀ ନେତା ସ୍ୱର୍ଗତ ବାବାଜୀ ପରିଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ମଦନରାୟ, ହରେକୃଷ୍ଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସ୍ଥାନୀୟ ଟାଉନ କ୍ଲବଠାରେ ଏକ ସଭା ହୋଇଯାଇଛି । ମଞ୍ଚ ଉପଦେଷ୍ଟା ଡ. କେଳୁ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି କସ୍ତୁରୀ ଚରଣ ସ୍ୱାଇଁ, କୋଷାଧକ୍ଷ ଚତୁର୍ଭୁଜ ରାଉଳ, ଶିକ୍ଷକ ନେତା ବିଜୟ ସାହୁ, ଅଶୋକ ବଳ, ଗୋକୁଳ ରାଉତ, ସଞ୍ଜୟ ବର୍ମା, ରମେଶ ଦେ, ପ୍ରମୋଦ ସାହୁ, ଗନ୍ଧର୍ବ ଲେଙ୍କା, ବଂଶୀଧର ନାୟକ ଓ ପ୍ରଫୁଲ୍ଲ ପ୍ରଧାନ ଭାଷଣ ଦେଇ ସ୍ୱର୍ଗତ ବାମପନ୍ଥୀ ନେତା ପରିଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ମଦନରାୟ ଓ ନାୟକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ସେମାନଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

ପଟ୍ଟାମୁଣ୍ଡାଇ କଲେଜରେ କୌଶଳ ବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୩।୮ (କଳ୍ପତରୁ ନାୟକ)

ଉତ୍କଳ ବିଶ୍ୱ ବିଦ୍ୟାଳୟ କୌଶଳ ବିକାଶ କେନ୍ଦ୍ର ଓ ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସ୍‌ସି ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ ଓ ବାଣିଜ୍ୟ ବିଭାଗ ମିଳିତ ସହଯୋଗରେ କଲେଜ ପରିସରରେ ଏକ କୌଶଳ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୌଶଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅବିଦ ଅଲ୍ଲୀ ଖାନ ମୁଖ୍ୟ ଅତିଥି ଓ ରିସର୍ଚ୍ଚ ଆସୋସିଏଟ ଡ଼ଏଲ ଡାକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ ଓ ସର୍ବେଶ୍ୱର ସାହୁ ଏବଂ ଅଧ୍ୟାପକ ରଞ୍ଜନ ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇକ୍ୟୁଏସ୍‌ସି ସଂଯୋଜକ ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କ୍ୟାପଟେନ ମନୋଜ ପରିଡା, ପ୍ରାଧ୍ୟାପକ ଫକୀର ପ୍ରଧାନ, ଅଧ୍ୟାପକ ଡ. ମାନସ ନାୟକ, ଡ. ନିବେଦିତା ପ୍ରଧାନ, ସୀମାଙ୍ଗିନୀ ଦାସ ପରିଚାଳନା କରିଥିବାବେଳେ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ସରୋଜ ନାୟକ, ଅମିତ କୁମାର ସାହୁ ଓ ମନୋଜ ଦାସ ପରିଚାଳନାରେ ସହଯୋଗ କରିଥିଲେ ।

୪ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ମାର୍ଶାଘାଇଠାରେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

ମାର୍ଶାଘାଇ/ ଆଳି/ ପାଟକୁରା/ ପଟ୍ଟାମୁଣ୍ଡାଇ, ୨୩।୮
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ବନମାଳୀ ସେନାପତି/ ରବୀନ୍ଦ୍ର ନାଥ ବାରିକ/ କଳ୍ପତରୁ ନାୟକ)

ବୁଧବାର ସନ୍ଧ୍ୟାରେ ମାର୍ଶାଘାଇ ଲୁଣ ଛକଠାରେ ନୂତନ ଭାବେ ନିର୍ମିତ ବସଷ୍ଟାଣ୍ଡକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ଏହି ଉପଲକ୍ଷେ ମାର୍ଶାଘାଇ ବସଷ୍ଟାଣ୍ଡ ପରିସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟଯୋଗାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ମାର୍ଶାଘାଇର ଉନ୍ନତି ତଥା ଯାତାୟତରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ ଯୋଡି ହେଲା ବୋଲି କହିଥିଲେ । କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ମାର୍ଶାଘାଇ ବିଡ଼ିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା, ପୂର୍ବତନ ବିଡ଼ିଓ ଉମାଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ. ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ, ସାମାଜିକ କର୍ମୀ ଗଙ୍ଗାଧର ପରିଡା, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବହୁ ଦିନ ପ୍ରତୀକ୍ଷାର ଅନ୍ତ ଘଟାଇ ବୁଧବାର କେନ୍ଦ୍ରାପଡ଼ା ଜିଲା ଆଳି ମୋ ବସଷ୍ଟାଣ୍ଡ ଉଦଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମ୍‌ରେ ଉକ୍ତ ବସ୍‌ଷ୍ଟାଣ୍ଡକୁ ଉଦଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ଆଳି ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀର୍ଘଦିନ ହେବ ଆଳିରେ ବସ୍‌ଷ୍ଟାଣ୍ଡ ହେବ ବୋଲି ଲୋକମାନଙ୍କ ମନରେ ଯେଉଁ ଆଶା ଥିଲା ତାହା ଆଜି ପୂରଣ ହୋଇଛି । ସେ ବାଲ୍ୟକାଳରୁ ଯେଉଁ ସ୍ଥାନରେ ବସଷ୍ଟାଣ୍ଡ ହେବ ବୋଲି ତାଙ୍କ ବାପା ତଥା ଆଳିର ପୂର୍ବତନ ବିଧାୟକ, ଏମ୍‌ପି ତଥା ମନ୍ତ୍ରୀ ସ୍ୱର୍ଗତ ଶରତ କୁମାର ଦେବ କହିଥିଲେ ସେହି ସ୍ଥାନରେ ହିଁ ତାହା କରାଯାଇଛି । ଆଳିର ଉନ୍ନତି ଆଗେଇ ଚାଲିଛି । ସମସ୍ତ କ୍ଷେତ୍ରରେ ଆମେ ଆଗେଇଛନ୍ତି । ବିରୋଧୀମାନଙ୍କୁ ଟାର୍ଗେଟ କରି ସେ କହିଥିଲେ ଯେ ଯଦି କେହି କହେ ଆଳିରେ କିଛି କାମ ହୋଇନାହିଁ ତେବେ ସେ ତାହା ମିଛ କହୁଛନ୍ତି । ଆଗାମୀ ଦିନରେ ଆଳିରେ ଆହୁରି ଉନ୍ନତି ହେବ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି କହିଥିଲେ । କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଳି ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଜୟରାମ ସାହୁ, ଆଳି ବିଡ଼ିଓ ମିନତୀ ଜଗଦ୍ଦେବ, ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ ।

ଆଳିରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ ।

ବୁଧବାର ଗରଦପୁର ବ୍ଲକ ଲୋକନାଥ ମହାବିଦ୍ୟାଳୟ ନିକଟ ହରିପୁରଠାରେ ଗରଦପୁର ବସଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଉଦ୍‌ଘାଟିତ ହୋଇଛି । ଏଥିନେଇ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ସଭାପତିତ୍ୱ କରିଥିଲେ । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା, ତହସିଲଦାର ମହେଶ୍ୱର ବେହେରା, ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ବସଷ୍ଟାଣ୍ଡ ହେବା ଦ୍ୱାରା ବ୍ଲକର ସମସ୍ତ ଅଧିବାସୀ ଉପକୃତ ହେବେ । ଜିଲା ସଦର ମହକୁମାରୁ ଆଖୁଆ ଦେଇ ଉକ୍ତ ବସଷ୍ଟାଣ୍ଡରେ ପହଞ୍ଚିବା ସହ ଯାତାୟତ ସୁବିଧା ହେବ । ଏହାବ୍ୟତୀତ ପରବର୍ତ୍ତୀ ସମୟରେ ପ୍ରତି ପଞ୍ଚାୟତକୁ ସରକାରୀ ଓ ବେସରକାରୀ ବସ ଚଳାଚଳ ପାଇଁ ବ୍ୟବସ୍ଥା ରହିଛି ବୋଲି ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା କହିଥିଲେ । ତେବେ ଗରଦପୁର ବ୍ଲକ ସଦର ମହକୁମାରେ ଉକ୍ତ ବସ୍‌ଷ୍ଟାଣ୍ଡ ନ ହୋଇ ଏଠାରୁ ୭ କିଲୋମିଟର ଦୂରରେ ଉଦଘାଟିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ପଟ୍ଟାମୁଣ୍ଡାଇବାସୀଙ୍କୁ ଉତ୍ତମ ପରିବହନ ସେବା ଯୋଗାଇବା ପାଇଁ ପଟ୍ଟାମୁଣ୍ଡାଇଠାରେ ଏକ ଅତ୍ୟାଧୁନିକ ସରକାରୀ ବସଷ୍ଟାଣ୍ଡ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇଠାରେ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ଭେଟି ଅନୁରୋଧ କରିଥିଲେ । ବୁଧବାର ସେହି ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲାପାଳ ଅଫିସ ଭିଡିଓ କନଫରେନ୍ସ ହଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ପିତାମ୍ବର ସାମଲ ଓ ଜିଲା ପରିବହନ ଅଧିକାରୀ ଡି.ନାୟକ ଉପସ୍ଥିତ ଥିଲେ ।

ଚାଷରେ ବାଧକ ସାଜିଛି ବର୍ଷାଜଳ

ଡେରାବିଶ, ୨୩।୮ (ବେବର୍ତ୍ତା ଅଜୟ ଦାସ)


ଚାଷ ଜମିରେ ବର୍ଷା ପାଣି ଜମି ରହିଛି ।

- ଡେରାବିଶ ତହସିଲଦାରଙ୍କୁ ଭେଟିଲେ ଚାଷୀ
- ଆନ୍ଦୋଳନ ପାଇଁ ସଜବାଜ

ବର୍ଷାର ଲୁଚକାଳି ଖେଳ ପରେ ବହୁ ବିଳମ୍ବରେ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷୀଙ୍କ ମନରେ ଆନନ୍ଦ ଦେଖାଦେଇଛି । ମାତ୍ର ବିଲରେ ଧାନ ଫସଲ ରୁଆପୋତା କାର୍ଯ୍ୟ ଆଗେଇ ଚାଲିଥିବା ବେଳେ କେନ୍ଦ୍ରାପଡ଼ା ଡ୍ରେନେଜ୍ ବିଭାଗର ଅପାରଗତା ପାଇଁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଚାଷଜମିରେ ଜମି ରହିଛି । ଫଳରେ ଫସଲ ହାନୀ ହେବା ଚିନ୍ତାରେ ଚାଷୀ ରହିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଡେରାବିଶ ତହସିଲ ଅଧୀନ ଚାନ୍ଦୋଳ, ପଳେଇ, ଖମୋଳ, ବାଲିଆ, ଗୋଲରାହାଟ, କାଉପଡ଼ା ଆଦି ପଞ୍ଚାୟତରେ । ଶତାଧିକ ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇରହିଛି । ଡ୍ରେନେଜ୍ ବିଭାଗର ୧୯ ନଂ. ଡ୍ରେନେଜ୍ କଟ୍‌କୁ ସଫେଇ ନ କରାଯିବା ଫଳରେ ପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଥିବା ନେଇ ଏବଂ ତୁରନ୍ତ ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ବୁଧବାର ଡେରାବିଶ ତହସିଲଦାରଙ୍କ ନିକଟରେ ବହୁ ଚାଷୀ ଅଭିଯୋଗ କରିଛନ୍ତି । ଚାଷୀମାନେ ଦେଇଥିବା ଅଭିଯୋଗ ଅନୁଯାୟୀ, ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଳନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଡ୍ରେନେଜ ବିଭାଗ ପର୍ଯ୍ୟନ୍ତ ବାରମ୍ବାର ଦାବି କରିଆସୁଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ଏଯାଏ ନିଆଯାଇ ନାହିଁ । ଫଳରେ ପ୍ରତ୍ୟେକ ବର୍ଷ ଦୀର୍ଘଦିନ ଧରି ବର୍ଷା ଜଳରେ ଫସଲ ବୁଡ଼ି ରହିବା ଦ୍ୱାରା ପ୍ରତ୍ୟେକ ବର୍ଷ ଫସଲ ହାନୀ ହେଉଥିବାରୁ ଚାଷୀମାନେ ବହୁ ପରିମାଣରେ କ୍ଷତି ସହୁଛନ୍ତି ବୋଲି ଦର୍ଶାଯାଇଛି । ଚଳିତ ବର୍ଷ ମଧ ଜଳ ନିଷ୍କାସନର ସମସ୍ୟା ଚାଷ ଆରମ୍ଭରୁ ଦେଖାଦେଇଥିବାରୁ ଚଳିତ ବର୍ଷ ମଧ ଫସଲହାନୀର ଆଶଙ୍କା ରହିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ବିଷୟରେ ଅଗ୍ରଣୀ ଚାଷୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ତହସିଲଦାରଙ୍କୁ ଏ ବିଷୟରେ ଗତ ସପ୍ତାହରେ ଜଳ ନିଷ୍କାସନ ସମସ୍ୟା ନେଇ ଅଭିଯୋଗ କରାଯାଇଥିଲା । ତହସିଲଦାର ଡ୍ରେନେଜ୍ କଟ ବିଭାଗର ଯନ୍ତ୍ରୀଙ୍କୁ ଡକାଇ ଜଳ ନିଷ୍କାସନ ପାଇଁ ତୁରନ୍ତ ବ୍ୟବସ୍ଥା କରିବା ଉପରେ ଆଲୋଚନା କରିଥିଲେ । ବିଭାଗୀୟ ଯନ୍ତ୍ରୀ ତୁରନ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଆଜି ବହୁଳ ସଂଖ୍ୟାରେ ଚାଷୀମାନେ ତହସିଲଦାରଙ୍କ ନିକଟରେ ପୁନର୍ବାରୀ ଅଭିଯୋଗ ପାଇଁ ଆସିଥିଲେ ବୋଲି ବିଧୁଭୂଷଣ କହିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ଏହାର ତୁରନ୍ତ ସମାଧାନ ନ ହେଲେ କ୍ଷତିଗ୍ରସ୍ତ ଚାଷୀମାନେ କଟକ−ଚାନ୍ଦବାଲି ରାଜପଥ, ୫୩ ନଂ. ଜାତୀୟ ରାଜପଥକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଥିବା ବିଧୁଭୂଷଣ ସୂଚନା ଦେଇଛନ୍ତି ।

ଏ ବିଷୟରେ ତହସିଲଦାର ଅକ୍ଷୟ ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ପୂର୍ବରୁ ଚାଷୀମାନେ କରିଥିବା ଅଭିଯୋଗର ସମାଧାନ ପାଇଁ ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଏବଂ ଉକ୍ତ ଅଞ୍ଚଳର ଚାଷୀମାନଙ୍କୁ ଡକାଯାଇ ଏ ସମ୍ପର୍କରେ ଆଲୋଚନା ମଧ କରାଯାଇଥିଲା । ଶୀଘ୍ର ଏହାର ସମାଧାନ ପାଇଁ ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ତେବେ ଆଜିର ଏହି ଅଭିଯୋଗ ପାଇବା ପରେ ତୁରନ୍ତ ଜଳନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଇଥିବା ନେଇ ତହସିଲଦାର ପରିଡ଼ା କହିଥିଲେ । ତେବେ କେନ୍ଦ୍ରାପଡ଼ା ଡ୍ରେନେଜ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବାଙ୍କନିଧି ସାମଲଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, ଜଳ ନିଷ୍କାସନ ପାଇଁ ୧୯ ନଂ. ଡ୍ରେନେଜ୍‌କଟ୍‌ରେ ଥିବା ଚେକଡ୍ୟାମ ନିକଟରେ ଜମାଟ ବାନ୍ଧିଥିବା ଦଳ ସଫା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି । ଦିନେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ।

ସଂକ୍ଷେପରେ

୭୨ କେଜି ଗଞ୍ଜେଇ ଜବତ, ପାନଦୋକାନୀ ଗିରଫ

ଦିଗପହଣ୍ଡି/ପାଟପୁର, ୨୩।୮ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ) : ପାଟପୁର ଥାନା ପୋଲିସ ବୁଧବାର ସାନଖେମୁଣ୍ଡି ବ୍ଲକ ପୋଡାମାରୀ ପଞ୍ଚାୟତ ବଟାଗଡ ଗ୍ରାମର ଏକ ପାନ ଦୋକାନ ଉପରେ ଚଢ଼ାଉ କରି ପ୍ରାୟ ୭୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ପୋଡାମାରୀ ଭଞ୍ଜ ସାହିର ପାନ ଦୋକାନୀ ପାଣ୍ଡବ ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଅଭିଯୁକ୍ତ ଜଣକ ବଟାଗଡ ଗ୍ରାମରେ ଛୋଟିଆ ପାନ ଦୋକାନ ଖୋଲି ବ୍ୟବସାୟ କରୁଥିବା ବେଳେ ଦୀର୍ଘ ଦିନ ଧରି ସେ ବେଆଇନ ଭାବେ ଲୁଚାଛପା ଭାବେ ଗଞ୍ଜେଇ ବିକ୍ରି କରୁଥିବା ପୋଲିସ ଖବରପାଇ ଚଢ଼ାଉ କରିଥିଲା। ଦୋକାନରେ ଯାଞ୍ଚ ପରେ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ସାନଖେମୁଣ୍ଡି ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବା ପରେ ସେଥିରେ ୭୨ କେଜି ୮୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା।

ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

ଗୁମ୍ମା, ୨୩।୮ (ପ୍ରବୀଣ କୁମାର ଲିମା): ଗୁମ୍ମା ବ୍ଲକ ଗାଇବା ଗ୍ରାମର ବର୍ଷା ମହାନ୍ତି ରାୟଗଡା ଜିଲା ଗୁନ୍ଥୁଲି ଗ୍ରାମର ସନ୍ତୋଷ ପାତ୍ରଙ୍କ ସହ ଜୁନ ୨୮ରେ ବାହାଘର ହୋଇଥିଲା। ବାହାଘରର ୩ ମାସ ନ ପୂରୁଣୁ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ବର୍ଷାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଗତ କିଛି ଦିନ ହେବ ଯୌତୁକକୁ ନେଇ ବର୍ଷା ସହ ତା'ଙ୍କ ଶାଶୁ ଯୁକ୍ତିତର୍କ କରିଥିଲେ। ବର୍ଷାଙ୍କ ବାପା ରାୟଗଡା ଜିଲା ପୁଟାସିଂ ଥାନାକୁ ଯାଇ ଏତଲା ଦେଇଛନ୍ତି। ଥାନା ଅଧିକାରିଣୀ ଗୁନ୍ଥୁଲି ଗ୍ରାମକୁ ଯାଇ ମୃତଦେହ ଜବତ କରିଛନ୍ତି। ବ୍ୟବଚ୍ଛେଦ ନିମନ୍ତେ ଗୁଣୁପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

ସୀତାରାମ କ୍ଲବରେ ଦୀପଦାନ, ହନୁମାନ ଚାଳିଶା ପାଠ

ଦଶପଲ୍ଲା, ୨୩।୮ (ପ୍ରକାଶ କୁମାର ପାଣି)

ଚନ୍ଦ୍ରୟାନ-୩ ର ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ ପାଇଁ ବୁଧବାର ସନ୍ଧ୍ୟାରେ ତ୍ରିନାଥ ବଜାର ନିକଟରେ ଥିବା ସୀତାରାମ କ୍ଲବଠାରେ ସମୂହ ଦୀପ ଦାନ ଏବଂ ହନୁମାନ ଚାଳିଶା ପାଠ କରାଯାଇଥିଲା। କ୍ଲବର ସଦସ୍ୟ, ଖବରଦାତା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ହନୁମାନ ଚାଳିଶା ପରେ ଚନ୍ଦ୍ରୟାନ ୩ ସଫଳତାର ସହ ଅବତରଣ କରିଥିଲା । ଏହାପରେ ସେଠାରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା। ମିଠା ବଣ୍ଟନ କରାଯାଇଥିଲା । ଭାରତୀୟ ବୈଜ୍ଞାନିକ ମାନଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ।

ଉପନ୍ୟାସ ଡାକମୁଣାର ଡଗରା ଲୋକାର୍ପିତ

ନୟାଗଡ଼, ୨୩।୮ (ଲୋକନାଥ ମିଶ୍ର): ବାମପନ୍ଥୀ ଲେଖକ ବିଶ୍ୱନାଥ ମହାପାତ୍ରଙ୍କ ଚର୍ଚ୍ଚିତ ଉପନ୍ୟାସ 'ଡାକମୁଣାର ଡଗରା' ଲୋକାର୍ପିତ ହୋଇଛି। ସାଧୁତାର ପ୍ରତୀକ ଡାକମୁଣାର ଟ୍ରାଜେଡିରୁ ଗତିଶୀଳ ଏହି ଉପନ୍ୟାସ ସାମାଜିକ ଅନ୍ଧାଗଳିଭିତରକୁ ଆଲୋକର ବିଚ୍ଛୁରଣ କରିଛି। ଏହି ଉପନ୍ୟାସ ସାମାଜିକ ଓ ପାରିବାରିକ ସମ୍ପର୍କର ସଙ୍କଟକୁ ଗଭୀର ଭାବେ ବିଶ୍ଳେଷଣ କରିଛି ।

ବାଇପାସ୍ ପ୍ରଶସ୍ତୀକରଣ କାର୍ଯ୍ୟ ବିଳମ୍ବ

ଖଣ୍ଡପଡ଼ା, ୨୩।୮ (ଅଜୟ କୁମାର ମହାରଣା): ପୂର୍ତ୍ତ ବିଭାଗ ପକ୍ଷରୁ ୩.୫ କୋଟି ଟଙ୍କା ବ୍ୟୟରେ ଚାଲିଥିବା ଖଣ୍ଡପଡ଼ା ବାଇପାସ୍ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଛି । ତେବେ ଏହି ବାଇପାସ୍ ରାସ୍ତା ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଉଦ୍ୟମ ଆରମ୍ଭ ହୋଇ ନ ଥିବାରୁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ଜବରଦଖଲକାରୀମାନେ ବାଧକ ସାଜିବେ ବୋଲି ସାଧାରଣରେ ଆଲୋଚନା ହେଉଛି । ଏହି ବାଇପାସ୍ ରାସ୍ତା ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ପ୍ରଥମେ ଆରମ୍ଭ ହେଉଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି, ଗୋଡି, ମେଟାଲ ଗଦା ହୋଇ ରହିଛି । ଫଳରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ଶ୍ମଶାନଚଣ୍ଡୀ-ଭାଗବତ ମୁଣ୍ଡିଆ ମାଳବନ୍ଧ ସବୁଦିନିଆ ରାସ୍ତା ଉପରେ ଗୁରୁତ୍ୱ

ଖଣ୍ଡପଡ଼ା, ୨୩।୮ (ଅଜୟ କୁମାର ମହାରଣା)

କଣ୍ଟିଲୋ-ଗଣିଆ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ଜନଗହଳି ବଢୁଛି । ଏଥିପାଇଁ କଣ୍ଟିଲୋ ବଜାର ଛକଠାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ଘଟୁଛି । ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହାର ନିରାକରଣ ତଥା ପ୍ରତିକାର ପାଇଁ ଖଣ୍ଡପଡ଼ା ବ୍ଲକ ଅଧୀନ ଶ୍ମଶାନଚଣ୍ଡୀ -ଭାଗବତ ମୁଣ୍ଡିଆ ମାଳବନ୍ଧକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ଦାବି ହେଉଛି। ଏହାଛଡା ମାଳବନ୍ଧର ନବୀକରଣ କାର୍ଯ୍ୟ ହେଲେ ମାଳବନ୍ଧ ପାର୍ଶ୍ୱରେ ଥିବା ମା' ଶ୍ମଶାନ ଚଣ୍ଡୀ ପୀଠକୁ ପ୍ରତ୍ୟେହ ଯାନବାହନରେ ଯାତାୟତ କରୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ସୁବିଧା ତଥା ସୁରକ୍ଷିତ ଭାବେ ପହଞ୍ଚି ପାରିବେ ବୋଲି ମତ ପ୍ରକାଶ ପାଇଛି।

ବନ୍ୟା ଦାଉରୁ ନଦୀ ତଟବର୍ତ୍ତୀ ଗ୍ରାମ ଓ ଫସଲ ଜମିକୁ ସୁରକ୍ଷା ଦେବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧିକାଂଶ ନଦୀକୂଳରେ ମାଳବନ୍ଧ ନିର୍ମାଣ ସହ ଏହାର ରକ୍ଷଣାବେକ୍ଷଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କୁଆଁରିଆ ଓ କମେଇ ନଦୀରେ ବନ୍ୟା ହେବା ଫଳରେ ନଦୀ ପାର୍ଶ୍ୱବର୍ତ୍ତୀ ଛଣପାଟ, କୁକୁଟାପାଟ, ଗୋଡିବଣିଆ ଆଦି ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଏକର ଚାଷ ଜମିର ଧାନ ଓ ରବି ଫସଲ ଧୋଇ ହେବା ସହ ଅନେକ ଜମି ବାଲିଚର ହୋଇଥାଏ । ଏହାର ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଭାଗବତମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୫ କି.ମି. ମାଳବନ୍ଧକୁ ୧୯୭୮ରେ ନିର୍ମାଣ କରାଯାଇଥିଲା । ୧୯୮୨ରେ ମହାନଦୀ ଓ ଏହାର ଶାଖା କମେଇ ଓ କୁସୁମୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ହେତୁ ଉକ୍ତ ମାଳବନ୍ଧରେ ଘାଇ ସୃଷ୍ଟି ହୋଇଥିଲା, ଯାହାକି ଧୋବଣୀ ଘାଇ ମାଳବନ୍ଧ ନାମରେ ପରିଚିତ । ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୪ ଜୁଲାଇ ୧୪ ଓ ସେପ୍ଟେମ୍ବର ୧୮ରେ ଉକ୍ତ ୩ଟି ନଦୀରେ ପ୍ରବଳ ବନ୍ୟା ଫଳରେ ପୁନର୍ବାର ସମ୍ପୃକ୍ତ ମାଳବନ୍ଧରେ ଘାଇ ସୃଷ୍ଟି ହୋଇଥିଲା । ତେବେ ଘାଇ ସୃଷ୍ଟି ହୋଇଥିବା ସ୍ଥାନରେ ଜମିକୁ ଆବଶ୍ୟକ ସ୍ଥଳେ ବନ୍ୟା ଜଳ ପ୍ରବେଶ ଓ ବନ୍ୟାପରେ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ୨୦୧୦ରେ ୩ଟି ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଥିଲା । ପରେ ଉକ୍ତ ମାଳବନ୍ଧଟି ଗ୍ରାମ ନିକଟରେ ଥିବାରୁ ସ୍ଥାନୀୟ ଗାଈଗୋରୁଙ୍କ ଚରାଭୂଇଁ ପାଲଟି ଥିବା ବେଳେ ନିକଟବର୍ତ୍ତୀ ୧୦ରୁ ୧୨ଟି ଗାଁ ଲୋକଙ୍କ ଯାତାୟତ ପାଇଁ ଏହି ମାଳବନ୍ଧକୁ ମୁଖ୍ୟ ରାସ୍ତା ଭାବେ ବ୍ୟବହାର କରୁଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ାରୁ କଣ୍ଟିଲୋ ଓ କଣ୍ଟିଲୋରୁ ଖଣ୍ଡପଡ଼ା ଆଦି ଅଞ୍ଚଳକୁ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଯିବା ବାଟରେ ଟ୍ରାଫିକ ସମସ୍ୟା ବାଧକ ସାଜିଥାଏ । ମାତ୍ର ଶ୍ମଶାନଚଣ୍ଡୀ-ଭାଗବତ ମୁଣ୍ଡିଆ ମାଳବନ୍ଧଟି କଣ୍ଟିଲୋ-ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ରାସ୍ତାଠାରୁ ଦୂରରେ ଥିବା ସହ ଜନ ଗହଳି ନ ଥିବାରୁ ଅନେକ ଲୋକ ସଂପୃକ୍ତ ମାଳବନ୍ଧରେ ଯାତାୟତ କରିବାକୁ ସୁରକ୍ଷିତ ମଣୁଛନ୍ତି । ଫଳରେ ଗମନାଗମନ ଓ ହାଲକା ଯାନବାହନ ଚଳାଚଳ ଦୃଷ୍ଟିରୁ ଏହି ମାଳବନ୍ଧରେ ଅଧିକ ଚାପ ପଡୁଛି । ତେବେ ବର୍ଷା ଦିନେ ଏହି ମାଳବନ୍ଧ ଉପରେ ଯାତାୟତ କରିବା ଅସମ୍ଭବ ହୋଇ ପଡୁଛି। ବିଶେଷ କରି କଣ୍ଟିଲୋଠାରୁ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଖଣ୍ଡପଡ଼ାକୁ ଦୂରତା ୧୫ କି.ମି. ହୋଇଥିବା ବେଳେ ଉକ୍ତ ମାଳବନ୍ଧ ଉପର ଦେଇ ଗଲେ ଦୂରତା କମ ପଡିଥାଏ । ଅପରପକ୍ଷେ କଣ୍ଟିଲୋ ବଜାର ଓ ଛକଠାରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାର ଦୂରୀକରଣ ପାଇଁ ଯଦି ଉକ୍ତ ମାଳବନ୍ଧ ଉପରି ଭାଗରେ ଆବଶ୍ୟକ ମୋରମ, ମେଟାଲ ବିଛାଯାଇ ମାଳବନ୍ଧକୁ ସୁଦୃଢ଼ କରିବା ସହ ଏହାକୁ ଅଧିକ ଚଉଡା କରାଯାଆନ୍ତା ତେବେ ଯାତାୟତରେ କୌଣସି ଅସୁବିଧା ସୃଷ୍ଟି ହୁଅନ୍ତା ନାହିଁ । ଏହି ମାଳବନ୍ଧକୁ ନବୀକରଣ କରାଗଲେ ଖଣ୍ଡପଡା- କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଟ୍ରାଫିକ ସମସ୍ୟା ଦୂରୀଭୂତ ହେବା ସହ ଲୋକମାନେ ସ୍ୱଳ୍ପ ସମୟ ମଧ୍ୟରେ ଯାତାୟତ କରିବା ସମ୍ଭବ ହୋଇ ପାରିବ । ଏଣୁ ଏ ଦିଗରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଏ ସମ୍ପର୍କରେ କଣ୍ଟିଲୋ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ୪.୯୦ କି.ମି ଦୀର୍ଘ ମାଳବନ୍ଧର ପ୍ରାୟ ୩ କିଲୋମିଟରରୁ ଊର୍ଦ୍ଧ୍ୱ କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଏବେ ମଧ୍ୟ ମାଳବନ୍ଧ ଉପରି ଭାଗ ୫.୫୦ ମିଟର ରହିଥିବା ବେଳେ ଏହି ମାଳବନ୍ଧର ସୁରକ୍ଷା ପାଇଁ ପଥର ପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି । ଆଗାମୀ ଦିନରେ ମାଳବନ୍ଧ ପାଇଁ ଅର୍ଥ ମଞ୍ଜୁର ହେଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ବାର୍‌ହା ଉପଦ୍ରବରୁ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ଧରାକୋଟ, ୨୩।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ମୁଣ୍ଡମରାଇ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ପରିବା ଚାଷ ହେଉଥିବା ଜମିରେ ଜଙ୍ଗଲୀ ବାର୍‌ହା ପଶି ପନିପରିବା ଖାଇବା ସହ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗାଁ ଆଖ ପାଖ ଜମିରେ ବଂଶୀଧର ପ୍ରଧାନ, ସହଦେବ ପ୍ରଧାନ, ଚନ୍ଦ୍ର ପ୍ରଧାନ, ପଞ୍ଚାନନ ପ୍ରଧାନ ପ୍ରମୁଖ ମକା, ଜହ୍ନି, ବାଦାମ, ବାଇଗଣ ଭଳି ବିଭିନ୍ନ ପ୍ରକାରର ପନିପରିବା ଲଗାଇଛନ୍ତି । ଠିକ ପରିବା ଆଦାୟ ସମୟକୁ ନିକଟସ୍ଥ ଧନୁ ସିଂହ ଓ ଶୁଲିଆ ପାହାଡ଼ରେ ରହୁଥିବା ବାର୍‌ହା ପଲ ରାତିରେ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ଚାଷୀମାନେ ଧରାକୋଟ ବନପାଳ ଓ ଆସିକା ରେଞ୍ଜରଙ୍କୁ ଲିଖିତ ଅଭିଯୋଗ କରିବା ପରେ ବନପାଳ ଅକ୍ଷୟ ତ୍ରିପାଠୀ ପରିବା ଚାଷ ହେଉଥିବା ଅଞ୍ଚଳକୁ ବୁଲି ଦେଖିଛନ୍ତି । ପ୍ରକାଶ ଯୋଗ୍ୟ ମୁଣ୍ଡମରାଇ ପଞ୍ଚାୟତର ହୀରାଖଣ୍ଡି, ସିନ୍ଦୂରା ପଲି, ସୁନାପଲି, ପୋଡ଼ାପଲି ଓ ସରଧା ପୁର ପଞ୍ଚାୟତର କୁସରାବ, ଲକ୍ଷ୍ମୀ ପୁର, ବରିଗୁଡ଼ା, ସରଧା ପୁର ପ୍ରଭୃତି ଗ୍ରାମରେ ବିଭିନ୍ନ କିସମର ପନିପରିବା ଚାଷ କରାଯିବା ସହ ଉତ୍ପାଦିତ ହେଉଥିବା ପରିବାକୁ ଆସିକା, ବ୍ରହ୍ମପୁର, ହିଞ୍ଜିଳି ଓ କବିସୂର୍ଯ୍ୟନଗର ଆଦି ସ୍ଥାନକୁ ପଠାଯାଇଥାଏ। ସଂପ୍ରତି ବାରହା ପଶି ଫସଲ ଖାଇବା ସହ ନଷ୍ଟ କରୁଥିବାରୁ ଚାଷୀମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏଣୁ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ସଚିବଙ୍କ ଗସ୍ତ ନେଇ ସମୀକ୍ଷା କଲେ ଉପଜିଲାପାଳ

ଆସିକା, ୨୩।୮ (ସୁରେନ୍ଦ୍ର ନାଥ ସାହୁ): ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଅପରାହ୍ନରେ ଆସିକା ଗସ୍ତରେ ଆସିବେ। କଲେଜଛକସ୍ଥିତ ପଡିଆରେ ଏହି କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଜୋରଦାର କରାଯାଇଛି । ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ ଲାଗି ଏ ଅଞ୍ଚଳର ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମାଗମ ହେବାର ଆକଳନ କରାଯାଇଛି । ବୁଧବାର ଭଞ୍ଜନଗର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଉପଜିଲାପାଳଙ୍କ ସହ ଆସିକା ଏସଡିପିଓ ଉମାଶଙ୍କର ସିଂ, ବିଡିଓ ଫକୀର ଚରଣ ପରିଡା, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଥାନା ଅଧିକାରୀ ସ୍ୱରୂପ କିଶନ, କୋଟିନଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ପ୍ରମୁଖ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କଲେ ଓଡ଼ଗାଁ ବସ୍‌ଷ୍ଟାଣ୍ଡ

ନୟାଗଡ, ୨୩।୮ (ଲୋକନାଥ ମିଶ୍ର)

ରାଜ୍ୟର ୨୬ ଜିଲାରେ ନିର୍ମାଣ ହେବାକୁ ଥିବା ୧୨୪ ବସଷ୍ଟାଣ୍ଡର ଶିଳାନ୍ୟାସ ଓ ୧୩ ଜିଲାର ନୂତନ ବସଷ୍ଟାଣ୍ଡର ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବସଷ୍ଟାଣ୍ଡର ଶିଳାନ୍ୟାସ ଓ ଲୋକାର୍ପଣ ବେଳେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଓସୱାନ ଗୃହରେ ଆଭାସୀ ମାଧ୍ୟମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ସାମିଲ ହୋଇଥିଲେ । ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ଖବରଦାତା ଆଦର୍ଶ ପଟ୍ଟନାୟକ, ଅଶୋକ ମହାପାତ୍ର, ସାରସ ମିଶ୍ର ପ୍ରମୁଖ ବହୁ ଉପସ୍ଥିତ ଥିଲେ ।

ଘୁମୁସର ଜିଲା ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଦାବି

କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ

ଭଞ୍ଜନଗର, ୨୩।୮ (ବାବୁଲା ପ୍ରଧାନ)

ଆସନ୍ତା ୨୫ ତାରିଖରୁ ତିନିଦିନିଆ ଗଞ୍ଜାମ ଜିଲା ଗସ୍ତରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆସୁଛନ୍ତି। ଏ ନେଇ ବୁଧବାର ଘୁମୁସର ଜିଲା ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଞ୍ଜନଗର ଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସଚିବଙ୍କ ଗସ୍ତକୁ ବିରୋଧ କରାଯିବ ନାହିଁ ଘୋଷଣା କରାଯାଇଛି। କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ମାନେ କହିଛନ୍ତି ଯେ, ଘୁମୁସର ଜିଲା ଆନ୍ଦୋଳନ ୧୯୯୩ ମସିହାରୁ ଚାଲିଛି । ୫ଟି ସଚିବ ୨୦୦୭ରୁ ୨୦୧୦ ମଧ୍ୟରେ ଗଞ୍ଜାମ ଜିଲାପାଳ ଥିବା ସମୟରେ ଘୁମୁସର ଜିଲା ଆନ୍ଦୋଳନ ଉପରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ତେଣୁ କ୍ରିୟାନୁଷ୍ଠାନ କମିଟି ସଚିବଙ୍କୁ ଭଞ୍ଜନଗର ଗସ୍ତ ସମୟରେ ଭେଟି ଦାବିପତ୍ର ଦେବା ବ୍ୟବସ୍ଥା କରିବ। ଜିଲାପାଳ ଥିବା ସମୟରେ ଯେଉଁ ଚିଠି ଲେଖିଥିଲେ ବର୍ତ୍ତମାନ ସେ ଘୁମୁସର ଜିଲା ଘୋଷଣା ଉପରେ ପ୍ରତିଶ୍ରୁତି ଦେବେ ବୋଲି କମିଟି ଆଶା ରଖିଛି । ସରକାର ଯଦି ଘୁମୁସର ଜିଲା ଦାବି ପୂରଣ କରିବାରେ ବିଳମ୍ବ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ସହରରୁ ଗ୍ରାମାଞ୍ଚଳକୁ ନିଆଯିବ ବୋଲି କହିଛି। ଏହି ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ବାମପନ୍ଥୀ ନେତା ସୋମନାଥ ନାୟକ, ପୂର୍ବତନ ଜିଲା କଂଗ୍ରେସ ସମ୍ପାଦକ ତଥା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ପ୍ରଶାନ୍ତ ବିଷୋୟୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ଉପ ସଭାପତି ଶିବରାମ ପଣ୍ଡା, ଗ୍ରାମୀଣ ଡ଼ାକ ସେବକ କର୍ମଚାରୀ ସଂଘର ପୂର୍ବତନ ରାଜ୍ୟ ସଭାପତି ତଥା କାର୍ଯ୍ୟକାରୀ ସଭ୍ୟ ହରେକୃଷ୍ଣ ସାହୁ, ଗୋବରା ପ୍ରଫୁଲ କୁମାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ନଳିନୀପ୍ରଭା ଦାସ, ସମ୍ପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପାତ୍ର, ରବିନାରାୟଣ ସାମନ୍ତ, ଭଞ୍ଜ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

ଖବରଦାତା ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

ବ୍ଲକସ୍ତରୀୟ ଋଣ ବଣ୍ଟନ ମେଳା

ଆସିକା, ୨୩।୮ (ସୁରେନ୍ଦ୍ର ନାଥ ସାହୁ) : ଆସିକା ବ୍ଲକର ବାବନପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବୁଧବାର କୃଷି, କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ଋଣ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବଳରାମ ଯୋଜନା ଅଧୀନରେ ସମବାୟ ବିଭାଗ ପକ୍ଷରୁ ୧୬ଟି ଗୋଷ୍ଠୀକୁ ୧ଲକ୍ଷ ଟଙ୍କା ଲେଖାଏଁ ଋଣ ବଣ୍ଟନ କରାଯାଇଥିଲା । ଆତ୍ମାର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ ଏହି ଋଣ ଚେକ ବଣ୍ଟନ କରିଥିଲା ବେଳେ ସହକାରୀ ସମବାୟ ନିବନ୍ଧକ ବିଜୟ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ସୁବ୍ରତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଡେଙ୍ଗୁ ପରୀକ୍ଷଣ ପାଇଁ ଲମ୍ବା ଧାଡ଼ି

ନୟାଗଡ଼, ୨୩।୮ (ଲୋକନାଥ ମିଶ୍ର)

ପାଳି ପଡୁ ନ ଥିବାରୁ ଫେରିବାକୁ ପଡୁଛି

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ଡେଙ୍ଗୁ ୱାର୍ଡରେ ଡେଙ୍ଗୁ ପରୀକ୍ଷଣ ପାଇଁ ଜ୍ୱର ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରୋଗୀ ମାନେ ପରୀକ୍ଷଣ ପାଇଁ ବହୁ ସମୟ ଧରି ଲାଇନ୍‌ରେ ରହୁଛନ୍ତି । ତେବେ ଡେ଼ଙ୍ଗୁ ୱାର୍ଡ ବନ୍ଦ ହୋଇ ଯିବାରୁ ରୋଗୀ ନିରଶ ହୋଇ ଫେରୁଛନ୍ତି । ଡେଙ୍ଗୁ ୱାର୍ଡରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପରୀକ୍ଷଣ ହେଉଛି । ଏଠାରେ ପରୀକ୍ଷଣ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଧାଡି ରହୁଛି। ନିର୍ଦ୍ଧାରିତ ସମୟରେ ଯେଉଁମାନଙ୍କ ପାଳି ପଡୁଛି ସେମାନେ ପରୀକ୍ଷଣ କରି ପାରୁଛନ୍ତି । ଅନ୍ୟମାନେ ନିରାଶ ହୋଇ ଫେରୁଛନ୍ତି। କେତେଜଣ ପର ଦିନକୁ ଅପେକ୍ଷା କରୁଛନ୍ତି । ଆଉ କେହି ବେସରକାରୀ ଭାବେ ଚିକିତ୍ସିତ ହେଉଛନ୍ତି । ତେବେ ରୋଗୀ ବଢୁଥିବାବେଳେ ସରକାର ରକ୍ତ ନମୁନା ପରୀକ୍ଷା ଉପରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି ।

ଏସିଆନ ଗ୍ୟାସ୍ ଏଜେନ୍ସି ଉପରେ ଚଢ଼ାଉ

ଫୁଲବାଣୀ, ୨୩।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଫୁଲବାଣୀ ହାଟପଦାରେ ଥିବା ଏସିଆନ ଗ୍ୟାସ ଏଜେନ୍ସି ଉପରେ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ କେତେକ ସିଲିଣ୍ଡରରେ ଆବଶ୍ୟକଠାରୁ କମ୍ ଓଜନ ଗ୍ୟାସ ଥିବା ଜଣାପଡିବା ପରେ ସେଗୁଡିକୁ ଜବତ କରାଯାଇଛି। ଜିଲାର ସର୍ବପୁରାତନ ଏହି ଗ୍ୟାସ ଏଜେନ୍ସି ତାର ଗରାଖ ମାନଙ୍କୁ ଠକୁଥିବା ସ୍ପଷ୍ଟ ହୋଇଛି । ଏହି ଚଢ଼ାଉରେ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଯୋଗାଣ ନୀରିକ୍ଷକ କବିତାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ। ଖାଉଟିମାନଙ୍କ ଅଭିଯୋଗ କ୍ରମେ ନିୟମିତ ଗ୍ୟାସ ମିଳୁ ନ ଥିବାରୁ ଏହି ଚଢ଼ାଉ କରାଯାଇଥିଲା । ଆଗକୁ ଚଢ଼ାଉ ଜାରି ରହିବ ବୋଲି ଜିଲା ଯୋଗାଣ ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି।

ଗୋଦାମରେ ଯାଞ୍ଚ ହେଉଥିବା ସିଲିଣ୍ଡର ।

ପିସ୍ତଲ, ଗୁଳି ଜବତ ; ୧ ଗିରଫ

ଖଲ୍ଲିକୋଟ, ୨୩।୮ (ପ୍ରଶାନ୍ତ କୁମାର ମିଶ୍ର): ଖଲିକୋଟ ବ୍ଲକ ଅନ୍ତଗତ ୧୬ ନମ୍ବର ରାଜପଥର ବଡ଼ ଘାଟିରେ ପୋଲିସ ପାଟ୍ରୋଲିଂ ବେଳେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେକ ଯୁବକଙ୍କୁ ବୁଧବାର ସକାଳେ ପୋଲିସ କାବୁ କରିଥିଲା। ପଚରାଉଚରା ବେଳେ ସେ ଲୁଟ କରିବା ପାଇଁ ଯୋଜନା କରୁଥିବା ଜାଣିବାକୁ ପାଇଥିଲା। ଉକ୍ତ ଯୁବକକୁ ପୋଲିସ ଗିରଫ କରିବା ସହ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିଥିଲା। ଗିରଫ ଅଭିଯୁକ୍ତ ହେଉଛନ୍ତି କୁସଡ଼ିପା ଗ୍ରାମର ନରୋତ୍ତମ ଦାସ ଓରଫ ଚିଲୁ। ଖଲ୍ଲିକୋଟ ଥାନାରେ କେସ ନମ୍ବର ୫୯୯/୨୦୨୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ନରୋତ୍ତମ ବିରୋଧରେ ପୂର୍ବରୁ ଖଲ୍ଲିକୋଟ ଥାନାରେ ୧୦ ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି।

ବୁଧବାର ନୟାଗଡ଼ ଜିଲା ଓଡ଼ଗାଁରେ ଜିଲା ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ଚାଲିଛି।

ଜେଇଙ୍କ ଦୁର୍ବ୍ୟବହାରକୁ ନେଇ ଉତ୍ତେଜନା

ଓଡ଼ଗାଁ, ୨୩।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଟାଟା ପାୱାର ସେକ୍ସନ-୨ରେ କାର୍ଯ୍ୟରତ ସହକାରୀ ମ୍ୟାନେଜର(ଜେଇ-୨)ଙ୍କ ଦୁର୍ବ୍ୟବହାରକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ସେ ବାରମ୍ବାର ଲୋକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଥରେ ସ୍ଥାନୀୟ ଲୋକମାନେ ତାଙ୍କୁ ଅଫିସରେ ଭର୍ତ୍ତି କରି ତାଲା ପକାଇ ରଖିଥିଲେ । ଶେଷରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା । ଏପରିସ୍ଥଳେ ବୁଧବାର ଆମ୍ବାରପୁର ଗ୍ରାମର ସରପଞ୍ଚ ପ୍ରତିନିଧିଙ୍କ ସମେତ କେତେଜଣ ଗ୍ରାମବାସୀ ନିଜ ଗ୍ରାମ ଖେଳ ପଡିଆରେ ଥିବା ୩ଟି ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅବଗତ କରିବାକୁ ଆସିଥିଲେ। ହେଲେ ସହକାରୀ ମ୍ୟାନେଜର ଜିତେନ୍ଦ୍ର କୁମାର ମହାରଣା ସରପଞ୍ଚଙ୍କ ପ୍ରତିନିଧିଙ୍କ ସମେତ ଗ୍ରାମବାସୀଙ୍କୁ ସେମାନଙ୍କୁ ଶିକ୍ଷାଗତ ଯୋଗ୍ୟତା କେତେ ବୋଲି ପଚାରିବା ସହିତ ଉତ୍ତ୍ୟକ୍ତ ହୋଇ ମାରିବାକୁ ଉଦ୍ୟମ କରିଥିଲେ। ଏପରି କି ପୋଲସକୁ ଫୋନ କରି ବାନ୍ଧିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏହିସମୟରେ କେତେଜଣ ଖବବରଦାତା ପହଞ୍ଚିବାରେ କୌଣସି ପ୍ରତିକ୍ରିୟା ନ ଦେଇ ତୁରନ୍ତ ଅଫିସ ଛାଡି ଚାଲିଯାଇଥିଲେ । ହେଲେ ଏନେଇ ପରବର୍ତ୍ତୀ ସମୟରେ ଗ୍ରାମବାସୀ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଓ ବିଭାଗୀୟ ପରିଚାଳକ(ଏସଡିଓ)ଙ୍କୁ ଜଣାଇବାରେ ସେ ପୁନଶ୍ଚ ଆସି ଗ୍ରାମବାସୀଙ୍କ ଦରଖାସ୍ତ ଗ୍ରହଣ କରିବା ସହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ କରିବେ ବୋଲି କହିଥିଲେ ।

ହାତୀ ସୁରକ୍ଷା ପାଇଁ ସମନ୍ୱୟ ବୈଠକ

ଭଞ୍ଜନଗର, ୨୩।୮ (ବାବୁଲା ପ୍ରଧାନ)

ଘୁମୁସର ବନଖଣ୍ଡରେ ବନ୍ୟପ୍ରାଣୀ ଶିକାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବନ ବିଭାଗ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସକ୍ଷମ ହୋଇପାରୁନାହିଁ। ଅନ୍ୟପଟେ ଜଙ୍ଗଲ କ୍ଷୟ ଯୋଗୁ ହାତୀ, ବାରହା, ହରିଣ ଭଳି ପ୍ରାଣୀ ସହର ଏବଂ ଗ୍ରାମ ଅଭିମୁଖେ ଚାଲି ଆସୁଛନ୍ତି। ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ୭୭ଟି ହାତୀ ଅଛନ୍ତି। କିନ୍ତୁ ନୟାଗଡ଼, ଖୋର୍ଦ୍ଧା ଜିଲା ସୀମାବର୍ତ୍ତୀ ଜଙ୍ଗଲଗୁଡ଼ିକ ଦିନକୁ ଦିନ କ୍ଷୟ ହେଉଥିବା ଯୋଗୁ ହାତୀମାନେ ଗଞ୍ଜାମ ଜିଲା ବାହାରକୁ ପ୍ରାୟ ଯାଉନାହାନ୍ତି । ବିଗତ ପ୍ରାୟ ଏକ ବର୍ଷ ମଧ୍ୟରେ ଉତ୍ତର ଘୁମୁସର ବନଖଣ୍ଡରେ ୮ଟି ହାତୀ ପ୍ରାଣ ହରାଇଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ମଧ୍ୟ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ତେଣୁ ହାତୀ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ବାରମ୍ବାର ଡ଼ିଭିଜନ ଏବଂ ରେଞ୍ଜସ୍ତରରେ ଆଲୋଚନା ହେଉଛି। ବୁଧବାର ଅପରାହ୍ନରେ ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜରେ ବିଦ୍ୟୁତ୍ ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ହୋଇଥିଲା । ଏଥିସହ ଏକ ପଥପ୍ରାନ୍ତ ନାଟକ ମଧ୍ୟ ହୋଇଥିଲା। ଏହାପୂର୍ବରୁ ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରେ ଦୁଇ ରେଞ୍ଜର କର୍ମଚାରୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କୁ ନେଇ ଆଲୋଚନା ହୋଇଥିଲା । ଏଥିରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ବିଦ୍ୟୁତ୍ ତାର କିଭଳି ନିର୍ଦ୍ଧାରିତ ଉଚ୍ଚତାରେ ରହିବ, କର୍ମଚାରୀ ଏବଂ ଲୋକଙ୍କ ମଧ୍ୟରେ ସମନ୍ୱୟ ବଢ଼ିବ ସେ ନେଇ ଆଲୋଚନା ହୋଇଥିଲା । ଏଥିସହ ହାତୀ ସୁରକ୍ଷା ଉପରେ ଅଧିକରୁ ଅଧିକ କିଭଳି ସଚେତନତା କାର୍ଯ୍ୟକ୍ରମ କରାଯିବ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ଅନ୍ୟପକ୍ଷରେ ମଙ୍ଗଳବାର ତାରସିଂ ରେଞ୍ଜ ହଲନ୍ଦଖୋଲା ପୋଖରୀ ନିକଟରେ ଏକ ସମ୍ବରକୁ ମାରି କିଛି ଲୋକ ତାର ମାଂସ ଭାଗ ବାଣ୍ଟୁଥିଲେ । ଜଙ୍ଗଲ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଚଢ଼ାଉ କରି କିଛି ମାଂସ ଓ ଛାଲକୁ ଜବତ କରିଥିଲା। କିନ୍ତୁ ଅଭିଯୁକ୍ତମାନଙ୍କୁ କାବୁ କରିପାରିନଥିବା ଜଣାପଡ଼ିଛି।

ହାତୀ ସୁରକ୍ଷା ପାଇଁ ମରାଯାଇଥିବା ବୋର୍ଡ଼ ।

ବେଳାଭୂମି ଜଙ্গଲରେ ଇଟା ପାଚେରି

ବନ ବିଭାଗ ଝାଉଁ ଚାରା ରୋପଣ କରିଛି

ପାରାଦୀପ,୨୩।୮ (ଶରତ ରାଉତ)

ଷଣ୍ଢକୁଦ ଉପାନ୍ତ ବେଳାଭୂମି ଝାଉଁ ଜଙ୍ଗଲ ମଧ୍ୟରେ ଜବରଦଖଲ, ପାଚେରି ନିର୍ମାଣ, କବାଡିଆ ସାମଗ୍ରୀ ଗଚ୍ଛିତ।

ପାରାଦୀପ ଷଣ୍ଢକୁଦ ବସ୍ତିର ଅନତି ଦୂରରେ ବିସ୍ତୀର୍ଣ୍ଣ ବେଳାଭୂମି ସହ ଝାଉଁ ଜଙ୍ଗଲ ରହିଛି। ସେହି ଜଙ୍ଗଲ ମଝିରେ ଅଛି ବନ ବିଭାଗର ବିଟ୍ ହାଉସ। ତା'ଠାରୁ ୫୦୦ ମିଟର ଆଗକୁ ଗଲେ କେବଳ ଜଙ୍ଗଲ ଓ ବେଳାଭୂମି ରହିଛି। ମଝିରେ ରହିଛି ଉପକୂଳ ରାସ୍ତା। ରାସ୍ତାର ଗୋଟିଏ ପାର୍ଶ୍ୱରେ ବେଳାଭୂମି ଓ ଅପରପାର୍ଶ୍ୱରେ ତୈଳ ବିଶୋଧନାଗାର ରହିଛି। ସେହି ଅଞ୍ଚଳ ଏରସମା ବ୍ଲକ ଅଧୀନରେ ରହିଛି। ପାରାଦୀପରୁ ଏରସମା ଢିଙ୍କିଆ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ବେଳାଭୂମି ପାର୍ଶ୍ୱରେ କେତେ ମାସ ହେଲା ଜବରଦଖଲ ଚାଲିଛି। ଏପରିକି କେତେଜଣ ଲୋକ ସେଠାରେ ଝାଉଁ ଜଙ୍ଗଲ ମଧ୍ୟରେ ଇଟା, ସିମେଣ୍ଟ ଯୁକ୍ତ ପାଚେରି ନିର୍ମାଣ କରିସାରିଲେଣି। ଆଉ କେତେଜଣ ଲୋକ ବାଡ଼ ବୁଲେଇ ତା' ମଧ୍ୟରେ କବାଡିଆ ସାମଗ୍ରୀ ରଖିଥିବା ଦେଖିବାକୁ ମିଳିଛି। ଏହାବାଦ୍ ସେହି ବେଳାଭୂମିରେ ୧୨ରୁ ଅଧିକ ନଳକୂପ ଖୋଳି ମୋଟର ଯୋଗେ ପାଣି ଉତ୍ତୋଳନ କରି ବିଭିନ୍ନ ଠିକା କମ୍ପାନୀକୁ ବିକୁଥିବା ଦେଖିବାକୁ ମିଳିଛି। ରାସ୍ତା କଡରେ ଚିଙ୍ଗୁଡ଼ି ଚୋପା ଓ ମୁଣ୍ଡ ଖୋଳପା ଶୁଖା ଯାଇ ଖତ ତିଆରି ଚାଲିଛି। ଏମିତି ଅନେକ ପରିବେଶ ବିରୋଧୀ କାର୍ଯ୍ୟ ସେହି ଅଞ୍ଚଳରେ ଅବାଧରେ ଚାଲିଛି ବୋଲି ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କ୍ୟାଇନ୍ସ ସଭାପତି ସାଗର ବିଶ୍ୱାଳ ବନ ବିଭାଗ ନିକଟରେ ଏକାଧିକ ବାର ଅଭିଯୋଗ କରିଛନ୍ତି। ଏହାସତ୍ତ୍ୱେ ସେହି ଅଞ୍ଚଳରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଚାଲିଛି। ବନ ବିଭାଗ ଉକ୍ତ ଅଞ୍ଚଳର ସୁରକ୍ଷା ପାଇଁ ଯେତିକି ବ୍ୟବସ୍ଥା କରିବା କଥା ତାହା କରୁନାହାନ୍ତି ବୋଲି ବିଶ୍ୱାଳ କୁହନ୍ତି। ଏହାଦ୍ୱାରା ସେଠାରେ ଜଙ୍ଗଲ ଲୋପ ପାଉଥିବା ବେଳେ ଜବରଦଖଲ ବଢୁଛି।

ଭୌଗୋଳିକ ଭାବେ ଉକ୍ତ ଅଞ୍ଚଳ ପାରାଦୀପ ସୀମା ମଧ୍ୟରେ ଯାଉଥିବା ବେଳେ ସରକାରୀ ଭାବେ ଏରସମା ତହସିଲ ଅଧୀନରେ ରହିଛି। ଏରସମା ତହସିଲ ସଦର ମହକୁମାଠାରୁ ଉକ୍ତ ଅଞ୍ଚଳ ଦୂରତା ଏବଂ ଗମନାଗମନ କଷ୍ଟସାଧ ଯୋଗୁ ସେମାନେ ପ୍ରାୟ ସମୟରେ ଆସନ୍ତି ନାହିଁ। ପାରାଦୀପ ପୌର ପରିଷଦ ତାଙ୍କ ସୀମା ବାହାର ହୋଇଥିବାରୁ ସେମାନେ ସେହି ଅଞ୍ଚଳକୁ ଯାଆନ୍ତି ନାହିଁ। ଏପରି ସୁଯୋଗରେ କେତେଜଣ ମୁଷ୍ଟିମେୟ ଲୋକ ସେମାନଙ୍କ ପ୍ରଭାବ ବିସ୍ତାର କରୁଥିବା ଜଣାଯାଏ। ବନ ବିଭାଗ ବିଟ ହାଉସ ଭୂତକୋଠି ପରି ରହିଛି। ଜଣେ ଗାର୍ଡ ଜୁଜଙ୍ଗରୁ ୨୫ କିମି ପର୍ଯ୍ୟନ୍ତ ଆସି ନିୟମିତ ପାଟ୍ରୋଲିଂ କରୁନାହାନ୍ତି ବୋଲି ଖୋଦ୍ ଗାର୍ଡ ନିରଞ୍ଜନ ମଣ୍ଡଳ କହିଛନ୍ତି। ଯେଉଁ ବେଳାଭୂମି ଜଙ୍ଗଲକୁ ପାଚେରି ଦ୍ୱାରା ଆବଦ୍ଧ କରାଯାଇଛି ତାହା ପଟ୍ଟା ଜାଗା ବୋଲି ଗାର୍ଡ ମଣ୍ଡଳ କୁହନ୍ତି। ପଟ୍ଟା ଜାଗାରେ ବନ ବିଭାଗ କିପରି ଚାରା ରୋପଣ କରିବା ପ୍ରଶ୍ନରେ କୁହନ୍ତି, ଏ ସମ୍ପର୍କରେ ଜାଣିନାହିଁ। ଜୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ରଙ୍କୁ ପଚାରିବାରେ ଆମର ମ୍ୟାନ ପାୱାର କମ୍ ଥିବାରୁ ଠିକ୍ ଭାବେ ଅଞ୍ଚଳର ତଦାରଖ କରିପାରୁ ନାହାନ୍ତି। କିନ୍ତୁ ଯେଉଁମାନେ ଜଙ୍ଗଲ ଜମି ଜବରଦଖଲ କରିଥିବା ଯାଞ୍ଚ ବେଳେ ଜଣାପଡ଼ିବ ସେତେବେଳେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପିତାପାଟ ଗ୍ରାମରେ ବାଲୁକା ଶିଳ୍ପୀ ଯଶୋବନ୍ତ ମଲିକଙ୍କ ଦ୍ୱାରା ଚନ୍ଦ୍ରୟାନ-୩ର ବାଲୁକା କଳାକୃତି।

ଚନ୍ଦ୍ରୟାନ-୩ ସଫଳତା ପାଇଁ ଦୀପଦାନ,ପ୍ରାର୍ଥନା

ମହାକାଳପଡ଼ା,୨୩।୮ (ପ୍ରତାପଚନ୍ଦ୍ରସ୍ୱାଇଁ)

ଭାରତ ପାଇଁ ବୁଧବାର ଏକ ଐତିହାସିକ ଦିନ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଥିବା ଚନ୍ଦ୍ରୟାନ – ୩ ଜହ୍ନିରେ ପାଦ ଥାପିଛି। ଏଥିପାଇଁ ଇସ୍ରୋର ସମସ୍ତ ବୈଜ୍ଞାନିକଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ଅଭିଯାନ ସଫଳ ହେବା ପାଇଁ ବିଭିନ୍ନ ଦେବାଳୟ ତଥା ମା'ରାମଚଣ୍ଡୀ ମନ୍ଦିର , ମା ମନସା ଦେବୀ ମନ୍ଦିରରେ ଦୀପ ଦାନ କରାଯାଇଥିଲା। ସେହିପରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ପିତାପାଟ ଗ୍ରାମ ମହାନଦୀ କୂଳରେ ବାଲୁକା ସ୍ତୁପଠାରେ ବାଲୁକା ଶିଳ୍ପୀ ଯଶବନ୍ତ ମଲିକଙ୍କ ଦ୍ୱାରା ଚନ୍ଦ୍ରୟାନ – ୩ ନିଖୁଣ ଚିତ୍ର ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ସ୍ଲୋଗାନ ଦେଇ ଥିଲେ। ଏହି ସଫଳତା ପଛରେ ଇସ୍ରୋର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହା ଦେଶ ପାଇଁ ଗର୍ବ ଓ ଗୌରବର ଦିନ ବୋଲି ଶିଳ୍ପୀ ମଲିକ କହିଛନ୍ତି।

ବାଲୁକା କଳାରେ ଇସ୍ରୋ ବୈଜ୍ଞାନିକଙ୍କୁ ଅଭିନନ୍ଦନ

ସିଲ୍ ହେଲା ଅନୁଷ୍ଠା ଗ୍ରୁପ୍ ଅଫ୍ ଏଡୁକେଶନ, ଥାନାରେ ୨ ଅଟକ

କେନ୍ଦ୍ରାପଡ଼ା, ୨୩।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ନବଯୁଗ ଇନ୍‌ଫୋଟେକ ପ୍ରାଇଭେଟ ଲିମିଟେଡ ସଂସ୍ଥାର ଡିଜିଟାଲ ଡୋର ନମ୍ବରିଂ ଠକେଇ ମାମଲାରେ ଟାଉନ ଥାନା ପୋଲିସ ବୁଧବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନବଯୁଗ ଇନ୍‌ଫୋଟେକ ସଂସ୍ଥାର ତଥାକଥିତ ଜିଲା ପରିଚାଳକ ରେବତୀକାନ୍ତ ମହାପାତ୍ର ଓ ସହଯୋଗୀ ଅଶୋକ କିଶାନଙ୍କୁ ଭୁବନେଶ୍ୱରରୁ ଧରିଛି। ଏଥିସହ ଜିଲା ପରିଚାଳକ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଦୁହୁରିଆସ୍ଥିତ ଅନୁଷ୍ଠା ଗ୍ରୁପ ଅଫ ଏଡୁକେଶନକୁ ସିଲ କରିଛି। ନବଯୁଗ ଇନ୍‌ଫୋଟେକ ସଂସ୍ଥା ନାମରେ ଦୀର୍ଘଦିନ ଧରି ମୁଖ୍ୟ ଅଭିଯୁକ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲାର ସମସ୍ତ ଘରର ଡୋର ନମ୍ବରିଂ ହେଉଥିଲା। ତେବେ ଏହା ଏକ ଠକ କମ୍ପାନୀ ବୋଲି ଜିଲା ପ୍ରଶାସନ

ଡିଜିଟାଲ ଡୋର ନମ୍ବରିଂ ଠକେଇ ମାମଲା

ପକ୍ଷରୁ ଟାଉନ ଥାନାରେ ମାମଲା ପରେ ଜିଲା ପରିଚାଳକ ମହାପାତ୍ରଙ୍କ ଅଡୁଆ ବଢ଼ିଥିଲା। କର୍ମଚାରୀ ନିଯୁକ୍ତି ପାଇଁ ଫେସ୍‌ବୁକ ଆଇଡିରେ ଦେଇଥିବା ଦିହୁରିଆସ୍ଥିତ ଅନୁଷ୍ଠା ଗ୍ରୁପ ଅଫ ଏଡୁକେଶନ ଉପରେ ପୋଲିସ ସୋମବାର ଚଢ଼ାଉ କରିଥିଲା। ସେହିଦିନ ଏହି ଅନୁଷ୍ଠାନ ବନ୍ଦ ଥିବାରୁ ପୋଲିସ ନିରାଶ ହୋଇ ଫେରିଥିଲା। ଅପରପକ୍ଷରେ ଏହି ଅନୁଷ୍ଠାନରେ କେତେଜଣ ବିଇଡି ଶିକ୍ଷାର୍ଥୀଙ୍କୁ ପଢ଼ା ଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଜିଲାରେ ପୂର୍ବରୁ ୮୪ ବିଇଡି ଶିକ୍ଷାର୍ଥୀ ଠକେଇରେ ଶୀକାର ହୋଇଥିବା ବେଳେ ଏହି ଘରୋଇ

ଶିକ୍ଷାନୁଷ୍ଠାନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଏକ ବଡ଼ ଧରଣର ଠକେଇ ହେଉଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହୋଇଥିଲା। ନବଯୁଗ ସଂସ୍ଥାକୁ ଜିଲା ପ୍ରଶାସନ ଅନୁମତି ଦେବା, ପ୍ରାୟ ୮ ମାସ ପରେ ଏହାକୁ ଠକ ସଂସ୍ଥା ଭାବେ ଚିହ୍ନଟ କରିବା ପରେ ବିଇଡି ଅନୁଷ୍ଠାନ ନେଇ ଏକ ବଡ଼ ଧରଣର ଠକେଇ ସମ୍ପର୍କରେ ପୋଲିସ ସୂଚନା ପାଇଥିଲା। ଏହା ପରେ ପୋଲିସ ପୂର୍ବାହ୍ନରେ ଅନୁଷ୍ଠା ଗ୍ରୁପ ଅଫ ଏଡୁକେଶନର କାଗଜପତ୍ର ଜବତ କରିବା ସହ ଶିକ୍ଷାନୁଷ୍ଠାନ ସିଲ କରିଛି। ଏଥିସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ସୂଚନାଯୋଗ୍ୟ, ଡୋର ନମ୍ବରିଂ ପାଇଁ ପ୍ରତ୍ୟେକ ଘରୁ ୪୦ ଟଙ୍କା ଏହି ସଂସ୍ଥା ଆଦାୟ କରିଥିଲା। ପ୍ରାୟ କୋଟିଏ ଟଙ୍କା ଏଥିରୁ ଆଦାୟ ହୋଇଥିବା ଚର୍ଚ୍ଚା ଚାଲିଛି। ସଂସ୍ଥାରେ ଚାକିରି ପାଇଁ ପରିଚାଳକ ମହାପାତ୍ର ନିଜ ଫେସ୍‌ବୁକ ଆଇଡିରେ ଦିହୁରିଆସ୍ଥିତ ଶିକ୍ଷା ଅନୁଷ୍ଠାନର ଠିକଣା ପ୍ରଦାନ କରିଥିଲେ।

ପୋଖରୀରେ ବୁଡ଼ି ଯୁବକ ମୃତ

କୋରେଇ,୨୩।୮ (ଚନ୍ଦ୍ରକାନ୍ତ ପତି):

ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ତୁଳତୀ ଗ୍ରାମର ନବୀନ ପଲେଇ(୪୨)। ସେ ବୁଧବାର ମାଧ୍ୟାହ୍ନରେ ତୁଳତୀ ଗ୍ରାମ ନୂଆ ଗଡ଼ିଆ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା ବଶତଃ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ସନ୍ଧାନ ନ ପାଇବାରୁ ଯାଜପୁର ରୋଡ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ କୋରେଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଆରମ୍ଭ କରିଛି।

ଗୁହାଳରେ ନିଆଁ ଲାଗି ୨ ଗାଈ, ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ

ତିର୍ତ୍ତୋଲ, ୨୩।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ପଞ୍ଚାୟତ ଖଦାଳ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡରେ ୨ଟି ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏହି ଗ୍ରାମର ଗୋଲେଖ ଚନ୍ଦ୍ର ସ୍ୱାଇଁଙ୍କ ଗୁହାଳ ଘରେ ବିଦ୍ୟୁତ୍ ସର୍ଟ ଶର୍କିଟରୁ ନିଆଁ ଲାଗି ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ରାତିରେ ଗୁହାଳ ଘରେ ନିଆଁ ଲାଗି ଯିବାରୁ ଭିତରେ ଥିବା ଗାଈ, ବାଛୁରୀମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ନିଆଁ ଲାଗିବା ଦେଖି ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଖବର ପାଇ ଆସିଥିଲେ ମଧ୍ୟ ଗାଡ଼ି ଗାଁ ଭିତରେ ଯିବା ସମ୍ଭବ ନ ହେବାରୁ ଅଧା ବାଟରେ ଅଟକି ରହିଥିଲା। ଗ୍ରାମର ମଝିରେ ପାନୀୟ ଜଳ ଯୋଗାଣ ନିମନ୍ତେ ମାଟି ତଳେ ପାଇପ ବିଛାଇବା ନିମନ୍ତେ ରାସ୍ତା ଖୋଳି ଯାଇଥିଲା। ଏହା ଫଳରେ ଅଗ୍ନିଶମ ବିଭାଗ ଗାଡ଼ି ଆଗକୁ ଯାଇ ପାରି ନ ଥିଲା। ଗ୍ରାମବାସୀ ନିଆଁ ଆୟତନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଗୁହାଳ ସମ୍ପୂର୍ଣ୍ଣ ଜଳି ଯାଇଥିଲା।

ଗାଁ ଚାଷୀଙ୍କ ସାଥୀ ତାଳପତ୍ର ପଖିଆ

- ଆଜିର ହାଇକେଟ୍ ଯୁଗରେ ବି ରହିଛି ଚାହିଦା
- ପ୍ରୋତ୍ସାହନ ଅଭାବର ଶିକାର ପଖିଆ କାରିଗର

ଡେରାବିଶ,୨୩।୮ (ବେବେର୍ତ୍ତା ଅଜୟ ଦାସ)

ଚଷାଖଣ୍ଡ ଗ୍ରାମର ରବୀନ୍ଦ୍ର ପଖିଆ ତିଆରି କରୁଛନ୍ତି।

ବର୍ଷାଋତୁ ଆସିଲେ ଚାଷୀଙ୍କ ପାଇଁ ଆବଶ୍ୟକ ପଡେ ତାଳପତ୍ରର ପଖିଆ। ଆଧୁନିକତାର ଚାକଚକ୍ୟ ଭିତରେ ଏବେ ବି ବିଭିନ୍ନ ଗାଁରେ ପଖିଆର ଚାହିଦା ଅକ୍ଷୁର୍ଣ୍ଣ ରହିଛି। ଆଜିର ହାଇକେଟ୍ ଯୁଗ ତଥା ପ୍ଲାଷ୍ଟିକର ବହୁଳ ପ୍ରସାର ମଧ୍ୟରେ ପ୍ରାଚୀନ କାଳରୁ ବ୍ୟବହୃତ ପଖିଆକୁ ମୁଣ୍ଡରେ ଦେଇ ଚାଷୀଭାଇମାନେ କ୍ଷେତକୁ କାମ କରିବାକୁ ଯାଇଥାନ୍ତି।

ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ କାରିଗରମାନେ ପଖିଆ ତିଆରି କରିଥାଆନ୍ତି। ବ୍ଲକ ଅଧୀନ ଚଷାଖଣ୍ଡ ଗ୍ରାମର ରବିନ୍ଦ୍ର ବେହେରା (୬୦) ପ୍ରତିବର୍ଷ ଶତାଧିକ ପଖିଆ ତିଆରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ନିକଟସ୍ଥ ହାଟ ଓ ବଜାରରେ ଦୈନିକ ୧୦ରୁ ୧୫ଟି ପଖିଆ ବିକ୍ରି କରିଥାନ୍ତି। ସେ କୁହନ୍ତି, ଏହା ଆମର କୁଳବେଉସା। ଖରାଦିନେ ତାଳ ଗଛର ମଞ୍ଜିପତ୍ରକୁ ଆଣି ଚାରିପାଞ୍ଚ ଦିନ ବାରିରେ ଥିବା ପୋଖରୀର ପଙ୍କ ଭିତରେ ପୋତି ରଖିଥାଉ। ପରେ ପତ୍ରଗୁଡିକୁ ଖରାରେ ଶୁଖାଇବା ପରେ ସାଇତି ରଖିବାକୁ ହୁଏ। ଏହାପରେ ପତ୍ରଗୁଡିକୁ ଆଣି ପଖିଆ ତିଆରି କରିଥାଉ। ତାଳପତ୍ରଗୁଡିକୁ ସରୁପତ୍ରରେ ସିଲେଇ କରି ପଖିଆର ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥାଏ। ପରିବାର ଲୋକଙ୍କ ସହଯୋଗରେ ଦୈନିକ ୧୦ରୁ ୧୨ଟି ପଖିଆ ତିଆରି କରି ତାକୁ ବିକ୍ରି ପାଇଁ ରଖିବାକୁ ହୁଏ। ବର୍ଷାର ଆରମ୍ଭରେ ପଖିଆ ପାଇଁ ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟ କରି ବିଭିନ୍ନ ହାଟ ବଜାରକୁ ନେଇ ବିକ୍ରି କରିଥାଉ। ଏହି ପଖିଆ ତିଆରି ପାଇଁ ଏକ ଲୁହାର କାତି ଦରକାର ହୋଇଥାଏ। ପଲିଥିନର ଯଥେଷ୍ଟ ଚାହିଦା ଥିଲା ବେଳେ ପଖିଆ ପ୍ରତି ଲୋକଙ୍କ ଆଗ୍ରହ କମି ନ ଥିବା ଅତି ଦୃଢତାର ସହ ରବିନ୍ଦ୍ର କହିଛନ୍ତି। ତାଳଗଛ କ୍ରମଶଃ ଲୋପ ପାଉ ଥିବାରୁ ଏହି କୁଟୀର ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ସମସ୍ୟା ଉପୁଜିଛି । ତେବେ ସରକାରୀ ପ୍ରୋତ୍ସାହନ ଏବଂ ଅଭାବ ପଡୁଥିବା କଞ୍ଚାମାଲ ମିଳିଲେ ଏହି ଶିଳ୍ପକୁ ବଞ୍ଚାଇ ରଖି ହେବ । ଏ ବିଷୟରେ ଚାଷୀ ଭାଗବତ ମଲ୍ଲିକ କୁହନ୍ତି, ଚାଷ ସମୟରେ ପଖିଆ ମୁଣ୍ଡରେ ଥିଲେ ବଜ୍ରପାତ ଆଶଙ୍କା ଆମ ମନରେ ନ ଥାଏ। କୌଣସି ପରିସ୍ଥିତିରେ ପଖିଆକୁ ଆମେ ପରିତ୍ୟାଗ କରିବାକୁ ଆଇଯାଏ ପଛାଇ ନାହୁଁ। ପଖିଆ ପତ୍ରରେ ତିଆରି ହୋଇଥିବାରୁ ଏହାର ପ୍ରଭାବରେ ଚର୍ମରୋଗ ହୋଇ ନ ଥାଏ ବୋଲି ଗ୍ରାମର ବରିଷ୍ଠ ନାଗରିକଙ୍କ ମଧ୍ୟରେ ଧାରଣା ବଳବତ୍ତର ଅଛି କଂସାରୀପାଟଣା ଗ୍ରାମର ଦିଗମ୍ବର ମିଶ୍ର କହିଛନ୍ତି। ବର୍ଷା ପୂର୍ବରୁ ଚାଷ ପାଇଁ ପ୍ରତିବର୍ଷ ୨/୩ଟି ପଖିଆ ଆମେ କିଣି ଘରେ ସାଇତି ଥାଉ। ତେବେ ଏହି ପଖିଆ ଏକ କୁଟୀର ଶିଳ୍ପରେ ପରିଣତ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଏ ନେଇ ପ୍ରୋତ୍ସାହନ ବ୍ୟବସ୍ଥା କରାଗଲେ ଏହି ପ୍ରାଚୀନ ଶିଳ୍ପ ନୂତନ ଯୁବପିଢ଼ୀଙ୍କ ମଧ୍ୟରେ ବଞ୍ଚି ରୁହନ୍ତା ବୋଲି ଗୋଲରାହାଟ ଗ୍ରାମର ସାହାଜାନ ଖାଁ କହିଛନ୍ତି।

ଏହିବିଷୟରେ ଡେରାବିଶ ବିଡ଼ିଓ ଦାଶରଥି ଜେନା କୁହନ୍ତି, ଚଳିତ ବର୍ଷ ବ୍ଲକ ଅଞ୍ଚଳରେ ଥିବା ପତିତ ଜମିରେ ବ୍ୟାପକ ତାଳ ଚାରା ରୋପଣ ପାଇଁ ବ୍ୟବସ୍ଥା କରାଯାଇଛି । ଆବଶ୍ୟକ କଞ୍ଚାମାଲ ମିଳିଲେ ପଖିଆ କାରିଗରମାନେ ଉପକୃତ ହୋଇପାରିବେ ।

ଅଙ୍ଗନୱାଡି କର୍ମୀଙ୍କୁ ବଳାତ୍କାର ଘଟଣା:ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ପାରାଦୀପ,୨୩।୮ (ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ୨ବର୍ଷ ଧରି ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଜଣେ ବ୍ୟକ୍ତି ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ନଂ. ୩୩୩/୨୩ ରେ ମାମଲା ରୁଜୁ କରିବା ସହ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ବାପା ଜଣେ ରାଶନ ଡିଲର ଅଟନ୍ତି। ସେ ହେଲେ ଏହି ଥାନା ଏକ ବସ୍ତିର ସୂର୍ଯ୍ୟକାନ୍ତ ଦାସ ଓରଫ କାଳିଆ(୩୫)। ୨୦୨୨ ଜାନୁଆରୀ ୨୯ରେ ଅଙ୍ଗନୱାଡି କର୍ମୀ (୨୬)ଙ୍କୁ ଘରକୁ ଡାକିଥିଲେ। କାରଣ କର୍ମୀଙ୍କ ପୁଅର ନାମ ରାଶନ କାର୍ଡରେ ମିଶ୍ରଣ କରିବା ପାଇଁ। ଏହି ସମୟରେ ଅଭିଯୁକ୍ତ କାଳିଆ ଥଣ୍ଡା ପାନୀୟରେ ନିଶା ଦେଇ ପ୍ରଥମେ କର୍ମୀ ଜଣଙ୍କୁ ବେହୋସ କରି ପରେ ବଳାତ୍କାର କରିଥିଲେ। ଘଟଣାର ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରି ପରେ ଶୋଷଣ କରିଥିଲେ। ଏମିତିକି କର୍ମୀଙ୍କଠାରୁ ୬ ଲକ୍ଷ ଟଙ୍କା ମଧ୍ୟ ନେଇଥିଲେ ବୋଲି ଖୋଦ୍ ପୀଡିତା ଅଭିଯୋଗରେ ଦର୍ଶାଇଛନ୍ତି। ଭିଡିଓ ଡିଲିଟ୍ କରିବା ପାଇଁ ଡାକି ୨ବର୍ଷ ମଧ୍ୟରେ ଅନେକ ଥର ବିଭିନ୍ନ ହୋଟେଲ ଓ ଅତିଥି ଭବନରେ ନେଇ ବଳାତ୍କାର କରିଥିଲେ। ଶେଷରେ କର୍ମୀ ଜଣଙ୍କ ସ୍ୱାମୀ ଜାଣିବା ପରେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ସତିତ୍ରବୀର୍ଯ୍ୟ ଦାସ କୁହନ୍ତି, ଉଭୟଙ୍କର ଡାକ୍ତରୀମାଇନା କରାଯିବା ସହ ୧୬୧ ଆଇନ ବଳରେ ବୟାନ ରେକର୍ଡ କରାଯାଇଛି। ମୋବାଇଲ ଜବତ କରାଯାଇ ଯାଞ୍ଚ ପାଇଁ ଆଇଟି ସେଲ୍ ପଠାଯାଇଛି। ଉକ୍ତ ଘଟଣା ପାରାଦୀପରେ ଚର୍ଚ୍ଚାର ବିଷୟ ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବିଭୁ



@ ମହେନ୍ଦ୍ର

@ ମାନସ

@ ମିଲନ

@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଇ-ନାମ୍ ମଣ্ডିର ବଢୁଛି ଚାହିଦା

■ ଉଦଳା ବ୍ୟବସାୟୀ କିଣିଲେ ନୟାଗଡ଼ ଚାଷୀଙ୍କ କଖାରୁ

■ ୩୬ ହଜାର ଟଙ୍କାର ବ୍ୟବସାୟ କଲେ ଚାଷୀ

ଉଦଳା ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା କଖାରୁକୁ ଟ୍ରକ୍‌ରେ ପଠାଯାଉଛି।

ନୟାଗଡ଼,୨୩।୮ (ଲୋକନାଥ ମିଶ୍ର)

ସମବାୟ ବିଭାଗ ପକ୍ଷରୁ ନିୟନ୍ତ୍ରିତ ବଜାର କମିଟିରେ ଖୋଲିଥିବା ଇ-ନାମ ମଣ୍ଡି (ଜାତୀୟ କୃଷି ବଜାର)ର ଚାହିଦା ବଢ଼ିବାରେ ଲାଗିଛି । ନୟାଗଡ଼ ଚାଷୀ ପ୍ରମୋଦ କୁମାର ବେହେରା ବାହାଡାଖୋଲା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ବହୁବିଧ ମୁଖ୍ୟ ପ୍ରାଙ୍ଗଣରେ ଖୋଲିଥିବା ଇ-ନାମ ମଣ୍ଡିରେ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟୀ କ୍ଷିତିଶ ମହାପାତ୍ରଙ୍କୁ କେଜି ପ୍ରତି ୧୨ ଟଙ୍କା ଦରରେ ୨୯ କୁଇଣ୍ଟାଲ ୧୬ କେଜି କଖାରୁ ବିକ୍ରି କରିଛନ୍ତି । ଏହି ବ୍ୟବସାୟୀଙ୍କୁ ସେ ୩୬ ହଜାର ୧୮୨ ଟଙ୍କା ପାଇଛନ୍ତି । ଏହି କଖାରୁ ବିକ୍ରୀ ସମୟରେ ମଣ୍ଡିର ସମ୍ପାଦକ ସୁଦାମ ଚରଣ ଜେନା, ନୋଡାଲ ଅଧିକାରୀ ଶରତ କୁମାର ପଲେଇ, ମଣ୍ଡିର ବିଶ୍ଳେଷକ ପ୍ରଭାସ କୁମାର ସାହୁ, ଉଦଳା ମଣ୍ଡି ବିଶ୍ଳେଷକ ବୀନତି କୁମାର ମହାପାତ୍ର ଉପସ୍ଥିତ ଥିଲେ । ଏନେଇ ଚାଷୀ ପ୍ରମୋଦ କୁମାର ବେହେରା କୁହନ୍ତି, ନୟାଗଡ଼ରେ କଖାରୁ ଚାହିଦା ନାହିଁ । ଏଣୁ ମୋର କ୍ଷତି ହୋଇଥାନ୍ତା । ଉଦଳା ବ୍ୟବସାୟୀ କଖାରୁ କିଲୋ ୧୨ ଟଙ୍କା ଦରରେ କିଣିବା ଚାଷୀ ଓ ଚାଷ ପାଇଁ ଶୁଭ ସଙ୍କେତ । ଏନେଇ ଚାଷୀ ସଚେତନ ହେବା ଦରକାର । ମୁଁ ଲାଭରେ ରହିବା ପରି ସେମାନେ ମଧ୍ୟ ଲାଭରେ ରହିବେ । ଆଗକୁ ଚାଷ ପ୍ରତି ଆଗ୍ରହ ବଢ଼ିବ ।

ନୟାଗଡ଼ ବାଇଗଣ ଯାଉଛି ମୟୂରଭଞ୍ଜ

ଇ - ନାମ ମଣ୍ଡିରେ ନୟାଗଡ଼ର ଚାଷୀ ରାଜ୍ୟର ବିଭିନ୍ନ ମଣ୍ଡିର ପଞ୍ଜିକୃତ ବ୍ୟବସାୟୀଙ୍କ ମାଧ୍ୟମରେ ମୟୂରଭଞ୍ଜକୁ ବାଇଗଣ ପଠାଇ ପାରୁଛି। ଗତ ଫେବୃୟାରୀ ଓ ମାର୍ଚ୍ଚରେ ବାଇଗଣ ରପ୍ତାନୀ ହୋଇଥିଲା । ଏବେ ପୁଣି ମୟୂରଭଞ୍ଜ ଯିବାକୁ ପ୍ରୟାସ ଚାଲିଛି । ପୁଣି ନୟାଗଡ଼ର ପଞ୍ଜିକୃତ ବ୍ୟବସାୟୀମାନେ ଅନ୍ୟ ଜିଲାରୁ ପନିପରିବା କିଣି ନୟାଗଡ଼କୁ ଆଣି ଭଲ ଲାଭରେ ରହୁଛନ୍ତି । ଇ - ନାମ ମଣ୍ଡିରେ ୨୦୯ ପ୍ରକାରର କୃଷିଜାତ ଉତ୍ପାଦ୍ ବିକ୍ରି ହୋଇ ପାରିବ। ନୟାଗଡ଼ ଜିଲା ସଦର ମହକୁମା ସମେତ ରାଜ୍ୟରେ ୬୬ଟି ଓ ଦେଶରେ ୧୩୬୧ଟି ଇ - ନାମ ମଣ୍ଡି ଖୋଲିଛି। ୨୦୧୮ମାର୍ଚ୍ଚ ୨୮ରୁ ନୟାଗଡ଼ରେ ଇ - ନାମ ଆନ୍ତଃ ମଣ୍ଡି କାର୍ଯ୍ୟ କରୁଛି । ତେବେ ଏହି ମଣ୍ଡି ଦେଶରେ ୨୦୧୬ ଏପ୍ରିଲ ୧୪ କାର୍ଯ୍ୟ କରିଥିଲା । ଖଣ୍ଡପଡ଼ା ରୋଡରେ ଥିବା ବହୁବିଧ ମୁଖ୍ୟ ପ୍ରାଙ୍ଗଣ ଇ -ନାମ ମଣ୍ଡିରେ ୧୧ ହଜାର ୨୮୦ ଚାଷୀ ଓ ୨୨ ବ୍ୟବସାୟୀ ନାଁ ପଞ୍ଜୀକରଣ କରିଛନ୍ତି । ନୟାଗଡ଼, ଓଡ଼ଗାଁ, ଦଶପଲ୍ଲା, ନୂଆଗାଁ, ଗଣିଆ ବ୍ଲକର ଚାଷୀ ପଞ୍ଜିକୃତ ହୋଇଛନ୍ତି। ନୟାଗଡ଼ର ଚାଷୀମାନେ ନିଲାମ ମାଧ୍ୟମରେ ପ୍ରତ୍ୟହ ୨୨ ଜଣ ପଞ୍ଜିକୃତ ବ୍ୟବସାୟୀଙ୍କୁ ପନିପରିବା ବିକ୍ରି କରୁଛନ୍ତି । ଏଥିରେ ମଧ୍ୟସ୍ଥତା ନାହିଁ । ଚାଷୀଙ୍କଠାରୁ ପନିପରିବା କିଣି ରଖିବା ପାଇଁ ୨୨ ବ୍ୟବସାୟୀ ୨୨ ଟା ଗୋଦାମ ଘର ଖଣ୍ଡପଡ଼ା ରୋଡରେ ପାଇଛନ୍ତି । ପ୍ରତିଦିନ ଭଲ ବ୍ୟବସାୟ ଚାଲୁ ରହିଛି ।

ଚାଷୀ କ୍ଷତିରୋକି ହେବ

ନୟାଗଡ଼ରେ ଅଧିକ ପନିପରିବା ଅମଳ ହେଲେ ଏହାକୁ ଇ - ନାମ ମଣ୍ଡିରେ ଅନ୍ୟ ଜିଲାକୁ ବିକ୍ରି କରାଯାଇ ପାରିବ । ଚାଷୀ କ୍ଷତିରୁ ରକ୍ଷା ପାଇ ପାରିବ । ସ୍ଥାନୀୟ ବଜାରରେ ସ୍ୱଳ୍ପ ଦରରେ ବିକ୍ରି କରିବାକୁ ବାଧ ହେବନି। ଏନେଇ ନୟାଗଡ଼ ଇ -ନାମ ମଣ୍ଡିର ବିଶ୍ଳେଷକ ପ୍ରଭାସ କୁମାର ସାହୁ କୁହନ୍ତି ଇ - ନାମ ମଣ୍ଡି ଚାଷୀଙ୍କ ପ୍ଲାଟଫର୍ମ। ତେବେ ଚାଷୀ ସଚେତନତା ହେବା ଦରକାର। ନିଜ ଉତ୍ପାଦିତ ପନିପରିବା କିପରି ଅଧିକ ଦରରେ ବିକ୍ରି ହେବ ସେନେଇ ଆଗୁଆ ଯୋଗାଯୋଗ କରିବାକୁ ପଡିବ । ପନିପରିବା ଅଧିକ ଆସିଲେ ଅଲଗା ଜିଲାର ବ୍ୟବସାୟୀଙ୍କୁ ଅନଲାଇନରେ ଯୋଗାଯୋଗ କରାଯାଇ ଅକ୍ସନ କରାଯାଉଛି। ପୁଣି ଜିଲାରେ ନ ଥିବା ପନିପରିବା ମଧ୍ୟ ମଗା ଯାଇ ପାରୁଛି। ଆମ ଜିଲାର ବ୍ୟବସାୟୀ ସୁବିଧାରେ ଓ ସ୍ୱଳ୍ପ ଦାମରେ ପରିବା ପାଇ ପାରୁଛନ୍ତି। ଇ - ନାମ ମଣ୍ଡି ଯୋଗୁ ଚାଷୀ ଓ ବ୍ୟବସାୟୀ ଉପକୃତ ହେଉଛନ୍ତି । ପୁଣି ଖାଉଟି ଠିକ ଦର ପାଇବେ । ତେବେ ଚାଷୀ ଓ ବ୍ୟବସାୟୀର କ୍ଷତି ହେଲେ ପନିପରିବା ଦର ଶସ୍ତା ହେବ ନାହିଁ ବୋଲି ସେ କହିଛନ୍ତି।

ମଣ୍ଡି ସମ୍ପର୍କରେ ସଚେତନତା ଅଭାବ

୨୦୧୮ରୁ ନୟାଗଡ଼ରେ ଇ-ନାମ ମଣ୍ଡି ଖୋଲିଛି । ଯେଉଁଥିରେ ପନିପରିବା ଚାଷୀ ଲାଭବାନ ହେଉଛନ୍ତି ଅନେକ ଜାଣି ନାହାନ୍ତି । ଚାଷୀ କିପରି ନାଁ ପଞ୍ଜୀକରଣ କରିବେ, କିପରି ନିଜ ପନିପରିବା ଆଣିବେ, ବାଟରେ କିଛି ହଇରାଣ ହରକତ ହେବାକୁ ପଡୁଛି କି ନାହିଁ ସେନେଇ ସରକାରୀସ୍ତରରେ ସଚେତନତା ନାହିଁ ବୋଲି ରଣପୁରର ସୁଦାମ ନାୟକ, ଖଣ୍ଡପଡାର ମିଟନ ସ୍ୱାଇଁ ଙ୍କ ପରି କେତେଜଣ ଚାଷୀ କହିଛନ୍ତି। ନିୟନ୍ତ୍ରିତ ବଜାର କମିଟି ଏ ଦିଗରେ ପଦକ୍ଷେପ ନେବା ଜରୁରୀ । ଏହି ମଣ୍ଡି ଜିଲାର ଆଉ କିଛି ସ୍ଥାନରେ ଖୋଲା ଯାଇ ପାରିବ କି ନାହି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଶେଷରେ ମହେଶ୍ୱରଙ୍କ ଚିକିତ୍ସା ବ୍ୟବସ୍ଥା ହେଲା

ଭାପୁର,୨୩।୮ (ଭରତ କୁମାର ବେହେରା)

ଭାପୁର ବ୍ଲକ ଅନ୍ତର୍ଗତ ବାଉଁଶବାଟି ପଞ୍ଚାୟତ ବାଉଁଶବାଟି ଗ୍ରାମର ମହେଶ୍ୱର ସାମଲ(୪୫)ଖୋର୍ଦ୍ଧା ଜିଲା ଜଟଣୀର ଏକ ଇଟା ଫ୍ୟାକ୍ଟ୍ରିରେ ଦିନ ମଜୁରିଆ ଭାବେ କାମ କାମ କରୁଥିଲେ। ହେଲେ ମେଶିନରେ ହାତ ପଶି ଯିବାରୁ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ବାଧକ ସାଜିଥିଲା । ଏପରି କି ମେଡ଼ିକାଲ କର୍ତ୍ତୃପକ୍ଷ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ଗ୍ରହଣ କରିବାକୁ ମନା କରିଦେବା ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଜଣେ ଜନ ପ୍ରତିନିଧି ହସ୍ତକ୍ଷେପ କରିଥିଲେ । ଶେଷରେ ତାଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା ।

ସୂଚନା ଅନୁଯାୟୀ, ମହେଶ୍ୱର ସାମଲ ପରିବାର କହିଲେ ସ୍ତ୍ରୀ ଓ ପୁଅ ଝିଅକୁ ନେଇ ତାଙ୍କ ତେଲଲୁଣର ସଂସାର । ମହେଶ୍ୱର ଧାର କରଜ କରି ଝିଅକୁ ବିବାହ କରିଛନ୍ତି। ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ସେ ଜଟଣୀ ଅଞ୍ଚଳରେ ଥିବା ଏକ ସିମେଣ୍ଟ ଇଟା ଫ୍ୟାକ୍ଟ୍ରିରେ ଦିନ ମଜୁରିଆ ଭାବେ କାମ କରୁଥିଲେ। କାମ କରୁଥିବା ବେଳେ ତାହାଣ ହାତ ମେଶିନରେ ଚାପି ହୋଇ ଯାଇଥିଲା । ଗୁରୁତର ଭାବେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କହିଥିଲେ ହାତ ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ପରିବାର ଲୋକେ ଧାରକରଜ କରି ୫୦ ହଜାର ଟଙ୍କା ଦେଇଥିଲେ । ମେଡିକାଲରେ ବିଜୁସ୍ୱାସ୍ଥ୍ୟ କାର୍ଡକୁ ମେଡିକାଲ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ। ଏହି ସମୟରେ ଭାପୁର ବ୍ଲକ ୧୮ନଂ.ଜୋନର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ପହଞ୍ଚି ମେଡିକାଲ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ପରେ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ମେଡିକାଲ କର୍ତ୍ତୃପକ୍ଷ ଗ୍ରହଣ କରିଥିଲେ। ଶେଷରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି ।

ମେଡିକାଲରେ ମହେଶ୍ୱର।

ହାତୀ ଉଜାଡୁଛି ଧାନ, ପନିପରିବା ଫସଲ

ଜଙ୍ଗଲରୁ ଗାଁ ମୁହଁ ହୋଇଥିବା ହାତୀପଲ।

■ ଦେଖି ପଳାଉଛନ୍ତି ବନ ବିଭାଗ କର୍ମଚାରୀ

■ କାକରଖାଇ ମୁଣ୍ଡିଆରେ ରହୁଛନ୍ତି ହାତୀ

ନୟାଗଡ଼,୨୩।୮ (ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ମଗରବନ୍ଧ, ଦରପଦା, ଫାସିପଲ୍ଲୀ ନୂଆଗାଁ, ମଇଁଷିଗୋଠପଲ୍ଲୀ ଆଦି ଗାଁ ଚାଷୀଙ୍କ ବାଡ଼ିପଟ ପନିପରିବା ଓ ବିଲର ଧାନ ଫସଲ ହାତୀ ଉଜାଡୁଛି ଚାଲିଛି । କାକରଖାଇ ମୁଣ୍ଡିଆରେ ରହୁଥିବା ଦନ୍ତା ଓ ମାଈ ହାତୀ ମଗରବନ୍ଧ, ଦରପଦା, ଫାସିପଲ୍ଲୀ ନୂଆଗାଁ, ମଇଁଷିଗୋଠପଲ୍ଲୀ ଅଞ୍ଚଳରେ କ୍ଷୟକ୍ଷତି କରୁଛି । ପ୍ରାୟ ୮ଦିନ ହେଲା ହାତୀମାନେ କ୍ଷୟକ୍ଷତି କରି ଆସୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲଙ୍କ ଉତ୍ପାତ ବଢୁଛି । ରାତି ତମାମ ହାତୀ ଗାଁ ବାରିପଟ ଓ ବିଲରେ ପଇଡରା ମାରୁଛି। ତେବେ ପଞ୍ଚରିଡ଼ା ବନବିଭାଗର କର୍ମଚାରୀ କେବଳ ହାତୀଙ୍କ ସ୍ଥିତି ଅନୁଧାନ କରି ଫେରୁଛନ୍ତି । ବାଣ ଫୁଟାଇ ହାତୀ ଘଉଡ଼ାଉ ନାହାନ୍ତି । ଗାଁ ରାସ୍ତାରେ ହାତୀକୁ ଦେଖି ଗାଁ ଲୋକ ଭୟଭୀତ ହୋଇ ପଡୁଛନ୍ତି । ଅଧିକାଂଶ ଲୋକେ ହାତୀ ଭୟରେ ସନ୍ଧ୍ୟା ହେଲେ କବାଟ ଝରକା ବନ୍ଦ କରି ଘରେ ରହୁଛନ୍ତି। ରାତିରେ ସେମାନେ ଘରୁ ପଦାକୁ ବାହାରୁ ନାହାନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ସ୍ୱାୟତ୍ତ ଶାସନ ଦିବସ ସମାରୋହ

ନୟାଗଡ଼,୨୩।୮ (ଲୋକନାଥ ମିଶ୍ର)

ନୟାଗଡ଼ ମୁନିସିପାଲିଟି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ-୨୦୨୩ ଅବସରରେ ବୁଧବାର ଦେଶାତ୍ମବୋଧକ, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ସାଧାରଣ ଜ୍ଞାନ ପରି ଏକାଧିକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଏନଏସି ହାଇସ୍କୁଲରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ୧୦୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫ ଜଣ କୃତିତ୍ୱ ଅର୍ଜନ କରିଥିଲେ। ପୌରାଧ୍ୟକ୍ଷ ନିରୁପମା ଖଟେଇ, ନିର୍ବାହୀ ଅଧିକାରୀ ସାତୀ ମିଶ୍ର ଉପସ୍ଥିତ ରହି ପ୍ରତିଯୋଗୀତାର ତଦାରଖ କରିଥିଲେ। ଏମ୍ ଆଉରଙ୍ଗଜେବ, ନିର୍ମଳ ଚନ୍ଦ୍ର ଶୁରଦେଓ, ନବକିଶୋର ମିଶ୍ର, ସୌଦାମିନୀ ସ୍ୱାଇଁ, ପ୍ରଦୀପ୍ତ ରଥ, ପ୍ରଶାନ୍ତ ଦାଶ, ସରୋଜ ପଟ୍ଟନାୟକ, ଆଶୁତୋଷ ମିଶ୍ର, ଗୋଦାବରୀଶ ମିଶ୍ର, ରାମକୃଷ୍ଣ ରଥଙ୍କ ପରି ୧୨ ଜଣ ବିଚାରକ ପ୍ରତିଯୋଗୀତାର ମୂଲ୍ୟାୟନ କରିଥିଲେ। ନୟାଗଡ଼ ସହରରେ ଥିବା ୨୨ ଟି ବିଦ୍ୟାଳୟ ଏଥିରେ ଭାଗ ନେଇଥିଲେ। ଅଗଷ୍ଟ ୩୧ ଅନୁଷ୍ଠିତ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉନସିଲର ଲକ୍ଷ୍ମୀଧର ମହାପାତ୍ର, ଗଜେନ୍ଦ୍ର ମହାରଣାଙ୍କ ସମେତ ୫ ଜଣ କର୍ମଚାରୀ ଏହାକୁ ପରିଚାଳନା କରିଥିଲେ।

ତଥ୍ୟ ଦେଇ ନ ପାରି ହଟହଟା ହେଲେ ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ

ପଞ୍ଚମ ସାଧାରଣ ଅଧିବେଶନରେ ମଞ୍ଚାସୀନ ଅତିଥି ଓ ଜନପ୍ରତିନିଧି।

ନୂଆଗାଁ,୨୩।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନ ଆରମ୍ଭରେ ପୂର୍ବ ବୈଠକ ତଥା ୪ର୍ଥ ଅଧିବେଶନରେ ଆଲୋଚନା ହୋଇଥିବା ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ପ୍ରଥମେ ଆବାସ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କ ବାବଦରେ ସୋରଡା ସରପଞ୍ଚ ଫକୀର ମୋହନ ସାହୁ ପ୍ରଶ୍ନ କରିଥିଲେ। ଅଭିଯୋଗ ହୋଇଥିବା ହିତାଧିକାରୀଙ୍କ ନାମ ତାଲିକାରୁ ସମ୍ପୂର୍ଣ୍ଣ ବାଦ୍ ନ ଦେବା ପାଇଁ ପୂର୍ବ ବୈଠକରେ ଆଲୋଚନା ହୋଇଥିଲା। ହେଲେ ହିତାଧିକାରୀଙ୍କ ନାମକୁ ବାଦ୍ ଦିଆଯାଇଥିବାରୁ ସେ ବାବଦରେ ଆଉ ଆଲୋଚନା ନ କରିବା ପାଇଁ ସରପଞ୍ଚ ସାହୁ କହିଥିଲେ। ବୈଠକରେ ଆଲୋଚନା ହେଉଥିବା ବିଷୟଗୁଡିକର କାର୍ଯ୍ୟକାରୀ ହେଉ ନାହିଁ। କେବଳ ରିକ୍ୟୁଲେଶନ ହୋଇ ରହୁଛି ବୋଲି ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ ଅସନ୍ତୋଷ ବ୍ୟକ୍ତ କରିବା ସହ କୌଣସି ଅଧିକାରୀ ଉନ୍ନୟନ ମୂଳକ କର୍ଯ୍ୟ ପାଇଁ ସହଯୋଗ କରୁ ନାହାନ୍ତି ବୋଲି କହିଥିଲେ । ଚିଠି ପାଇବା ପରେ ମଧ୍ୟ ଅନେକ ବିଭାଗର ଅଧିକାରୀ ଆସୁ ନ ଥିବାରୁ ସଭାରେ ଅଶାନ୍ତି ସୃଷ୍ଟି ହୋଇଥିଲା। ମହିପୁର ପଞ୍ଚାୟତରେ ନଳକୂଅ ସମସ୍ୟା ବାବଦରେ ସରପଞ୍ଚ ତ୍ରିନାଥ ବେହେରା ପ୍ରସ୍ତାବ ଦେଇଥିଲେ। ଆଜି ପର୍ଯ୍ୟନ୍ତ ସମସ୍ୟା ଦୂର ହୋଇ ନ ଥିବା ସଭାର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତର ପାନୀୟ ଜଳ ସମସ୍ୟାକୁ ନେଇ ପ୍ରଶ୍ନ ଉଠିବାରେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତେବେ ଯନ୍ତ୍ରୀ ସମସ୍ୟା ବାବଦରେ ନ ବୁଝି କେବଳ ମନଗଢା କାହାଣୀ କହୁଛନ୍ତି ବୋଲି ମହିପୁର ସରପଞ୍ଚ ବେହେରା କହିଥିଲେ। ପାନୀୟ ଜଳର ବିଭିନ୍ନ ଉତ୍ସ ବାବଦରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରଶ୍ନ କରିଥିବା ବେଳେ ତାହାର ଉତ୍ତର ଦେଇ ନ ପାରି ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ହଟହଟା ହୋଇଥିଲେ । ତେବେ ବିନା ତଥ୍ୟରେ ବୈଠକକୁ ଆସନ୍ତୁ ନାହିଁ ବୋଲି ବିଧାୟକ ବେହେରା ପରାମର୍ଶ ଦେଇଥିଲେ। ବୈଠକ ମାଧ୍ୟମରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁ ନ ଥିବାରୁ ଏଥିରେ ଅସନ୍ତୋଷବ୍ୟକ୍ତ କରି ଢେଙ୍କେଣା ସରପଞ୍ଚ ସାହୁ ଓ ସୋରଡା ସରପଞ୍ଚ ସାହୁ ସଭାଗୃହ ତ୍ୟାଗ କରିଥିଲେ। ସିଙ୍ଗାରପଲି ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ର ଓ ହାଇସ୍କୁଲର ଅନେକ ସମସ୍ୟା ବାବଦରେ ସିଙ୍ଗାରପଲି ସମିତି ସଭ୍ୟ ସ୍ମିତାରାଣୀ ସେଠୀ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ମୋ ବିଲ୍ ନ କରିବା ଯାଏ ମୁଁ କୌଣସି କାର୍ଯ୍ୟ କରାଇ ଦେବିନି ବୋଲି ଜଣେ ଠିକାଦର ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟରେ ପଶି ଯନ୍ତ୍ରୀ ଲିପସା ମହାନ୍ତିଙ୍କୁ ଧମକ ଦେଇଥିବା କଥା ଯନ୍ତ୍ରୀ ସଭାରେ ଜଣାଇ ଥିଲେ । ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଶପଲ୍ଲା ବିଧାୟକ ବେହେରା, ଦୁଇ ଜିଲା ପରିଷଦ ସଭ୍ୟା, ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାସମଲ ଯୋଗ ଦେଇଥିବା ବେଳେ ଜିପିଓ ସାଧୁଚରଣ ସାହୁ ସଭା ପରିଚାଳନା କରିଥିଲେ ।

ନୂଆଗାଁ ବ୍ଲକ ପଞ୍ଚଘ ସାଧାରଣ ଅଧିବେଶନ

■ ଅସନ୍ତୋଷ ବ୍ୟକ୍ତ କରି ସଭାଗୃହ ଛାଡିଲେ ୨ ସରପଞ୍ଚ

■ ଆସୁ ନାହାନ୍ତି ବିଭାଗୀୟ ଅଧିକାରୀ

ଗାୟତ୍ରୀ ବିଦ୍ୟାମନ୍ଦିରରେ ବ୍ଲକ୍ ଶିକ୍ଷା ଅଧିକାରୀ

ଓଡ଼ଗାଁ,୨୩।୮
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ପଟ୍ଟିଖାରୀ ମଶାବରୀ ଗାୟତ୍ରୀ ବିଦ୍ୟା ମନ୍ଦିରକୁ ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ ପରିଦର୍ଶନରେ ଆସି ଶ୍ରେଣୀ କକ୍ଷ, ବାହ୍ୟ ଓ ପାରିପାର୍ଶ୍ୱିକ ଶିକ୍ଷା ଦାନ ବ୍ୟବସ୍ଥା ସହ ପାନୀୟ ଜଳ ଯୋଗାଣ, ଶୌଚାଳୟ ଓ ପରିଶ୍ରାଗାରର ସ୍ୱଚ୍ଛତା ବୁଲି ଦେଖିଥିଲେ। ଶ୍ରେଣୀ କକ୍ଷଗୁଡ଼ିକୁ ସାଜସଜ୍ଜା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ଅନୁରୋଧ କ୍ରମେ ଶିକ୍ଷା ଅଧିକାରୀ ସାହୁ କହିଲେ, ଶିକ୍ଷାଗତ ଯୋଗ୍ୟତା ବଡ଼ କଥା ନୁହେଁ, ସମର୍ପିତ ଭାବନା ନେଇ ପିଲାଙ୍କୁ ପାଠ ପଢ଼ାଇଲେ ଶିକ୍ଷକତା ସାର୍ଥକ ହୋଇଥାଏ। ଗୁଣାତ୍ମକ ଶିକ୍ଷା, ନବ ଭାବର ପ୍ରବର୍ତ୍ତନ ଦ୍ୱାରା ଶୈଖିକ ବାତାବରଣ ସମୃଦ୍ଧ ହେବା ସହିତ ମୂଲ୍ୟବୋଧ ଭିତ୍ତିକ ସୃଜନଶୀଳତା ସୃଷ୍ଟି କରିବାରେ ସହାୟକ ହୋଇଥାଏ । ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ ସ୍ୱପ୍ନ ଦେଖ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ନିରନ୍ତର ଚେଷ୍ଟା ଜାରି ରଖ । ଫଳରେ ଆଗାମୀ ଭବିଷ୍ୟତ ଏକ ସୁସ୍ଥ ସମାଜକୁ ଦେଖିପାରିବ। ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ବିରେନ୍ଦ୍ର ସାହୁ, ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ରଙ୍କ ସହିତ ଶିକ୍ଷକ ଭେଙ୍କଟ ସ୍ୱାମୀ ପାଣିଗ୍ରାହୀ, ଜିତେନ୍ଦ୍ର କୁମାର ଡାକୁଆ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

ସେଲ୍‌ଫି କର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ବିଭୁ

@ ମହେନ୍ଦ୍ର

@ ମାନସ

@ ମିଲନ

@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପ୍ରି କ୍ୱାର୍ଟରରେ ଗାୟତ୍ରୀ-ତ୍ରିସା।

ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି।

କୋପେନ୍‌ହାଗେନ୍, ୨୩।୮ (ପି.ଟି.)

କୋପେନହାଗେନରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ମହିଳା ଡବଲ୍ସର ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଯୋଡି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଭାରତୀୟ ଯୋଡି ବୁଧବାର ଚାଇନିଜ୍ ତାଇପେର ଚାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଚୁନ୍‌ଙ୍କୁ ୨୧-୧୮ ଓ ୨୧-୧୦ରେ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ଥିବା ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଓପନ ସେମିଫାଇନାଲିଷ୍ଟ ଭାରତୀୟ ଯୋଡି ବିଶ୍ୱ ମାନ୍ୟତାର ୩୭ ତମ ସ୍ଥାନରେ ଥିବା ଚାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଚୁନ୍‌ଙ୍କୁ ସିଧାସଳଖ ସେଟ୍‌ରେ ମାତ୍ର ୩୮ ମିନିଟ ସମୟ ନେଇ ପରାସ୍ତ କରିଥିଲେ। ରାଜ୍ୟ ଗୋଷ୍ଠୀ କ୍ରୀଡାର ବ୍ରୋଞ୍ଜ ପଦକ ବିଜୟିନୀ ଗାୟତ୍ରୀ-ତ୍ରିସା ଯୋଡି ଆରମ୍ଭରୁ ୨-୫ରେ ପଛୁଆ ରହିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ୮-୬ରେ ଆଗୁଆ ହୋଇଥିଲେ। ଚାଙ୍ଗ-ୟାଙ୍ଗ ଯୋଡି ମ୍ୟାଚକୁ ୮-୮କୁ ଆଣିବା ସହିତ ୧୧-୯ରେ ଆଗୁଆ ରହିଥିଲେ। ତେବେ ଗାୟତ୍ରୀଙ୍କ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଭାରତ ଲଗାତର ଦୁଇଟି ପଏଣ୍ଟ ଅର୍ଜନ କରି ୧୪-୧୧ରେ ଆଗୁଆ ରହିଥିଲା। ପ୍ରଥମ ସେଟ୍‌କୁ ୨୧-୧୮ରେ ଜିତିବା ପରେ ପ୍ରତିପକ୍ଷ ଯୋଡିକୁ ସୁଯୋଗ ଦେଇ ନ ଥିଲେ ଗାୟତ୍ରୀ-ତ୍ରିସା। ଦ୍ୱିତୀୟ ସେଟ୍‌କୁ ୨୧-୧୦ରେ ଏକ ପାଖିଆ ଭାବରେ ଜିତିବା ସହିତ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲେ।

ଦ୍ୱିତୀୟ ସେଟ୍‌ରେ ସାଇଡ୍ ପରବର୍ତ୍ତନ ହେବା ପରେ ଗାୟତ୍ରୀ-ତ୍ରିସା ଯୋଡି ଆରମ୍ଭରୁ ୮-୫ରେ ଆଗୁଆ ରହିଥିଲେ। ଉଭୟ ସମାନ ପ୍ରଦର୍ଶନ ବଜାୟ ରଖି ୧୪-୮ରେ ଆଗୁଆ ରହିବା ସହିତ ଚାଇନିଜ୍ ତାଇପେ ଖେଳାଳିଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ପରବର୍ତ୍ତୀ ରାଉଣ୍ଡରେ ଟୁର୍ନାମେଣ୍ଟର ଟପ୍ ସିଡେଡ୍ ଖେଳାଳି ଚାଇନାର ଚେନ୍ କ୍ୱିଙ୍ଗ ଚେନ୍ ଓ ଜିଆ ୟି ଫାନଙ୍କୁ ଭେଟିବେ ଗାୟତ୍ରୀ-ତ୍ରିସା।

ବିଶ୍ୱ ବ୍ୟାଡ୍‌ମିଣ୍ଟନ

ଫାଓ ଲିଗ୍ ସିଲଭର ଗ୍ରୁପ୍ ଫାଇନାଲ

ଇଣ୍ଡିପେଣ୍ଡେଣ୍ଟ କ୍ଲବ ଚାମ୍ପିୟନ

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଫାଓ ଲିଗ୍ ସିଲଭର ଗ୍ରୁପ୍‌ର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ୪-୦ ଗୋଲରେ ସନ୍‌ସାଇନ୍ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ପ୍ରକାଶ ନାଏକ ୫ ଓ ୩୦ ଏବଂ ଚନ୍ଦନ ନାୟକ ୬୪ ଓ ୭୪ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଚାମ୍ପିୟନ ହେବାଦ୍ୱାରା ଇଣ୍ଡିପେଣ୍ଡେଣ୍ଟ କ୍ଲବ ଫାଓ ସୁପର କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସୁପର କପ୍ ଗୁରୁବାର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହେବ। ଗୋଟିଏ ମ୍ୟାଚରେ ରାଧା ରମଣ କ୍ଲବ ଓ କିଶୋର କ୍ଲବ ଏବଂ ଅନ୍ୟଟିରେ ସ୍ପୋର୍ଟ୍ସ ଓଡ଼ିଶା ଓ ଜୟ ଦୁର୍ଗା କ୍ଲବ ପରସ୍ପରକୁ ଭେଟିବେ।

ଫାଓ ଲିଗ୍ ସିଲଭର ଗ୍ରୁପ୍ ଚାମ୍ପିୟନ ହୋଇଥିବା ଇଣ୍ଡିପେଣ୍ଡେଣ୍ଟ କ୍ଲବ ଦଳ।

ନ୍ୟୁଜିଲାଣ୍ଡ କୋଚିଂ ଷ୍ଟାଫ୍‌ରେ ଫ୍ଲେମିଂ, ବେଲ୍, ଫଷ୍ଟର

ଅକଲାଣ୍ଡ, ୨୩।୮ (ପି.ଟି.)

ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଷ୍ଟିଫେନ୍ ଫ୍ଲେମିଂ, ଇଆନ୍ ବେଲ୍ ଓ ଜେସ୍ପ ଫୋଷ୍ଟରଙ୍କୁ କୋଚିଂ ଷ୍ଟାଫ୍ ଭାବରେ ସାମିଲ କରିଛି ନ୍ୟୁଜିଲାଣ୍ଡ। ଉଭୟ ଫ୍ଲେମିଂ ଓ ଫଷ୍ଟର ଆଇପିଏଲରେ କୋଚ୍ ଦାୟିତ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ ଇଆନ୍ ବେଲ୍ ମଧ୍ୟ ଭାରତରେ ଖେଳିବାର ଅଭିଜ୍ଞତା ରଖନ୍ତି। ଏହା ନ୍ୟୁଜିଲାଣ୍ଡ ଦଳକୁ ସାହାଯ୍ୟ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ଗ୍ୟାରୀ ଷ୍ଟିଡ୍। ଫ୍ଲେମିଂ ଆଇପିଏଲ୍ ଆରମ୍ଭରୁ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ମୁଖ୍ୟ କୋଚ୍ ରହିଛନ୍ତି। ଚେନ୍ନାଇକୁ ୫ ଥର ଆଇପିଏଲ୍‌ରେ ଚାମ୍ପିୟନ କରିଥିବା ବେଳେ ତାଙ୍କ ଅନୁଭବ ନ୍ୟୁଜିଲାଣ୍ଡ ପାଇଁ ବେଶ୍ ସହାୟକ ରହିବ। ବର୍ତ୍ତମାନ ଦକ୍ଷିଣ୍ଡେଡରେ ସଦର୍ଣ୍ଡ ବ୍ରେଭ୍ ଦଳର ପ୍ରଶିକ୍ଷକ ରହିଥିବା ଫ୍ଲେମିଂ ଇଂଲଣ୍ଡ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ସହିତ ଯୋଗ ଦେବେ।

ଇଂଲଣ୍ଡର ପୂର୍ବତନ ଉଇକେଟ କିପର ଜେସ୍ପ ଫୋଷ୍ଟର ବର୍ତ୍ତମାନ କୋଲକାତା ନାଇଟ ରାଇଡର୍ସ ଦଳର ସହକାରୀ କୋଚ୍ ରହିଛନ୍ତି। ସେ ପ୍ରଥମେ ଇଂଲଣ୍ଡ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଦଳ ସହିତ ରହିବେ ଏବଂ ପରେ ବିଶ୍ୱକପ୍ ପୂର୍ବରୁ ଦଳ ସହିତ ଯୋଗ ଦେବେ। ଭାରତର ବିଭିନ୍ନ ଭେନ୍ୟୁରେ ଫୋଷ୍ଟରଙ୍କ ଅଭିଜ୍ଞତା ସହାୟକ ହେବ ବୋଲି ଷ୍ଟିଡ୍ କହିଛନ୍ତି। ବିଶ୍ୱକପ୍ ପୂର୍ବରୁ ବର୍ତ୍ତମାନର ମୁଖ୍ୟ କୋଚ୍ ଗ୍ୟାରି ଷ୍ଟିଡ୍ ବିରତି ନେଉଥିବା ବେଳେ ବ୍ୟାଟିଂ କୋଚ୍ ଲ୍ୟୁକ ରୋଞ୍ଚି ତାଙ୍କ ସ୍ଥାନରେ ଦାୟିତ୍ୱ ନେବେ। ସେହି ସମୟରେ ଇଆନ୍ ବେଲ୍ ବ୍ୟାଟିଂ କୋଚ୍‌ର ଦାୟିତ୍ୱ ଗ୍ରହଣ କରିବେ।

OFFICE OF THE SUPERINTENDING ENGINEER
MINOR IRRIGATION DIVISION, PADAMPUR
Phone No. (06683) 223418 (Off), e-mail: eemipad@yahoo.co.in
'e' Procurement Notice
Bid Reference No. SE-MID-PDP-02/2023-24
No. 1920 // MID // Date: 21.08.2023
No. A-468: The Bid Reference No. SE-MID-PDP-02/2023-24 is hereby CANCELLED due to unavoidable circumstances.
Sd./- S.K. Mohanty
Superintending Engineer
M.I. Division, Padampur
OIPR-32037/11/0002/2324

OFFICE OF THE SUPERINTENDING ENGINEER
RWS&S DIVISION, BHANJANAGAR - 761126
Phone No.: 06821-241026(O)/241079(R), Fax No.: 06821-241026/240056
No. O-724 email: eerwss_bnj@nic.in<eerwssbnj2009@gmail.com>
Govt. of Orissa "e" Procurement Notice
Bid Identification No. S.E._RWS&S_10/2023-24

1.	The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate tender in Single Cover System according to the norm of "e" Procurement System in online mode for different PWS Schemes in Ganjam District from the eligible contractors as per DTCN.		
2.	Nature of Work	:	Construction of 40KL capacity RCC ESR and Construction of RCC Collection well of different diameter for PWS to different Villages under RWS&S Division, Bhanjanagar in Ganjam District.
3.	No. of Tender	:	12 Nos.
4.	Tender Paper Cost	:	Rs.6000/-
5.	Tender Cost	:	16.46 lakhs to 31.88 lakhs
6.	Class of Contractor	:	D, C & B
7.	Date and time of availability of bid document in the portal	:	Dt.24.08.2023 at 11.00 A.M. to 04.09.2023 upto 5.00 P.M.
8.	Date of Opening of Bid	:	Dt.05.09.2023 at 11.00 A.M.
9.	Period of Completion	:	90 to 120 Days
10.	The bidders have to participate in online bidding only. Further details can be seen from the website **https://tendersorissa.gov.in**.		

Sd./- Additional Chief Engineer
RWS&S Division, Bhanjanagar
OIPR-25021/11/0001/2324

Ref. No: SO/I/2022-23/244/2094 Date: 22.08.2023
Startup Odisha — 2nd Floor, Tower-A, Odisha Startup Incubation Centre (O-Hub), Special Economic Zone Road, Infocity, Patia, Bhubaneswar-751024)
TENDER CALL NOTICE FOR PROVIDING DIFFERENT VEHICLES ON DAILY RENT BASIS
No.CAD-1794: Sealed quotations are invited from reputed travel Agencies/Tour Operators having valid GST registration number for providing vehicles of different categories on daily rent basis. The last date of submission of bids is 01.09.2023 by 11.30 A.M. The tender document with all details may be downloaded from www.startupodisha.gov.in and bidders are further advised to keep referring Startup Odisha website for any updates with reference to this advertisement.
Sd/-Chief Administrative Officer
OIPR-43007/11/0019/2324

OFFICE OF THE NOTIFIED AREA COUNCIL, G.UDAYAGIRI
No.1938 Date:21.08.2023
"e" Tender Notice
BID Identification No. GUDGR-NAC-06/2023-24
No.C-1158: Bid Documents consisting of work, Estimated Cost of Tender Paper, EMD, time of completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1.	Name of the works	:	As per DTCN
2.	No. of works	:	30 Nos.
3.	Estimated Cost	:	Rs.1.93 Lakh to 18.43 Lakhs
4.	Period of Completion	:	30 Days to 45 Days
5.	Date & time of availability of bid documents in the portal	:	Dt.22.08.2023 at 04.00 PM to Dt.01.09.2023 upto 5.00 PM
6.	Last date & time for submitting online Bid	:	Dt.01.09.2023 upto 5.00 PM
7.	Bids shall be opened on	:	Dt.02.09.2023 at 10.00 AM
8.	Name and address of the officer inviting Bid	:	Executive Officer, N.A.C., G.Udayagiri

Further details can be seen from the procurement portal i.e. www.tendersodisha.gov.in
Sd./- Executive Officer, N.A.C., G.Udayagiri
OIPR-13066/11/0010/2324

OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
eerwrairangpur@yahoo.com
CORRIGENDUM
Office Order No.3520, Date:16.08.2023
No.O-729: In continuation to e-procurement Notice No.3476, dt.11.08.2023 Bid Identification No.RWDRRP-03 of 2023-24 the estimated cost of Sl.No.1 for the work **Construction of 2 Nos. D type qtrs at Tiring Tahasil in the district of Mayurbhanj for the year 2023-24** is hereby modified to amounting Rs.73.65 lakhs instead of Rs.76.63 lakhs.
Superintending Engineer
OIPR-25107/11/0006/2324 Rural Works Division, Rairangpur

GOVERNMENT OF ODISHA No. O-723
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL
E-Mail: sencrwangul@yahoo.co.in, Ph.: 06764-236404
e-Procurement NOTICE for Road Works in Odisha
Bid Identification No. Road Online AGL - 17/2023-24
No. 2051 Dt.21.08.2023

1.	Name of the work	: Road Work
2.	Total No. of Work	: 25 Nos.
3.	Estimated Cost	: Rs.244.02 to Rs.1403.96 lakhs
4.	Class of Contractor	: 'B', 'A' & Special Class
5.	Period of Completion	: As per Annexure
6.	Other Details	:

Procurement Officer	Bid Identification No.	Availability of Tender Online for Bidding		Last date & Time of seeking tender clarification	Date & time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Angul	Road Online AGL-17/2023-24	02.09.2023 at 10.00 A.M.	16.09.2023 upto 5.00 P.M.	14.09.2023 upto 1.00 P.M.	18.09.2023 at 11.00 A.M.	Will be intimated Separately

(1) For detailed Notice inviting tenders, please visit to the website **www.tendersorissa.gov.in**.
OIPR-25180/11/0020/2324 Sd./- Chief Construction Engineer, Rural Works Circle, Angul

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-Mail: serwbpr2004@yahoo.com, Tel/Fax: 0680-2404287)
No. e-Tender//4012//RWC//BAM//Dated: 22.08.2023
1st Corrigendum to Bid Identification No. Online Tender/29-2023-24/BPR
No. O-725: The partial modification of Road works under Special Assistant to States Capital Investment (SACI) vide above identification has been made as follows:

1	Last date of availability of tender	:	05.09.2023 upto 3.00 P.M. instead of 28.08.2023 at 3.00 P.M.
2	Last date & time of seeking tender clarification	:	02.09.2023 at 2.00 P.M. instead of 25.08.2023 at 2.00 P.M.
3	Date of opening of Technical Bid	:	07.09.2023 at 11.00 A.M. instead of 29.08.2023 at 11.00 A.M.
4	Date of Opening of Financial Bid	:	Will be intimated later on

All other contents will remain unchanged.
OIPR-25071/11/0041/2324 Sd./- Chief Construction Engineer, R.W. Circle, Berhampur

CUTTACK MUNICIPAL CORPORATION, CUTTACK
QUOTATION CALL NOTICE
No. 8538 **Dt.22.08.2023**
No. C-1149: Quotations are invited from registered licenced, pharmaceutical & surgical firms/agencies for supplying medicines, surgical, equipment, vaccine and other related items for Animal Birth Control Programme of Cuttack Municipal Corporation, Cuttack for One year. Interested Firms/Agencies can download the details from official website of CMC **www.cmccuttack.gov.in**. Last date of receipt of quotation is 11.09.2023.
OIPR-13031/11/0051/2324 Sd./- Commissioner

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada
No. O-717
"e" Procurement Notice for Road Work
Identification No. - Online Tender - Road N.C.B. No. 303 for 2023-24
Letter No. 3989 Date: 21.08.2023

1.	Name of the Work	:	Periodical Maintenance Work for Financial Year 2023-24 (Road Work)
2.	Total No. of Work	:	02 Nos. (Two)
3.	Estimated Cost	:	Rs.178.53 lakhs to Rs.304.59 lakhs (Approximately)
4.	Eligible Class of Contractor	:	As per annexure
5.	Period of Completion	:	As per annexure
6.	Other details	:	

Procurement Officer	Bid Identification No.	Availability of tender Online for Bidding		Last date & time of seeking tender clarification	Date & time of Opening of Tender in O/o. C.C.E.R.W. Circle, Baripada	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Baripada	Road Online N.C.B. No. 303	Dt.25.08.2023 at 11.00 A.M.	Dt.08.09.2023 upto 5.00 P.M.	Dt.07.09.2023 upto 5.00 P.M.	Dt.11.09.2023 at 11.00 A.M.	Will be intimated later

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0029/2324 Sd./- Chief Construction Engineer, R.W. Circle, Baripada

ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା
OFFICE OF THE NOTIFIED AREA COUNCIL, KUCHINDA
Email:kuchinda_nac@yahoo.com,Website:www.nackuchinda.in
E-Procurement Notice
No.886/NAC, Date:21.08.2023
Bid Identification No.KCDA/NAC-4/2023-24
No.C-1140: Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app.**

1.	Name of the Work	:	Construction of Pavered Roads works as mentioned in DTCN
2.	No. of Works	:	37 Nos.
3.	Estimated Cost	:	As per Work List
4.	Period of Completion	:	As per DTCN
5.	Date and Time of Bidding	:	10.00 AM of 22.08.2023 to 5.30 PM of 25.08.2023.
6.	Last date and time for receipt	:	01.09.2023 upto 5.30 PM
7.	Bids received online shall be opened on	:	02.09.2023 from 10.00 AM onwards
8.	Name and address of the Officer inviting Bid	:	Executive Officer, Notified Area Council Kuchinda

Further details can be seen from the e-Procurement portal i.e. **https://tendersodisha.gov.in./nicgep/app.**
OIPR-13121/11/0004/2324

GOVERNMENT OF ODISHA
OFFICE OF THE PANCHAYAT SAMITI BHOGRAI
Email-ori-bhograi@nic.in
NOTICE INVITING TENDERS FOR THE WORK
NATIONAL COMPETITIVE BIDDING THROUGH
e-Tendering Identification No- 02/Bhograi/2023-24
No.i-328: The **OFFICE OF THE PANCHAYAT SAMITI, Bhograi, Odisha** on behalf of Governor of Odisha invites **percentage Rate Bids** through e-Tendering in conformity with the terms and conditions of the Detailed Tender Call Notice (DTCN) in Single Bid system from Class of Contractors as mentioned In Col.6 of table registered with the State Governments and contractors of equivalent Grade/Class registered with Central Government/MES/Rallways for execution of Civil Works requirements given in the DTCN on percentage Rate Bids to be eventually drawn up in the standard **P1 Contract Form**. The bid should be submitted on-line in the website **www.tendersodisha.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

Sl. No.	Name of the Work	Estimated Civil Cost (in Rs.)	Cost of Tender Paper (in Rs.)	EMD (in Rs.)	Class of Contractor	Time of Completion	Grant
1	2	3	4	5	6	7	8
	Renovation of Class rooms (4nos), Science lab (3nos), Library and Construction of Toilet of RIHS College, Bhograi in Balasore District	36,74,000/-	6,000/-	36,740/-	B & C	90 days	CM-Special Assistance

2. Mode of Submission of tender: Tender should be submitted online in www.tendersodisha.gov.in.
3. The bidders desirous to participate in bidding must possess compatible Digital Signature Certificate of Class-II or Class-III and should follow the changes / modifications / addendum to DTCN if any.
4. a) The bidder should be made payment through online receipt towards Tender Paper Cost. No offline receipt of Tender Paper Cost will be allowed in e-Tendering portal of Government of Odisha.
b) The bidder should be made payment through online receipt towards EMD. No offline receipt of EMD will be allowed in e-Tendering portal of Government of Odisha.
c) The scanned copy of Bid Security Declaration, Registration certificate, GST, PAN, EPF or undertaking for EPF & affidavit including all required papers uploaded through website should be produced in original to the BLOCK DEVELOPMENT OFFICER, BHOGRAI BLOCK for verification within six days of opening of Bid, otherwise the tender will be rejected.
5. **Critical Dates:-**

Sl. No.	Description		Critical Dates
(i)	Period of availability of tenders online	:	From 10.00 Hrs. of 24.08.2023 to 17.00 Hrs. of 07.09.2023
(ii)	Last date & time of seeking clarification	:	UPTO 17.00 Hrs. of 04.09.2023
(iii)	Last date & time of bidding on-line	:	UPTO 17.00 Hrs. of 07.09.2023
(iv)	Data & time of opening of Bid	:	11.00 AM of 08.09.2023

6. The bid for the work shall remain open for acceptance for a period of 30(Thirty) days from the date of opening of bids. If any Bidder / Tenderer withdraws his bid/ tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersodisha.gov.in.**
8. Subsequent corrigendum if required shall be appeared in the website.
9. Authority reserves the right to reject any or all the tenders without assigning any reason thereof.
OIPR-19140/11/0006/2324 **Sd./- Block Development Officer, Bhograi**

GOVERNMENT OF ODISHA No. B-737
"e" PROCUREMENT NOTICE
Bid Identification No. E.E. GTN (R&B) - 14/2023-24
E-mail address: eeghatagaon2015@gmail.com
Letter No. 5406 Dt.17.08.2023

1.	The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Double Cover/ Single Cover** System in Online mode from the eligible contractor for composite Building Works as mentioned below.		
2.	Nature of the Work	:	Building Works (Composite)
3.	Numbers of Work	:	02 (Two) Nos.
4.	Estimated Cost	:	Rs.83.40 & 20.85 Lakhs (Approx.)
5.	Period of Completion	:	04 (Four) - 02 (Two) Calendar Months
6.	Date & Time of availability of bid document in the portal	:	From 11.30 A.M. of Dt.24.08.2023 to 05.00 P.M. of Dt.07.09.2023
7.	Last Date/time for receipt of bids in the portal	:	05.00 P.M. of Dt.07.09.2023
8.	Date of Opening of Bid	:	11.00 A.M. of Dt.08.09.2023
9.	Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the same website only.		

Sd./- Executive Engineer
OIPR-34140/11/0009/2324 Ghatagaon (R&B) Division

DISTRICT PROJECT OFFICE
SAMAGRA SHIKSHA, MALKANGIRI
Letter No.3326/23
ADVERTISEMENT
Date:21.08.23
No.n-167: Applications are invited from the eligible candidates for filling up the following different posts of KGBVs and Residential Schools of Malkangiri District. The engagement is purely on contractual and temporary in nature and is renewable after 11 months subject to satisfactory performance. The selection will be made as per following criteria.
Post to be filled up

KGBV

Sl. No.	Name of the Post	No.of vacant post to be filled up	Gender/Age (in years on the date of advt.)	Qualification	Monthly Remuneration (Consolidated)
1	Warden	01	**Female** (30-50 yrs.)	BA/BSC with B.Ed. Preference shall be given to widow/destitute or divorcee. She should have at least 2 years of experience in a academic institution. (only female candidate)	Rs.21 175/- (including EPF share of Employee & Employer)
2	Accountant	01	**Female** (18-35 yrs.)	B.Com with DCA	Rs.13750/- (including EPF share of Employee & Employer)
3	Part Time Teacher (English)	02	**Female** (18-35 yrs.)	BA + B.Ed, and in case of non availability of trained Arts Graduates, untrained Arts Graduates having English as (Hons.) will be preferred. In case of non- availability of candidates, candidates secured highest mark in English as subject will be considered	Rs.7500/- (including EPF share of Employee & Employer)
4	Part Time Teacher (Math/ Science)	02	**Female** (18-35 yrs.)	BSc + B.Ed, and in.case of non availability of trained Science Graduates, untrained Science Graduates will be considered	Rs.7500/- (including EPF share of Employee & Employer)
5	Part Time Teacher (Sanskrit)	02	**Female** (18-35 yrs.)	BA with Sanskrit or Sahitya Acharya	Rs.7500/- (including EPF share of Employee & Employer)

RESIDENTIAL SCHOOL

1	Part Time Teacher (Sanskrit)	01	**Male/Female** (18-35 yrs.)	BA with Sanskrit or Sahitya Acharya	Rs.6000/- for trained and Rs.5000/- for Untrained (including EPF share)
2	Part Time Teacher (Math/ Science)	01	**Male/Female** (18-35 yrs.)	BSc + BEd and in case of non-availability of trained Science Graduates, untrained Science Graduates will be considered	Rs.6000/- for trained and Rs.5000/- for Untrained (including EPF share)
3	Peon-cum-Attendant	01	**Male/Female** (18-35 yrs.)	HSC Pass- Preferably Local Candidate	Rs.6000/- (including EPF share)
4	Asst.Cook	2	**Male/Female** (18-35 yrs.)	Local Candidate having cooking experience in any institution	Rs.5400/-(including EPF share)

NB:- The application form along with all required documents and testimonial should be submitted to the Office of the District Project Coordinator, SS, Malkangiri by **07.09.2023 up to 5.00 PM through registered post / courier.** The application form can be downloaded from www.malkangiri.nic.in.The application received after due date shall not be entertained. On the Top of the Envelop, the applied post must be mentioned **(Application for the post of .....of KGBV/Residential School).** One candidate can apply for the post of KGBV and Residential School separately in two envelope.
By the Order of Collector-cum-Chairman
OIPR-27058/11/0001/2324 Sd./- District Project Coordinator, Samagra Shiksha, Malkangiri

୫୨୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟ ଲକ୍ଷ୍ୟ

ଓଡ଼ିଶାରୁ ୪୪.୨୮ ଲକ୍ଷ ମେଟ୍ରିକ ଟନ୍

ନୂଆଦିଲ୍ଲୀ,୨୩।୮

ଚଳିତ ଆର୍ଥିକ ବର୍ଷର ଖରିଫ ବିପଣନ ଋତୁ (କେଏମ୍ଏସ୍) ମଧ୍ୟରେ ଆବଶ୍ୟକ ପରିମାଣର ଚାଉଳ କ୍ରୟ ସହ ଅନ୍ୟାନ୍ୟ ଦିଗ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ସଚିବଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼,ଗୁଜରାଟ,ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ରାଜସ୍ଥାନ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ମୁଖ୍ୟ ସଚିବ, ଖାଦ୍ୟ ସଚିବ ଏବଂ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗତ କିଛି ବର୍ଷ ହେବ ଆକଳନଠାରୁ କମ୍ ଚାଉଳ କ୍ରୟ ଏବଂ ଦରବୃଦ୍ଧି ଉଭୟ ଖାଉଟି ଏବଂ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପାଇଁ ଚିନ୍ତାର କାରଣ ପାଲିଟିଛି। ସେହିଭଳି ଆଗାମୀ କେଏମଏସ୍‌ରେ ଖରିଫ ଫସଲର କ୍ରୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର କେଏମ୍ଏସ୍ ମଧ୍ୟରେ ମୋଟ ୫୨୧.୨୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟର ଲକ୍ଷ୍ୟ ରଖାଯାଇଛି। ଗତ ଆର୍ଥିକ ବର୍ଷର ଅନୁମାନ ପ୍ରାୟ ୫୧୮ ଲକ୍ଷ ମେଟ୍ରିକ ଟନ୍ ଥିଲାବେଳେ ଗତ ଖରିଫ୍ ବିପଣନ ଋତୁରେ ମୋଟ ୪୯୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟ କରାଯାଇଥିଲା। ଚଳିତ ଖରିଫ ବିପଣନ ଋତୁରେ ଚାଉଳର ଆନୁମାନିକ କ୍ରୟ ମଧ୍ୟ ବିଭିନ୍ନ ରାଜ୍ୟ ଅନୁଯାୟୀ ସ୍ଥିର କରାଯାଇଛି। ଏ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ସୂଚୀ ଅନୁଯାୟୀ ପଞ୍ଜାବ-୧୨୨ଏଲ୍ଏମ୍‌ଟି, ଛତିଶଗଡ଼ ୬୧ଏଲ୍ଏମ୍‌ଟି, ତେଲଙ୍ଗାନା ୫୦ଏଲ୍ଏମ୍‌ଟି, ଓଡ଼ିଶା ୪୪.୨୮ଏଲ୍ଏମ୍‌ଟି, ଉତ୍ତର ପ୍ରଦେଶ ୪୪ ଏଲ୍ଏମ୍‌ଟି, ହରିୟାଣା ୪୦ ଏଲ୍ଏମ୍‌ଟି, ମଧ୍ୟପ୍ରଦେଶ ୩୪ ଏଲ୍ଏମ୍‌ଟି, ବିହାର ୩୦ ଏଲ୍ଏମ୍‌ଟି, ଆନ୍ଧ୍ର ପ୍ରଦେଶ ୨୫ ଏଲ୍ଏମ୍‌ଟି, ପଶ୍ଚିମବଙ୍ଗ ୨୪ ଏଲ୍ଏମ୍‌ଟି, ଓ ତାମିଲନାଡୁ ୧୫ ଏଲ୍ଏମ୍‌ଟିରେ କ୍ରୟ ପରିମାଣ ରହିଛି। ସେହିପରି ଚଳିତ ଖରିଫ୍ ବିପଣନ ଋତୁରେ ୩୩.୦୯ ଲକ୍ଷ ମେଟ୍ରିକ୍ ଟନ୍ ଶ୍ରୀଅନ୍ନ-ବାଜରା (ଶ୍ରୀ ଅନ୍ନ)ର କ୍ରୟ ଅନୁମାନ କରାଯାଇଥିଲାବେଳେ ଗତ ଖରିଫ ବିପଣନ ଋତୁ (ଖରିଫ୍ ଓ ରବି)ରେ ମୋଟ ୭.୩୭ ଲକ୍ଷ ମେଟ୍ରିକ୍ ଟନର ବାସ୍ତବିକ କ୍ରୟ କରାଯାଇଛି। ଚଳିତ ଖରିଫ ବିପଣନ ଋତୁରୁ ଆରମ୍ଭ କରି ଆଗାମୀ ୩ବର୍ଷ ପର୍ଯ୍ୟନ୍ତ ରାଗିର ସର୍ବନିମ୍ନ ସମର୍ଥନ ମୂଲ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଉକ୍ତ ବୈଠକରେ ଏଫ୍‌ସିଆଇର ଅଧ୍ୟକ୍ଷଙ୍କ ସମେତ ପ୍ରବନ୍ଧ ନିର୍ଦ୍ଦେଶକ, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ, ଭାରତୀୟ ଜଳବାୟୁ ବିଜ୍ଞାନ ବିଭାଗ ଏବଂ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୩।୮

କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୧୩ (୨୧୩.୨୭) ପଏଣ୍ଟ ବଢ଼ି ୬୫,୪୩୩ (୬୫,୪୩୩.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୮(୪୭.୫୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୪୪(୧୯,୪୪୪.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା କ୍ରମାଗତ ଭାବେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି।

'ଗୁଣବତ୍ତା ସୁଧାର' ପାଇଁ ଏମ୍‌ସିଏଲ୍‌କୁ ପ୍ରଥମ ପୁରସ୍କାର

ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ପୁରସ୍କାର ଗ୍ରହଣ କରୁଛନ୍ତି।

ତାଳଚେର,୨୩।୮ (ମନୋଜ ନନ୍ଦ)

ଗ୍ରୀନଟେକ ଫାଉଣ୍ଡେଶନ ପକ୍ଷରୁ 'ଗୁଣବତ୍ତା ସୁଧାର' ନିମନ୍ତେ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ରବିକେଶ କୁମାର ରାଜୁ ଯୋଗଦେଇ ଏମ୍‌ସିଏଲ୍ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। କୋଇଲା ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଥିବାରୁ ଟିମ୍ ଏମ୍‌ସିଏଲ୍‌କୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ଅଭିନନ୍ଦନ ଜଣାଇଛନ୍ତି। ଗ୍ରାହକଙ୍କ ସନ୍ତୁଷ୍ଟି ନିମନ୍ତେ ସର୍ବୋଚ୍ଚ ଗୁଣର ମାନ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିବା ଉଚିତ ବୋଲି ଏମ୍‌ସିଏଲ୍ ଅଧ୍ୟକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କମ୍ପାନୀ ୨୦୨୨-୨୩ ମସିହାରେ ଗୁଣବତ୍ତା ଆଶ୍ୱାସନା ପାଇଁ କୋଇଲା ମନ୍ତ୍ରୀ ପୁରସ୍କାର ପାଇଥିଲା।

ଗୋଷ୍ଠୀ କଲ୍ୟାଣକୁ ଅଗ୍ରାଧିକାର

ଭୁବନେଶ୍ୱର,୨୩।୮

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ସହଯୋଗୀ ସଂସ୍ଥା ବେଦାନ୍ତ ଆଇରନ ଓର୍ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓଡ଼ିଶାରେ କରାଯାଉଛି। ଏପରିକି କମ୍ପାନୀର ଓଡ଼ିଶା ବ୍ୟବସାୟ ଏକ ଦାୟିତ୍ୱପୂର୍ଣ୍ଣ ସାର୍ବଜନୀନ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଫଳରେ କମ୍ପାନୀ ରାଜ୍ୟର ଶିଳ୍ପ ପ୍ରଗତି ଉପରେ ଧ୍ୟାନ ଦେଇଥାଏ। କମ୍ପାନୀର ଉତ୍ସର୍ଗ କେବଳ ବ୍ୟବସାୟିକ ଉଦ୍ଦେଶ୍ୟ ନୁହେଁ। ଏହା ଶ୍ରମିକମାନଙ୍କ କଲ୍ୟାଣ,ସ୍ଥାନୀୟ ସାମାଜିକ-ଅର୍ଥନୈତିକ ଦୃଶ୍ୟପଟର ଅଗ୍ରଗତି ଏବଂ ନିଜର କାର୍ଯ୍ୟକଳାପ ଦ୍ୱାରା ସ୍ଥାନୀୟ ଗୋଷ୍ଠୀଙ୍କର ଉନ୍ନତିକୁ ଆପଣେଇ ନେଇଛି। କମ୍ପାନୀର ବିସ୍ତୃତ ସିଏସ୍ଆର୍ କାର୍ଯ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବେଦାନ୍ତର ଆଇରନ ଓର୍ ଓଡ଼ିଶା ବ୍ୟବସାୟ ଅନେକ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ବହୁ ଗ୍ରାମବାସୀଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାକୁ ସକ୍ଷମ ହୋଇଛି। ଏ ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି, ଆମେ ସ୍ୱଚ୍ଛ ବ୍ୟବସାୟିକ ଔପଚାରିକତା ଏବଂ ପ୍ରକ୍ରିୟା ଅନୁସରଣ କରିଥାଉ। ଆମର କାର୍ଯ୍ୟ ଏବଂ ବ୍ୟବସାୟ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହି ସେମାନଙ୍କୁ ବ୍ୟବସାୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ପରୋକ୍ଷ ରାଜସ୍ୱ ଉପଲବ୍ଧି ଲାଗି ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ନିଶ୍ଚିତ କରିଥାଉ। ଉଭୟ ଖଣିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି କ୍ଷେତ୍ରରେ ୯୦% ରୁ ଅଧିକ ସ୍ଥାନୀୟ ତଥା ଓଡ଼ିଶାର କର୍ମଚାରୀଙ୍କୁ ସୁଯୋଗ ପ୍ରଦାନ କରାଯାଇଛି। ସେହିଭଳି ସ୍ଥାନୀୟ ନିୟମାବଳୀକୁ କଡ଼ାକଡ଼ି ପାଳନ କରି କମ୍ପାନୀ କାର୍ଯ୍ୟଧାରା ଜାରି ରଖିଛି।

ଟିବିଡବ୍ଲ୍ୟୁଇଏସ୍‌କୁ ପ୍ଲେଟ୍ ଯୋଗାଇବ ଜେଏସ୍ଏଲ୍

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ଗୁଣାତ୍ମକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍‌ର ଚାହିଦା ଉଭୟ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ବଜାରରେ ରହିଛି। ଏପରିକି ଅଗ୍ରଣୀ ବଏଲର ଉତ୍ପାଦକ ଥର୍ମାକ୍ସ ବାବ୍‌କକ ଆଣ୍ଡ ୱିଲକକ୍ସ ଏନର୍ଜି ସଲ୍ୟୁସନ୍ (ଟିବିଡବ୍ଲ୍ୟୁଇଏସ୍) ଲିମିଟେଡ୍‌କୁ ଜେଏସ୍ଏଲ୍ ଆବଶ୍ୟକ ପରିମାଣର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍ ଯୋଗାଇବ ବୋଲି ଉଭୟ କମ୍ପାନୀ ମଧ୍ୟରେ ଚୁକ୍ତି ହୋଇଛି। ବିଶେଷକରି ଜେଏସ୍ଏଲ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ଲେଟ୍‌ଗୁଡିକ ୟୁରୋପର ଏକ ପ୍ରତିଷ୍ଠିତ ପ୍ରକଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା। ଏପରିକି ଥର୍ମାକ୍ସ ଲିମିଟେଡ୍‌ର ସମ୍ପୂର୍ଣ୍ଣ ମାଲିକାନା ଥିବା ଟିବିଡବ୍ଲ୍ୟୁଇଏସ୍ ଜିନ୍ଦଲ ଷ୍ଟେନ୍‌ଲେସ୍ ପାଇଁ ଦେଇଥିବା ପ୍ରଶଂସାପତ୍ର ଅନୁଯାୟୀ ୟୁରୋପର ଏକ ପ୍ରତିଷ୍ଠିତ ପ୍ରକଳ୍ପ ପାଇଁ ଉକ୍ତ ପ୍ଲେଟ୍‌ଗୁଡିକ ବ୍ୟବହାର କରାଯାଇଥିଲା। ଏ ସମ୍ପର୍କରେ ଟିବିଡବ୍ଲ୍ୟୁଇଏସ୍‌ର ହେଡ୍ ପ୍ରୋକ୍ୟୁରିମେଣ୍ଟ ଏସ୍.କେ.ରାଇଚୁର କହିଛନ୍ତି, ଆମଦାନୀ ବିକଳ୍ପ ଭାବେ କାର୍ଯ୍ୟ କରିଥିବା ତଥା ଶ୍ରେଷ୍ଠ ଶ୍ରେଣୀର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍ ଯୋଗାଇ ଦେଇଥିବାରୁ ଆମେ ଜିନ୍ଦଲ ଷ୍ଟେନ୍‌ଲେସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛୁ। ସେହିଭଳି ହିସାରର ବରିଷ୍ଠ ଉପସଭାପତି ତଥା ୟୁନିଟ୍ ହେଡ୍ ବିଜୟ କୁମାର ବିନ୍ଦଲିଶ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍ ବିଶ୍ୱରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ସେମାନଙ୍କର ଷ୍ଟେନ୍‌ଲେସ୍ ଷ୍ଟିଲ୍ ସମାଧାନର କ୍ଷମତା ପାଇଁ ଗର୍ବିତ ଥିଲାବେଳେ କମ୍ପାନୀ ଭାରତରେ ଘରୋଇ ଷ୍ଟେନ୍‌ଲେସ ଷ୍ଟିଲ୍‌ର ବ୍ୟବହାର ବୃଦ୍ଧି କରିବା ସହିତ ଆମଦାନୀକୁ କମ୍ କରିବା ପାଇଁ ଏକ ଦୂରଦୃଷ୍ଟି ସହିତ ପ୍ରତିଷ୍ଠିତ ହୋଇଥିଲା। ଏପରିକି ବିଗତ ୫ଦଶନ୍ଧି ମଧ୍ୟରେ ୧୦୦% ଆମଦାନୀ ନିର୍ଭରଶୀଳତା ଥିବା ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଦେଖିଛୁ।

ମିଶୋର ମିଶନ ୧୦୦ ମିଲିୟନ

ଭୁବନେଶ୍ୱର,୨୩।୮

ଦେଶର ପ୍ରମୁଖ ଇ- କର୍ମସ କମ୍ପାନୀ ମିଶୋ ବର୍ତ୍ତମାନ ଏକ ନୂଆ ମିଶନ ସମ୍ପର୍କରେ ଘୋଷଣା କରିଛି। ୨୦୨୭ ମସିହା ବେଳକୁ ମିଶୋର ମିଶନ ୧୦୦ ମିଲିୟନ ଗ୍ରାହକଙ୍କ ନିକଟତର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଇଣ୍ଟରନେଟ୍ ମାର୍କେଟ (ବାଣିଜ୍ୟ)କୁ ନିଶ୍ଚିତ କରିବାର ମିଶନକୁ ମିଶୋ ଆଗକୁ ବଢ଼ାଇଛି। କମ୍ପାନୀ (ମିଶୋ) ୨୦୨୭ ସୁଦ୍ଧା ୧୦ ନିୟୁତ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଏକ ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ବିଷୟରେ ମଧ୍ୟ ଘୋଷଣା କରିଛି। ସେହିଭଳି ମିଶୋ ବର୍ତ୍ତମାନର ବିକ୍ରେତା ବେସ୍‌ରେ ୧.୩ ନିୟୁତର ଗ୍ରାହକଙ୍କ ସହ ଏକ ବୃହତ୍ ବିସ୍ତାର ଆଡ଼କୁ ପ୍ରୟାସ କରୁଛି। ଏ ସମ୍ପର୍କରେ ମିଶୋର ସିଇଓ ତଥା ପ୍ରତିଷ୍ଠାତା ବିଦିତ୍ ଆତ୍ରେ କହିଛନ୍ତି, ୨୦୨୭ ସୁଦ୍ଧା କମ୍ପାନୀ ୧୦ ନିୟୁତ ବିକ୍ରେତାଙ୍କ ଉପରେ ନଜର ରଖିଛି। ବୈଷୟିକ ପ୍ରଗତି, ନବସୃଜନ ଏବଂ ଅନ୍ତର୍ଭୁକ୍ତୀକରଣ ପାଇଁ ଏକ ଅଦମ୍ୟ ଉତ୍ସର୍ଗ ଦ୍ୱାରା ପରିଚାଳିତ। ଆମେ ଅଫ୍‌ଲାଇନ ବିକ୍ରେତାମାନଙ୍କ ପାଇଁ ଆୟର ରାସ୍ତା ଖୋଲିବାକୁ ପ୍ରସ୍ତୁତ ଅଛୁ। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଏହି ମହତ୍ତ୍ୱପୂର୍ଣ୍ଣ ଘୋଷଣା କରାଯାଇଥିଲା, ଯେଉଁଠାରେ ମିଶୋ ଭଳି ଓଏନ୍‌ଡିସି ଏବଂ ସିଏଆଇଟି ପରି ବିଭିନ୍ନ ଶିଳ୍ପ ହିତାଧିକାରୀଙ୍କ ସହ ମିଶି ମୋଷ୍ଟ ଇନୋଭେଟିଭ୍ ବିକ୍ରେତା,ମୋଷ୍ଟ ଟ୍ରଷ୍ଟେଡ ବିକ୍ରେତା ପରି ୮ଟି ବିଭିନ୍ନ ବର୍ଗରେ ଏମ୍ଏସ୍ଏମ୍‌ଇ ବିକ୍ରେତାଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଫୁରସତ୍

ଚର୍ମରେ ପରିବେଶ ଦେଖେ

ନୂଆଦିଲ୍ଲୀ

ଆମେ ବିଭିନ୍ନ ପ୍ରକାରର ମାଛ ବିଷୟରେ ଜାଣିଛେ। ସମସ୍ତ ମାଛର ଆଖି ଥାଏ। ହେଲେ ଏପରି ଏକ ମାଛ ଅଛି, ଯିଏ ଆଖିରେ ନ ଦେଖି ତା' ଚର୍ମ ସାହାଯ୍ୟରେ ଦେଖିଥାଏ। ସେ ଲଢ଼େଇ ନ କରି ଶିକାରକୁ ହରାଇ ଦିଏ। ହଗ୍‌ଫିଶ୍ ସାଧାରଣତଃ ସେମାନଙ୍କ ଛଦ୍ମରୂପ ଦକ୍ଷତାକୁ ସମର୍ଥନ କରିବାକୁ ରଙ୍ଗ ପରିବର୍ତ୍ତନ କରିବା କ୍ଷମତାକୁ ବ୍ୟବହାର କରିଥାଏ। ସେମାନଙ୍କର ଥିବା ହାଲୁକା, ସମ୍ବେଦନଶୀଳ ଚର୍ମ ତାଙ୍କୁ ଦେଖିବାରେ ସାହାଯ୍ୟ କରେ। ତେବେ ଅନୁସନ୍ଧାନରୁ ଜଣାପଡିଛି, ହଗ୍‌ଫିଶ୍ କେବଳ ତା' ଚର୍ମକୁ ପରିବେଶ ଦେଖିବାକୁ ବ୍ୟବହାର କରୁନାହିଁ। ଉତ୍ତର କାରୋଲିନା ୱିଲମିଂଟନ୍ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ଲୋରିଆନ ସ୍କୱିକେର୍ଟ କହିଛନ୍ତି, ସେମାନେ ନିଜକୁ ଦେଖିବାକୁ ଏହାକୁ ବ୍ୟବହାର କରିପାରନ୍ତି। ହଗ୍‌ଫିଶ୍‌ର ଆଚରଣକୁ ଅନୁଧ୍ୟାନ କରିବାକୁ ସେମାନେ ତା' ଚର୍ମର ନମୁନା ନେଇ ପରୀକ୍ଷଣ କରିଥିଲେ। ସେଥିରେ ଏକ ଅପ-କ୍ଲୋଜ୍ ଲୁକ୍‌ରେ ବହୁତ କ୍ରୋମାଟୋଫୋର ନାମକ କୋଷ ଦେଖାଗଲା, ଯେଉଁଥିରେ ରଙ୍ଗର ଗ୍ରାନ୍ୟୁଲ ରହିଥାଏ। ଏହା କିରଣର ସଂସ୍ପର୍ଶରେ ଆସିଲେ ନିଜ ରଙ୍ଗ ମଧ୍ୟ ପରିବର୍ତ୍ତନ କରିଥାଏ। ଏହାଛଡ଼ା କେହି ଏହାର ପାଖକୁ ଆସିଲେ, ସେ ତୁରନ୍ତ ନିଜ ରଙ୍ଗ ବଦଳାଇଥାଏ। ପୂର୍ବ ଅନୁସନ୍ଧାନରୁ ଜଣାପଡିଛି, ହଗ୍‌ଫିଶ୍‌ର ଚର୍ମରେ ଅପସିନ ନାମକ ଏକ ହାଲୁକା, ସମ୍ବେଦନଶୀଳ ପ୍ରୋଟିନ ଥାଏ, ଯାହା ସେମାନଙ୍କ ଆଖିରେ ମିଳୁଥିବା ଅପ୍‌ସିନଠାରୁ ଭିନ୍ନ। ଏହା ଦୁନିଆର ଏକମାତ୍ର ଜୀବ, ଯାହାର ମୁଣ୍ଡ ଅଛି। ହେଲେ ମୁଣ୍ଡରେ ହାଡ଼ ନାହିଁ। ପାଖାପାଖି ୩୦୦ ମିଲିୟନ୍ ବର୍ଷ ପୂର୍ବରୁ ଏହି ମାଛର ଅସ୍ତିତ୍ୱ ରହିଛି। ଆକ୍ରମଣ ସମୟରେ ସେ ଅନ୍ୟ ଜୀବଙ୍କ ଉପରକୁ କିଛି ଖରାପ ପଦାର୍ଥ ଛାଡ଼ିଥାଏ।

୧୯ ବର୍ଷ ପରେ ଅକ୍ଷୟଙ୍କ ସହ ରବିନା

ମୁମ୍ବାଇ

୯୦ ଦଶକରେ ବଲିଉଡ୍‌ରେ ବେଶ୍ ଚର୍ଚ୍ଚିତ ଯୋଡି ଥିଲେ ରବିନା ଟଣ୍ଡନ୍ ଏବଂ ଅକ୍ଷୟ କୁମାର। ସେମାନଙ୍କ କେମେଷ୍ଟ୍ରିକୁ ଲୋକେ ଖୁବ୍ ପସନ୍ଦ କରୁଥିବା ବେଳେ ସେମାନେ ବଲିଉଡ୍‌ରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ହେଲେ ସେମାନଙ୍କ ମଧ୍ୟରେ କିଛି ଶତ୍ରୁତା କାରଣରୁ ପରସ୍ପର ସହ ଫିଲ୍ମ ନ କରିବାକୁ ମନସ୍ଥ କରିଥିଲେ। ତେବେ ଦୀର୍ଘ ୧୯ ବର୍ଷ ପରେ ଶତ୍ରୁତା ଭୁଲି ଏହି ଯୋଡି ପୁଣି ପରଦାରେ ଏକାଠି ହେବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ 'ୱେଲକମ୍ ୩'ରେ ଦେଖିବାକୁ ମିଳିବ। ରିପୋର୍ଟ ଅନୁଯାୟୀ, ରବିନା ଖୁବ୍‌ଶୀଘ୍ର ଅକ୍ଷୟଙ୍କ ଫିଲ୍ମ 'ୱେଲକମ୍ ୩'ରେ ମୁଖ୍ୟ ଅଭିନେତ୍ରୀ ଭାବେ ଯୋଗଦେବେ। ତେବେ ଶେଷ ଥର ପାଇଁ ଉଭୟଙ୍କୁ ୨୦୦୪ରେ ଫିଲ୍ମ 'ଆନ୍: ମେନ୍ ଆଟ୍ ୱାର୍କ'ରେ ଦେଖିବାକୁ ମିଳିଥିଲା। ୧୯୯୦ ଦଶକରେ ରବିନା ଏବଂ ଅକ୍ଷୟଙ୍କ ଚଳଚ୍ଚିତ୍ର ସହିତ ତାଙ୍କ ପ୍ରେମ କାହାଣୀକୁ ନେଇ ମଧ୍ୟ ଖୁବ୍ ଆଲୋଚନା ହେଉଥିଲା। ଏହି ଯୋଡି ପ୍ରଥମେ ୧୯୯୪ରେ ଚଳଚ୍ଚିତ୍ର 'ମୋହରା' ଜରିଆରେ ପରସ୍ପରର ନିକଟତର ହୋଇଥିଲେ। ପରେ ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ହୋଇଥିଲା। କିନ୍ତୁ ପରେ କୌଣସି କାରଣରୁ ଉଭୟ ଅଲଗା ହୋଇଯାଇଥିଲେ।

ସ୍କୁଲ ପ୍ରୋଜେକ୍ଟରୁ ଲେଖିଲେ ପୁସ୍ତକ

ଲକ୍ଷ୍ନୌ

ପିଲାମାନେ ଯେଉଁ ସମୟରେ ଖେଳିବା କଥା ସେହି ସମୟରେ ଜଣେ ପିଲା ଲୋକଙ୍କୁ ଶିକ୍ଷଣୀୟ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ଲକ୍ଷ୍ନୌର ବାସିନ୍ଦା ଆୟୁଷମାନ ପ୍ରସାଦ ୧୦ ବର୍ଷ ବୟସରେ ତାଙ୍କ ପ୍ରତିଭା ଦେଖାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛନ୍ତି। ସେ ନିକଟରେ ଏକ ପୁସ୍ତକ ଲେଖିଛନ୍ତି। ଯାହାର ନାମ ରହିଛି 'ଦି ଅଜୁରୀ ଭ୍ୟାଲି'। ଏହି ପୁସ୍ତକରେ ସେ ଅଧର୍ମ ଉପରେ ଧର୍ମର ବିଜୟକୁ ଦର୍ଶାଇଛନ୍ତି। ପୁସ୍ତକ ଲେଖିବା ପାଇଁ ସେ ତାଙ୍କ ଦାଦା ବ୍ରିଜଲାଲଙ୍କଠାରୁ ପ୍ରେରଣା ପାଇଥିବା କହିଛନ୍ତି। ବ୍ରିଜଲାଲ ଉତ୍ତର ପ୍ରଦେଶର ଡିଜିପି ଥିବାବେଳେ ସେ ଏବେ ରାଜ୍ୟ ସଭାର ସଦସ୍ୟ ରହିଛନ୍ତି। ଏହି ପୁସ୍ତକ ଲେଖିବାକୁ ଆୟୁଷମାନଙ୍କୁ ପାଖାପାଖି ୨୫ ଦିନ ସମୟ ଲାଗିଥିଲା। ତାଙ୍କ ସ୍କୁଲରେ ସମସ୍ତଙ୍କୁ ଏକ କାହାଣୀ ଲେଖିବାକୁ ପ୍ରୋଜେକ୍ଟ ମିଳିଥିଲା। ଏହି ପ୍ରୋଜେକ୍ଟରେ ତାଙ୍କ ମନରେ ଅଧର୍ମ ଉପରେ ଧର୍ମର ଜୟ ବାବଦରେ ଏକ କାହାଣୀ ଲେଖିବାକୁ ଲାଗିଲେ। ସେ କାହାଣୀ ଲେଖିବାରେ ଏତେ ମଗ୍ନ ହୋଇଗଲେ ଯେ, ଗୋଟେ ବହି ଲେଖିଦେଲେ। ସେ ଛୋଟ କାହାଣୀକୁ ୧୦ଟି ଚାପ୍ଟରରେ ପରିଣତ କରିଥିଲେ। ଆୟୁଷମାନ ୬ଷ୍ଠ ଶ୍ରେଣୀରେ ପଢ଼ୁଛନ୍ତି। କାହାଣୀରେ ଏକ ଯାଦୁର ଫୁଲ ଅଛି। ଯାହା ଧର୍ମ ରକ୍ଷା କରେ। ସେହି ଫୁଲ ଏକ ସାମ୍ରାଜ୍ୟ ଭିତରେ ରହିଛି। ଯେଉଁଠାରେ ଧର୍ମର ପାଳନ କରାଯାଏ। ହେଲେ ସେଠାକୁ କିଛି ଖରାପ ଲୋକ ଆସନ୍ତି ଏବଂ ସେହି ଫୁଲକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତି। ଏଠାରୁ ଆରମ୍ଭ ହୁଏ ଧର୍ମର ଶିକ୍ଷା।

ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ଟୁଲିପ ଗାର୍ଡେନ

ଶ୍ରୀନଗର: ଶ୍ରୀନଗରର ଇନ୍ଦିରାଗାନ୍ଧୀ ମେମୋରିଆଲ ଟୁଲିପ ଗାର୍ଡେନ ଏସିଆର ସର୍ବବୃହତ୍ ପାର୍କ ଭାବରେ ୱାର୍ଲ୍ଡ ବୁକ୍ ଅଫ ରେକର୍ଡ(ଲଣ୍ଡନ)ରେ ସ୍ଥାନ ପାଇଛି। ୬୮ଟି ବିଭିନ୍ନ କିସମର ୧.୫ ମିଲିୟନ୍ ଟୁଲିପ ଗଛ ରହିଥିବା ଏହି ଉଦ୍ୟାନଟି ସୁସଜ୍ଜିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏକ୍ସରେ ଲେଖିଛନ୍ତି।

ଶ୍ରୀନଗରର ଡାଲ ହ୍ରଦ ଏବଂ ଜବାରୱାନ ପାହାଡ ମଧ୍ୟରେ ଏହି ୩୦ ହେକ୍ଟର ଉଦ୍ୟାନ ରହିଛି। ପୂର୍ବରୁ ଏହି ଉଦ୍ୟାନ ସିରାଜ ବାଗ ନାମରେ ଜଣାଶୁଣା ଥିଲା। ଶ୍ରୀନଗରର ପର୍ଯ୍ୟଟନ ଅନୁଯାୟୀ, କଶ୍ମୀର ଉପତ୍ୟକାରେ ପୁଷ୍ପଗୁଚ୍ଛ ପର୍ଯ୍ୟଟନ ବୃଦ୍ଧି ଉଦ୍ଦେଶ୍ୟରେ ଏହି ଉଦ୍ୟାନ ୨୦୦୭ରେ ଖୋଲାଯାଇଥିଲା। ଜମ୍ମୁ-କଶ୍ମୀର ପ୍ରଶାସନ ପ୍ରତିବର୍ଷ ଟୁଲିପ ମହୋତ୍ସବ ପାଳନ କରିଥାଏ; ଯେଉଁଥିରେ ଲୋକଙ୍କ ପାଇଁ ଏହି ଉଦ୍ୟାନ ଖୋଲାଯାଇଥାଏ। ଏହି ମହୋତ୍ସବ ପ୍ରତିବର୍ଷ ବସନ୍ତ ଋତୁ ଆରମ୍ଭରୁ ପାଳନ କରାଯାଇଥାଏ।

ଢେଙ୍କାନାଳରେ ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ୍

- କଳାକୃତି ଗ୍ରାମରେ ଏସ୍‌ସିଏସ୍‌ଟି ବିଭାଗ କମିଶନର
- ହସ୍ତଶିଳ୍ପର ବିକାଶ ପାଇଁ ପ୍ରତିଷ୍ଠା ହେବ ଲାଇବ୍ରେରି
- ଗବେଷଣା ନିମନ୍ତେ କରାଯିବ ବ୍ୟବସ୍ଥା

ଢେଙ୍କାନାଳ, ୨୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ-ନବଜୀବନପୁର କଳାକୃତି ଗ୍ରାମରେ ପ୍ରତିଷ୍ଠା ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ। ଡୋକ୍ରା କଳାକୃତି ପାଇଁ ପ୍ରସିଦ୍ଧ ଏହି ସ୍ଥାନରେ ଏଭଳି ଲୁପ୍ତପ୍ରାୟ ହସ୍ତଶିଳ୍ପର ବିକାଶ ଲାଗି ରିସର୍ଚ୍ଚ ସେଣ୍ଟର ଏବଂ ଡୋକ୍ରା ଲାଇବ୍ରେରି ସ୍ଥାପନ କରାଯିବ। ହସ୍ତଶିଳ୍ପ କ୍ଷେତ୍ରରେ ଗବେଷଣା କରୁଥିବା ଏବଂ ଜ୍ଞାନ ଥିବା ବ୍ୟକ୍ତିମାନେ ଏଠାକୁ ଆସି ଶିଳ୍ପୀଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେବେ। ସମସ୍ୟାର ସମାଧାନ ଲାଗି ଭାବ ବିନିମୟ କରିବେ। କଳାକୃତି ଗ୍ରାମରେ ଓଡ଼ିଶା ସମେତ ଦେଶର ସମସ୍ତ ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ଏସବୁ କାର୍ଯ୍ୟରେ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ଏବଂ ବୈଷୟିକ ସହାୟତା କରିବେ। ବୁଧବାର ଅପରାହ୍ଣରେ ଢେଙ୍କାନାଳ ଗସ୍ତରେ ଆସି କଳାକୃତି ଗ୍ରାମ ପରିଦର୍ଶନ କରିବା ପରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ବିଭାଗ କମିଶନର ରୂପାରୋଶନ ସାହୁ।

କମିଶନର ଅପରାହ୍ଣ ପ୍ରାୟ ୫ଟା ୨୦ରେ କଳାକୃତି ଗ୍ରାମ ପରିଦର୍ଶନ କରି ହସ୍ତଶିଳ୍ପ ପ୍ରଦର୍ଶନୀ ଷ୍ଟଲ୍, କନଫରେନ୍ସ ହଲ, ହଷ୍ଟେଲ, ହସ୍ତଶିଳ୍ପ ପ୍ରସ୍ତୁତି ପ୍ରକୋଷ୍ଠ, ଶିଶୁ ଉଦ୍ୟାନ, ପୋଖରୀ, ବୋଟିଂ ବ୍ୟବସ୍ଥା ବୁଲି ଦେଖିଥିଲେ। ମିଶନ ଶକ୍ତି ଏବଂ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ସେ ଭାବ ବିନିମୟ କରିଥିଲେ। ପ୍ରସ୍ତାବିତ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଢେଙ୍କାନାଳ ଜିଲାରେ ନଡ଼ା ଓ ହ୍ୟାଣ୍ଡଲୁମ୍ ଶିଳ୍ପ ରହିଛି। ଏସବୁକୁ ଜନମାନସରେ ପରିଚିତ କରାଇବା ଲାଗି ମ୍ୟୁଜିୟମ୍‌ରେ ପ୍ରଦର୍ଶନ କରାଯିବ। ସଦେଇବେରେଣୀ-ନବଜୀବନପୁରରେ ବହୁସଂଖ୍ୟାରେ ଡୋକ୍ରା କାରିଗର ରହୁଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କଳାକୃତି ଗ୍ରାମ ପ୍ରତିଷ୍ଠା ହୋଇଥିଲା, ଯାହା ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କଳାକୃତି ଗ୍ରାମରେ ପର୍ଯ୍ୟାୟକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରିରହିଛି। ଜିଲା ପ୍ରଶାସନକୁ ଆବଶ୍ୟକ ପ୍ରସ୍ତାବ ପଠାଇବା ଲାଗି ପରାମର୍ଶ ଦିଆଯାଇଛି। ପ୍ରସ୍ତାବ ଆସିବା ପରେ ଟିମ୍ ପଠାଇ ଡୋକ୍ରା ସମେତ ବିଭିନ୍ନ ହସ୍ତଶିଳ୍ପକୁ କିପରି ଅଧିକ ପ୍ରୋତ୍ସାହିତ କରାଯିବ, ସେ ସମ୍ପର୍କରେ ପଦକ୍ଷେପ ନିଆଯିବ। ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ୍ ଏବଂ ରିସର୍ଚ୍ଚ ସେଣ୍ଟର ସ୍ଥାପନ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ପରିଦର୍ଶକମାନେ ରିସର୍ଚ୍ଚ ସେଣ୍ଟର ମାଧ୍ୟମରେ ଜ୍ଞାନ ଆହରଣ କରିପାରିବେ। ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ କାରିଗରମାନେ ଉପକୃତ ହେବେ ବୋଲି କମିଶନର ସାହୁ କହିଛନ୍ତି।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସଦର ବ୍ଲକ ବିଡିଓ ସୁଧୀର ନାୟକ, ଏସ୍‌ସି/ଏସ୍‌ଟି ବିଭାଗ ଡେପୁଟି ସେକ୍ରେଟାରି ସରୋଜ ପଣ୍ଡା, ଅମୃତା ପ୍ରିୟମ୍ବଦା, ଆଶିଷ ଭୋଇ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସାଦ ପରିଡ଼ା, ଡେପୁଟି କଲେକ୍ଟର ଭଜନାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଳାକୃତି ଗ୍ରାମରେ କମିଶନର ରୂପାରୋଶନ ସାହୁ, ପ୍ରଶାସନିକ ଅଧିକାରୀଙ୍କ ସମେତ ମହିଳା ଗୋଷ୍ଠୀ ସଦସ୍ୟାମାନେ।

ସଂକ୍ଷେପରେ

ଆଜି ୨୪ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

ବାରିପଦା,୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ୧୫ଦଫା ଦାବି ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍‌ଏମ୍) ପକ୍ଷରୁ ଗୁରୁବାର ୨୪ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯାଇଛି। ଜିଲାର ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଜିଲାର ମୂଳ ଅଧିବାସୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଥିବା ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି। ବନ୍ଦ ପୂର୍ବରୁ ବୁଧବାର ସନ୍ଧ୍ୟାରେ ବାରିପଦା ସହରରେ ମାଇକ୍ ଯୋଗେ ଲୋକଙ୍କୁ ସୂଚନା ପ୍ରଦାନ କରାଯାଇଛି। ସମସ୍ତ ଯାନବାହନ ଚଳାଚଳ ଓ ଦୋକାନ ବଜାର ବନ୍ଦ କରିବାକୁ ନିବେଦନ କରାଯାଇଛି।

ସ୍ତ୍ରୀଙ୍କୁ ଶାବଳରେ ପିଟି ହତ୍ୟା, ସ୍ୱାମୀ ଗିରଫ

ମୋହନା,୨୩।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ରାଣିଖମା ଗ୍ରାମରେ ମଙ୍ଗଳବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ୱାମୀ ଶାବଳରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସରୁଗଳା ମଳିକ। ପୋଲିସ ବୁଧବାର ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ହାତୁ ମଳିକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ହାତୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ହାତୁ ଶାବଳରେ ସରୁଗଳାଙ୍କୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସରୁଗଳାଙ୍କ ଭାଇ ସୁରେନ୍ଦ୍ର ମଳିକ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଶାବଳ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠି ସୂଚନା ଦେଇଛନ୍ତି। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ବୌଦ୍ଧ,୨୩।୮ (ଅଜିତ କୁମାର ବାରିକ)

ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସମ୍ପୋଚ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଛନ୍ତି। ମିଳିଥିବା ସୂଚନା ମୁତାବକ ସମ୍ପୋଚ ଗ୍ରାମର ଭୋଳାନାଥ ସ୍ୱାଇଁ ସ୍ତ୍ରୀ କସ୍ତୁରୀ ସ୍ୱାଇଁ (୪୫)ଙ୍କ ମଧ୍ୟରେ ଘରୋଇ କାରଣକୁ ନେଇ କଳହ ଲାଗିରହିଥିଲା। ବୁଧବାର ପୂର୍ବାହ୍ନ ୧୧ଟା ସମୟରେ କସ୍ତୁରୀ ବିଲରୁ ଧାନ ରୋଇ ସାରି ଘରକୁ ଫେରିଥିଲେ। ଏହି ସମୟରେ ସ୍ୱାମୀ ଭୋଳାନାଥ ଏକ ଟାଙ୍ଗିଆ ଧରି ଆକ୍ରମଣ କରିବାକୁ ଧାଇଁ ଆସିଥିଲେ। କସ୍ତୁରୀ ଭୟଭୀତ ହୋଇ ଘରର କବାଟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ହେଲେ ଭୋଳାନାଥଙ୍କ କବଳରୁ ସେ ବର୍ତ୍ତିପାରି ନ ଥିଲେ। ଭୋଳାନାଥ ଟାଙ୍ଗିଆ ସାହାଯ୍ୟରେ ତାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଭୋଳାନାଥ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ଅଞ୍ଚଳରେ ଆଲୋଚନା ହେଉଛି। ହତ୍ୟା କରିବା ପରେ ଭୋଳାନାଥ ଏ ନେଇ ପୋଲିସ ଓ ସମ୍ପର୍କୀୟମାନଙ୍କୁ ଫୋନ ଯୋଗେ ଜଣାଇଥିଲେ। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍ଗିଆ ଓ ମୃତଦେହ ଜବତ କରିଥିଲା। ଭୋଳାନାଥ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ବୌଦ୍ଧ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ କହନ୍ତି, ଭୋଳାନାଥଙ୍କ ପୁଅ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୯୧/୨୩) ରୁଜୁ ହୋଇଛି। ହେଲେ ହତ୍ୟାର କାରଣ ଜଣାପଡି ନାହିଁ।

ଚନ୍ଦ୍ରୟାନ-୩ର ସଫଳ ଅବତରଣ ଖୁସିରେ ବୁଧବାର ଆମେରିକାର କଲରାଡୋଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

ଶେଷ ହେଲା ଚତୁର୍ଥ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା

ଭଦ୍ରକ,୨୩।୮ (ସନାତନ ରାଉତ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାର ଚତୁର୍ଥ ସାକ୍ଷୀ ଗ୍ରହଣ ଜିଲା ଜଜ୍ କୋର୍ଟରେ ବୁଧବାର ଶେଷ ହୋଇଛି। ଦୟାଲ ଆଶ୍ରମର କେୟାର ଟେକର ସରୋଜିନୀ ସେଠୀ ଓରଫ ସୋନୀ ୪ର୍ଥସାକ୍ଷୀ ଭାବେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ନିରଞ୍ଜନ ସେଠୀଙ୍କ ଓକିଲ ଶରତ ଚନ୍ଦ୍ର ମହାପାତ୍ର ତାଙ୍କୁ ଆଶ୍ରମ ଓ ନ୍ୟୁଜ୍ ଚ୍ୟାନେଲ ଅଫିସ ସମ୍ପର୍କରେ ଅନେକ ପ୍ରଶ୍ନ ପଚାରୁଥିବା ବେଳେ ଶର୍ମିଷ୍ଠା ରାଉତଙ୍କ ଓକିଲ ବସନ୍ତ କୁମାର ଦାସ ଓ ଗଦାଧର ବଳ ଘଟଣା ସମ୍ବନ୍ଧୀୟ ଅନେକ ପ୍ରଶ୍ନ ପଚାରିଥିଲେ। ସେପ୍ଟେମ୍ବର ୧୩ରେ ଅବଶିଷ୍ଟ ସାକ୍ଷୀମାନଙ୍କର ବୟାନ ରେକର୍ଡ କରାଯିବ ବୋଲି ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ ପ୍ରକାଶ କରିଛନ୍ତି।

ସରୋଜିନୀ ନିଜ ବୟାନରେ କହିଥିଲେ, ନୟାଗଡ଼ ଜିଲା ରଣପୁରରୁ ଆସି ଭୁବନେଶ୍ୱର ଦୟାଲ ଆଶ୍ରମର ମାଲିକ ଶର୍ମିଷ୍ଠାଙ୍କ ଅଧୀନରେ କେୟାର ଟେକର ଭାବରେ ଚାକିରି କରିଥିଲେ। ଆଶ୍ରମଠାରୁ କିଛି ଦୂରରେ ଶର୍ମିଷ୍ଠାଙ୍କ ନ୍ୟୁଜ୍ ୱେବ ଚ୍ୟାନେଲ କାର୍ଯ୍ୟାଳୟରେ ମାନସ ସ୍ୱାଇଁ ତାଙ୍କ କ୍ୟାମେରା ଚିପ୍ କେମିତି ନ ଫେରେଇ ହଇରାଣ କରୁଛି ସେ କଥାବାର୍ତ୍ତା ହେଉଥିବା ଶୁଣିଥିଲେ। ୨୦୨୨ ଫେବୃୟାରୀ ୭ରେ ସେ ଶର୍ମିଷ୍ଠାଙ୍କ ଘରକୁ ଯାଇଥିବା ବେଳେ ମାନସଙ୍କୁ ଖୋଜି ଆଣିଥିବା ଜାଣିବାକୁ ପାଇଥିଲେ। ମାନସ ଏକ କାର୍ ଭିତରେ ରାଜ ଓ ଅନ୍ୟ ୨ ଜଣଙ୍କ ସହ ବସିଥିବା ଶର୍ମିଷ୍ଠାଙ୍କ ଭାଉଜଙ୍କୁ ଖୁନା ଭୋଇ ଭିଡିଓ କଲ୍ କରି ଦେଖାଇଥିଲେ। ପରେ ମାନସଙ୍କୁ ଆଣି ଆଶ୍ରମ ଘର ଓ ପରେ ଉପର ତାଲାରେ ଥିବା ଘରେ ପୂରାଇ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ଏକ ପର୍ସ ଓ ଏଟିଏମ୍‌କୁ ନେଇଯିବା ପରେ ବାହାରୁ ଚାବି ପକାଇ ସମସ୍ତେ ପଳାଇ ଯାଇଥିଲେ। ପୁଣି ସନ୍ଧ୍ୟାରେ ଆସି ମାନସଙ୍କୁ ବାଉଁଶ ଫାଳିଆ ଓ ଏକ କାଠବାଡ଼ିରେ ନିର୍ମମ ଭାବେ ପିଟିଥିଲେ। ପରଦିନ ସକାଳୁ ଉଠି ମାନସ ରହିଥିବା କୋଠରିକୁ ଯାଇ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ଘର ଓଳାଇବା ବେଳେ ସେଠାରେ କିଛି ଭଙ୍ଗା ବାଉଁଶ ଫାଳିଆ, କାଠ ଏବଂ ମାନସ ନିଜର ଠିକଣା ଲେଖି ଉଦ୍ଧାର କରିବାକୁ ନିବେଦନ କରିଥିବା ଏକ ହାତଲେଖା ଚିଠି ପାଇଥିଲେ। ୨ଦିନ ପରେ ମିଡିଆ ଲୋକ ପହଞ୍ଚିବାରୁ ମାନସ ମରିଯାଇଥିବା ସେ ଜାଣିବାକୁ ପାଇଥିଲେ ବୋଲି ବୟାନରେ କହିଥିଲେ। ପ୍ରକାଶଯୋଗ୍ୟ, କ୍ରାଇମବ୍ରାଞ୍ଚ ହତ୍ୟା ଘଟଣାର ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ତାଙ୍କ ସହଯୋଗୀ ଖୁନା ଭୋଇ, ରାଜ ଓରଫ ରଞ୍ଜନ ନାୟକ ଓ ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖଙ୍କୁ ଗିରଫ କରିଥିଲା। ଏବେ ସେମାନେ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରେ ବିଚାରାଧୀନ ବନ୍ଦୀ ଭାବେ ଅଟକ ଅଛନ୍ତି। ମାମଲାଟି ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକଙ୍କ ଅଦାଲତରେ ବିଚାରାଧୀନ ରହିଛି।

ନିବେଶ ଆଳରେ ଠକେଇ: ଅନ୍ନପୂର୍ଣ୍ଣା ଆସେଟ୍ସର ଏମ୍‌ଡି ଗିରଫ

ଭୁବନେଶ୍ୱର,୨୩।୮ (ସୂର୍ଯ୍ୟକାନ୍ତ ବେହେରା)

ନିବେଶ କଲେ ଦୁଇଗୁଣା ଟଙ୍କା ପାଇବାର ଲୋଭ ଦେଖାଇ ୨ ଲକ୍ଷ ୯୧ ହଜାର ଟଙ୍କା ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ କମ୍ପାନୀର ଏମ୍‌ଡିଙ୍କୁ ୪ ବର୍ଷ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅଜୟ କୁମାର ପାତ୍ର (୪୮)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ରମେଶଚନ୍ଦ୍ର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

ସୂଚନାନୁସାରେ, ଅଭିଯୁକ୍ତ ଅଜୟ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଶାରଳା ନଗର କଟକ ରୋଡ୍‌ଠାରେ ଏମ/ଏସ୍ ଅନ୍ନପୂର୍ଣ୍ଣା ଆସେଟ୍ସ୍ ଆଣ୍ଡ୍ ମାର୍କେଟିଂ ପ୍ରାଇଭେଟ ଲିମିଟେଡ ନାମରେ ଏକ ଅଫିସ ଖୋଲିଥିଲେ। ଟଙ୍କା ନିବେଶ କରି ୪୮ ଦିନରେ ଦୁଇଗୁଣା ପାଇବା ସହ ପ୍ଲଟ୍ ସ୍କିମ ବିଷୟରେ ଅଭିଯୋଗକାରୀ ରମେଶ ଚନ୍ଦ୍ର ସାମଲଙ୍କୁ ବୁଝାଇଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ରମେଶ ୨୦୧୧ରେ ତାଙ୍କୁ ୨ ଲକ୍ଷ ୯୧ ହଜାର ଟଙ୍କା ଦେଇ ରସିଦ ଓ ଗ୍ୟାରେଣ୍ଟି ବଣ୍ଡ୍ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ସୀମା ସରିବା ପରେ ରମେଶ ଅଭିଯୁକ୍ତଙ୍କୁ ତାଙ୍କ ଟଙ୍କା ଫେରାଇବାକୁ କହିଥିଲେ। ଏଥିରେ ଅଭିଯୁକ୍ତ ଅଜୟ ଅଭିଯୋଗକାରୀ ରମେଶଙ୍କୁ ଧମକ ଦେବା ସହ ପ୍ଲଟ ଓ ନିବେଶ ପାଇଁ ନେଇଥିବା ଟଙ୍କା ଫେରାଇ ନ ଥିଲେ। ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ଲକ୍ଷ୍ମୀସାଗର ଥାନାରେ ୨୦୧୯ ମସିହାରେ ଅଭିଯୋଗ କରିଥିଲେ।

ବଜ୍ରପାତରେ ସାନ ଭଉଣୀ ମୃତ, ବଡ଼ ଗୁରୁତର

ଗୋପବନ୍ଧୁ ନଗର,୨୩।୮ (ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅଧୀନ ପଶୁଦା ଗ୍ରାମରେ ବୁଧବାର ବଜ୍ରପାତରେ ସାନ ଭଉଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ ଗୁରୁତର ହୋଇଛନ୍ତି। ମୃତ ସାନ ଭଉଣୀ ହେଲେ ପୁନ୍ତା ହେମ୍ବ୍ରମ(୧୬)। ବଡ଼ ଭଉଣୀ ସିନଗ (୨୭)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ଣ ୧ଟା ସମୟରେ ଗଣେଶ୍ୱର ହେମ୍ବ୍ରମଙ୍କ ଦୁଇ ଝିଅ ସିନଗ ଓ ପୁନ୍ତା ବିଲରେ କାମ କରି ଘରକୁ ଫେରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାକୁ ପଠାଇଥିବାବେଳେ ସେଠାରେ ଡାକ୍ତର ପୁନ୍ତାଙ୍କୁ ମୃତ ଘୋଷଣା କରିଥିଲେ।

୩ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଆସିକା, ୨୩।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ଜାହାଡ଼ା ଗ୍ରାମରେ ଗତ ୨୦୦୫ରେ ଘଟିଥିବା କୃଷ୍ଣ ଗୌଡଙ୍କ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୪ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ଜାହାଡ଼ା ଗ୍ରାମର ସୁବାସ ସ୍ୱାଇଁ, ନାରାୟଣ ଡାଙ୍ଗୁଆଁ ଓ ଭଗବାନ ଡାଙ୍ଗୁଆଁ। ଗତ ୨୦୦୫ ଅକ୍ଟୋବର ୩୧ରେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର କୃଷ୍ଣ ଗୌଡ, ବିଦ୍ୟାଧର ସାମଲ, ଶିବରାମ ନାୟକ ଓ ଭଗବାନ ସାମଲଙ୍କୁ ଧାରୁଆ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଫଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଆହତମାନେ ଚିକିତ୍ସିତ ହୋଇଥିଲେ। ଆହତ ବିଦ୍ୟାଧର ସାମଲ ଆସିକା ଥାନାରେ ଅଭିଯୋଗ କରିଥିଲେ। ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।

ଲାଞ୍ଚ ନେଇ ଧରାପଡ଼ିଲେ ରାତ୍ର ଜଗୁଆଳି

ଫୁଲବାଣୀ, ୨୩।୮ (ରାକେଶ କୁମାର ରାଉତ)/ଫିରିଙ୍ଗିଆ (ବିକ୍ରମ ଦିଗାଲ)

ଲାଞ୍ଚ ନେବା ଅଭିଯୋଗରେ କନ୍ଧମାଳ ଜିଲା ଫିରିଙ୍ଗିଆ ତହସିଲ ଅଧୀନ ବାଲନ୍ଦାପଡା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ରାତ୍ର ଜଗୁଆଳି ବୁଧବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ସେ ହେଲେ ଅଜୟ କୁମାର ମଲ୍ଲିକ।

ଫିରିଙ୍ଗିଆ ଥାନା ଅନ୍ତର୍ଗତ ପଳାବୃତ୍ତି ପଞ୍ଚାୟତ ଆପାବିରୁ ଗ୍ରାମର ବିଜୁ କହଁର ତାଙ୍କ ବାପାଙ୍କ ଜମିର ଭାଗ ଲାଗି ତହସିଲରେ ଆବେଦନ କରିଥିଲେ। ଜମି ମିଉଟେସନ ଏବଂ ପଟ୍ଟା କରାଇ ଦେବାକୁ ଅଜୟ ୪୨ ହଜାର ଟଙ୍କା ଖର୍ଚ୍ଚ ହେବ କହି ବିଜୁଙ୍କଠାରୁ ୩୫ ହଜାର ଟଙ୍କା ନେଇଥିଲେ। ବାକି ୮ ହଜାର ଟଙ୍କା ଦେଲେ ପଟା ହେବ ବୋଲି କହିଥିଲେ। ବିଜୁ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ଯୋଜନା ମୁତାବକ ବିଜୁ ଫିରିଙ୍ଗିଆ ତହସିଲ୍‌କୁ ଯାଇ ୮ ହଜାର ଟଙ୍କା ଅଜୟଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଧରିବା ସହ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି ଏବଂ ସୁରେଶ କୁମାର କହଁରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଅଜୟଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

ଅଜୟ କୁମାର ମଲ୍ଲିକ

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଗଣବିକ୍ଷୋଭ

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ମୌସମ ନନ୍ଦ)

ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା)

ଦୁଇ ଦଫା ଦାବି ନେଇ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଜିଲାରୁ ଶହ ଶହ ସଂଖ୍ୟାରେ ନିର୍ବାହୀ ଅଧିକାରୀ ଯୋଗଦେଇ ସେମାନଙ୍କ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀକୁ ମୂଳ ପଦବୀ ଧରାଯାଇ ପଞ୍ଚାୟତିରାଜ ପ୍ରଶାସନିକ ସେବା କ୍ୟାଡ଼ର ଗଠନ କରାଯାଉ ଓ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଏକ-ତୃତୀୟାଂଶ (୧୦୫) ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଚୟନ କରାଯାଇ ବିଡିଓ ପଦବୀକୁ ପଦୋନ୍ନତିର ବ୍ୟବସ୍ଥା କରାଯାଉ। ସେହିପରି ପଞ୍ଚାୟତିରାଜ ବିଭାଗର ନିଜସ୍ୱ ବିଡିଓ ପଦବୀ ସୃଷ୍ଟି କରାଯାଉ ବୋଲି ସଂଘର ଅନ୍ୟ ଏକ ଦାବି ରହିଛି। ପଞ୍ଚାୟତିରାଜ ବିଭାଗରେ ମୂଳ କର୍ମଚାରୀ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବରେ ଲେଭଲ-୯ରେ ନିଯୁକ୍ତି ପାଉଥିବାବେଳେ ଲେଭଲ-୧୦ରେ ଅବସର ନେଉଛନ୍ତି। ମାତ୍ର ଲେଭଲ-୪, ଲେଭଲ-୫ ଓ ଲେଭଲ-୯ରେ ଅନ୍ୟ ବିଭାଗରେ ନିଯୁକ୍ତି ପାଉଥିବା କର୍ମଚାରୀ ଯଥା - ଶିକ୍ଷକ, ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟେନୋ, ଆର୍‌ଆଇ, କନିଷ୍ଠ ରାଜସ୍ୱ ସହାୟକ, ଆସିଡିଏସ୍ ସୁପରଭାଇଜର ଯେଉଁମାନଙ୍କର ପଞ୍ଚାୟତିରାଜ ବିଭାଗର କାର୍ଯ୍ୟ ଉପରେ ଆଦୌ ଅଭିଜ୍ଞତା ନାହିଁ ସେମାନଙ୍କୁ ପ୍ରିଲିମ, ମେନ ଓ ସାକ୍ଷାତକାର ପରୀକ୍ଷା ଦେଇ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି।

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:......................................
ଜନ୍ମ ତାରିଖ: ....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ନିଜ ଦଳ ଉପରେ ପ୍ରଶ୍ନ ଉଠାଇଲେ ଭାଜପା ବିଧାୟିକା

ଲକ୍ଷ୍ନୌ,୨୩।୮: ଉତ୍ତରାଖଣ୍ଡ ଯମକେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟିକା ରେଣୁ ବିଷ୍ଟଙ୍କର ଏକ ସୋସିଆଲ ମିଡ଼ିଆ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ନିଜ ଦଳ ଉପରେ ପ୍ରଶ୍ନ ଉଠାଉଥିବା ନଜର ଆସିଛନ୍ତି। ଏହାକୁ ନେଇ ଉତ୍ତରାଖଣ୍ଡ ରାଜନୀତି ସରଗରମ ହୋଇଛି।

ରେଣୁ ବିଷ୍ଟ

ସୋସିଆଲ ମିଡିଆ ପୋଷ୍ଟ ପାଇଁ ରେଣୁ ବିଷ୍ଟଙ୍କଠାରୁ ଭାଜପା ରାଜ୍ୟ ସଭାପତି ମହେନ୍ଦ୍ର ଭଟ୍ଟ ସ୍ପଷ୍ଟୀକରଣ ମାଗିଛନ୍ତି।

ନିକଟରେ ବିଧାୟିକା ରେଣୁ ତାଙ୍କ ଅଞ୍ଚଳର ଲୋକଙ୍କୁ ଭେଟିବାକୁ ଯାଇଥିଲେ। ଏହା ପରେ ସେ ସୋସିଆଲ ମିଡ଼ିଆରେ ତାଙ୍କ ସଭାର ଭିଡ଼ିଓ ଶେୟାର କରି ଲେଖିଛନ୍ତି ଯେ, ଗତ ୨୦ ରୁ ୨୨ ବର୍ଷ ମଧ୍ୟରେ ଯମକେଶ୍ୱରବାସୀଙ୍କୁ ପ୍ରତାରଣା କରାଯାଇଛି।

ସୂଚନାଯୋଗ୍ୟ, ଉତ୍ତରାଖଣ୍ଡ ରାଜ୍ୟ ଗଠନ ପରଠାରୁ ଯମକେଶ୍ୱର ବିଧାନସଭା ଆସନ ଭାଜପାର ଏକ ଗଡ଼ ରହିଆସିଛି। ୨୦୦୨, ୨୦୦୭ ଏବଂ ୨୦୧୨ରେ ତିନିଥର ପୂର୍ବତନ ରାଜ୍ୟମନ୍ତ୍ରୀ ତଥା ପୂର୍ବତନ ବିଧାନସଭା ଉପାଧ୍ୟକ୍ଷ ବିଜୟ ବର୍ଥୱାଲ ଏଠାରୁ ନିର୍ବାଚନରେ ଜିତିଥିଲେ ଏବଂ ୨୦୧୭ରେ ରିତୁ ଚାନ୍ଦୁରୀ ଏଠାରେ ବିଧାୟକ ହୋଇଥିଲେ। ୨୦୨୨ରେ ରେଣୁ ଏହି ଆସନ ଜିତିଛନ୍ତି।

ମେଣ୍ଟ କରିବନି ବିଏସ୍‌ପି: ମାୟାବତୀ

ଲକ୍ଷ୍ନୌ,୨୩।୮: ଆଗାମୀ ଲୋକସଭା ନିର୍ବାଚନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କାହାସହ ମେଣ୍ଟ କରିବ ନାହିଁ। ମିଳିତ ମେଣ୍ଟରୁ ଦଳକୁ କିଛି ଫାଇଦା ମିଳୁନାହିଁ ବୋଲି କହିଛନ୍ତି ବିଏସ୍‌ପି ମୁଖ୍ୟ ମାୟାବତୀ। ଦଳ ପକ୍ଷରୁ ବୁଧବାର ଅନୁଷ୍ଠିତ ଏକ ବୈଠକରେ ସଂଗଠନକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ମାୟାବତୀ କହିଛନ୍ତି, ପ୍ରାର୍ଥୀ ଚୟନରେ ଦଳକୁ ସତର୍କ ରହିବାକୁ ପଡ଼ିବ। ଲୋକସଭା ନିର୍ବାଚନରେ ଦଳ ସମସ୍ତ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ମିଳିତ ମେଣ୍ଟ ଯୋଗୁ ଦଳ ଲାଭ ଅପେକ୍ଷା ଅଧିକ କ୍ଷତି ସହିଛି। ବିଏସ୍‌ପିର ଭୋଟ ସ୍ପଷ୍ଟ ଭାବେ ମିଳିତ ମେଣ୍ଟର ଅନ୍ୟ ଦଳକୁ ଯାଉଛି, କିନ୍ତୁ ଅନ୍ୟ ଦଳ ଭୋଟ ବିଏସ୍‌ପିକୁ ଆସୁନାହିଁ। ଏହାଦ୍ୱାରା ବିଏସ୍‌ପି ନେତାଙ୍କ ମନୋବଳ ପ୍ରଭାବିତ ହୋଇଛି। ତେଣୁ ବିଏସ୍‌ପି ଉଭୟ ଶାସକ କିମ୍ବା ବିରୋଧୀ ଦଳଠାରୁ ଦୂରେଇ ରହିବ।

ଏହି ସମୟରେ ମାୟାବତୀ ଉଭୟ କଂଗ୍ରେସ ଏବଂ ଭାଜପାକୁ ଟାର୍ଗେଟ କରିଥିଲେ। ସେ କହିଛନ୍ତି, ଭାଜପାର ସାମ୍ପ୍ରଦାୟିକ ରାଜନୀତି ଏବଂ ଅରାଜକତା ଯୋଗୁ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏଥର ଲୋକସଭା ନିର୍ବାଚନ ଏକପାଖିଆ ହେବ ନାହିଁ। ଏହି ନିର୍ବାଚନ ଦେଶର ରାଜନୀତିରେ ଏକ ମୋଡ଼ ବଦଳାଇବ।

ଜନ୍ମଦିନରେ ଇଡି ଚଢ଼ାଉ ଉପହାର: ବାଘେଲ



ଭୁପେଶ ବାଘେଲ

ରାୟପୁର,୨୩।୮ : ଛତିଶଗଡ଼ରେ କେନ୍ଦ୍ରୀୟ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ଜାରି ରହିଛି। ବୁଧବାର ଇଡି ରାଜନୈତିକ ପରାମର୍ଶଦାତା ବିନୋଦ ବର୍ମା ଏବଂ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ଓଏସଡି ଘରେ ଚଢ଼ାଉ କରିଛି। ବିନୋଦ ବର୍ମାଙ୍କ ଦେବେନ୍ଦ୍ର ନଗର ଗୃହ, ଓଏସ୍‌ଡି ମନୀଷ ବନଚ୍ଛୋରଙ୍କ ସହିତ ଆଶିଷ ବର୍ମା ଏବଂ ତାଙ୍କର ଜଣେ ବ୍ୟବସାୟୀ ବନ୍ଧୁ ବିଜୟ ଭାଟିଆଙ୍କ ଘରେ ପହଞ୍ଚିଛି। ଏହାକୁ ତାଙ୍କର ଜନ୍ମଦିନ ଉପହାର ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତଶାହାଙ୍କୁ କଟାକ୍ଷ କରି ଧନ୍ୟବାଦ ଜଣାଇଛନ୍ତି। ଛତିଶଗଡ଼ରେ ହୋଇଥିବା ମଦ ଏବଂ କୋଇଲା ପରିବହନ ଦୁର୍ନୀତିକୁ ନେଇ ଇଡି ରାଜ୍ୟରେ ଚଢ଼ାଉ କରୁଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୨ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। କୋଇଲା ପରିବହନ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ଅଫିସର ସୌମ୍ୟା ଚୌରାସିଆ ଏବଂ ରାୟଗଡ ଜିଲାପାଳ ରାନୁ ସାହୁଙ୍କ ସମେତ ଅନ୍ୟ କେତେକ ଅଧିକାରୀ ଓ ବ୍ୟବସାୟୀ ବର୍ତ୍ତମାନ ଜେଲରେ ଅଛନ୍ତି।

ବିଜେଡି ଲୋକଙ୍କ ବଳ ନୁହେଁ: ନିରଞ୍ଜନ

କୋରେଇ କଂଗ୍ରେସ ସାଙ୍ଗଠନିକ ସମ୍ମିଳନୀ

ଯାଜପୁରରୋଡ୍,୨୩।୮ (ପବିତ୍ର ରଞ୍ଜନ ମହାନ୍ତି)

ଜନତାଙ୍କ ବଳ କହୁଥିବା ବିଜେଡି ପ୍ରକୃତରେ ବଳ ନୁହେଁ, ଜନତାଙ୍କ କାଳ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ବୁଧବାର ଅନୁଷ୍ଠିତ ସାଙ୍ଗଠନିକ ସମ୍ମିଳନୀ 'ପ୍ରତିଜ୍ଞା' ଅବସରରେ ନିରଞ୍ଜନ କହିଛନ୍ତି, ମୋଦି ସରକାର ନିର୍ବାଚନବେଳେ କଳା ଟଙ୍କା ଫେରାଇ ଆଣିବା ପାଇଁ ଲୋକମାନଙ୍କୁ କହି ଭୋଟନେଲେ। କିନ୍ତୁ କଳା ଟଙ୍କା ଏଯାଏ ଫେରିପାରିଲାନାହିଁ। ବିକାଶ ନାଁରେ ରାଜ୍ୟକୁ ବିନାଶ ଆଡ଼କୁ ନେବା ସହ ରାଜ୍ୟରେ ବିଜେଡି ସରକାର ମଦର ବିକାଶ କରି ଯୁବକମାନଙ୍କୁ ମଦ୍ୟପ କରୁଛନ୍ତି। କଂଗ୍ରେସ କର୍ମୀ ଦୃଢ଼ ସଂଗଠନ କରି ଲୋକମାନଙ୍କ ମନ କିଣି ପାରିଲେ କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ୨୦୨୪ ନିର୍ବାଚନରେ ଶାସନ ଗାଦିକୁ ଆସିପାରିବ ବୋଲି ସେ କହିଛନ୍ତି।

ବ୍ୟାସନଗରଠାରେ ଅନୁଷ୍ଠିତ କଂଗ୍ରେସ ସାଙ୍ଗଠନିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ।

ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କହିଛନ୍ତି, କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ହେଲେ କର୍ମୀମାନେ ବିଜେଡି ଓ ଭାଜପା ସରକାରଙ୍କ ଦୁର୍ନୀତି ବିଷୟରେ ଲୋକଙ୍କୁ ଅବଗତ କରାଇବାକୁ ପଡ଼ିବ। ପ୍ରଦେଶ କଂଗ୍ରେସ ପ୍ରଚାରକ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ବିଜେଡିକୁ ସମାଲୋଚନା କରିବା ଭାଜପାର ଏକ ପ୍ରହସନ।

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ବ୍ୟାସଦେବ ସଂସ୍କୃତି ଭବନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ସଭା ପରିଚାଳନା କରିଥିବାବେଳେ ଅକ୍ଷୟ ଜେନା ଅତିଥି ପରିଚୟ ଦେଇଥିଲେ। ରାଜ୍ୟ ପିସିସି ସମ୍ପାଦିକା ରାଣୀ ମନସା ମଞ୍ଜରୀ ଦେବୀ, ରାଜ୍ୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ଯାଜପୁର ଜିଲା ପିସିସି ସଭାପତି ରଜତ ଚୌଧୁରୀ, ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଡିଆଇଜିଙ୍କୁ ବଦଳି କରି ଘଟଣାକୁ ଚାପିଦେବାକୁ ଉଦ୍ୟମ ହେଉଛି: ଭାଜପା

ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର): ଡିଆଇଜି ବ୍ରିଜେଶ ରାୟଙ୍କ ସ୍ତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ହୋମ୍‌ଗାର୍ଡ ସୈରିନ୍ଦ୍ରୀ ସାହୁ ଆତ୍ମହତ୍ୟା ଉଦ୍ୟମକରି ୨ଟି ଗୋଡ଼ ହରାଇଛନ୍ତି। ଏଭଳି ଘଟଣାରେ ଦୋଷୀ ଡିଆଇଜିଙ୍କ ପରିବାର ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ରାଜ୍ୟ ସରକାର କିନ୍ତୁ ପୀଡ଼ିତାଙ୍କୁ ନ୍ୟାୟ ନ ଦେଇ ଡିଆଇଜିଙ୍କୁ ବଦଳିକରି ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇ ଅଭିଯୋଗ କରିଛନ୍ତି ଯେ ସରକାର, ପୋଲିସ, ପ୍ରଶାସନ ମିଳିମିଶି ଡିଆଇଜି ଦମ୍ପତିଙ୍କୁ ଖସାଇବା ପାଇଁ ଲାଗିପଡ଼ିଛନ୍ତି। ଏହି ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ଭାଜପା ପ୍ରତିନିଧି ମଣ୍ଡଳୀ ନିବେଦନ କରିଛି।

CLASSIFIED DISPLAY
MORE SPACE ' SAME PRICE

ଜଗନ୍ନାଥ ଫାଇନାନ୍ସ କମ୍ପାନୀ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ
କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅ

ସମାବେଶରେ ଉପସ୍ଥିତ ବିଜେଡି ନେତୃବର୍ଗ।

ପାଇକମାଳ, ୨୩।୮ (ବଢ ଶତପଥୀ)

ବିଜୁ ଯୁବ ଛାତ୍ର ସଂଗଠନର ସମାବେଶ

ବରଗଡ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଯୁବ ଓ ଛାତ୍ର ସମାବେଶ ଶ୍ରୀ ନୃସିଂହନାଥ ମନ୍ଦିର ପରିସରସ୍ଥ ବିନ୍ଧ୍ୟବାସିନୀ ଅତିଥି ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଡା.ପ୍ରଭାସ ସିଂ ଯୋଗ ଦେଇଥିଲେ। ଯୁବକ ଓ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଜିଲା ଯୁବ ସଭାପତି କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବେଠାରୁ କାର୍ଯ୍ୟ ଆରମ୍ଭ କରନ୍ତୁ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ କରେଇବା ପାଇଁ ଯୁବ ସମାଜ ଓ ଛାତ୍ର ଏକଜୁଟ ହୋଇ ସଂଗଠନକୁ ସୁଦୃଢ଼ କରନ୍ତୁ। ଆଗାମୀ ଦିନରେ ନୃସିଂହନାଥର ଏହି ଯୁବ ଛାତ୍ର ସଂକଳ୍ପ ସମାବେଶ ଅନ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରେରଣା ହେବ ବୋଲି ଜିଲା ସଭାପତି ପ୍ରଭାସ ସିଂ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜାପାନ ମହାପାତ୍ର, ସରଜୁ ପଟ୍ଟନାୟକ, ଜିଲ୍ଲା ଆଇଟି ସଂଯୋଜକ ସୁରେଶ ବାଗ, ଲୋକନାଥ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ଘିବେଲା, ସଂଜୀବ ବରିହା, ଦୁଷ୍ମନ୍ତ ପଟେଲ, ସୌମ୍ୟରଞ୍ଜନ ହୋତା, ରାଜୁ ମହାନନ୍ଦ, ଅଚ୍ୟୁତ୍ ସେଠ, ଭରତ ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ସମାବେଶକୁ ବିଧାୟିକାଙ୍କ ପାଇକମାଳ ବ୍ଲକ ପ୍ରତିନିଧି ହୃଦାନନ୍ଦ ବାରିକ ପରିଚାଳନା କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ଧନ୍ୟବାଦ ଦେଇଥିଲେ।

୪ଥର ସରପଞ୍ଚ କଂଗ୍ରେସ ଛାଡିଲେ

ପଦ୍ମପୁର, ୨୩।୮ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ରକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ସିଦ୍ଧାର୍ଥ ୯୦ ଦଶକରେ ରାଜନୀତିରେ ଯୋଗଦେଇ

ସିଦ୍ଧାର୍ଥ ମିଶ୍ର।

ପଦ୍ମପୁର ମେଲଛାମୁଣ୍ଡା ପଞ୍ଚାୟତରୁ ଲଗାତାର ୪ ଥର ସରପଞ୍ଚ ଓ ଥରେ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏହାସହ ସରପଞ୍ଚ ସଂଘ ସଭାପତି, ପଦ୍ମପୁର ବ୍ଲକ କଂଗ୍ରେସ ସଭାପତି ଓ ବର୍ତ୍ତମାନ ପିସିସିର ସଭ୍ୟଭାବେ କାର୍ଯ୍ୟ କରୁଥିଲେ। ଜଣେ କୃଷକ ସଙ୍ଗଠନର ଲଢୁଆ ନେତାଭାବେ ସେ ପରିଚିତ ତେବେ ତାଙ୍କର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେ କୌଣସି ସୂଚନା ଦେଇନାହାନ୍ତି ।

Classified Everyday
0674-2580101, 2549949

REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛଟାବର 1200sqft.- 3,00,000/-, ନଖରା– 300/-. 7978663279. D-75204

3 BHK ready to move flat sale at KIIT Square, Patia, Bhubaneswar (SBA- 1800 sqft.), Price- 90 Lakhs. 7978701424. D-75203

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି–**8249976746.** D-74897

Bhubaneswar (BDA) investment Gharabari Land, all development near NISER, IIT. Owner sale- 9124289585. D-1123

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Relax, Refresh your body, Mind at Saikrupa Spa with best therapies. 8984068077. D-1048

Newly open Spa positively health benefits with expert therapist. 9938843929. D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

AFFIDAVIT

I, K Budhimati Rao, D/o- K Ganesh Rao, Aged 27 years, resident of MIG-65, Ananta Vihar, Phase-2, Pokhariput, P.S.- Airport, Bhubaneswar-20, have changed my name to K BUDHIMMATI RAO for all purposes. Hearby, I declare K Budhimati Rao and K BUDHIMMATI RAO is one and same person, i.e, myself. D-1126

I, Jitendra Kumar Ranasingh, S/o- Ganeswar Ranasingh resident of Plot No.- 304, Pokhariput, Aerodrome Area, Bhubaneswar, Pin- 751020 Odisha, permanent address At- Raulahaja, P.O./ P.S.- Nirakarapur, Dist.- Khurda declared by this affidavit dated 14.08.2023, that my daughter actual name is ADITI RANASINGH, but in her Aadhaar Card her name has been recorded as Jyotiraditi Ranasingh instead of ADITI RANASINGH. That the affidavit is required to be produce before the concerned authority for necessary correction of my daughter in her Aadhaar Card,Birth certificate & in school records and all purpose as ADITI RANASINGH. D-1130

I, Suresh Chandak, S/o- Late Manilal Chandak, resident of Ward No.- 22, Sahadevkhunta, P.S.- Sahadevkhunta, Dist.- Balasore, Pin- 756001, Odisha declare by this Affidavit No.29, dated 21.08.2023 that now onwards, I shall be known as Suresh Kumar Chandak for all future purposes. D-1124

I, Rama Kanta Jena, S/o Late Bipin Bihari Jena, resident at Ward No.8, Qr.No. Mig-II-76/1, Housing Board Colony, Chandrasekharpur, Bhubaneswar, Odisha, Pin- 751016 are by this Affidavit No.60AA139010 Dt.23.8.2023 that now onwards I shall be known as Ramakanta Jena for all future purpose. D-1128

I, THAKUR SANGRAM SINGH, S/o-Gouranga Charan Nayak, At- Sohana, P.O.-Desthali, P.S.- Gop, Puri, Odisha- 752107 declare by this Affidavit No. 1033 that now onwards I shall be known as THAKUUR SANGRRAM SINGH for all future purposes. D-1125

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସବିତା କୁମାରୀ ଦାଶ
ଆବିର୍ଭାବ- 01.04.1961
ତିରୋଧାନ- 23.08.2020 (ଋଷି ପଞ୍ଚମୀ)

ଚାହୁଁ ଚାହୁଁ ୩ ବର୍ଷ ବିତିଗଲା, ତୁମର ଏହି ଶ୍ରାଦ୍ଧଦିବସରେ ଆତ୍ମାର ସଦ୍‌ଗତି କାମନାରତ ବିନମ୍ର ପ୍ରଣତି । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଆମର ପାଥେୟ ହେଉ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ସ୍ୱାମୀ- ଗିରଶ, ପୁତ୍ର- ଦୀପୁ, କନ୍ୟା- ଦୀପା, ଜ୍ୱାଇଁ- Ayapa, କୁନି, କାହ୍ନା, ଲୁନା ଏବଂ ପରିବାରବୃନ୍ଦ।

ଧ–୧୧୨୯

ରାୟଗଡ଼ାରେ ବିକାଶ ହେଉନାହିଁ: କଂଗ୍ରେସ

ଅଚଳ ପଡ଼ିଛି ପ୍ଲାନେଟାରିୟମ, ଶୀତଳଭଣ୍ଡାର

ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରାଯାଇଥିବା ଯୋଜନାଗୁଡ଼ିକ ଫେଲ୍ ମାରିଥିବା ଅଭିଯୋଗ କରିଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ନିର୍ମାଣ ହୋଇଥିବା ପ୍ଲାନେଟାରିୟମ କାର୍ଯ୍ୟ ଶେଷ ହେବାର୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯେଉଁ ସବୁ ସରକାରୀ କାର୍ଯ୍ୟ ହେଉଛି ତାହା ଶେଷ ହେଉନାହିଁ। ସମସ୍ତ ପ୍ରକାର କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଭଳିକି ବହୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା କଂଗ୍ରେସ ଅଭିଯୋଗ କରିଛି ।

ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ବହୁ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର ଆନ୍ତରିକତା ଦେଖାଉନାହାନ୍ତି। ୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ଲାନେଟାରିୟମ କାର୍ଯ୍ୟକ୍ଷମ ନ ହେବାରୁ ଛାତ୍ରୀଛାତ୍ର ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି।

ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

ଏଭଳିକି ସେଠାରେ ଲାଗିଥିବା ବିଭିନ୍ନ ଯନ୍ତ୍ରପାତିର ଗ୍ୟାରେଣ୍ଟି ଅବଧି ମଧ୍ୟ ସରିବା ଉପରେ। ସେହିଭଳି ୨୦୧୧ରେ ନିର୍ମାଣ ହୋଇଥିବା ଶୀତଳ ଭଣ୍ଡାର ଏବେବି ଅଚଳ ରହିଛି। ଫଳରେ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ୪ ବର୍ଷ କାମ କରିବା ପରେ ୨ବର୍ଷ ହେଲାଣି ବନ୍ଦ ପଡ଼ିଛି। ଫଳରେ ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ଦୁଗ୍ଧ ଚାଷୀ ସୁବିଧା ପାଉନାହାନ୍ତି। ସେହିଭଳି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକରେ ନିମ୍ନମାନର କାମ ହେଉଥିବାବେଳେ ଏହାର କୌଣସି ତଦନ୍ତ ହେଉନାହିଁ । ଯାହାର ପରିଣାମ ସ୍ୱରୂପ ଗତ ମାସକ ତଳେ କଲ୍ୟାଣସିଂହପୁର ବ୍ଲକ ଉପରସାଜା ଗ୍ରାମରେ କଲର୍ଭଟ ଭୁଶୁଡ଼ି ୪ ଶିଶୁ ସମେତ ୫ଜଣ ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏ ନେଇ ଜନଆନ୍ଦୋଳନ କରାଯିବ ବୋଲି ଦୁର୍ଗା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା, ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ପଣ୍ଡା, ପାର୍ଥ ବର୍ଦ୍ଧନ, ଟାଉନ ସଭାପତି ମନୋଜ ରଥ ଓ ଯୁବନେତା ଅସଲମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

ଅପେରା ହାଲ୍‌ଚାଲ୍

ସଫଳତା ପଥେ ସ୍ୱପ୍ନ ମହଲ

(ବାମରୁ) ରାଧା, ଗୌର, ନମିତା

ଜଲିଉଡ୍ ଜଗତର ଅନ୍ୟତମ ଆଗଧାଡ଼ିର ଯାତ୍ରାନୁଷ୍ଠାନ ଯାତ୍ରା ସ୍ୱପ୍ନ ମହଲ ଚଳିତ ଯାତ୍ରା ସିଜନରେ ପ୍ରାରମ୍ଭରୁ ସଫଳତା ସାଉଁଟିବା ଆରମ୍ଭ କରିଛି। ଏଥର ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିଛନ୍ତି ଟ୍ରାଜେଡି କିଙ୍ଗ୍ ଗୌର ଦାସ ଏବଂ ପ୍ରମୁଖ ନାୟିକା ରାଧା ଏବଂ ନମିତା। ଅନ୍ୟତମ ପ୍ରମୁଖ ପ୍ରଯୋଜକ ଇଂ. ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜିତ ଏହି ଅପେରା ପାର୍ଟି ଏବର୍ଷ ପରିବେଷଣ କରୁଥିବା ନୂଆ ନାଟକଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ସେଗୁଡ଼ିକ ହେଲା– ଡ. ଦୀପକ ଜେନାଙ୍କ ରଚିତ ଓ ବିକ୍ରମ ନାୟକଙ୍କ ନିର୍ଦ୍ଦେଶିତ 'କେତେ କାନ୍ଦିବୁରେ ଗୌର ଦାସ', ଅଜୟ ସ'ଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ହାରିବନି କେବେ ବାପର ପୁଅ', ଡ. ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶିତ 'କେମିତି ହେଲା ଏମିତି ପ୍ରେମ' ଏବଂ ଆଶୁତୋଷ ମହାପାତ୍ରଙ୍କ ରଚିତ–ନିର୍ଦ୍ଦେଶିତ 'ସ୍ନେହ କାଙ୍ଗାଳ'। ବିଶେଷ ଭାବରେ 'କେତେ କାନ୍ଦିବୁରେ ଗୌର ଦାସ' ନାଟକରେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅନିମା ପାଢ଼ୀଙ୍କ ଡାଏଲଗ୍ – 'ମୋ ନାଁ ରଙ୍ଗ ମୋ ବାପାଙ୍କ ନାଁ ଭାଙ୍ଗ, ମୋ ବାପ ଘର କୁଜଙ୍ଗ, ମୋ ଶାଶୁଘର ବାରଙ୍ଗ, ମୋ ମୁଣ୍ଡ ଥଣ୍ଡା ଥିଲେ ପିଲାଠୁ ବୁଢ଼ା ମୋ ସାଙ୍ଗ ଆଉ ମୋ ମୁଣ୍ଡକୁ ଥରେ ପିତ୍ତ ଉଠିଲେ ମୁଁ ପାର୍ଟ ଥ୍ରୀ ଦବଙ୍ଗ' ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। କେବଳ ନାଟକ ନୁହେଁ, ଆକର୍ଷଣୀୟ ମେଲୋଡି, ରେକର୍ଡ ଡ୍ୟାନ୍ସ ସାଙ୍ଗକୁ ଆଖି ଝଲସିଲା ଭଳି ମଞ୍ଚ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏଥର ଏହି ପାର୍ଟିରେ ଗୌର–ରାଧା–ନମିତାଙ୍କ ବ୍ୟତୀତ ମୁନା, ଖଳନାୟକ ସତ୍ୟ ଓ ଦିବାକର, ଚନ୍ଦନ, ବାପି, କମେଡିଆନ ଦିନା ପଣ୍ଡା ଓ ନରି ପଣ୍ଡା, ଅନିମା ପାଢ଼ୀ ଏବଂ ଖଳନାୟିକା ମାମୁନିଙ୍କୁ ଦେଖିବାକୁ ମିଳିଛି।

ଜାହ୍ନବୀ

ତରକୁଳୀ ଜାହ୍ନବୀ

ବୋନି ତନୟା ଜାହ୍ନବୀ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା କ'ଣ ଜାଣିବେନି? ଅସଲ କଥା ହେଲା ସେ ନିଜକୁ ନିଜେ ଭୟ କରନ୍ତି। ଅର୍ଥାତ୍, ଯଦି ତାଙ୍କ ନଜର ନିଜ ଛାଇ ଉପରେ ପଡିଗଲା, ତେବେ କଥା ଶେଷ। ନିଜର ଛାଇ ଦେଖିବା ମାତ୍ରେ ତାଙ୍କର ଅବସ୍ଥା କହିଲେ ନ ସରେ। ଏକଦା ଏକ ବାର୍ଥ ଡେ' ପାର୍ଟିରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସାଙ୍ଗମାନଙ୍କ ସହ ମଜା କରିବେ କ'ଣ ହଠାତ୍ ଚିତ୍କାର କରି ଉଠିଲେ। ଏ ସମ୍ପର୍କରେ ଜାହ୍ନବୀ କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏକ ବାର୍ଥ ଡେ' ପାର୍ଟିରେ ମୁଁ ମୋ ନିଜ ଛାଇକୁ ଦେଖି ଏମିତି ଡରିଗଲି ଯେ ସାଧାରଣ ଅବସ୍ଥାକୁ ଆସିବାକୁ ମୋତେ ପାଖାପାଖି ଘଣ୍ଟାଏ ସମୟ ଲାଗିଥିଲା। ପିଲାଦିନେ ଥରେ ମୁଁ ମୋ ନିଜ ଛାଇକୁ ଦେଖି ଡରି ଯାଇଥିଲି। ଆଉ ସେହି ଭୟ ଏପର୍ଯ୍ୟନ୍ତ ମୋ ମନରେ ରହିଛି। ତେଣୁ ରାତିରେ ଯେତେବେଳେ ଶୁଟିଂ ହୁଏ ସେତେବେଳେ ମୁଁ ବେଶ୍ ସତର୍କତାର ସହ ଶଟ୍ ଦେଇଥାଏ।' ବର୍ତ୍ତମାନ ଜାହ୍ନବୀଙ୍କ ଅଭିନୀତ 'ବଓ୍ୱାଲ' ରିଲିଜ ଅପେକ୍ଷାରେ ରହିଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ବରୁଣ ଧାଓ୍ୱନ। ଚିତ୍ରଟି ଚଳିତ ବର୍ଷ ଅକ୍ଟୋବର ୬ରେ ରିଲିଜ ହେବାକୁ ଯାଉଛି।

କେବଳ ଆମିରଙ୍କ ପାଇଁ

ଥରେ ମନେପକାନ୍ତୁ ନା ସେହି ସୁପରହିଟ୍ ଫିଲ୍ମ 'ଦଙ୍ଗଲ'କୁ। ଏଥିରେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ପାଠପଢ଼ା ଶେଷ ହେବା ପରେ ମୁମ୍ବାଇ ଆସିଥିଲେ ସେ। କେତୋଟି ବିଜ୍ଞାପନରେ କାମ କରିବା ପରେ ସବୁଦିନ ପାଇଁ ମୁମ୍ବାଇରେ ରହିବାକୁ ସ୍ଥିର କରିଥିଲେ ସେ। ହେଲେ 'ଦଙ୍ଗଲ' ଫିଲ୍ମ ହିଁ ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ସେ ଯେତେବେଳେ ଏହାର ଅଡିଶନ ଦେଲେ ସେତେବେଳେ ସେଠାରେ ତାଙ୍କ ପରି ଆହୁରି ପ୍ରାୟ ୧୦,୦୦୦ ନବାଗତ ଲାଇନ୍‌ରେ ଥିଲେ। ହେଲେ ଏଥିରେ ଚୟନ ହେବା ପରେ ସେ ଏହାର ଶ୍ରେୟ ଦିଅନ୍ତି ଆମିର ଖାନ୍‌ଙ୍କୁ। ଏ ନେଇ ସାନ୍ୟା କହନ୍ତି, 'ପୋଷ୍ଟ ପ୍ରଡକ୍ସନ, ପ୍ରି–ପ୍ରଡକ୍ସନ ଆଦି କାମ ମୋତେ ମାଲୁମ ଥିଲା। ଆମିର ସାର୍ ଯେତେବେଳେ ମୋତେ ଫୋନ୍ କରି କହିଲେ ଯେ, ବବିତା ପୋଘାଟ୍ ଭୂମିକା ପାଇଁ ମୁଁ ସିଲେକ୍ଟ ହୋଇଛି ସେତେବେଳେ ମୋ ଖୁସି କହିଲେ ନ ସରେ। ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ତାହାର କ୍ରେଡିଟ୍ ମୁଁ ଆମୀର ସାର୍‌ଙ୍କୁ ହିଁ ଦେବି'।

ସାନ୍ୟା

ଯଦି ବହିଟି ପଢ଼ି ନ ଥାନ୍ତେ...

ଶାହୀଦ

ଶାହୀଦ କପୁର ଯଦି ସେହି ବହିଟିକୁ ଭଲ ଭାବରେ ପଢ଼ି ନ ଥାନ୍ତେ ତେବେ ଆଜି ତାଙ୍କ ଜୀବନରେ ଆଉ କିଛି ଘଟିଥାଆନ୍ତା। ଅର୍ଥାତ୍, ସେ ଏକ ଇଂଲିଶ ଉପନ୍ୟାସ ପଢ଼ିବା ଦ୍ୱାରା ତାଙ୍କ ଜୀବନରେ ସେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି। ଏହାକୁ ଭଲ ଭାବରେ ପଢ଼ିବା ପରେ ସେ ସ୍ଥିର କରିଥିଲେ ଯେ ଏଣିକି ମୁଁ ଶାକାହାରୀ ହେବି। ଜୀବନରେ କେବେ ଆମିଷ ଖାଇବି ନାହିଁ। ଏ ନେଇ ଶାହୀଦ କହନ୍ତି, 'ଭଲ ଭଲ ବହି ପଢ଼ିବା ମୋର ପିଲାଟିଦିନରୁ ଅଭ୍ୟାସ। ସେଥିରୁ ଯେଉଁ ଧାଡି ମୋତେ ପ୍ରଭାବିତ କରେ ସେଗୁଡିକୁ ମୁଁ ଡାଏରୀରେ ଟିପି ରଖେ। ଏବେ ମଧ୍ୟ ଏହି ଧାରା ଚାଲୁରହିଛି। ଥରେ ମୁଁ ଏକ ଇଂଲିଶ ଉପନ୍ୟାସ ପଢୁଥାଏ। ଶାକାହାରୀ ହେଲେ ତାହା ଆମର ଜୀବନଶୈଳୀକୁ କେତେ ପ୍ରଭାବିତ କରେ ସେ ବିଷୟରେ ସେଥିରୁ ଜାଣିପାରିଥିଲି। ତା'ପରେ ମୁଁ ଭେଜିଟେରିଆନ୍ ହେବାକୁ ସ୍ଥିର କରିଥିଲି।' ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'।

ନେଗେଟିଭ୍‌ଭୂମିକାର ମଜା ନିଆରା

ଏଲି ପାଢ଼ୀ। କେବଳ ଜଣେ ଆଙ୍କରର୍ ନୁହନ୍ତି, ଜଣେ ଅଭିନେତ୍ରୀ ଭାବରେ ସେ ନିଜକୁ ପରିଚିତ କରାଇ ପାରିଛନ୍ତି। ଛୋଟ ପରଦା ହେଉ ଅବା ସିନେମା–ସେଥିରେ ତାଙ୍କୁ ଯେଉଁ ଭୂମିକା ମିଳିଛି ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି। ଏଥର ରଜରେ ରିଲିଜ ହୋଇଥିଲା 'ଗୁଡ୍ଡୁ ଗ୍ୟାଙ୍ଗଷ୍ଟର'। ଏଥିରେ ଏଲିଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏ ନେଇ ସେ କହନ୍ତି, 'ସତ କଥା ହେଲା, ନେଗେଟିଭ୍ ଭୂମିକାରେ ଅଭିନୟ କରିବାର ମଜା ନିଆରା। ଏଭଳି ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିବା ମୋ ପାଇଁ ନୂଆ ନୁହେଁ। ସବୁଠାରୁ ଖାସ୍ କଥା ହେଲା, ନେଗେଟିଭ୍ ଚରିତ୍ରଟିକୁ ନେଇ ଆଣି ଥୋଇବା ଛୋଟିଆ କଥା ନୁହେଁ। ଏଥିପାଇଁ ବେଶ୍ ପରିଶ୍ରମ କରିବାକୁ ପଡିଥାଏ। ମୋତେ କିନ୍ତୁ ଏଭଳି ଭୂମିକା କେତେ ଆନନ୍ଦ ଦେଇଥାଏ ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ।' ତେବେ ଏଲି ଆଗକୁ ଏପରି ଭୂମିକାରେ କେତେ ବାଜିମାତ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଏଲି

ହାପି ଟିଚର୍ସ ଡେ'

ମଣିଷ ଜୀବନରେ ଗୁରୁଙ୍କର ଭୂମିକା କ'ଣ ତାହା କହିବା ବାହୁଲ୍ୟ। କାରଣ ଜଣେ ପିଲାର କ୍ୟାରିୟର ଗଢ଼ିବା ସହ ତାକୁ ଜଣେ ଭଲ ମଣିଷ କରିବାକୁ ସେମାନେ ସର୍ବଦା ଚେଷ୍ଟିତ। ତେଣୁ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ପାଳିତ ହୋଇଥାଏ ଗୁରୁଦିବସ। ଏଥର ଏହି ଦିବସ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ହିନ୍ଦୀ ସିନେମା, ଯାହାର ଟାଇଟଲ ରହିଛି 'ହାପି ଟିଚର୍ସ ଡେ'। ଛାତ୍ରୀଛାତ୍ରଙ୍କୁ ଭଲ ଶିକ୍ଷା ଦେବା ସହ ସେମାନଙ୍କ ଚରିତ୍ର ଗଠନରେ ଜଣେ ଶିକ୍ଷୟିତ୍ରୀ କିପରି ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି ତାହାକୁ ନେଇ କାହାଣୀ ଗତିଶୀଳ। ନିଜ ପରିବାରକୁ ଗୁରୁତ୍ୱ ନ ଦେଇ ସେ ପିଲାମାନଙ୍କୁ ମଣିଷ କରିବାରେ ଲାଗିପଡିଛି। ହେଲେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏଥିରେ ଶିକ୍ଷୟିତ୍ରୀ ଭୂମିକାରେ ଅଭିନୟ କରିଛନ୍ତି ରାଧିକା ମଦନ। ତାଙ୍କ ବ୍ୟତୀତ ନିମ୍ରତ କୌର, ପ୍ରିୟାଂଶୁ ଚାଟାର୍ଜୀ, ଲୀନା ଶର୍ମା ଏବଂ ଚିନ୍ମୟ ମନ୍ଦେଲକର ମଧ୍ୟ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମିଖିଲ ମୁସ୍‌ଲେ। ଦିନେଶ ବିଜାନଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

ରାଧିକା

ଗଣେଶ ପୂଜାରେ 'ପ୍ରଥା'

ଏବର୍ଷ ଗଣେଶ ପୂଜାରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ପ୍ରଥା'। ଖାସ୍ କଥା ହେଲା, ଏଥିରେ ରୋମାଣ୍ଟିକ ନାୟକ ସ୍ୱରାଜ ବାରିକଙ୍କୁ ଭିନ୍ନ ଧରଣର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। କେବଳ ଏବେ ନୁହେଁ, କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ଏହି କାହାଣୀଟି ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକେ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।

ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ଲିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି।

ଏହି ଚିତ୍ରରେ ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।

'ପ୍ରଥା' ଫିଲ୍ମରେ ସ୍ୱରାଜ–ସିମରନ୍

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୪/୨୦୨୩ Bhubaneswar, Thursday, August 24/ 2023

ବର୍ଷା ଯୋଗୁ ମ୍ୟାଚ ବାତିଲ

ଭାରତ ୨-୦ରେ ସିରିଜ ଜିତିଲା

ଡବଲିନ, ୨୩।୮: ବର୍ଷା ଯୋଗୁ ଭାରତ-ଆୟର୍ଲାଣ୍ଡ ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ବୁଧବାର ବାତିଲ ହୋଇଛି। କ୍ରମାଗତ ବ୍ୟବଧାନରେ ବର୍ଷା ଲାଗି ରହିବାରୁ ଟସ୍ ପଡ଼ିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତ ୨-୦ରେ ସିରିଜ ବିଜୟୀ ହୋଇଛି। ଭାରତ ପ୍ରଥମ ଟି୨୦କୁ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୨ ରନରେ ଓ ଦ୍ୱିତୀୟ ଟି୨୦କୁ ୩୩ ରନରେ ଜିତିଥିଲା। ଏହି ସିରିଜରେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ସେ ଏକ ବାଇକ୍ ପାଇଛନ୍ତି। ଏହି ସିରିଜରେ ଭାରତ ପକ୍ଷରୁ ରିଙ୍କୁ ସିଂ ଓ ପ୍ରସିଦ୍ଧା କ୍ରିଷ୍ଣା ଟି୨୦ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

ଆୟର୍ଲାଣ୍ଡରେ ଥିବା ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ବୁଧବାର ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଲ୍ୟାଣ୍ଡିଂକୁ ଟିଭି ମାଧ୍ୟମରେ ଉପଭୋଗ କରୁଛନ୍ତି।

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ଦେଖିଲା ଭାରତୀୟ ଦଳ

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଭାରତୀୟଙ୍କ ପାଇଁ ଐତିହାସିକ ମୁହୂର୍ତ୍ତ ଭାବରେ ବିଶ୍ୱର ଚତୁର୍ଥ ଦେଶ ଭାବରେ ଚନ୍ଦ୍ରପୃଷ୍ଠରେ ଓ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି ଭାରତ। ଭାରତର ମୁନ୍ ମିଶନ୍ ଚନ୍ଦ୍ରୟାନ-୩ ସଫଳତାର ସହିତ ଅବତରଣ କରିଥିବା ବେଳେ ଭାରତୀୟ କ୍ରିକେଟ ଦଳ ଏହାକୁ ଏକତ୍ର ଦେଖିଥିଲେ। ଆୟର୍ଲାଣ୍ଡରେ ଟି୨୦ ସିରିଜ୍ ଖେଳିବା ପାଇଁ ଭାରତୀୟ ଦଳ ରହିଥିବା ବେଳେ ଦଳର ସମସ୍ତ ଖେଳାଳି ଏକତ୍ର ହୋଇ ଟିଭିରେ ଏହାର ଲାଇଭ ପ୍ରସାରଣ ଦେଖିଥିଲେ। ବିସିସିଆଇ ପକ୍ଷରୁ ଏହାର ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟରରେ ଶେୟାର କରାଯାଇଥିଲା। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠକୁ ସଫଳତାର ସହିତ ଛୁଇଁବା ପରେ ଡବ୍‌ଲିନ୍‌ରୁ ଆମେ ଇତିହାସ ସୃଷ୍ଟିର ଦୃଶ୍ୟ ଦେଖିଲୁ ବୋଲି ଲେଖିଥିଲା ବିସିସିଆଇ।

କେବଳ ବିସିସିଆଇ ନୁହେଁ ବରଂ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ସମେତ ଏକାଧିକ ଖେଳାଳି ଟୁଇଟ୍ କରି ଏହି ଐତିହାସିକ ମୂହୂର୍ତ୍ତକୁ ସେଲିବ୍ରେଟ୍ କରିଥିଲେ। ସଚିନ୍ ତେନ୍ଦୁଲକର ଲେଖିଥିଲେ ଭାରତର ଶ୍ରେଷ୍ଠ ହିଁ ଇସ୍ରୋକୁ ପ୍ରତିନିଧିତ୍ୱ କରନ୍ତି। ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଆମର ତ୍ରିରଙ୍ଗାକୁ ଉଚ୍ଚା କରିଥିବା ଏହି ମହାନ ବୈଜ୍ଞାନିକ ମାନଙ୍କୁ ସଲାମ। ଏହା ସହିତ କେ. ଶିବନ ଓ ଚନ୍ଦ୍ରୟାନ-୨ର ଟିମ୍ ସହିତ ଏସ୍. ସୋମନାଥଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ସମସ୍ତ ଲ୍ୟାଣ୍ଡିଂ ଗୁରୁତ୍ୱପୂର୍ଣ୍ଣ, ଏହା ଚନ୍ଦ୍ରରେ ହେଉ କି ଜୀବନରେ। ଭୁଲରୁ ଶିଖି ଆମେ ଆଗକୁ ବଢିଥାଉ ବୋଲି ଟୁଇଟ୍ କରିଥିଲେ ମାଷ୍ଟର ବ୍ଲାଷ୍ଟର। ଷ୍ଟାର ବ୍ୟାଟର ବିରାଟ କୋହଲି ମଧ୍ୟ ଟୁଇଟ୍ କରି ଇସ୍ରୋର ଉଦ୍ୟମକୁ ପ୍ରଶଂସା କରିଥିଲେ। ଚନ୍ଦ୍ରୟାନ-୩ ପାଇଁ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଶୁଭେଚ୍ଛା। ଆପଣ ମାନେ ଦେଶକୁ ଗର୍ବିତ କରିଛନ୍ତି, ଜୟ ହିନ୍ଦ।

ଐତିହାସିକ ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ବୋଲି ଲେଖିଥିଲେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ପୂର୍ବତନ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ମଧ୍ୟ ଇସ୍ରୋର ଏହି ଐତିହାସିକ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମଗ୍ର ଦେଶବାସୀଙ୍କୁ ଖୁସିର ମୂହୂର୍ତ୍ତ ପ୍ରଦାନ କରିଥିବାରୁ ଇସ୍ରୋକୁ ଧନ୍ୟବାଦ ବୋଲି ଲେଖିଥିଲେ ପ୍ରସାଦ। ନିଆରା ଅନ୍ଦାଜରେ ଟୁଇଟ୍ କରୁଥିବା ବୀରେନ୍ଦ୍ର ସେହ୍ୱାଗ କିନ୍ତୁ ସମାଲୋଚକଙ୍କୁ ଜବାବ ଦେଇଥିଲେ। 'ଏହି ସନ୍ଧ୍ୟାରେ ଆମେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଛେ। ଏହା ଆମ ପାଇଁ ଏକ ଚିତ୍ତାକର୍ଷକ ମୂହୂର୍ତ୍ତ। ବିଫଳତା ପରେ ସଫଳତା ମିଳିଥାଏ ଏହା ତାହାର ଜ୍ୱଳନ୍ତ ଉଦାହରଣ। କିଛି ଲୋକ ଭାରତର ବିଫଳତା କାମନା କରୁଥିଲେ। ଏହି ଗୋଷ୍ଠୀର କିଛି ଲୋକ ଭାରତରେ ହିଁ ବସବାସ କରନ୍ତି। ଅବଶ୍ୟ ସେମାନେ ଆଜି ରାତିରେ ଶୋଇ ପାରିବେ ନାହିଁ' ବୋଲି ଲେଖିଥିଲେ ସେହ୍ୱାଗ।

ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ): ଓମାନର ସାଲାହଠାରେ ମହିଳା ଓ ପୁରୁଷ ଏସିଆନ ହକି ୫ଏସ୍ ବିଶ୍ୱକପ କ୍ୱାଲିଫାୟର ଚଳିତ ମାସ ୨୯ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ଟେକ୍ନିକାଲ ଅଫିସିଆଲ ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ବିଶ୍ୱରଞ୍ଜନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଜ୍ ଏବଂ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଛନ୍ତି।

ଦ୍ୱିତୀୟ ଗେମ୍ ଡ୍ର, ଆଜି ଟାଇବ୍ରେକ୍

ବିଶ୍ୱକପ୍ ଚେସ୍ ଫାଇନାଲ: ପ୍ରଜ୍ଞାନନ୍ଦ ବନାମ କାର୍ଲସେନ୍

ବାକୁ (ଆଜରବୈଜାନ), ୨୩।୮(ପି.ଟି.)

ଭାରତୀୟ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦ ଓ ବିଶ୍ୱର ନମ୍ବର ୱାନ ଚେସ୍ ତାରକା ନରୱେର ମାଗ୍ନସ କାର୍ଲସେନଙ୍କ ମଧ୍ୟରେ ବୁଧବାର ଅନୁଷ୍ଠିତ ଫିଡେ ବିଶ୍ୱକପ୍ ଫାଇନାଲର ଦ୍ୱିତୀୟ କ୍ଲାସିକାଲ୍ ଗେମ୍ ଡ୍ର ରହିଛି। ମ୍ୟାଚ ଏକ ଘଣ୍ଟା ୩୦ ମିନିଟ ଧରି ଚାଲିଥିଲା। ୩୦ ମୁଭ୍ ପରେ ଉଭୟ ଖେଳାଳି ମ୍ୟାଚ ଡ୍ର ରଖିବାକୁ ରାଜି ହୋଇ ଯାଇଥିଲେ। ଫଳରେ ଟାଇବ୍ରେକରୁ ଚାମ୍ପିୟନ ନିର୍ଣ୍ଣୟ ହେବ। ଏହି ପର୍ଯ୍ୟାୟ ଗୁରୁବାର ଅନୁଷ୍ଠିତ ହେବ। ମଙ୍ଗଳବାର ପ୍ରଥମ କ୍ଲାସିକାଲ୍ ଗେମ୍ ମଧ୍ୟ ଡ୍ର ରହିଥିଲା।

ଦ୍ୱିତୀୟ ଗେମ୍‌କୁ କାର୍ଲସେନ ଧଳା ଦାନରେ ଖେଳିଥିବାରୁ ଫାଇଦାରେ ରହିବେ ବୋଲି ଆକଳନ କରାଯାଉଥିଲା। ମାତ୍ର କଳା ଦାନରେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ସେମିତି କିଛି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଦ୍ୱିତୀୟ ଗେମ୍ ଅପେକ୍ଷା ଦୁଇ ଗ୍ରାଣ୍ଡମାଷ୍ଟରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଗେମ୍ ଅଧିକ ସଂଘର୍ଷପୂର୍ଣ୍ଣ ଥିଲା। ଏଥିରେ ୭୦ରୁ ଅଧିକ ମୁଭ୍ ଚାଲିଥିଲା ଏବଂ ମ୍ୟାଚ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଚାଲିଥିଲା। ସୋମବାର ସେମିଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କୁ ଟାଇବ୍ରେକ୍‌ରେ ହରାଇ ପ୍ରଜ୍ଞାନନ୍ଦ ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବରୁ ସେ ବିଶ୍ୱର ୨ ନମ୍ବର ଖେଳାଳି ହିକାରୁ ନାକାମୁରାଙ୍କୁ ମଧ୍ୟ ପରାସ୍ତ କରିଥିଲେ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ବିଶ୍ୱକପ୍ ଫାଇନାଲ ଖେଳିବାରେ ପ୍ରଜ୍ଞାନନ୍ଦ ହେଉଛନ୍ତି ଦ୍ୱିତୀୟ ଭାରତୀୟ। କିମ୍ବଦନ୍ତୀ ଖେଳାଳି ବବି ଫିସର ଓ କାର୍ଲସେନଙ୍କ ପରେ ତୃତୀୟ ସର୍ବକନିଷ୍ଠ ଖେଳାଳିଭାବେ ପ୍ରଜ୍ଞାନନ୍ଦ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ପ୍ରଥମ ଗେମ୍ ପରେ ପାଗ ଓ ପରିବେଶ ଯୋଗୁ ସେ ଅସୁସ୍ଥ ଅନୁଭବ କରୁଥିବା କାର୍ଲସେନ ପ୍ରକାଶ କରିଥିଲେ। ଦ୍ୱିତୀୟ ଗେମ୍ ପରେ ସେ କହିଲେ ଯେ, ପ୍ରଜ୍ଞାନନ୍ଦ ପୂର୍ବରୁ ଅନେକ ଶକ୍ତିଶାଳୀ ଖେଳାଳିଙ୍କ ବିପକ୍ଷରେ ଏକାଧିକ ଟାଇବ୍ରେକ୍ ଖେଳି ସାରିଛନ୍ତି। ସେ ବହୁତ ଦୃଢ଼ ବୋଲି ମୁଁ ଜାଣିଛି। ଯଦି ମୋ ଦେହରେ ଏନର୍ଜି ରହେ ଏବଂ ଦିନ ଭଲ ରୁହେ ତେବେ ନିଶ୍ଚିତ ଉତ୍ତମ ସୁଯୋଗ ରହିବ। ଉତ୍ତମ ଚିକିତ୍ସା ପାଇଁ ଆୟୋଜକ, ଫିଡେ ଏବଂ ଡାକ୍ତର ଓ ନର୍ସଙ୍କ ନିକଟରେ ମୁଁ କୃତଜ୍ଞ। ମୁଁ ଟିକେ ସୁସ୍ଥ ଅନୁଭବ କରୁଛି, ମାତ୍ର ସମ୍ପୂର୍ଣ୍ଣ ଲଢ଼େଇ ପାଇଁ ମୋ ନିକଟରେ ଏନର୍ଜ ନ ଥିବାପରି ଅନୁଭବ କରୁଛି। ତେଣୁ ଅଧିକ ସମୟ ବିଶ୍ରାମ ନେବାପାଇଁ ଉଚିତ ମଣିଲି। ଗୁରୁବାର ବେଳକୁ ଦେହର ଶକ୍ତି ବଢ଼ିଥିବା ନେଇ ମୁଁ ଆଶାବାଦୀ ଅଛି''।

ଟାଇବ୍ରେକ୍ ଗେମ୍

ର୍‍ୟାପିଡ ଫର୍ମାଟରେ ଦୁଇ ଟାଇବ୍ରେକ ଗେମ୍ ଉଭୟ ଖେଳାଳିଙ୍କ ପାଇଁ ୨୫ ମିନିଟ ଟାଇମ୍ କଣ୍ଟ୍ରୋଲ ବିଶିଷ୍ଟ ହେବ। ପ୍ରତି ମୁଭ୍ ପାଇଁ ଖେଳାଳିମାନେ ନିର୍ଦ୍ଦିଷ୍ଟ ସମୟଠାରୁ ଅଧିକ ୧୦ ସେକେଣ୍ଡ ନେଇ ପାରିବେ। ଯଦି ଏଥିରେ ମଧ୍ୟ ବିଜେତା ନିର୍ଣ୍ଣିତ ହୋଇ ପାରିବେ ନାହିଁ ତେବେ ଉଭୟ ଖେଳାଳି ଆଉ ୨ଟି ଗେମ୍ ୫ ମିନିଟ ଟାଇମ୍ କଣ୍ଟ୍ରୋଲ ବିଶିଷ୍ଟ ଖେଳିବେ। ଏଥିରେ ପ୍ରତି ମୁଭ୍ ପାଇଁ ଖେଳାଳିଙ୍କୁ ୩ ସେକେଣ୍ଡର ଅତିରିକ୍ତ ସମୟ ମିଳିବ।

ଇଂଲଣ୍ଡକୁ ହରାଇଲା ଭାରତ

ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି

ଡସେଲଡର୍ଫ, ୨୩।୮(ପି.ଟି.)

ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ୬-୨ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ଫଳରେ ଭାରତ ତୃତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ ଅନୁ ୨୬ ଓ ୪୩ତମ ମିନିଟରେ ୨ଟି ଏବଂ ନିଲମ ୨୫, ଓଡ଼ିଶାର ସୁନେଲିତା ଟପ୍ପୋ ୩୫, ହିନା ବାନୋ ୩୮ ଓ ମୁମତାଜ ଖାଁ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ଲାଉଡିଆ ସ୍ୱାନ ୧୬ ଓ ଚାର୍ଲୋଟେ ବିଘାମ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ। ତେବେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରେ ଆରମ୍ଭରୁ ଅର୍ଥାତ୍ ୧୬ତମ ମିନିଟରେ କ୍ଲାଉଡିଆ ସ୍ୱାନଙ୍କ ଗୋଲ ବଳରେ ଇଂଲଣ୍ଡ ଅଗ୍ରଣୀ ନେଇଥିଲା। ଗୋଲ ପରିଶୋଧ ପାଇଁ ଭାରତ ପକ୍ଷରୁ ପ୍ରତିଆକ୍ରମଣକୁ ଜୋରଦାର କରାଯାଇଥିଲା। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନିଲମ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ମଙ୍ଗଳବାର ସ୍ପେନ୍ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର କରିଥିବା ଅନୁ ୨୬ତମ ମିନିଟରେ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଏହାପରେ ଓଡ଼ିଆ ଝିଅ ସୁନେଲିତା ପେନାଲ୍ଟି କର୍ନରରୁ ୩୫ତମ ମିନିଟରେ ଏକ ଗୋଲ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ବଢ଼ାଇ ଦେଇଥିଲେ। ହିନା ବାନୋ ୩୮ତମ ମିନିଟରେ ଆଉ ଏକ ଗୋଲ ଦେବାରୁ ମ୍ୟାଚ ଭାରତ ନିୟନ୍ତ୍ରଣକୁ ଚାଲି ଆସିଥିଲା। ମୁମ୍‌ତାଜ ଖାଁ ୪୦ ଓ ଅନୁ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୬ଷ୍ଠ ଗୋଲ ସ୍କୋର କରିଥିଲେ। ୫୪ତମ ମିନିଟରେ ଇଂଲଣ୍ଡର ବିଘାମ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା।

ଆଜରବୈଜାନର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର ଆଇନୁର ସୋଫିଏଭା ବୁଧବାର ଚେସ୍ ବିଶ୍ୱକପ ଫାଇନାଲ ଦ୍ୱିତୀୟ ଗେମ୍‌ର ଶୁଭାରମ୍ଭ କରୁଛନ୍ତି।

ସ୍ୱର୍ଣ୍ଣିମ ଯାତ୍ରା ସଂଘର୍ଷପୂର୍ଣ୍ଣ ଥିଲା: ଚିନ୍ମୟୀ

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)

କାନାଡ଼ାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଆଣ୍ଡ ଫାୟାର ଗେମ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିବା ଚିନ୍ମୟୀ ଭୂୟାଁଙ୍କୁ ବୁଧବାର ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚିନ୍ମୟୀ ୬୦ କେଜି ଫାଇଟ୍ ଓ ଟିମ୍ ଫାଇଟ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଓଡ଼ିଶା

ରାଜ୍ୟ କରାଟେ ସଂଘର ସମ୍ବର୍ଦ୍ଧନା

ପୋଲିସରେ କାର୍ଯ୍ୟରତ ଚିନ୍ମୟୀ ଉକ୍ତ ପ୍ରତିଯୋଗିତାରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସେ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷାର୍ଥୀ। କାନାଡ଼ାରେ ଅନୁଷ୍ଠିତ ବିଶ୍ୱ ପୋଲିସ କ୍ରୀଡ଼ାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସ୍ୱର୍ଣ୍ଣ ପଦକ ବିଜୟର ଯାତ୍ରା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ମାତ୍ର ଶେଷରେ ଯେତେବେଳେ ତ୍ରିରଙ୍ଗା ଉଡ଼ିଥିଲା ସେତେବେଳେ ସବୁ କଷ୍ଟ ଉଭେଇ ଯାଇଥିଲା। ମନ ରୋମାଞ୍ଚିତ ହୋଇଥିଲା ବୋଲି ଚିନ୍ମୟୀ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ତଥା ଚିନ୍ମୟୀଙ୍କ କୋଚ୍ ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲ୍ଲିକ, ସଦସ୍ୟ ସଞ୍ଜୟ ଦାସ, ସନତ ନାୟକ, କାଳିପ୍ରସାଦ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ, ରୋମିଓ ନନ୍ଦ, ଅରବିନ୍ଦ ପଟ୍ଟନାୟକ, ସନ୍ତୋଷ ମହାରଣା, ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବର୍ଦ୍ଧିତ ହେବେ ୧୪ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍

ରାଜ୍ୟର ଅଗ୍ରଣୀ ସାମରିକ ଓ ପାୱାର ସ୍ପୋର୍ଟ୍ସ ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲର ୪୩ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୯ ତାରିଖରେ ପାଳନ କରାଯିବ। ସାମ୍ପ୍ରଦିକତା ବୃଦ୍ଧିରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଥିବା ୫ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ସେମାନେ ହେଲେ ହରିପ୍ରସାଦ ଭାରତୀ, ମଳୟ କୁମାର ନାୟକ, ତନ୍ମୟ ଦାସ, ମହମ୍ମଦ ଅବଦୁଲ ଅଜିଜ୍ ଓ ଅସିତ କୁମାର ଶତପଥୀ। ଏହା ବ୍ୟତୀତ ଅନୁଷ୍ଠାନରୁ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଥିବା ୧୪ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧିତ ହେବାକୁଥିବା କ୍ରୀଡ଼ାବିତ୍‌ମାନେ ହେଲେ ଭାଲେନା ଭାଲେଣ୍ଟିନା, ଦିଲୀପ କୁମାର ଜେନା, ପାୟଲ ବରାଳ, ଅଭିଷେକ ପଟ୍ଟନାୟକ, ଉଦିତ ଉଦ୍ଦମ, ସ୍ୱାଗତିକା ସାହୁ, ମଧୁପ୍ରିୟା ବାଇ, ବ୍ରତତି ବିଶ୍ୱପ୍ରଭା ପତି, ଚିନ୍ମୟୀ ଭୂୟାଁ (ସମସ୍ତେ କରାଟେ), ରାନୁ ମହାନ୍ତି, ପ୍ରଦୀପ ପାତ୍ର, ସମରେନ୍ଦ୍ର ରାଉତରାୟ (ସମସ୍ତେ ଶକ୍ତିଉତ୍ତୋଳନ), ଅନୁପମା ସ୍ୱାଇଁ (ଶକ୍ତିଉତ୍ତୋଳନ ଓ ଜୁ ଜିତ୍ସୁ) ଏବଂ ପ୍ରିୟଦର୍ଶନୀ ଘଟୁଆରୀ (ଜୁ ଜିତ୍ସୁ)। ଉତ୍କଳ ସ୍ପୋର୍ଟ୍ସ ମିଟ୍ ଅନ୍ତର୍ଗତ କରାଟେ ପ୍ରତିଯୋଗିତା ଇତିମଧ୍ୟରେ ଶେଷ ହୋଇଛି।

ରାଜ୍ୟ କରାଟେ ସଂଘର କର୍ମକର୍ତ୍ତା ଓ କ୍ରୀଡ଼ାବିତ୍‌ମାନେ ବୁଧବାର ଚିନ୍ମୟୀ ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଶ୍ରୀଶଙ୍କର ବିଦା, ଫାଇନାଲରେ ଆଲଡ୍ରିନ

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ବୁଡାପେଷ୍ଟ, ୨୩।୮ (ପି.ଟି.)

ହଙ୍ଗେରୀର ବୁଡାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଲଙ୍ଗ ଜମ୍ପର ଜେସ୍‌ୱିନ ଆଲଡ୍ରିନ। ଜାତୀୟ ରେକର୍ଡଧାରୀ ଆଲଡ୍ରିନ ପ୍ରଥମ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଅନ୍ୟତମ ଭାରତୀୟ ମୁରଲୀ ଶ୍ରୀଶଙ୍କର ଅପ୍ରତ୍ୟାଶିତ ଭାବେ ବିଦାୟ ନେଇଛନ୍ତି। ଆଲଡ୍ରିନ ନିଜ ପ୍ରଥମ ପ୍ରୟାସରେ ୮.୦୦ ମିଟର ଜମ୍ପ କରିଥିଲେ। ପରବର୍ତ୍ତୀ ଦୁଇ ଜମ୍ପ ଫାଉଲ ରହିଥିଲେ ମଧ୍ୟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଏହା ଯଥେଷ୍ଟ ରହିଥିଲା। ଗୁରୁବାର ହେବାକୁ ଥିବା ଫାଇନାଲ ପାଇଁ ଅନ୍ତିମ ଖେଳାଳି ଭାବରେ ଯୋଗ୍ୟତା ଅର୍ଜନ କରିଥିଲେ ଆଲଡ୍ରିନ। ଗ୍ରୁପ୍ ବି'ରେ ୬ନମ୍ବର ସ୍ଥାନରେ ରହି ଆଲଡ୍ରିନ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ।

ଅନ୍ୟତମ ଭାରତୀୟ ମୁରଲୀ ଶ୍ରୀଶଙ୍କର କିନ୍ତୁ ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ନିରାଶ କରିଥିଲେ। ପ୍ରଥମ ପ୍ରୟାସରେ ସେ ୭.୭୪ ମିଟର ଦୂରତା ହାସଲ କରିଥିବା ବେଳେ ପରବର୍ତ୍ତୀ ଦୁଇ ପ୍ରୟାସରେ ୭.୬୬ ଓ ୬.୭୦ ମିଟରର ଦୂରତା ହାସଲ କରି ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଶ୍ରୀଶଙ୍କର ୧୨ ତମ ସ୍ଥାନରେ ରହିଥିବା ବେଳେ ଓଭରଅଲ ୨୨ତମ ସ୍ଥାନରେ ରହି ସମସ୍ତଙ୍କୁ ନିରାଶ କରିଥିଲେ।

ବିଗତ କିଛି ମାସର ପ୍ରଦର୍ଶନ ଅନୁସାରେ ଶ୍ରୀଶଙ୍କର ନିୟମିତ ଭାବରେ ୮ ମିଟରରୁ ଅଧିକ ଦୂରତାର ଜମ୍ପ କରିଥିଲେ। ଏପରିକି ଆଲଡ୍ରିନ୍‌ଙ୍କଠାରୁ ମଧ୍ୟ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ଜୁନ୍ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ରେ ୮.୪୧ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ସେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଜୁଲାଇରେ ଏସିଆନ୍ ଚାମ୍ପିୟନଶିପ୍‌ରେ ୮.୩୭ ମିଟରର ଜମ୍ପ ସହିତ ସେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ୨୦୨୨ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ସପ୍ତମ ସ୍ଥାନରେ ରହିଥିଲେ। ତେବେ ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ ମଧ୍ୟ ନିରାଶ କରିଥିଲେ ଶ୍ରୀଶଙ୍କର। ଅନ୍ୟପକ୍ଷରେ ଆଲଡ୍ରିନ୍ ଦ୍ୱିତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୨୨ ବିଫଳତାକୁ ପଛରେ ପକାଇ ଫାଇନାଲକୁ ଯୋଗ୍ୟତା କରିଛନ୍ତି। ଚଳିତ ସିଜନରେ ଆଲଡ୍ରିନ ୮ ମିଟର ମାର୍କ ଅତିକ୍ରମ କରିବାରେ ବିଫଳ ହୋଇଥିବା ବେଳେ ବିଶ୍ୱ ଚାମ୍ପିୟନଶିପ ଫାଇନାଲରେ ଏହି ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ୩୦୦୦ ମିଟର ଷ୍ଟିପଲଚେଜରେ ଅବିନାଶ ସାବଲେ ଓ ୧୦୦ ମିଟର ବାଧାଦୌଡରେ ଜ୍ୟୋତି ୟାରାଜି ମଧ୍ୟ ଫାଇନାଲ ପ୍ରବେଶ କରିବାରେ ବିଫଳ ହୋଇଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ